# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧୪/୨୦୨୦ (୨୦ ପୃଷ୍ଠା) Sambalpur, Friday, February 14 / 2020 ★★

୧୬ଶ ଭାଗ ୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ବାରବାଟୀରେ ଦେବାଶିଷଙ୍କ ଶତକ

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଝାଡ଼ଖଣ୍ଡ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଓଡ଼ିଶାର ଯୁବ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ।

୧୯

୧୫

## ‘ଦି ବିଗ୍ ବୁଲ୍’ରେ ଜୁନିୟର ବଚ୍ଚନ

ଷ୍ଟକ୍ ବ୍ରୋକର ହର୍ଷଦ ମେହେତାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର ‘ଦି ବିଗ୍ ବୁଲ୍’ରେ ଜୁନିୟର ବଚ୍ଚନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।



# ୱେବ୍‌ସାଇଟ୍‌ରେ ଦିଅ ପ୍ରାର୍ଥୀଙ୍କ ଆପରାଧିକ ତଥ୍ୟ



## ରାଜନୈତିକ ଦଳକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୩।୨(ପି.ଟି.)

ଦେଶର ରାଜନୀତି କ୍ରମଶଃ କଳୁଷିତ ହେବାରେ ଲାଗିଥିବାରୁ ଗୁରୁବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସୁପ୍ରିମକୋର୍ଟ। ଏହାସହ ନିଜ ନିଜ ପ୍ରାର୍ଥୀମାନଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କିତ ସମସ୍ତ ତଥ୍ୟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଏତିକି ନୁହେଁ, ଆପରାଧିକ ପୃଷ୍ଠଭୂମି ଥିବା ଦାଗୀ ନେତାଙ୍କୁ କାହିଁକି ପ୍ରାର୍ଥୀ କରାଯାଉଛି ଦଳ ତା’ର ମଧ୍ୟ କାରଣ ଦର୍ଶାଇବେ। ଖାଲି ବିଜୟ ସମ୍ଭାବନାକୁ ଦେଖି ଟିକେଟ ଦେଲେ ଚଳିବ ନାହିଁ। ବରଂ ସମ୍ପୃକ୍ତ ପ୍ରାର୍ଥୀଙ୍କ ଆପରାଧିକ ମାମଲା ସହ ଯୋଗ୍ୟତା ଓ ମେରିଟ ସମ୍ପର୍କରେ ବି ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିବା ପାଇଁ ଜଷ୍ଟିସ୍ ରୋହିଙ୍ଟନ ଫଲି ନରିମାନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରାଯାଇଥିଲା। ନିଜ ବିରୋଧରେ ବିଚାରାଧୀନ ଥିବା ଆପରାଧିକ ମାମଲା ସମ୍ପର୍କରେ ପ୍ରାର୍ଥୀମାନେ ତଥ୍ୟ ସାର୍ବଜନୀନ କରିବେ ବୋଲି ୨୦୧୮ ସେପ୍ଟେମ୍ବରରେ ଏକ ୫ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟର ଅନୁପାଳନ ହେଉ ନ ଥିବା ଏବଂ ଅଧିକ ସଂସ୍କାର ଆବଶ୍ୟକ ଥିବା ଦର୍ଶାଇ ପରବର୍ତ୍ତୀ ସମୟରେ ଅବମାନନା ପିଟିଶନ ହୋଇଥିଲା। ଆଇନଜୀବୀ ତଥା ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟଙ୍କ ସମେତ ଅନ୍ୟ କେତେଜଣ ଆବେଦନକାରୀଙ୍କ ପିଟିଶନର ବିଚାର କରି ଖଣ୍ଡପୀଠ ଗୁରୁବାର ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସମସ୍ତ ଦଳ ନିଜ ନିଜ ବିଷୟରେ ସବିଶେଷ ତଥ୍ୟ ଫେସ୍‌ବୁକ୍ ଓ ଟୁଇଟର ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ସାର୍ବଜନୀନ କରିବେ। ଏହାସହ ଗୋଟିଏ ଲେଖାଏଁ ଆଞ୍ଚଳିକ ଓ ଜାତୀୟ ଖବରକାଗଜରେ ମଧ୍ୟ ବିବରଣୀ ପ୍ରକାଶ କରିବାକୁ ପଡ଼ିବ। ଆପରାଧିକ ମାମଲା ଚାଲିଥିବା ନେତାଙ୍କୁ ଟିକେଟ ଦେବାର ୭୨ ଘଣ୍ଟା ମଧ୍ୟରେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦଳଗୁଡ଼ିକ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବେ। ଦଳ ଏହି ନିର୍ଦ୍ଦେଶକୁ ଅବଜ୍ଞା କଲେ ଇସି ସୁପ୍ରିମକୋର୍ଟଙ୍କୁ ଏନେଇ ଅବଗତ କରାଇବେ। ବିଗତ ୪ଟି ସାଧାରଣ ନିର୍ବାଚନ ବେଳେ ରାଜନୀତିର ଅପରାଧୀକରଣ ଅତ୍ୟନ୍ତ ବୃଦ୍ଧିପାଇଛି ବୋଲି ରାୟ ଶୁଣାଇବା ବେଳେ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଅନୁପ ସାଏ ଗିରଫ

ଝାରସୁଗୁଡା ଅଫିସ,୧୩।୨



ଅନୁପ କୁମାର ସାଏ

- ୨୦୧୬ର ଏକ ଡବଲ ମର୍ଡର ଘଟଣାରେ ଉଠାଇ ନେଇଥିଲା ଛତିଶଗଡ଼ ପୋଲିସ
- ହମିରପୁର ଜଙ୍ଗଲରୁ ମିଳିଥିଲା ମା, ଝିଅଙ୍କ ମୃତଦେହ
- ପଣ୍ୟାଗାର ନିଗମ ଅଧ୍ୟକ୍ଷ ପଦରୁ ବିଦା
- ବିଜେଡିରୁ ହେଲେ ବହିଷ୍କୃତ

ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅନୁପ କୁମାର ସାଏଙ୍କୁ ଛତିଶଗଡ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ପୋଲିସ ଗିରଫ କରିଛି। ୨୦୧୬ ମସିହାର ଏକ ଡବଲ ମର୍ଡର ଘଟଣାରେ ତାଙ୍କର ସମ୍ପୃକ୍ତି ନେଇ ଗୁରୁବାର ଦିନତମାମ ପଚରାଉଚରା ପରେ ରାୟଗଡ ପୋଲିସ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ବୁଧବାର ରାତିରେ ଚକ୍ରଧରନଗର ଥାନା ପୋଲିସ ବ୍ରଜରାଜନଗରସ୍ଥିତ ଏକ ମନ୍ଦିରରେ ଥିବା ବେଳେ ସାଏଙ୍କୁ ଉଠାଇ ନେଇଥିଲା।

ଏକ ହତ୍ୟା ମାମଲାରେ ହାଜର ହେବା ପାଇଁ ରାୟଗଡ ପୋଲିସ ବାରମ୍ବାର ନୋଟିସ୍ ଦେଉଥିଲେ ବି ସାଏ ହାଜର ହେଉ ନ ଥିଲେ। ଫଳରେ ସେଠାକାର ପୋଲିସ ତାଙ୍କୁ ଉଠାଇ ନେଇଥିବା ଝାରସୁଗୁଡା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ରାୟଗଡ ଜିଲା ଏସ୍‌ପି ତାଙ୍କୁ ବୁଧବାର ରାତି ପ୍ରାୟ ୯ଟା ୨୩ରେ ଫୋନ୍ କରି ଏ ନେଇ ଜଣାଇଥିଲେ। ପରେ ସେ ଗାନ୍ଧୀ ଛକ ଫାଣ୍ଡିକୁ ସୂଚନା ଦେବା ସହ ଏକ ଷ୍ଟେଶନ ଡାଏରି କରିବାକୁ କହିଥିଲେ। ପରେ ସାଏଙ୍କ ପରିବାର ବର୍ଗକୁ ଏ ନେଇ ଝାରସୁଗୁଡା ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଚକ୍ରଧରନଗର ଥାନା ପୋଲିସ ସାଏଙ୍କୁ ହେପାଜତକୁ ନେଲାବେଳେ ସେ ବ୍ରଜରାଜନଗରସ୍ଥିତ ଏକ ମନ୍ଦିରରେ ଥିବା କୁହାଯାଉଛି। ଏହି ଘଟଣା ସାର୍ବଜନୀନ ହେବା ପରେ ଅନୁପ ସାଏଙ୍କୁ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ପଦରୁ ବିଦା କରାଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ☞ପୃଷ୍ଠା–୪

## ରିଷି ସୁନକ ହେଲେ ବ୍ରିଟେନ ଅର୍ଥମନ୍ତ୍ରୀ



ରିଷି ସୁନକ

ଲଣ୍ଡନ,୧୩।୨(ଆଇଏଏନ୍‌ଏସ୍): ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ ରିଷି ସୁନକ ନୂଆ ଅର୍ଥମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଅର୍ଥମନ୍ତ୍ରୀ ପଦରୁ ସାଜିଦ ଜାଭିଦ୍‌ଙ୍କ ଇସ୍ତଫା ପରେ ପ୍ରଧାନମନ୍ତ୍ରୀ ଜନ୍‌ସନ ଏହି ପଦବୀ ପାଇଁ ରିଷିଙ୍କ ନାମ ଘୋଷଣା କରିଛନ୍ତି। ତାଙ୍କୁ ମିଶାଇ ବ୍ରିଟେନ କ୍ୟାବିନେଟରେ ଭାରତୀୟଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ଗୃହମନ୍ତ୍ରୀ ଥିବା ପ୍ରୀତି ପଟେଲ ନିଜ ବିଭାଗ ବଜାୟ ରଖିଛନ୍ତି। ସେହିପରି ଅନ୍ତର୍ଜାତୀୟ ବିକାଶ ବିଭାଗ ମନ୍ତ୍ରୀ ଥିବା ଆଲୋକ ଶର୍ମାଙ୍କୁ ବାଣିଜ୍ୟ ବିଭାଗ ସହ ଆଗାମୀ ଜଳବାୟୁ ସମ୍ମିଳନୀ ଦାୟିତ୍ୱ ଦିଆଯାଇଛି। ଭାରତୀୟ ବଂଶୋଦ୍ଭବ କଞ୍ଜରଭେଟିଭ୍ ପାର୍ଟି ନେତା ରିଷି ଇନ୍‌ଫୋସିସ୍ ସହପ୍ରତିଷ୍ଠାତାଙ୍କ ଝିଅ ଅକ୍ଷତାଙ୍କୁ ବିବାହ କରିଛନ୍ତି। ୩୯ ବର୍ଷୀୟ ରିଷି ପୂର୍ବରୁ ଅର୍ଥ ବିଭାଗର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଥିଲେ। ବଜେଟ ଉପସ୍ଥାପନର ମାତ୍ର ୪ ସପ୍ତାହ ପୂର୍ବରୁ ତାଙ୍କୁ ଅର୍ଥମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି।

## ବକେୟା ୧୦ ପ୍ରତିଶତ ଦରମା ପାଇବେ ସରକାରୀ କର୍ମଚାରୀ

ଭୁବନେଶ୍ୱର,୧୩।୨(ବ୍ୟୁରୋ): କେନ୍ଦ୍ର ସରକାର ଗତ ୧ ଜାନୁୟାରୀ ୨୦୧୬ରୁ ସରକାରୀ କର୍ମଚାରୀଙ୍କ ପାଇଁ ୭ମ ବେତନ କମିଶନ ଲାଗୁ କରିଥିଲେ, ଯାହା ଓଡ଼ିଶା ସରକାର ସେପ୍ଟେମ୍ବର ୨୦୧୭ରେ ଘୋଷଣା କରି ପିଛିଲା ଭାବେ ୧ ଜାନୁୟାରୀ ୨୦୧୬ରୁ ଲାଗୁ କରାଯିବା ନେଇ କହିଥିଲେ। ତେବେ ୨୦୧୬ ଜାନୁୟାରୀରୁ ଘୋଷଣା କରାଯାଇଥିବା ତାରିଖ ମଧ୍ୟରେ ରାଜ୍ୟ ସରକାରଙ୍କ କର୍ମଚାରୀ ପାଇବାକୁ ଥିବା ଏରିୟର ବାବଦ ଅର୍ଥରୁ ମାତ୍ର ୪୦ ପ୍ରତିଶତ ପାଇଥିଲେ। ବାକି ୬୦ ପ୍ରତିଶତ ଏରିୟର ଏପର୍ଯ୍ୟନ୍ତ ପ୍ରଦାନ କରି ନ ଥିଲେ। ମାତ୍ର ଗୁରୁବାର ରାଜ୍ୟ ସରକାର ସମସ୍ତ ବିଭାଗର ମୁଖ୍ୟ ଏବଂ ଜିଲାପାଳମାନଙ୍କୁ ଚିଠି ଲେଖି କର୍ମଚାରୀମାନେ ପାଇବାକୁ ଥିବା ୬୦ପ୍ରତିଶତ ବକେୟା ଦରମାରୁ ୧୦ପ୍ରତିଶତ ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ପୂର୍ବରୁ ସରକାରୀ କର୍ମଚାରୀ ୪୦ପ୍ରତିଶତ ଏରିୟର ଟଙ୍କା ନେବା ସମୟରେ ରହିଥିବା ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଏଥର ମଧ୍ୟ ସମାନ ନିୟମ ରହିବ। ୧୦ ପ୍ରତିଶତ ଏରିୟର ଅର୍ଥ ନେବା ସମୟରେ ସେହି ନିୟମ ଓ ସର୍ତ୍ତାବଳୀ ଅନୁସାରେ ଟଙ୍କା ନେବେ। ଏହାସହ ଯେଉଁମାନେ ୪୦ପ୍ରତିଶତ ବକେୟା ଦରମା ପୂର୍ବରୁ ନେଇଥିବେ ସେହି କର୍ମଚାରୀମାନେ ହିଁ ବର୍ତ୍ତମାନ ଘୋଷଣା କରାଯାଇଥିବା ୧୦ପ୍ରତିଶତ ଅର୍ଥ ଉଠାଇ ପାରିବେ। ଏହାସହ ଇଞ୍ଜିନିୟରିଂ ବିଭାଗରେ କାର୍ଯ୍ୟରତ ଥିବା ☞ପୃଷ୍ଠା–୪

# ଯୁକ୍ତ ୩ର ଦୁଇ ବିଭାଗରେ ପ୍ରଶ୍ନପତ୍ର ଲିକ୍

- ଅଧ ଘଣ୍ଟା ପୂର୍ବରୁ ଦିଆଗଲା ନୂଆ ପ୍ରଶ୍ନପତ୍ର
- ବିଭିନ୍ନ କଲେଜରେ ଚଢ଼ାଉ

ସମ୍ବଲପୁର,୧୩।୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ତୃତୀୟ ବର୍ଷ କେମେଷ୍ଟ୍ରି ଓ ଜୁଲୋଜି ଦ୍ୱିତୀୟ ସେମିଷ୍ଟରର ଦ୍ୱିତୀୟ ପେପର ଗୁରୁବାର ଲିକ୍ ହୋଇଛି। ହେଲେ ବିଶ୍ୱବିଦ୍ୟାଳୟ ପକ୍ଷରୁ କେବଳ କେମେଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ସ୍ପଷ୍ଟ କରାଯାଇଛି। ଏହି ଘଟଣା ପରେ ବିଶ୍ୱବିଦ୍ୟାଳୟର ୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଜିଲାର କଲେଜ ଗୁଡିକରେ ଚଢ଼ାଉ କରି ଯାଞ୍ଚ କରାଯାଇଛି। ସୁରକ୍ଷା ବ୍ୟବସ୍ଥା ଭିତରେ ପ୍ରଶ୍ନପତ୍ର ରହିଛି କି ନାହିଁ, ସିଲ୍ ଖୋଲା ଯାଇଛି କି ନାହିଁ ସେ ସବୁ ଦିଗ ଉପରେ ଯାଞ୍ଚ କରାଯାଇଛି। ପୂର୍ବ ପ୍ରଶ୍ନପତ୍ର ବଦଳରେ ଅଧଘଣ୍ଟା ପୂର୍ବରୁ ପୁଣି ଥରେ ସମସ୍ତ କଲେଜକୁ ନୂଆ ପ୍ରଶ୍ନପତ୍ର ମେଲ୍ କରାଯାଇଥିଲା। ଅପରାହ୍ନ ୧ଟାରେ ନିର୍ଦ୍ଧାରିତ ସମୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟ ନାୟକ କହିଛନ୍ତି ଯେ, କେମେଷ୍ଟ୍ରି ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ବୁଧବାର ବିଳମ୍ବିତ ରାତିରେ ପ୍ରମାଣ ସହିତ ଅଭିଯୋଗ ଆସିଥିଲା। ଏହାପରେ ରାତି ଅଧିଆ ଉଚ୍ଚସ୍ତରୀୟ କମିଟି ବୈଠକ ବସିଥିଲା। ପ୍ରଶ୍ନପତ୍ର ଲିକ୍ ହୋଇଥିବା ସ୍ପଷ୍ଟ ହେବା ପରେ ପରିବର୍ତ୍ତନ କରିବା ସହ ବିଭିନ୍ନ କଲେଜରେ ଚଢ଼ାଉ କରାଯିବାକୁ ସ୍ଥିର ହୋଇଥିଲା। ଏଣୁ ଗୁରୁବାର ସକାଳେ ୮ଟି ଟିମ୍ ସୁନ୍ଦରଗଡ, ବରଗଡ,ଭବାନୀପଟଣା, ପଦ୍ମପୁର, ଝାରସୁଗୁଡା, ସମ୍ବଲପୁର ଜିଲାର ବିଭିନ୍ନ କଲେଜରେ ଚଢାଉ କରିଥିଲେ। ଏହି ଚଢାଉ ସମୟରେ ଭିଡିଓଗ୍ରାଫି କରାଯାଇଛି। ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରାଯିବ। କେଉଁ କଲେଜରୁ ଲିକ୍ ହୋଇଛି ତାହା ଜଣାପଡିନାହିଁ। ହେଲେ ପ୍ରଶ୍ନପତ୍ରକୁ ରାତି ଅଧିଆ ବିକ୍ରି କରାଯାଉଥିଲା ବୋଲି ବରଗଡ ଜିଲାର ଜଣେ ବ୍ୟକ୍ତି ଏହି ଅଭିଯୋଗ କରିଥିଲେ। ଯେଉଁ କଲେଜରୁ ଲିକ୍ ହୋଇଥିବ କିମ୍ବା ଯେଉଁମାନେ ଏଥିରେ ସାମିଲ ହୋଇଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡିଲେ କଲେଜର ମାନ୍ୟତା ବାତିଲ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ୨୪୦ କଲେଜ ରହିଛି । ୩୦ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରେ ୧୦୫ କଲେଜର ୧୪ ଶହ କେମେଷ୍ଟ୍ରି ଓ ଜୁଲୋଜି ଛାତ୍ରୀଛାତ୍ର ଅଛନ୍ତି।


## ସିଙ୍ଗଲ୍ ୱିଣ୍ଡୋ ବୈଠକରେ ୮ ପ୍ରକଳ୍ପ ଅନୁମୋଦିତ

........୩........


# ଆଜିଠୁ ବିଧାନସଭା ବଜେଟ ଅଧିବେଶନ

- ଅଭିଭାଷଣ ରଖିବେ ରାଜ୍ୟପାଳ
- ସର୍ବଦଳୀୟ ବୈଠକ ଅନୁଷ୍ଠିତ
- ୧୮ରେ ବଜେଟ
- ଗୃହର ମଧଭାଗକୁ ନ ଆସିବାକୁ ପରାମର୍ଶ
- କାଗଜ ବ୍ୟବହାର ହ୍ରାସ ପାଇବ



ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଷୋଡ଼ଶ ବିଧାନସଭାର ତୃତୀୟ ତଥା ଚଳିତ ବର୍ଷର ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ଅବସରରେ ପ୍ରଥମ ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅଭିଭାଷଣ ରଖିବେ। ଚଳିତ ମାସ ୧୫ ଏବଂ ୧୭ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ସରକାରଙ୍କ ଦ୍ୱାରା ଆଗତ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଚଳିତ ମାସ ୧୮ରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଏହି ବଜେଟ ଅଧିବେଶନ ୨ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ମୋଟ ୩୧ଟି କାର୍ଯ୍ୟଦିବସ ରହିଛି। ତନ୍ମଧ୍ୟରୁ ୨୭ ସରକାରୀ ଦିବସ ଏବଂ ୪ ବେସରକାରୀ ଦିବସ ରହିଛି। ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଫେବୃୟାରୀ ୧୪ରୁ ଆରମ୍ଭହୋଇ ୨୬ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୯ଟି କାର୍ଯ୍ୟଦିବସ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇ ଏପ୍ରିଲ ୯ ତାରିଖ ଯାଏ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୨୨ଟି କାର୍ଯ୍ୟ ଦିବସ ରହିଛି।

ଅଧିବେଶନ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ଅପରାହ୍ନରେ ସର୍ବଦଳୀୟ ବୈଠକ ଡକାଇଥିଲେ। ଗୃହର ସମସ୍ତ କାର୍ଯ୍ୟରେ ଉଭୟ ସରକାରୀ ଏବଂ ବିରୋଧୀ ଦଳ ସହଯୋଗ କରିବାକୁ ସେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି। ଏହି ଅଧିବେଶନ ☞ପୃଷ୍ଠା–୪


ଆଜିର ସମ୍ପାଦକୀୟ

ମିଛ ମାନ୍ୟତା



ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ

ପୃଷ୍ଠା - ୧୦ ଓ ୧୧



Vencobb Fresh Chicken — Taste the difference!

13.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 49 | 92 | 102 |
| CTC | 52 | 96 | 106 |
| DKL | 53 | 97 | 107 |
| BDK | 56 | 101 | 111 |
| BLS | 57 | 102 | 112 |
| ANG | 54 | 98 | 108 |
| BHM | 50 | 93 | 103 |

*Conditions Apply

Issued in the Interest of Consumers





**ମସ୍ଜିଦରେ ପୂର୍ବତନ ଆତଙ୍କବାଦୀ କମାଣ୍ଡରଙ୍କୁ ହତ୍ୟା** ଶ୍ରୀନଗରର ଏକ ମସ୍ଜିଦରେ ପୂର୍ବତନ ଆତଙ୍କବାଦୀ କମାଣ୍ଡରଙ୍କୁ ହତ୍ୟା କରାଯାଇଛି। ତେହରିକ୍-ଉଲ୍- ମୁଜାହିଦିନ୍‌ର ପ୍ରତିଷ୍ଠାତା ସଦସ୍ୟ ୮୦ ବର୍ଷୀୟ ଅବଦୁଲ ଘନି ଦର୍ ଓରଫ ଅବଦୁଲ୍ଲା ଘଜଲି ଜଣେ ମୌଲବୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡକୁ କୌଣସି ଶକ୍ତ ବସ୍ତୁରେ ପ୍ରହାର କରାଯାଇ ହତ୍ୟା କରାଯାଇଥିବା ପୋଲିସ କହିଛି। ଜମାଏତ୍ ଅହଲେ ହଦିସ୍‌ର ମୁଖ୍ୟ ମୌଲାନା ଶୌକତ୍ ହତ୍ୟା ମାମଲାରେ ଦର୍ ଅଭିଯୁକ୍ତ ଥିଲେ। ୨୦୧୧ ବିସ୍ଫୋରଣରେ ଶୌକତ୍‌ଙ୍କ ମୃତ୍ୟୁ ହୋଇଥିଲା।

# ପରାଜୟ ପରେ ଚେତା ପଶିଲା

**ନୂଆଦିଲ୍ଲୀ,୧୩।୨**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଭାଜପା ଓ କଂଗ୍ରେସ ନେତାଙ୍କ ଚେତା ପଶିଛି। ଭାଜପା ନେତାମାନଙ୍କ ବିବାଦୀୟ ମନ୍ତବ୍ୟ ହିଁ ଦଳ ପାଇଁ ବିପର୍ଯ୍ୟୟ ଆଣିଦେଇଥିବା ଗୁରୁବାର ଖୋଦ୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମାନିଛନ୍ତି। ସେହିପରି କଂଗ୍ରେସର ପରାଜୟକୁ ନେଇ ମଧ୍ୟ ମାନସମନ୍ଥନ ଚାଲିଛି। ବରିଷ୍ଠ ନେତା ଜୟରାମ ରମେଶ ଏହାକୁ କରୋନା ଭାଇରସ୍ ସହ ତୁଳନା କରିଥିବାବେଳେ ଦଳକୁ ନୂଆ ବିଚାରଧାରା ଓ କାର୍ଯ୍ୟ ପ୍ରଣାଳୀର ଆବଶ୍ୟକତା ରହିଥିବା ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ ମତ ଦେଇଛନ୍ତି।

ଗତ ୮ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହୋଇଥିଲା। ଭୋଟଗ୍ରହଣ ଯାଏ ଏପରି କି ୧୧ ତାରିଖରେ ଫଳାଫଳ ଆସିବା ପର୍ଯ୍ୟନ୍ତ ତିନି ପ୍ରମୁଖ ଦଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଓ କଂଗ୍ରେସର ନେତାମାନେ ପରସ୍ପରକୁ କାଦୁଅ ଫିଙ୍ଗି ମତଦାତାଙ୍କୁ ଆକର୍ଷିତ କରିବାରେ ଲାଗିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏଥର ଟିକେ ଚାଲାକ ହୋଇ ସଂଯମ ରହିଥିବା ଦେଖାଯାଇଥିଲା। ଏଏପି ୬୩ ଆସନରେ ବିଜୟୀ ହୋଇ ପୁନଃ ସରକାର ଗଠନ କରିବାକୁ ଯାଉଥିବାବେଳେ ଭାଜପା ଏବଂ କଂଗ୍ରେସ ଶିବିରରେ ନୈରାଶ୍ୟ ଲାଗିରହିଛି। ଏହାକୁ ନେଇ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ। ଏକ ଟିଭି କାର୍ଯ୍ୟକ୍ରମରେ ଗୁରୁବାର ଶାହା କହିଛନ୍ତି, ନିର୍ବାଚନ ପ୍ରଚାର ବେଳେ ଭାଜପା ନେତାମାନେ 'ଗୁଳି କର' ଓ 'ଭାରତ-ପାକିସ୍ତାନ ମ୍ୟାଚ୍' ଭଳି ମନ୍ତବ୍ୟ ଦେବା ଉଚିତ ନ ଥିଲା। ସମ୍ଭବତଃ ଏଭଳି ମନ୍ତବ୍ୟ ଯୋଗୁ ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ବିବାଦୀୟ ମନ୍ତବ୍ୟର ଖରାପ ପ୍ରଭାବ ଆମ ପ୍ରଦର୍ଶନ ଉପରେ ପଡ଼ିଛି ବୋଲି ଶାହା ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଦିଲ୍ଲୀ ନିର୍ବାଚନରେ ଦଳର ପରାଜୟ କରୋନା ଭାଇରସ୍ ଭଳି ଏକ ବୃହତ୍ ବିପର୍ଯ୍ୟୟ। ଭୋଟ ଧ୍ରୁବୀକରଣ ପାଇଁ ଭାଜପା ଶାହିନବାଗର ସିଏଏ ବିରୋଧୀ ବିକ୍ଷୋଭକୁ ବ୍ୟବହାର କରିଥିଲା। ଭାଜପା ନିର୍ବାଚନ ଜିତିପାରି ନାହିଁ। କିନ୍ତୁ ଏହି ଫଳାଫଳ କଂଗ୍ରେସ ପାଇଁ ବିପର୍ଯ୍ୟୟ ଆଣିଦେଇଛି। ଏହା କରୋନା ଭାଇରସ୍ ଭଳି। ତେଣୁ କଂଗ୍ରେସକୁ ଲୋକଙ୍କ ନିକଟରେ ପ୍ରାସଙ୍ଗିକ ହେବାକୁ ହେଲେ ଆତ୍ମସମୀକ୍ଷା କରିବାକୁ ପଡ଼ିବ। ଆମକୁ ଅହଂକାର ଛାଡ଼ିବାକୁ ପଡ଼ିବ। ୬ ବର୍ଷ ଧରି କ୍ଷମତାରୁ ଦୂରରେ ଥାଇ ସୁଦ୍ଧା କେତେଜଣ ନେତା ଏପରି ବ୍ୟବହାର କରୁଛନ୍ତି ସତେଯେମିତି ସେମାନେ ଏବେ ମଧ୍ୟ ମନ୍ତ୍ରୀ ଅଛନ୍ତି। ସେହିପରି ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଦିଲ୍ଲୀ ଫଳାଫଳ ଆମ ଦଳ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ। କଂଗ୍ରେସରେ ନୂଆ ବିଚାରଧାରା ଓ କାର୍ଯ୍ୟ ପ୍ରଣାଳୀର ଆବଶ୍ୟକତା ରହିଛି। ଦେଶ ବଦଳୁଛି। ତେଣୁ ଆମକୁ ମଧ୍ୟ ଏକ ନୂଆ ଚିନ୍ତାଧାରା ଆପଣାଇ ଦେଶବାସୀଙ୍କ ସହ ଯୋଡ଼ିହେବାକୁ ପଡ଼ିବ ବୋଲି ସିନ୍ଧିଆ ମତବ୍ୟକ୍ତ କରିଛନ୍ତି।

> ଭାଜପା ନେତାଙ୍କ 'ଗୁଳି କର' ଓ 'ଭାରତ-ପାକିସ୍ତାନ ମ୍ୟାଚ୍' ଭଳି ମନ୍ତବ୍ୟ ଯୋଗୁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଛି।
> **-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**





> ଦିଲ୍ଲୀ ପରାଜୟ କଂଗ୍ରେସ ପାଇଁ କରୋନା ଭାଇରସ୍ ଭଳି ବିପର୍ଯ୍ୟୟ।
> **-ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା**

> କଂଗ୍ରେସରେ ନୂଆ ବିଚାରଧାରା ଓ କାର୍ଯ୍ୟ ପ୍ରଣାଳୀର ଆବଶ୍ୟକତା ରହିଛି।
> **-ଜ୍ୟୋତିରାଦିତ୍ୟ ସିନ୍ଧିଆ, କଂଗ୍ରେସ ସାଧାରଣ ସମ୍ପାଦକ**



## ପୋଲିସ ପଞ୍ଝାରେ ସଞ୍ଜୀବ ଚାୱ୍‌ଲା



**ମ୍ୟାଚ୍ ଫିକ୍ସିଂ ମାମଲା**
- ବୁକି ସଞ୍ଜୀବଙ୍କୁ ପ୍ରତ୍ୟର୍ପଣ କଲା ବ୍ରିଟେନ
- ୧୨ ଦିନିଆ ରିମାଣ୍ଡରେ ନେଲା ଦିଲ୍ଲୀ ପୋଲିସ

**ନୂଆଦିଲ୍ଲୀ,୧୩।୨(ପି.ଟି.)**

କ୍ରିକେଟର ସବୁଠୁ ବଡ଼ ମ୍ୟାଚ୍ ଫିକ୍ସିଂ ମାମଲାରେ ୱାଣ୍ଟେଡ୍ ଥିବା ସଞ୍ଜୀବ ଚାୱ୍‌ଲାଙ୍କୁ ଗୁରୁବାର ବ୍ରିଟେନ ପ୍ରତ୍ୟର୍ପଣ କରିଛି। ଦିଲ୍ଲୀ ପୋଲିସ ତାଙ୍କୁ ଏହି ମାମଲାରେ ଏକ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। କୋର୍ଟଙ୍କ ଅନୁମତି କ୍ରମେ ତାଙ୍କୁ ଜେରା କରିବା ଲାଗି ୧୨ ଦିନ ପାଇଁ ହାଜତକୁ ନେଇଛି ପୋଲିସ। ୨୦୦୦ ଫେବୃୟାରୀ-ମାର୍ଚ୍ଚରେ ସଞ୍ଜୀବ ଚାୱ୍‌ଲା ଏକ ବଡ଼ଧରଣର ମ୍ୟାଚ୍ ଫିକ୍ସିଂ କରିଥିବା ଅଭିଯୋଗ ହୋଇଥିଲା। ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ତତ୍କାଳୀନ କ୍ୟାପ୍‌ଟେନ ହାନ୍ସି କ୍ରୋନିଏଙ୍କ ସହ ମିଶି ସେ ଚକ୍ରାନ୍ତ କରିଥିବା କୁହାଯାଇଥିଲା। କ୍ରୋନିଏ ୨୦୦୨ରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଦିଲ୍ଲୀରେ ଜନ୍ମିତ ସଞ୍ଜୀବ ୧୯୯୬ରୁ ଏକ ବିଜ୍‌ନେସ୍ ଭିଜା ବଳରେ ବ୍ରିଟେନରେ ରହୁଥିଲେ। ତେବେ ସେ ମଝିରେ ମଝିରେ ଭାରତକୁ ମଧ୍ୟ ଆସୁଥିଲେ। ଇତିମଧ୍ୟରେ ସେ ୫ଟି ମ୍ୟାଚ୍ ଫିକ୍ସିଂ କରିଥିଲେ। ଏହି ମାମଲାରେ ଭାରତର ଅନୁରୋଧକ୍ରମେ ବ୍ରିଟେନ ପୋଲିସ ତାଙ୍କୁ ଗିରଫ କରି ଗୁରୁବାର ପ୍ରତ୍ୟର୍ପଣ କରିଥିଲା। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସୁଧୀର କୁମାର ସିରୋହୀଙ୍କ ଅଦାଲତରେ ଦିଲ୍ଲୀ ପୋଲିସ ହାଜର କରି ୧୪ ଦିନିଆ ରିମାଣ୍ଡରେ ନେବା ପାଇଁ ଅନୁରୋଧ କରିଥିଲା। ହେଲେ କୋର୍ଟ ୧୨ ଦିନ ପାଇଁ ଅନୁମତି ଦେଇଛନ୍ତି।

## ମାର୍ଚ୍ଚ ୫ରୁ ଜମ୍ମୁ-କଶ୍ମୀରରେ ପଞ୍ଚାୟତ ଉପନିର୍ବାଚନ

**ଜମ୍ମୁ,୧୩।୨(ପି.ଟି.):** ଜମ୍ମୁ-କଶ୍ମୀରରେ ମାର୍ଚ୍ଚ ୫ରୁ ୮ ପର୍ଯ୍ୟାୟରେ ପଞ୍ଚାୟତ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ ଶୈଳେନ୍ଦର କୁମାର ଗୁରୁବାର ଏହା ଘୋଷଣା କରିଛନ୍ତି। ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ଏହି ନିର୍ବାଚନରେ ବାଲଟ ପେପର ବ୍ୟବହାର କରାଯିବ। ୧୧,୬୩୯ ୱାର୍ଡମେମ୍ବର ଓ ୧୦୧୧ ସରପଞ୍ଚ ପଦବୀ ପାଇଁ ହେବାକୁ ଯାଉଥିବା ଏହି ନିର୍ବାଚନ ପ୍ରକ୍ରିୟା ମାର୍ଚ୍ଚ ୨୬ ସୁଦ୍ଧା ଶେଷ ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ୨୦୧୮ ନଭେମ୍ବର-ଡିସେମ୍ବରରେ ସେଠାରେ ପଞ୍ଚାୟତ ନିର୍ବାଚନ ହୋଇଥିବାବେଳେ ଉପରୋକ୍ତ ପଦବୀ ପାଇଁ ଭୋଟ ହୋଇପାରି ନ ଥିଲା।



ଏଲ୍‌ପିଜି ଦର ବୃଦ୍ଧି ପ୍ରତିବାଦରେ ରାଞ୍ଚିରେ ବିକ୍ଷୋଭ କରୁଛନ୍ତି ଝାଡ଼ଖଣ୍ଡ ମହିଳା କଂଗ୍ରେସ କର୍ମୀ।

## କୋଲକାତା ବିମାନବନ୍ଦରରେ ୨ କରୋନା ସନ୍ଦିଗ୍ଧ

**କୋଲକାତା,୧୩।୨(ପି.ଟି.)**

ବ୍ୟାଙ୍କକ୍‌ରୁ ଆସି କୋଲକାତା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ୨ ଜଣ ଯାତ୍ରୀଙ୍କଠାରେ କରୋନା ଭୂତାଣୁ ଥିବା ସନ୍ଦେହ କରାଯିବାରୁ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ରଖି ଚିକିତ୍ସା କରାଯାଉଛି। ମଙ୍ଗଳବାରଠାରୁ ହିମାଦ୍ରି ବର୍ମନ ଏବଂ ବୁଧବାରରୁ ନଗେନ୍ଦ୍ର ସିଂଙ୍କୁ ବେଲାଘାଟ ଆଇଡି ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇଛି। ପୂର୍ବରୁ ଅନୀତା ଓରାଓଁ ନାମ୍ନୀ ଯାତ୍ରୀଙ୍କଠାରେ କରୋନା ସଂକ୍ରମଣ ଲକ୍ଷଣ ଦେଖାଯାଇଥିଲା। ତେବେ ଏପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କୌଣସି କରୋନା ରୋଗୀ ଚିହ୍ନଟ ହୋଇ ନଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣା: ୧୪ ମୃତ, ୨୫ ଆହତ



**ଫିରୋଜାବାଦ,୧୩।୨(ପି.ଟି.)**

ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେରେ ଏକ ବସ୍ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୫ ଜଣ ଆହତ ହୋଇଛନ୍ତି। ବୁଧବାର ରାତିରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡବଲ ଡେକର ବସ୍‌ଟି ଦିଲ୍ଲୀରୁ ବିହାରର ମୋତିହାରି ଯାଉଥିଲା। ଏଥିରେ ପାଖାପାଖି ୫୦ ଯାତ୍ରୀ ଥିଲେ ଓ ସମସ୍ତେ ବିହାରର ବୋଲି ଜଣାପଡିଛି। ନଗଲା ଖାନଗର ଥାନା ଅଞ୍ଚଳରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଏସ୍‌ପି ରାଜେଶ କୁମାର କହିଛନ୍ତି। ଟ୍ରକ୍ ହେଲ୍‌ପର ମଧ୍ୟ ଆହତ ହୋଇଛନ୍ତି। ସେ ରାସ୍ତା ପାର୍ଶ୍ୱରେ ଟ୍ରକ୍ ରଖି ପଙ୍କ୍‌ଚର ହୋଇଥିବା ଚକାକୁ ଖୋଲୁଥିବାବେଳେ ଦ୍ରୁତଗାମୀ ବସ୍ ଧକ୍କା ଦେଇଥିଲା ବୋଲି କହିଛନ୍ତି। ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କେଜ୍‌ରିୱାଲଙ୍କ ଶପଥଗ୍ରହଣ ଉତ୍ସବରେ ସାମିଲ ହେବେ ବେବି ମଫଲର୍‌ମ୍ୟାନ୍



**ନୂଆଦିଲ୍ଲୀ,୧୩।୨(ପି.ଟି.):** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ୧୬ ତାରିଖରେ ରାମଲୀଳା ମଇଦାନରେ ତୃତୀୟ ଥର ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଯାଉଥିଲାବେଳେ ଏହି ଉତ୍ସବକୁ ଅନ୍ୟ କୌଣସି ମୁଖ୍ୟମନ୍ତ୍ରୀ କିମ୍ବା ବାହାର ରାଜ୍ୟର ରାଜନେତାଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇନାହିଁ। ଦିଲ୍ଲୀବାସୀଙ୍କ ଉପସ୍ଥିତିରେ କେଜ୍‌ରିୱାଲ ଶପଥ ନେବେ ବୋଲି ଏଏପି ନେତା ଗୋପାଳ ରାୟ କହିଛନ୍ତି। ତେବେ ଭୋଟଗଣତି ଦିନ ସମସ୍ତଙ୍କ ହୃଦୟ ଜିଣିଥିବା ବେବି ମଫଲର୍‌ମ୍ୟାନ୍‌ଙ୍କୁ କେଜ୍‌ରିୱାଲଙ୍କ ଶପଥ ଉତ୍ସବକୁ ଆମନ୍ତ୍ରଣ କରାଯାଇଛି।

# ଆଜି ଆସିବ ବିନୟଙ୍କ ପିଟିଶନର ରାୟ

**ନୂଆଦିଲ୍ଲୀ,୧୩।୨(ପି.ଟି.)**



ରାଷ୍ଟ୍ରପତି ରାଜକ୍ଷମା ଆବେଦନକୁ ଖାରଜ କରିବା ପରେ ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ବିନୟ ଶର୍ମା ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ଗୁରୁବାର ଉକ୍ତ ପିଟିଶନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଶୁକ୍ରବାର ଅପରାହ୍ନ ୨ଟାରେ ଏହି ରାୟ ପ୍ରକାଶ ପାଇବ। ଜଷ୍ଟିସ୍ ଆର୍. ବାନୁମତୀ, ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ପ୍ରାୟ ୨ ଘଣ୍ଟା ଧରି ବିନୟଙ୍କ ପିଟିଶନର ଶୁଣାଣି କରିଥିଲେ। ମର୍ସି ପିଟିଶନ ସହ ଯେତିକି ରେକର୍ଡ ଓ ଦସ୍ତାବିଜ ଦିଆଯାଇଥିଲା, ସେଗୁଡ଼ିକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆଗରେ ଉପସ୍ଥାପନ କରାଯାଇ ନାହିଁ। ରାଷ୍ଟ୍ରପତି ମନ୍ଦ ଉଦ୍ଦେଶ୍ୟ ରଖି ଆବେଦନକୁ ଖାରଜ କରିଦେଇଛନ୍ତି ବୋଲି ବିନୟଙ୍କ ଓକିଲ ଏ.ପି. ସିଂ ଯୁକ୍ତି ବାଢ଼ିଥିଲେ। ସେହିପରି ବିନୟଙ୍କୁ ତିହାର ଜେଲରେ ଅତି ଖରାପ ବ୍ୟବହାର ଦେଖାଯାଉଥିବାରୁ ସେ ମାନସିକ ରୋଗର ଶିକାର ହୋଇଥିବା ଓକିଲ ଦର୍ଶାଇଥିଲେ। କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏ.ପି. ସିଂଙ୍କ ଯୁକ୍ତିକୁ ବିରୋଧ କରିଥିଲେ। ରାଷ୍ଟ୍ରପତି ସମସ୍ତ ଦସ୍ତାବିଜକୁ ଅନୁଧ୍ୟାନ କରିବା ପରେ ଆଇନାନୁସାରେ ମର୍ସି ପିଟିଶନକୁ ଖାରଜ କରିଥିବା ସେ କହିଥିଲେ। ଏହାସହ ଫେବୃୟାରୀ ୧୨ର ବିନୟଙ୍କ ଏକ ମେଡିକାଲ ରିପୋର୍ଟକୁ କୋର୍ଟରେ ଦାଖଲ କରିଥିଲେ, ଯେଉଠି ସେ ମାନସିକ ଭାବେ ସୁସ୍ଥ ଥିବା ଦର୍ଶାଯାଇଛି।

### ପବନଙ୍କୁ ଓକିଲ ଦେଲେ ଅଦାଲତ

**ନୂଆଦିଲ୍ଲୀ,୧୩।୨(ପି.ଟି.):** ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ପବନ ଗୁପ୍ତାଙ୍କ ପାଇଁ ବରିଷ୍ଠ ଆଇନଜୀବୀ ଅଞ୍ଜନା ପ୍ରକାଶ ମାମଲା ଲଢ଼ିବେ। ଜଷ୍ଟିସ୍ ଆର୍. ବାନୁମତୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁକ୍ରବାର ଅଞ୍ଜନାଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଛନ୍ତି। ଖଣ୍ଡପୀଠଙ୍କ ଅନୁରୋଧ ପରେ ଅଞ୍ଜନା ଏହି ମାମଲାରେ ଅଦାଲତଙ୍କୁ ସହଯୋଗ କରିବା ପାଇଁ ରାଜି ହୋଇଛନ୍ତି। ସେ ଏହା ପୂର୍ବରୁ ମୁକେଶ ସିଂଙ୍କ ପକ୍ଷରୁ ମଧ୍ୟ ସୁପ୍ରିମକୋର୍ଟରେ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିପରି ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ପବନଙ୍କ ପକ୍ଷରୁ ଆଇନଜୀବୀ ରବି କାଜି ମାମଲା ଲଢ଼ିବେ। ପବନ ଏହା ପୂର୍ବରୁ ତାଙ୍କ ଓକିଲଙ୍କୁ ହଟାଇଦେଇଥିବାରୁ ଆଉ ଜଣଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ଦେବା ନିମନ୍ତେ କୋର୍ଟଙ୍କୁ ସମୟ ମାଗିଥିଲେ। ଫଳରେ ଡିଷ୍ଟ୍ରିକ୍ଟ ଲିଗାଲ୍ ସର୍ଭିସେସ୍ ଅଥରିଟି (ଡିଏଲ୍‌ଏସ୍‌ଏ) ପକ୍ଷରୁ ପବନଙ୍କ ବାପାଙ୍କୁ କେତେଜଣ ଆଇନଜୀବୀଙ୍କ ନାମ ତାଲିକା ଦିଆଯାଇ ସେମାନଙ୍କ ମଧ୍ୟରୁ ଜଣକୁ ବାଛିବା ପାଇଁ କୁହାଯାଇଥିଲା। କିନ୍ତୁ ଡିଏଲ୍‌ଏସ୍‌ଏ ଓକିଲଙ୍କଠାରୁ ଆଇନଗତ ସହାୟତା ନେବାକୁ ମନା କରିଦେବା ପରେ ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା କାଜିଙ୍କୁ ନିଯୁକ୍ତ କରିଛନ୍ତି। ପ୍ରକାଶ ଯେ, ପବନ ହେଉଛନ୍ତି ଏକମାତ୍ର ଦୋଷୀ, ଯିଏକି କ୍ୟୁରେଟିଭ୍ ପିଟିଶନ ଦାଖଲ କରିବା ବାକି ଅଛି।

## ଲକ୍ଷ୍ନୌ କୋର୍ଟରେ ବିସ୍ଫୋରଣ

**୩ ଆଇନଜୀବୀ ଆହତ**

**ଲକ୍ଷ୍ନୌ,୧୩।୨(ପି.ଟି.):** ଲକ୍ଷ୍ନୌର ଏକ କୋର୍ଟ କମ୍ପ୍ଲେକ୍ସରେ ଗୁରୁବାର ବୋମା ବିସ୍ଫୋରଣ ହେବାରୁ ୩ ଜଣ ଆଇନଜୀବୀ ଆହତ ହୋଇଛନ୍ତି। ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତାରୁ ଏଭଳି ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ବିସ୍ଫୋରଣ ଖବର ପାଇ ବହୁସଂଖ୍ୟାରେ ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ଦୁଇଟି ଜୀବନ୍ତ ବୋମା ମଧ୍ୟ ଜବତ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ବିସ୍ଫୋରଣରେ ଆହତ ଲକ୍ଷ୍ନୌ ବାର୍ ଆସୋସିଏଶନ୍‌ର ଯୁଗ୍ମ ସଚିବ ସଞ୍ଜୀବ କୁମାର ଲୋଧି କହିଛନ୍ତି, ତାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। କାରଣ ପୂର୍ବରୁ ସେ କେତେଜଣ ବିଚାର ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୪ | ୧୨.୧ |
| ଚାନ୍ଦବାଲି | ୩୦.୪ | ୧୩.୮ |
| କଟକ | ୩୦.୬ | ୧୨.୬ |
| ପାରାଦ୍ୱୀପ | ୨୯.୯ | ୧୭.୦ |
| ଭୁବନେଶ୍ୱର | ୩୧.୮ | ୧୨.୮ |
| ଗୋପାଳପୁର | ୨୯.୦ | ୧୫.୮ |
| ପୁରୀ | ୨୯.୮ | ୧୬.୦ |
| ଅନୁଗୋଳ | ୩୦.୧ | ୯.୦ |
| ବାରିପଦା | ୩୦.୦ | ୧୨.୮ |
| ଝାରସୁଗୁଡ଼ା | ୩୧.୦ | ୧୧.୨ |
| କେନ୍ଦୁଝର | ୨୯.୦ | ୧୧.୬ |
| ସମ୍ବଲପୁର | ୩୦.୪ | ୧୧.୮ |
| ସୁନ୍ଦରଗଡ଼ | ୨୯.୦ | ୧୩.୦ |
| ହୀରାକୁଦ | ୩୦.୧ | ୧୨.୮ |
| ତାଳଚେର | ୩୧.୧ | ୧୨.୩ |
| ଭବାନୀପାଟଣା | ୩୧.୬ | ୧୨.୦ |
| ବଲାଙ୍ଗୀର | --- | ୧୩.୦ |
| କୋରାପୁଟ | ୨୯.୨ | ୧୨.୦ |
| ଫୁଲବାଣୀ | ୨୮.୦ | ୮.୮ |
| ଟିଟିଲାଗଡ଼ | ୩୨.୨ | ୧୦.୦ |
| ମାଲକାନଗିରି | ୩୪.୦ | ୧୪.୦ |
| ସୋନପୁର | ୩୦.୪ | ୮.୫ |
| ଦାରିଙ୍ଗିବାଡ଼ି | ୨୬.୮ | ୧୧.୦ |

ଡିଗ୍ରୀ ସେଲ୍‌ସିୟସ୍

### ଇତିହାସର ଆଇନାରେ

**ଫେବୃୟାରୀ ୧୪ର ପ୍ରମୁଖ ଘଟଣା**

୧୯୧୨ ଫେବୃୟାରୀ ୧୪ରେ ପ୍ରଥମ ଡିଜେଲ ଚାଳିତ ବୁଡ଼ାଜାହାଜ ଇ-୧ ଗ୍ରୋଟନ ସହରରେ ବ୍ରିଟେନ ନୌସେନାରେ କମିଶନ ହୋଇଥିଲା। ଚାଥମ୍ ଡକ୍ ୟାର୍ଡରେ ଏହାର ନିର୍ମାଣ ହୋଇଥିଲା। ଏଥିପାଇଁ ୧୦୧,୭୦୦ ପାଉଣ୍ଡ ଖର୍ଚ୍ଚ ହୋଇଥିଲା। ପ୍ରଥମେ ଏହାର ନାମ ଡି.ଆର୍. ବ୍ୟାଟେଲ୍ସ ଥିଲା। ୧୯୧୧ ନଭେମ୍ବର ୧୭ରେ ନାଁ ବଦଳାଯାଇ ଇ-୧ ରଖାଯାଇଥିଲା।

୨୦୦୫ ଫେବୃୟାରୀ ୧୪ରେ ଭିଡିଓ ଶେୟାରିଂ ୱେବ୍‌ସାଇଟ ୟୁ-ଟ୍ୟୁବ୍ ଲଞ୍ଚ୍ ହୋଇଥିଲା। ଏହାର ମୁଖ୍ୟାଳୟ କାଲିଫର୍ନିଆର ସାନ୍ ବ୍ରୁନୋରେ। ପେ'ପାଲ୍‌ର ୩ ପୂର୍ବତନ କର୍ମଚାରୀ ଚାଡ୍ ହର୍ଲି, ଷ୍ଟିଭ୍ ଚେନ୍ ଏବଂ ଜାୱେଦ୍ କରିମ୍ ଏହି ସେବା ଆରମ୍ଭ କରିଥିଲେ। ୨୦୦୬ ନଭେମ୍ବରରେ ଗୁଗଲ ଏହାକୁ ୧.୬୫ ବିଲିୟନ ଡଲାରରେ କିଣିଥିଲା।

## ସ୍ୱାକ୍ଷର ହେବ ୩.୫ ବିଲିୟନ ଡଲାର ପ୍ରତିରକ୍ଷା ଚୁକ୍ତି

**ନୂଆଦିଲ୍ଲୀ,୧୩।୨**


ଏମ୍‌ଏଚ୍-୬୦ ରୋମିଓ ମଲ୍ଟି-ମିଶନ ହେଲିକପ୍ଟର

**ଟ୍ରମ୍ପ୍‌ଙ୍କ ଗସ୍ତ ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବ**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୪ ତାରିଖରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଥିବାବେଳେ ଏହି ଅବସରରେ ଦୁଇଦେଶ ମଧ୍ୟରେ ୩.୫ ବିଲିୟନ ଡଲାର (୨୫,୦୦୦ କୋଟି ଟଙ୍କା)ରୁ ଊର୍ଦ୍ଧ୍ୱ ମୂଲ୍ୟର ଦୁଇଟି ବୃହତ୍ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହେବାକୁ ଯାଉଛି। ଏହି ଚୁକ୍ତି ଅନୁଯାୟୀ ଆମେରିକା ୩୦ଟି ହେଭି ଡ୍ୟୁଟି ହେଲିକପ୍ଟର ଯୋଗାଇଦେବ। ସେଥିରେ ରହିଛି ନୌସେନା ପାଇଁ ୨୪ଟି ଏମ୍‌ଏଚ୍-୬୦ ରୋମିଓ ମଲ୍ଟି-ମିଶନ ହେଲିକପ୍ଟର ଓ ସ୍ଥଳସେନା ପାଇଁ ୬ଟି ଏଏଚ୍-୬୪ଇ ଆପାଚେ ଲଢ଼ୁଆ ଚୋପର। ଆଗାମୀ ସପ୍ତାହରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଏହି ଚୁକ୍ତିନାମାକୁ ମଞ୍ଜୁରୀ ଦେବାକୁ ଯାଉଛି। ଚୁକ୍ତି ଅନୁଯାୟୀ ଏମ୍‌ଏଚ୍-୬୦ଆର୍ ହେଲିକପ୍ଟର ମୂଲ୍ୟର ୧୫ ପ୍ରତିଶତ ଭାରତ ପ୍ରଥମ କିସ୍ତିରେ ପ୍ରଦାନ କରିବ। ଏହା ସ୍ୱାକ୍ଷର ହେବାର ୨ ବର୍ଷ ମଧ୍ୟରେ ପ୍ରଥମ ଦଫା ହେଲିକପ୍ଟର ଯୋଗାଇ ଦିଆଯିବ। ୪ରୁ ୫ ବର୍ଷ ମଧ୍ୟରେ ୨୪ଟି ହେଲିକପ୍ଟର ମିଳିଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ୬ଟି ଆପାଚେ ହେଲିକପ୍ଟର ସିଧାସଳଖ କ୍ରୟ କରାଯିବ। ପୂର୍ବରୁ ବାୟୁସେନାରେ ୨୨ଟି ଆପାଚେ ହେଲିକପ୍ଟର ସାମିଲ ହୋଇଛି। ଏଥିପାଇଁ ୨୦୧୫ ସେପ୍ଟେମ୍ବରରେ ଆମେରିକା ସହ ୧୩,୯୫୨ କୋଟି ଟଙ୍କାର ଡିଲ୍ ହୋଇଥିଲା। ୬ଟି ଆପାଚେ ହେଲିକପ୍ଟର ୨୦୨୨-୨୩ ସୁଦ୍ଧା ମିଳିବ ବୋଲି ଜଣାପଡିଛି। ଏଥିରେ ଷ୍ଟିଙ୍ଗର୍, ହେଲଫାୟାର ଲଙ୍ଗ୍‌ବୋ ମିସାଇଲ ସାଙ୍ଗକୁ ବନ୍ଧୁକ ଓ ରକେଟ ଖଞ୍ଜାଯିବ। ସେହିପରି ଏମ୍‌ଏଚ୍-୬୦ଆର୍‌ରେ ହେଲ୍‌ଫାୟାର ମିସାଇଲ ସାଙ୍ଗକୁ ଏମ୍‌କେ-୫୪ ଟରପେଡୋସ୍ ଏବଂ ପ୍ରେସିଶନ୍-କିଲ୍ ରକେଟ ରହିବ। ଭାରତ ମହାସାଗର ଅଞ୍ଚଳରେ ଚାଇନାର ବୁଡ଼ାଜାହାଜ ନିୟମିତ ପଇଁତରା ମାରୁଥିବାରୁ ତାହାର ମୁକାବିଲା ପାଇଁ ନୌସେନା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ




# ଲାଞ୍ଚ ନେଇ ଆର୍‌ଡି କିରାଣି ଗିରଫ

**ଫୁଲବାଣୀ ଅଫିସ, ୧୩।୨**

ଅବସରକାଳୀନ ସହାୟତା ଏବଂ ପେନସନ୍ କରିଦେବା ପାଇଁ ଲାଞ୍ଚ ନେଉଥିବା ବେଳେ କନ୍ଧମାଳ ଜିଲା ଫୁଲବାଣୀସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର୍‌ଡି)ର ଜଣେ କନିଷ୍ଠ କିରାଣି ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ହେଲେ ଅମୂଲ୍ୟ କୁମାର ସାହୁ। ଭିଜିଲାନ୍ସ କର୍ମଚାରୀ ଅମୂଲ୍ୟଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ଫୁଲବାଣୀ ସହର କେନ୍ଦୁପଦରସ୍ଥିତ ଅମୂଲ୍ୟଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି।


ଅମୂଲ୍ୟ କୁମାର ସାହୁ।

ରାଇକିଆର ଶଙ୍କର୍ଷଣ ଶତପଥୀ ଆର୍‌ଡି ବିଭାଗରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ପେନ୍‌ସନ ଏବଂ ଅନ୍ୟାନ୍ୟ ଅବସରକାଳୀନ ସହାୟତା ପାଇଁ ସେ କାର୍ଯ୍ୟାଳୟରେ ଆବେଦନ କରି ଆସୁଥିଲେ। ଫାଇଲ କାର୍ଯ୍ୟ ସାରିବା ଲାଗି ଶଙ୍କର୍ଷଣଙ୍କୁ କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଶଙ୍କର୍ଷଣ ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ଯୋଜନା ମୁତାବକ ଗୁରୁବାର ସେ ଆର୍‌ଡି କାର୍ଯ୍ୟାଳୟକୁ ଯାଇ କିରାଣି ଅମୂଲ୍ୟଙ୍କୁ ୫ହଜାର ଟଙ୍କା ଦେଇଥିଲେ। ତେବେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ କର୍ମଚାରୀ ଅମୂଲ୍ୟଙ୍କ ପାଖରୁ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ.୪/୨୦ରେ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଡିଏସ୍‌ପି ରବିକାନ୍ ସୁନା, ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।







# ସିଙ୍ଗଲ୍ ୱିଣ୍ଡୋ ବୈଠକରେ ୮ ପ୍ରକଳ୍ପ ଅନୁମୋଦିତ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

- ୧୬୦୯.୪୯ କୋଟିର ବ୍ୟୟ ବରାଦ
- ୧୪୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ରାଜ୍ୟରେ ଶିଳ୍ପ ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ପୁଞ୍ଜି ନିବେଶ କରିବାକୁ ଥିବା ୮ଟି ନୂତନ ପ୍ରସ୍ତାବିତ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର। ଲୋକସେବା ଭବନଠାରେ ଗୁରୁବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ବୈଠକରେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରାଜ୍ୟରେ ଅଧିକ ୧୬୦୯.୪୯ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହ ୧୪୫୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୱେବ୍ ପୋର୍ଟାଲ ମାଧ୍ୟମରେ ଶିଳ୍ପ ବିଭାଗରୁ ଯାଉଥିବା ବିଭିନ୍ନ ପୁଞ୍ଜିନିବେଶ ପ୍ରକଳ୍ପ ସମ୍ବନ୍ଧିତ ଅନୁମୋଦନ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅପଲୋଡ୍ କରିବାକୁ ବିଭିନ୍ନ ବିଭାଗକୁ କୁହାଯାଇଛି। ଏହାସହ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଓ ଜଳର ବାସ୍ତବ ଆକଳନ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଶିଳ୍ପ ପାଇଁ ଆବଶ୍ୟକ ଜମିର ଏକ ନିର୍ଦ୍ଦିଷ୍ଟ ମାନକ ନିର୍ଦ୍ଧାରଣ କରିବାକୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର କହିଛନ୍ତି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗଞ୍ଜାମ ଜିଲାର ଗୋପାଳପୁର ଶିଳ୍ପାଞ୍ଚଳରେ ଟାଟା କମ୍ପାନୀର ଚା' ବ୍ଲେଣ୍ଡିଂ ଏବଂ ପ୍ୟାକେଜିଂର ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ହେବ। ଏଥିପାଇଁ ୮୩.୫୩ କୋଟି ଖର୍ଚ୍ଚରେ କରାଯିବାକୁ ଥିବାବେଳେ ଏଥିରେ ୨୯୪ ଜଣ ନିଯୁକ୍ତି ପାଇବେ। ଝାରସୁଗୁଡ଼ା ଜିଲାରେ ରୁନାୟା ମେଟ୍‌ସୋର୍ସର କୋଇଲା ତା'ର ପିଚ୍ ସମ୍ପର୍କିତ ପେଟ୍ରୋକେମିକାଲ ପ୍ରକଳ୍ପ ହେବ। ଏଥିଲାଗି ୨୧୧ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏଥିରେ ୨୧୨ଜଣଙ୍କୁ ନିଯୁକ୍ତି ମିଳିବ। କଟକ ଜିଲାର ରାମଦାସପୁର ଶିଳ୍ପାଞ୍ଚଳରେ ଏଚ୍‌ଡିପିଇ ଥର୍ମୋପ୍ଲାଷ୍ଟିକ୍ ପାଇପ୍ କାରଖାନା କରାଯିବ। ଏଥିରେ ୬୦.୦୬ କୋଟି ଖର୍ଚ୍ଚ ହେବ ଏବଂ ୧୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଭୁବନେଶ୍ୱରରେ ଆପିଜେ ସୁରେନ୍ଦ୍ର ପାର୍କ ହୋଟେଲ ଶିଳ୍ପ କରାଯିବ। ଏଥିପାଇଁ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୧୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଖୋର୍ଦ୍ଧାରେ କମାତ ହୋଟେଲ ଶିଳ୍ପ ୫୨ କୋଟି ଟଙ୍କା ଖର୍ଚ୍ଚରେ ହେବ। ଏଥିରେ ୧୬୦ଜଣ ନିଯୁକ୍ତି ପାଇବେ। କେନ୍ଦୁଝର ଜିଲାରେ ତ୍ରିବେଣୀ ଆର୍ଥ ମୁଭର୍ସ ଦ୍ୱାରା ଭୂତଳ ସ୍ଲରି ପାଇପ୍ ଲାଇନ ୯୪୮ କୋଟି ଟଙ୍କା ଖର୍ଚ୍ଚରେ ସ୍ଥାପନ ହେବ ଏବଂ ଏଥିରେ ୨୧୭ଜଣ ନିଯୁକ୍ତି ପାଇବେ। ଅନୁଗୋଳ ଜିଲାରେ ସିଡିଇଟି ଏକ୍ସପ୍ଲୋସିଭ୍ ପ୍ରାଇଭେଟ ଲିମିଟେଡ ଦ୍ୱାରା ଏକ କ୍ୟାଟ୍ରିଜ୍ ଏକ୍ସପ୍ଲୋସିଭ ଉତ୍ପାଦନ କାରଖାନା ୫୫କୋଟି ଟଙ୍କା ଖର୍ଚ୍ଚରେ ହେବାକୁ ଥିବାବେଳେ ଏଥିରେ ୧୭୭ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ୫୦କୋଟି ଟଙ୍କା ଖର୍ଚ୍ଚରେ ଆପିଜେ ଲଜିଷ୍ଟିକ୍ ପାର୍କର ସମ୍ପ୍ରସାରଣ କରାଯିବ ଏବଂ ଏଥିରେ ୯୦ ଜଣ ନିଯୁକ୍ତି ପାଇବେ।

# ବିଜେଡି ନେତ୍ରୀଙ୍କ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ: ଲେଖାଶ୍ରୀ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ପୋଲିସଠାରୁ ନ୍ୟାୟ ନ ପାଇ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେହରେ ନିଆଁଲଗାଇ ବିଜେଡିନେତ୍ରୀ ମୀନାକ୍ଷୀ ମିଶ୍ର ବୁଧବାର ଆତ୍ମାହୁତି ଉଦ୍ୟମ କରିଥିଲେ। ମୀନାକ୍ଷୀ ପୁଅଙ୍କ ଗିରଫଦାରିକୁ ବେନିୟମ ଦର୍ଶାଇ ଏହାର ପ୍ରତିବାଦରେ ଏଭଳି କାଣ୍ଡ କରିଥିବା ଭାଜପା ଅଭିଯୋଗ କରିଛି। ଯଦି ନ୍ୟାୟ ନ ମିଳେ ତେବେ ନିଜ ଦେହରେ ନିଆଁ ଲଗାଇଦେବେ ବୋଲି ମଧ୍ୟ ଧମକ ଦେଇଥିଲେ। ତେବେ ଏହାପରେ ମଧ୍ୟ ଏସ୍‌ପି କାହିଁକି ମୀନାକ୍ଷୀଙ୍କୁ ଭେଟିଲେ ନାହିଁ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ବିଜେଡି ନେତ୍ରୀ ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ତେବେ ୫-ଟି ଓ ମୋ ସରକାରରେ ସାଧାରଣ ଲୋକ କିପରି ନ୍ୟାୟ ପାଉଥିବେ, ଏଥିରୁ ସ୍ପଷ୍ଟ ଜଣାପଡୁଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ କରାନ୍ତୁ ବୋଲି ସେ ଦାବି କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ପୀଡ଼ିତାଙ୍କ ସମସ୍ୟା ଶୁଣିବା ପାଇଁ ପୋଲିସ ପ୍ରଶାସନ ପାଖରେ ସମୟ ନାହିଁ। ଏଥିପାଇଁ ସରକାରଙ୍କ ଗୃହ ବିଭାଗ ଏବଂ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ। ରାଜ୍ୟରେ କୌଣସି ଘଟଣା ଘଟିଲା ପରେ ପୋଲିସ ଉଦାସୀନ ମନୋଭାବ ଦେଖାଉଛି। ବୁଧବାର ଘଟଣାରେ ଯେହେତୁ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ଏଭଳି ପରିସ୍ଥିତି ହୋଇଥିଲା ପୋଲିସ ଏଠାରେ ପାତରଅନ୍ତର କରିଛି। ଏଭଳି ଘଟଣାରୁ ବିଜେଡିର 'ନାରୀଙ୍କୁ ସମ୍ମାନ' ନାରାର ବାସ୍ତବ ଚିତ୍ର ଜଣାପଡୁଛି। ଗୁରୁବାର ପରିବହନ ମନ୍ତ୍ରୀ ବ୍ରହ୍ମପୁର ଗସ୍ତ କରିଥିବା ଯୋଗୁ ଜିଲା ପୋଲିସ ତାଙ୍କ ପାଖରେ ଉପସ୍ଥିତ ଥିଲା। କିନ୍ତୁ ପୀଡ଼ିତାଙ୍କ କଥା ଶୁଣିଲା ନାହିଁ ବୋଲି ଲେଖାଶ୍ରୀ କହିଛନ୍ତି।

# ଆଜି ଢେଙ୍କାନାଳ ବନ୍ଦ

**ଢେଙ୍କାନାଳ ଅଫିସ, ୧୩।୨:** ଢେଙ୍କାନାଳ ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ମାନ୍ୟତା ଏବଂ ଦକ୍ଷିଣକାଳୀ ରୋଡ୍‌ରେ ଥିବା ୭ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରିବା ଦାବିରେ ଶୁକ୍ରବାର ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳିତ ହେବ। ଜିଲା ସଦର ମହକୁମାରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ଯାନବାହନ ବନ୍ଦ ରହିବ। କେବଳ ରେଳ ଚଳାଚଳ ସ୍ୱାଭାବିକ ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବନ୍ଦ ପାଳନକୁ ସଫଳ କରାଇବାକୁ କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଷ୍ଟେଶନ ବଜାର, ଗୋପବନ୍ଧୁ ବଜାର, ଟାଉନ ପ୍ଲାନିଂ ଛକ, ବାଜିଚୌକ, ନୂଆଶାସନ, ଶାସନ ବଜାର, ଜବାହର ଚୌକ, ଗଣେଶ ବଜାରରେ ପଥପ୍ରାନ୍ତ ସଭା କରାଯାଇଛି। ବ୍ୟବସାୟିକ କାରବାର ବନ୍ଦ ରଖିବାକୁ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯିବା ସହ ପ୍ରଚାରପତ୍ର ବଣ୍ଟାଯାଇଛି।



**ଆଜିର ମନ୍ତବ୍ୟ**

"ଭାରତର ବିଭିନ୍ନ ଅଞ୍ଚଳକୁ ଯିବା ଲାଗି ଭାରତୀୟଙ୍କୁ କେବେ ଅମିତ୍ ଶାହାଙ୍କ ଅନୁମତିର ଆବଶ୍ୟକ ପଡିବ?
– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ................................


ଅଙ୍କିତ୍
ପରିବାରବର୍ଗ


ସାଇ
ପରିବାରବର୍ଗ


ଧନିଷ୍ଠା
ପରିବାରବର୍ଗ


ରାଣୀ
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ


ତେଜେଶ୍ୱର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଡିସେମ୍ବର ମାସରେ ଭାରତର ରପ୍ତାନି ୧.୮% ହ୍ରାସ ଘଟି ୨୭.୩୬ ବିଲିୟନ ଡଲାର ରହିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ,ଜଣେ ଗିରଫ

**ଝାରସୁଗୁଡା ଅଫିସ,୧୩।୨**

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ପୋଲିସ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ଯୁବକ ଜଣକ ହେଲେ ଏହି ଥାନା ଅଧୀନ ତେଲେନପାଲି ଅଞ୍ଚଳର ସୁମିତ ପଟ୍ଟନାୟକ। ଥାନା ଅଧିକାରିଣୀ ନଳିତା ମୋଦୀଙ୍କ ସୂଚନା ମୁତାବକ ଏହି ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ସୁମିତ ଅପହରଣ କରି ନେଇ ଧମକ ଚମକ ଦେଇ ବଳାତ୍କାର କରିଥିଲେ। କାହାକୁ ଜଣାଇଲେ ପୂର୍ବରୁ ଉତ୍ତୋଳନ କରି ରଖିଥିବା ଭିଡିଓକୁ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ତେବେ ନାବାଳିକାଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୦/୨୦) ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି କରିଥିଲା। ପରେ ମୋବାଇଲକୁ ଟ୍ରାକ୍ କରି ବୁଧବାର ସକାଳେ ସମ୍ବଲପୁରସ୍ଥିତ କ୍ଷେତରାଜପୁର ରେଳ ଷ୍ଟେଶନରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ସୁମିତଙ୍କୁ ଗିରଫ କରିଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଆଜି ଠାରୁ ୩ ଦିନିଆ ଭିତରକନିକା ମହୋତ୍ସବ

ରାଜନଗର,୧୩।୨(ଡି.ଏନ.ଏ.): ପ୍ରକୃତିର ବିସ୍ମୟ, ସରୀସୃପଙ୍କ ନନ୍ଦନକାନନ, ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପ୍ରକୃତିରାଣୀ ଭିତରକନିକାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଭିତରକନିକା ମହୋତ୍ସବ ଶୁକ୍ରବାର ଠାରୁ ରାଜନଗର ବ୍ଲକର ନଳିତାପାଟିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୩ ଦିନ ଧରି ଏହି ମହୋତ୍ସବ ଆୟୋଜନ କରାଯାଇଛି। ମହୋତ୍ସବ ଅବସରରେ ଭିତରକନିକାର ଜୈବ ବିବିଧତା, ୭୧ ପ୍ରକାରର ବିରଳ ବୃକ୍ଷରାଜି, ଗହୀରମଥାର ଆଗନ୍ତୁକ ଅଲିଭରିଡଲେ କଇଁଛ, ଶୀତଋତୁରେ ଆସୁଥିବା ବିଦେଶାଗତ ପକ୍ଷୀ ଏବଂ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କର ଜୀବନ ଶୈଳୀ ଉପରେ ଆଲୋଚନା କରାଯିବ।

# ମାର୍ଶାଘାଇ ନିକଟରେ ଧସିଲା ରେଳପଥ

**ମାର୍ଶାଘାଇ, (ଡି.ଏନ.ଏ.) / କେନ୍ଦ୍ରାପଡା ଅଫିସ ୧୩।୨**

## ନିର୍ମାଣାଧୀନ ହରିଦାସପୁର- ପାରାଦୀପ ରେଳପଥ

## ମାର୍ଚ୍ଚରେ ରେଳ ଗଡ଼ିବା ଆଶା କ୍ଷୀଣ



ବୁଧବାର ରାତି ପ୍ରାୟ ୧୧ଟାରେ ନିର୍ମାଣାଧୀନ ହରିଦାସପୁର-ପାରାଦୀପ ରେଳପଥ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଗୋସେଇଁବନ୍ଧ ନିକଟରେ ଧସିଛି। ଏହାର ପ୍ରଭାବ ପ୍ରାୟ ୨୦୦ ମିଟର ଅଞ୍ଚଳରେ ଦେଖିବାକୁ ମିଳିଛି। ଧସିବା ସ୍ଥାନ ଠାରୁ ୫୦ମିଟର ମଧ୍ୟରେ ଥିବା ୨ଟି କୋଠାଘର କାନ୍ଥ ଫାଟିଯାଇଛି। ଫଳରେ ଉକ୍ତ କୋଠାଘରେ ରହୁଥିବା ୨ ପରିବାରର ସଦସ୍ୟ ବୁଧବାର ରାତିରୁ ଘର ବାହାର ରାସ୍ତା କଡରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ନିମ୍ନମାନର କାର୍ଯ୍ୟ ପାଇଁ ମାଟି ଧସିବା ଆଲୋଚନା ହେଉଛି। ଅପରପକ୍ଷରେ ସବୁ କିଛି ଠିକ୍ଠାକ୍ ଥିଲେ, ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ରେଳ ଗଡିଥାନ୍ତା। ଗତ ୩ ତାରିଖରେ ଭୁବନେଶ୍ୱରସ୍ଥ ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏ ନେଇ ସୂଚନା ଦେଇଥିଲେ। ତେବେ ରେଳପଥ ଧସିବା ପରେ ନିର୍ଦ୍ଧାରିତ ସମୟରେ ରେଳ ଗଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।


**ପ୍ରଥମ ପୃଷ୍ଠାରୁ...**


## ଅନୁପ ସାଏଙ୍କୁ...

ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରିଛନ୍ତି।

ସୂଚନା ମୁତାବକ ରାୟଗଡ ପୋଲିସ ଜିଲାର ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲରେ ୨୦୧୬ ମେ ମାସରେ ଜଣେ ମହିଳା ଓ ଶିଶୁ କନ୍ୟାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟା ଘଟଣା ବୋଲି ଜଣାପଡିଥିଲା। ମୃତକଙ୍କ ପରିଚୟ ପାଇବା ପାଇଁ ପୋଲିସ ମୃତଦେହର ଡିଏନ୍ଏ ପରୀକ୍ଷା କରିଥିଲା। ପରେ ମୃତକଙ୍କ ପରିଚୟ ମିଳିଥିଲା। ମୃତା ଥିଲେ ଝାରସୁଗୁଡା ଜିଲା ବ୍ରଜରାଜନଗର ଅଞ୍ଚଳର କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍ଲି। ଏହା ପରେ ପୋଲିସ ତଦନ୍ତକୁ ଜୋର୍ଦାର କରିଥିଲା। ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନରୁ ମିଳିଥିବା କଳ୍ପନାଙ୍କ ମୋବାଇଲକୁ ଆଧାରକରି ପୋଲିସ ତଦନ୍ତ ଆଗକୁ ବଢାଇଥିଲା। ଏଥିରୁ ଅନୁପ ସାଏଙ୍କ ଲିଙ୍କ୍ ପାଇଥିଲା ପୋଲିସ। ଏହି କାରଣରୁ ତାଙ୍କୁ ପଚରାଉଚୁରା ପାଇଁ ବାରମ୍ବାର ନୋଟିସ୍ ପଠାଇଥିଲା । ହେଲେ ସେ ଚକ୍ରଧରନଗର ଯାଇ ନ ଥିଲେ କି ପୋଲିସକୁ କୌଣସି ସହଯୋଗ କରି ନ ଥିଲେ। ପ୍ରକାଶ ଥାଉକି ଝାରସୁଗୁଡା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ଲଗାତର ୩ ଥର କଂଗ୍ରେସ ଟିକେଟରୁ ଲଢି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ଅନୁପ ସାଏ। ୨୦୧୪ରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ସେ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରୁ ଲଢି ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କୁ ଦଳ ଟିକେଟ ଦେଇ ନ ଥିଲା। ପରେ ତାଙ୍କୁ ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା।

## ବକେୟା ୧୦...

ୱାର୍କଚାର୍ଜଡ କର୍ମଚାରୀମାନେ ମଧ ୧୦ପ୍ରତିଶତ ଏରିୟର ଅର୍ଥ ଉଠାଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ମାର୍ଚ୍ଚ ୨୦ ସୁଦ୍ଧା କର୍ମଚାରୀମାନଙ୍କୁ ଏହି ଅର୍ଥ ପ୍ରଦାନ କାର୍ଯ୍ୟ ଶେଷ କରିଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ କେତେଜଣ ସରକାରୀ କର୍ମଚାରୀ ଏଭଳି ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ୬୦ ପ୍ରତିଶତ ବକେୟା ଦରମା ଚାରିବର୍ଷ ଧରି ବାକି ରଖିବାପରେ ସେଥିରୁ ମାତ୍ର ୧୦ପ୍ରତିଶତ ଦେବା ନିନ୍ଦନୀୟ ଘଟଣା। ଯଦି ସରକାରଙ୍କ ପାଖରେ ଦରମା ଏବଂ ମହଙ୍ଗା ଭତ୍ତା ଦେବାକୁ ଅର୍ଥର ଅଭାବ ରହିଛି, ତେବେ ଏହି ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନେଇଯାଆନ୍ତୁ ବୋଲି କର୍ମଚାରୀମାନେ କହିଛନ୍ତି।

## ଆଜିଠୁ ବିଧାନସଭା...

ପୂର୍ବାପେକ୍ଷା କାଗଜ ବିହୀନ ହେବାକୁ ଯାଉଛି। ବିଧାୟକମାନଙ୍କ ପାଇଁ ଟ୍ୟାବ୍ ବ୍ୟବସ୍ଥା କରାଯାଇଛି। ବିଧାୟକମାନେ ଯେପରି ଟେକ୍ନୋଲୋଜି ସହ ନିଜକୁ ଖାପଖୁଆଇ ପାରିବେ, ସେଥିପାଇଁ ସେମାନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ବାଚସ୍ପତି ପାତ୍ର କହିଛନ୍ତି। ବଜେଟ ବିବରଣୀ ପେନ୍ଡ୍ରାଇଭ ଜରିଆରେ ସଦସ୍ୟମାନଙ୍କୁ ମଧ୍ୟ ଯୋଗାଇ ଦିଆଯିବ। ଜନପ୍ରତିନିଧିମାନେ ଗଣତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ତେଣୁ ବିଧାନସଭା ମଧ୍ୟରେ ସେମାନଙ୍କ କାର୍ଯ୍ୟାବଳୀ ମାର୍ଜିତ ହେବା ଆବଶ୍ୟକ ବୋଲି ବାଚସ୍ପତି ମତ ରଖିଛନ୍ତି। ବିଧି ଅନୁଯାୟୀ ସେ ସବୁ ପକ୍ଷଙ୍କୁ କହିବାର ସୁଯୋଗ ଦେବେ। ହେଲେ କୌଣସି ଭାବେ ବିରୋଧ କରିବା ପାଇଁ ବାରମ୍ବାର ମଧ୍ୟଭାଗକୁ ନ ଆସିବା ପାଇଁ ବାଚସ୍ପତି ମତ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଜେଡି ବିଧାୟକ ଦେବୀ ମିଶ୍ର, ବିରୋଧୀ ଦଳ ସଚେତକ ମୋହନ ମାଝି, ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଫେବୃୟାରୀ ୨୪ରୁ ୨୬ ତାରିଖ ଯାଏ ବଜେଟ ଉପରେ ଆଲୋଚନା ହେବ। ଏହାପରେ ଅଧିବେଶନ ମାର୍ଚ୍ଚ ୧୦ ତାରିଖ ଯାଏ ବନ୍ଦ ରହିବ। ମାର୍ଚ୍ଚ ୧୬ରୁ ୩୦ ଯାଏ ପୁଣି ବଜେଟ ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୧ ତାରିଖରେ ୨୦୨୦-୨୧ ଆର୍ଥିକବର୍ଷର ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହେବ ବୋଲି ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସପ୍ତମ କେନ୍ଦ୍ରରେ ଚନ୍ଦ୍ର ଯୋଗୁ ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହାୟତାରେ ଆଶା କରିଥିବା ଜିନିଷଟି ଆଜି ଅପରାହ୍ନେ ପାଇପାରନ୍ତି। ଆକସ୍ମିକ ଭାବରେ ବନ୍ଧୁଙ୍କ ସହ ମନୋମାଳିନ୍ୟଜନିତ ବିବାଦ ବଢ଼ିପାରେ। ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** କର୍ମଭାବରେ ରବି ଓ ବୁଧ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱସ୍ତ ଲୋକମାନେ ମଧ୍ୟ କ୍ରମଶଃ ପାଖେଇ ଆସୁଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

**ମିଥୁନ** ଚନ୍ଦ୍ର ଶତ୍ରୁଗୃହୀ ହେତୁ ଆଜିର ଆଲୋଚନାରେ ବିତର୍କର ସମ୍ଭାବନା ରହିଛି। କିନ୍ତୁ ପୁନର୍ବସୁର କାମ ହାସଲ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ସଂକଟ ହେବ ନାହିଁ,ଜଣେ ବନ୍ଧୁଙ୍କଠାରୁ ହାତ ଉଧାରି ଟଙ୍କା ଆଣି ଆବଶ୍ୟକତାକୁ ପୂରଣ କରିବେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**କର୍କଟ** ସ୍ୱଗୃହୀ ଶନି ସପ୍ତମସ୍ଥ ହେତୁ ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍ ହେବ ଅନ୍ୟଥା ସମସ୍ୟା ଆସିପାରେ । ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ଆଶଙ୍କା ରହିଛି।

**ସିଂହ** ଭାଗ୍ୟସ୍ଥାନ ପ୍ରତି ଶୁଭଗ୍ରହର ଦୃଷ୍ଟି ପ୍ରଭାବରେ ଆଜି ଯାହା ଚାହିଁବେ ତାହା ପାଇବାରେ ଅସୁବିଧା ହେବନାହିଁ। କାର୍ଯ୍ୟବ୍ୟସ୍ତତା ଯୋଗୁ ମଜା ମଉଜ କରିବାକୁ ଅବସର ପାଇବା କଷ୍ଟକର ହୋଇପାରେ। ଆଜି ହଠାତ୍ ସାହାଯ୍ୟ କରିବା ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ରାହୁଙ୍କର ପ୍ରଭାବ ପରିସ୍ଥିତିକୁ ଗୋଳମାଳିଆ କରିବ। ନିକଟ ସମ୍ପର୍କୀୟମାନଙ୍କ ଭଲ କରିବାକୁ ଯାଇ ନିଜକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରି ପାରନ୍ତି। ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ରାଶିରେ କର୍ମାଧିପତିଙ୍କ ସ୍ଥିତି କାର୍ଯ୍ୟହାସଲ ପାଇଁ ଅନୁପ୍ରେରିତ କରିବ। ପରିବାରର ଅବସ୍ଥାକୁ ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ବିଭିନ୍ନ ପ୍ରକାରର ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ। ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। କରୁଥିବା ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

**ବିଛା** ଶନିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ଆପଣଙ୍କ ପ୍ରତ୍ୟେକ ଉଦ୍ୟମକୁ ବିଳମ୍ବିତ କରିବ। ତଥାପି ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶ କରି ସଫଳ ମଧ୍ୟ ହେବେ। ପରିବାର କିମ୍ବା କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିକଟ ସମ୍ପର୍କୀୟମାନେ ଭିତରେ ଚେର କାଟି ପାରନ୍ତି।

**ଧନୁ** ପାରିବେଶିକ କୁପ୍ରଭାବ ଆପଣଙ୍କୁ ନୀରବ ରହିବାକୁ ବାଧ୍ୟ କରିବ ଏବଂ ଚିନ୍ତା କରିଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। କର୍ମଜଞ୍ଜାଳ ବୃଦ୍ଧି ପାଇବା ସହିତ ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର** ରାଶିର ଗୁଣ ଓ ଶନିଙ୍କ ପ୍ରଭାବରେ ସବୁସମୟରେ ଅଣ୍ଡାଜନିତର ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଶେଷ ଭାବରେ ବିଚଳିତ କରିପାରେ। ଅନ୍ୟର ମନ ଅନୁଯାୟୀ କାମ କରି ବାହାବା ନେଇ ପାରନ୍ତି, ଫଳରେ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ର ବିଭିନ୍ନ ପ୍ରକାରର କଥାକୁ ନେଇ ଟେନସନ ଭିତରେ ଗତି କରିବେ।

**କୁମ୍ଭ** ଧନ ସ୍ଥାନରେ ଶୁକ୍ର ଥିବାରୁ ଆର୍ଥିକ ପ୍ରଗତି କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଯାହା ଖୋଜୁଛନ୍ତି ତାହା ଅବଶ୍ୟ ପାଇବେ। ଏଣୁ ତେଣୁ ଗୁଡ଼ାଏ ଖାଦ୍ୟ ଖାଇ ପେଟ ଗୋଳମାଳ ଓ ଅଜୀର୍ଣ୍ଣ ଜନିତ ବ୍ୟାଧି ଦେଖାଦେଇ ପାରେ। ଭ୍ରମଣ ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** ବଳବାନ୍ ଏକାଦଶସ୍ଥ ଶନି ଓ କର୍ମସ୍ଥ ମଙ୍ଗଳ ଯୋଗୁ ବହୁତ ପରିଶ୍ରମ କରିବା କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରି ପାରନ୍ତି। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ ବ୍ୟତିକ୍ରମକୁ ସୁଧାରି ନେବେ।

ଆଜି ଫାଲ୍ଗୁନ୍ କୃଷ୍ଣ ଷଷ୍ଠୀ ଶୁକ୍ରବାର, ଫେବୃୟାରୀ ୧୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮ ।୩୩ମି. ପରେ ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮ ।୩୩ମି. ଗତେ ଘ୧୦ ।୫୧ମି. ମଧ୍ୟେ ଅମୃତବେଳା। ସକାଳ ଘ୭ ।୫୫ମି. ଗତେ ଘ୯ ।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦ ।୩୫ମି. ଗତେ ଘ୧୨ ।୦୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Plot sale sqft. Rs. 290/-, ମଞ୍ଚେଶ୍ୱର, କଟକ, ଗୋପାଳପୁର, ସାମନ୍ତରାଏପୁର, ଟଙ୍କପାଣି ରୋଡ। 8895778043. D-16573

3BHK Duplex 35,00,000/- finishing Hanspal (Bank finance available)- 9348633789, 8093465134. D-68663

**ଭୁବନେଶ୍ୱର ଜଟଣୀଗେଟ୍ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

ଭୁବନେଶ୍ୱର କୁହା ମୌଜାରେ ଘରବାରି ପ୍ଲଟ୍ 1500sqft. 13,50,000/-, କିଣି ଆଜି ଘରକରନ୍ତୁ। Investment plot near Xavier University 3,00,00/-, 9853150290. D-68579

Yellow zone plot sale at Tamando 30ft. road. Mob: 8118050420. D-61077

**ଭୁବନେଶ୍ୱର ଜଟଣୀଗେଟ୍ଠାରେ Sqft.200/-, ବାଲକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440.** D-68472

East facing plot 50 x 60 at Raghunathpur Jali, behind Mani Tirumala in a Gatted Society for sale. Brokers Excuse. Contact- 9437156464, 8249364054. D-16698

Khordha Malipada NH ପାଖରେ 2000sqft. boundary ସହିତ ନିଜସ୍ୱ plot ବିକ୍ରିହେବ। 8480619769. D-68788

Commercial plot for sale 17guntha near Tankapani Road, Sai Temple, NH side, Bhubaneswar. 9861037729, 9040337729. D-63975

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft. 650/- 7008045582, 9692003948. D-16692

to-let

**Fully furnished AC office accommodation near Bomikhal Square, Cuttack Road, Bhubaneswar. Contact No. 9861120421.** D-69009

Flat 3roomed in 3rd floor interior decorated BJB Nagar, Natabar Complex behind Sri Hospital available. 7873726701, 9337651024. D-63974

healthcare

Sai herbal spa refresh your body with smart, expert therapist. 7608062524. D-68991

Kasturi massage club, fully relaxed by expert lady, home service: 9178845612. D-68779

Elite Unisex Salon- A complete family Spa. Male to male and female to female- 7326977966. D-69207

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Ayurvedic full body massage ladies and gents. Contact: 9861064981. D-68789

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**BUSINESS**

୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

**AFFIDAVIT**

By virtue of an Affidavit before EM Jajpur road, I SK. Abdul Hafiz declared that SK. Abdul Hafiz, S/o- Late SK. Abdul Aziz of Nalipur, PS-Balichandrapur, Dist.-Jajpur, Sek Abdul Hafiz, S/o- Sek Abdul Aziz and Seikh Abdul Hafiz, S/o- Seikh Abdul Aziz relates to one and same person. D-68664

Before Notary Public, Chatrapur I, Taptapa Behera, Gajapatinagar, PO- Palur, PS-Rambha, Dist.- Ganjam changed my name Taptapa Behera to Prabhat Kumar Behera. Henceforth I shall be known as Prabhat Kumar Behera for all purposes. D-66629

By an affidavit before the Executive Magistrate, Bhubaneswar, I have changed my name from Bhagabat Behera, S/o- Late Nath Behera to Das Behera S/o- Late Ullas Behera is the same and one person for all purposes. D-16690



"ଆପଣଙ୍କୁ ମାନବିକତା ଉପରେ ବିଶ୍ୱାସ ହରାଇବା ଉଚିତ୍ ନୁହେଁ । ମାନବିକତା ଏକ ସମୁଦ୍ର, ଯଦି ସମୁଦ୍ରର କିଛି ବୁନ୍ଦା ପାଣି ଖରାପ ହୋଇଯାଏ ତେବେ ପୁରା ସମୁଦ୍ର ଖରାପ ହୋଇଯାଏନାହିଁ । - ମହାତ୍ମା ଗାନ୍ଧୀ



# ଶାସକ ଦଳକୁ ଘେରିବାକୁ ଭାଜପା ପ୍ରସ୍ତୁତ

## ■ ଏକାଧିକ ପ୍ରସଙ୍ଗ ଧରି ଗୃହରେ ହଙ୍ଗାମା କରାଯିବ: ମୋହନ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ବିଧାନସଭା ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହୋଇ ଦୁଇଟି ପର୍ଯ୍ୟାୟରେ ଚାଲିବ। ଏହା ପୂର୍ବରୁ ଶାସକ ଦଳକୁ ଘେରିବା ଲାଗି ରାଜ୍ୟ ଭାଜପା ବିଧାୟକ ଦଳ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ମୁଖ୍ୟତଃ ଚଳିତ ବିଧାନସଭା ଅଧିବେଶନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନିଜସ୍ୱ ଯୋଜନାର ନାମ ଦେଇ ରାଜ୍ୟ ସରକାର ଅନିୟମିତତା କରୁଥିବା ପ୍ରସଙ୍ଗ ଦଳ ଗୃହରେ ଉଠାଇବ। ଏହାସହ ଶାସକ ଦଳ କିଛିଦିନ ହେବ ରେଳ ବଜେଟରେ ଓଡ଼ିଶାକୁ ଗତଥର ଅପେକ୍ଷା କମ୍ ଅନୁଦାନ ଦିଆଯାଇଥିବା ଅଭିଯୋଗ କରିଆସୁଛି। ଶାସକ ଦଳ ସହ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସ୍ୱର ଉଠାଇବାରେ ଲାଗିଛି। ତେଣୁ ଏହି ବିଷୟକୁ କାଉଣ୍ଟର ଦେବା ସକାଶେ ଭାଜପା ପ୍ରସ୍ତୁତ ହୋଇଛି। ରେଳ ବିସ୍ତାର ପାଇଁ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ ହେଉଥିବାରୁ ଅନୁଦାନ ମିଳିବାରେ ବିଳମ୍ବ ହେଉଛି ବୋଲି ଭାଜପା ନେତାମାନେ ଯୁକ୍ତି ରଖିବେ। ଏହାସହ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ମହିଳା ସୁରକ୍ଷା, ସୂଚନା ଅଧିକାର କର୍ମୀଙ୍କୁ ଯୋଜନାବଦ୍ଧ ହତ୍ୟା ଆଦି ପ୍ରସଙ୍ଗରେ ଶାସକ ଦଳକୁ କାଠଗଡ଼ାରେ ଛିଡ଼ା କରାଯିବ ବୋଲି ଭାଜପା ମୁଖ୍ୟ ସଚେତକ ମୋହନ ମାଝି ସୂଚନା ଦେଇଛନ୍ତି।



ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।

ଏହାସହ ଅନ୍ୟ ରାଜ୍ୟରେ ପଛୁଆବର୍ଗଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ମିଳୁଥିବା ସଂରକ୍ଷଣ ଓଡ଼ିଶା ସରକାର ଲାଗୁ କରୁନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବା ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। ମାତ୍ର ଏହି ଯୋଜନାରେ ରାଜ୍ୟରେ ଅନିୟମିତା ହେଉଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭାଜପା ଏମ୍ପିମାନେ ଭେଟି ଏହିସବୁ ଅନିୟମିତତା ରୋକିବା ଲାଗି ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗ ଉପରେ ହିଁ ଭାଜପା ବିଧାୟକମାନେ ଜୋର୍ ଦେବେ। ସରକାରଙ୍କ ଟୋକନ ଓ ଟାର୍ଗେଟ୍ ବ୍ୟବସ୍ଥା ଯୋଗୁ ରାଜ୍ୟର ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହୁଛି। ଚାଷୀ ଧାନ ଅମଳ କରି ବିକିବାକୁ ବସିଥିବାବେଳେ କେଉଁଠି ମଣ୍ଡି ନାହିଁ ତ ଅନ୍ୟ କେଉଁଠି ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଛି। ଶାସକ ଦଳ ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାର ଶିକାର ହୋଇ ଚାଷୀ ନିଜ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ମଣ୍ଡି ଅଭାବରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଏମ୍ଏସ୍ପିରୁ କମ୍ ଦରରେ ଚାଷୀ ନିଜର ଉତ୍ପାଦିତ ଧାନକୁ ବିକ୍ରି କରୁଛନ୍ତି। ଗତ କିଛିଦିନରେ ରାଜ୍ୟର ୨ଜଣ ସୂଚନା ଅଧିକାର କର୍ମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଦୁର୍ନୀତି ବିରୋଧୀ ଅଭିଯାନ ଚଳାଇଥିବା ସୂଚନା ଅଧିକାର କର୍ମୀମାନଙ୍କୁ ହତ୍ୟା କରାଯାଉଥିବା ବେଳେ ପୋଲିସ ହାତ ବାନ୍ଧିବସିଛି। ଅପରାଧୀଙ୍କ ବିରୋଧରେ ପୋଲିସ ନରମ ଭାବ ପ୍ରଦର୍ଶନ କରୁଥିବା ଅଭିଯୋଗରେ ଶାସକ ଦଳକୁ ଟାର୍ଗେଟ କରାଯିବ ବୋଲି ମାଝି କହିଛନ୍ତି। ସ୍ମିତାରାଣୀ ହତ୍ୟାକାଣ୍ଡ ଘଟଣାକୁ ନେଇ ମଧ୍ୟ ଶାସକ ଦଳକୁ ପ୍ରଶ୍ନ ପଚରାଯିବ ବୋଲି ସେ କହିଛନ୍ତି।




# ବିରୋଧୀଙ୍କ ମୁକାବିଲା ପାଇଁ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ



ବିଜେଡି ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ବିଧାୟକମାନେ।

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ରାଜ୍ୟ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ। ଗୃହ ମଧ୍ୟରେ ଯେକୌଣସି ପ୍ରସଙ୍ଗରେ ବିରୋଧୀ ଦଳର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ବିଧାୟକ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ବଜେଟ ଅଧିବେଶନର ଗୋଟିଏ ଦିନ ପୂର୍ବରୁ ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳ ବୈଠକ ପରେ ମୁଖ୍ୟମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।

ସେହିଭଳି ଗୃହ ଚାଲିଥିବା ବେଳେ ଶୃଙ୍ଖଳାର ସହ ଗୃହ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବା ପାଇଁ ବିଜେଡି ବିଧାୟିକା ଓ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉପସ୍ଥାନ ସହ ବିଭିନ୍ନ ବିତର୍କ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସକାରାତ୍ମକ ଭୂମିକା ନିର୍ବାହ ପାଇଁ କୁହାଯାଇଛି। ଏହି ଅଧିବେଶନରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭୋଟିଂ ସମୟରେ ସମସ୍ତଙ୍କ ଉପସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍ଇବିସି)ଙ୍କ ପ୍ରକୃତ ସଂଖ୍ୟା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ତେଣୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ଜାତିଭିତ୍ତିକ କରିବା ପାଇଁ ଓଡ଼ିଶା ସରକାର କ୍ୟାବିନେଟ ପ୍ରସ୍ତାବ ଗୃହୀତ କରାଇଛନ୍ତି। ତେଣୁ ଏହି ପ୍ରସଙ୍ଗରେ ବିଧାନସଭାରେ ଏକ ସର୍ବସମ୍ମତ ସଂକଳ୍ପ ପ୍ରସ୍ତାବ ଗୃହୀତ

### ବିଜେଡି ବିଧାୟକ ଦଳ ବୈଠକ

କରାଯିବାର ସମ୍ଭାବନା ରହିଛି। ନିକଟରେ ବିଜେଡି ଏମ୍ପିମାନଙ୍କ କାର୍ଯ୍ୟାବଳୀକୁ ସମୀକ୍ଷା କରିବା ପାଇଁ ଦଳ ପକ୍ଷରୁ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଇଛି। ଅନୁରୂପଭାବେ ବିଧାୟକମାନେ କିପରି ବିଧାନସଭା କାର୍ଯ୍ୟରେ ସକ୍ରିୟ ରହୁଛନ୍ତି, ତାହାର ତର୍ଜମା କରାଯିବ। ପୂର୍ବଭଳି ଦଳୀୟ ବିଧାୟକମାନଙ୍କ ଉପସ୍ଥାନ ନେଇ ମୁଖ୍ୟ ସଚେତକ ଦଳର ଶୀର୍ଷ ନେତୃତ୍ୱଙ୍କୁ ନିୟମିତ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଦଳୀୟ ବିଧାୟକମାନେ ଦୀର୍ଘଦିନରୁ ରଖି ଆସିଥିବା କେତେକ ଦାବିର ବିଚାର କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ବିଧାୟକ ପାଣ୍ଠି ଏକ କୋଟିରୁ ଦୁଇ କୋଟି ଟଙ୍କାକୁ ବୃଦ୍ଧି କରାଯିବାର ସମ୍ଭାବନା ରହିଛି। ସେହିଭଳି ବିଜୁ ପକ୍କାଘର ଗତ ବର୍ଷରେ ନିର୍ବାଚନମଣ୍ଡଳୀୱାରୀ ବଣ୍ଟନ କରାଯାଇ ନ ଥିଲା। ତେଣୁ ଚଳିତ ବର୍ଷ ପୂର୍ବ କୋଟା ସହ ନୂତନ ଘର ପ୍ରଦାନ ପାଇଁ ବିଧାୟକମାନେ ଦାବି କରିଥିଲେ। ଏହି ଦାବି ପ୍ରତି ମୁଖ୍ୟମନ୍ତ୍ରୀ ସକାରାତ୍ମକ ମନୋଭାବ ରଖିଥିବା କେତେକ ବିଧାୟକ କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାର ଅନୁଦାନପ୍ରାପ୍ତ ୬୧୦ଟି ବ୍ଲକଗ୍ରାଣ୍ଟ ସ୍କୁଲକୁ ବିଲ୍ଡିଂ ନିର୍ମାଣ ପାଇଁ ଅନୁଦାନ ମିଳୁ ବୋଲି ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ ଦାବି କରିଥିଲେ। ସେହିଭଳି ବିଧାୟକଙ୍କ ନିଜସ୍ୱ ପାଣ୍ଠି ବ୍ୟତୀତ ନିଜ ଅଞ୍ଚଳରେ ଉଚ୍ଚଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ ନେଇ ମଧ୍ୟ ବିଚାର କରାଯାଉଥିବା ଜଣାପଡ଼ିଛି।

# ତ୍ରିସ୍ତରୀୟ ସୁରକ୍ଷାରେ ବିଧାନସଭା

ଭୁବନେଶ୍ୱର, ୧୩।୨(ବ୍ୟୁରେ)

ଶୁକ୍ରବାରଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଧାନସଭା ଚାରିପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର କମିଶନରେଟ ପୋଲିସ ଓ ଗୋଇନ୍ଦା ବିଭାଗ ପକ୍ଷରୁ ୨ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ପୋଲିସ ଡିଜି ଅଭୟ ସୂଚନା ଦେଇଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଡିଜିପି

- ■ ସମୀକ୍ଷା କଲେ ପୋଲିସ ଡିଜି, ଗୋଇନ୍ଦା ଡିଜି, ପୋଲିସ କମିଶନର
- ■ ୩୦ ପ୍ଲାଟୁନ ଫୋର୍ସ ମୁତୟନ, ଦାୟିତ୍ୱରେ ୯୦ ଅଫିସର
- ■ ଗାନ୍ଧୀମାର୍ଗରେ ଏଥର ଲୁହାରେ ସ୍ଥାୟୀ ବ୍ୟାରିକେଡ୍

ଅଭୟ, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସତ୍ୟଜିତ୍ ମହାନ୍ତି ଓ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ବିଧାନସଭା ପରିସରରେ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସୁରକ୍ଷା ସଂକ୍ରାନ୍ତ ରିହର୍ସାଲ କରାଯାଇଥିଲା। ଅଧିବେଶନ ଆରମ୍ଭ ପୂର୍ବରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ଙ୍କୁ ପୂର୍ବାହ୍ନ ୧୦ଟା ୩୦ରେ ଗାର୍ଡ ଅଫ୍ ଅନର ଦିଆଯିବ। ତେଣୁ ଏହା ଉପରେ ପୂର୍ବାଭ୍ୟାସ ମଧ୍ୟ କରାଯାଇଥିଲା। ରିହର୍ସାଲ ସମୟରେ ପୋଲିସ କମିଶନର ଷଡ଼ଙ୍ଗୀ ଗାର୍ଡ ଅଫ୍ ଅନର ଅଭ୍ୟାସ କରୁଥିବା ପୋଲିସ କର୍ମଚାରୀଙ୍କ ତ୍ରୁଟି ଧରିବା ସହ ଠିକ୍ କରି ଦେଖାଇଥିଲେ। ସେହିଭଳି ବିଧାନସଭା ଭିତରେ ଓ ବାହାରେ ବୋମା ନିଷ୍କ୍ରିୟକାରୀ ଟିମ୍ ଏବଂ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଇଥିଲା।

ଡିଜିପି ଅଭୟ କହିଛନ୍ତି, କମିଶନରେଟ ପୋଲିସ ଏବଂ ଗୋଇନ୍ଦା ପୋଲିସ ପକ୍ଷରୁ ବିଧାନସଭା ଓ ଆଖପାଖ ଅଞ୍ଚଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩ କଣ୍ଟ୍ରୋଲରୁମ୍ ଓ ସମନ୍ୱିତ କଣ୍ଟ୍ରୋଲ ରୁମ୍ର ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ପ୍ରାୟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୯୦ ଅଫିସର ରହିବେ। ଏହାସହ ୨ ସ୍ପେଶାଲ ଟାକ୍ଟିକାଲ ୟୁନିଟ, ଷ୍ଟ୍ରାଇକିଂ ଫୋର୍ସ ଓ କ୍ୟୁଆର୍ଟି ମୁତୟନ ରହିବେ। ରୁଫ୍ ଟପ୍ ସିକ୍ୟୁରିଟି ସହ ବିଭିନ୍ନ ସ୍ଥାନରେ ସାଦା ପୋଷାକଧାରୀ ପୋଲିସ ପୂରା ସ୍ଥିତି ଉପରେ ନଜର ରଖିବେ। ପୋଲିସ କମିଶନର ଷଡ଼ଙ୍ଗୀ କହିଛନ୍ତି, ବିକ୍ଷୋଭକାରୀଙ୍କ ପାଇଁ



ଡିଜିପି ଅଭୟ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ବିଧାନସଭା ପରିସରରେ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଗାନ୍ଧୀ ମାର୍ଗରେ ବ୍ୟାପକ ପୋଲିସ ଫୋର୍ସ ରଖାଯାଇଛି। ଏହାସହ ସିସିଟିଭି ମଧ୍ୟ ଲଗାଯାଇଛି। ଏଥର କାଠ ବଦଳରେ ଲୁହାର ବ୍ୟାରିକେଡ କରାଯାଇଛି। ପ୍ରତିବର୍ଷ ଗଛ କଟାଯାଇ ବ୍ୟାରିକେଡ କରାଯାଉଥିଲା। ଫଳରେ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଥିଲା। ଅନ୍ୟପକ୍ଷରେ ବିଧାନସଭା ନିୟମିତ ହେଉଥିବାରୁ ସ୍ଥାୟୀଭାବେ ଲୁହାର ବାରିକେଡ୍ କରାଯାଇଛି। ଯାହାକି ସବୁଦୃଷ୍ଟିରୁ ଭଲ। ବିକ୍ଷୋଭକାରୀଙ୍କୁ ଅଟକାଇବା ସହ ଗଛକଟାଯିବାରୁ ମଧ୍ୟ ମୁକ୍ତି। ଏହା ଏକ ଭଲ ପ୍ରୟାସ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

QUESS CORP. LTD.
We are Hiring Sales Officers in Micro finance Department
Positions:- Field executive
Locations :- Sambalpur
Minimum educational Qualification:- 12th Pass/Graduate
Exp.:- 0-2 years and also fresher can apply.
Age:- 18 to 28 yrs
#Best Salary in industry + Incentives
Contact Details : Rakesh Baral - 9778790369

DAYANAND PLAY/PUBLIC SCHOOL
Residential & Day Boarding, Raseram Vihar, Padiabahal, Sambalpur, Mob- 7381058813, 8249212113
ADMISSION CONTINUE NURSERY ONWARDS
FEATURES
Recognized by Govt. of Odisha | Own bus facility
Affiliated to be CBSE | Day boarding & Hostel facility
Trained & Experienced Faculties | Hygienic & Nutritious food
Green & Safe Environment | Separate boys & girls hostel
CCTV Surveillance | Sports, Game, Yoga, Dance etc
PLEASE CONTCT AT OFFICE FOR 25% RTE FREE SEATS IN CLASS- I ADMISSION
VISIT OUR BRANCHES:- HLO Colony, Sbp, M-8763032586, Dhanupali, Sbp, M-8763032587, Putiapali, Sbp, M-9439006359, Parmanpur, Sbp, M-9439007359, Dherapada, Sonepur, M-8763032589, Patavadi Sonepur M-9438115772, Palaceline, Bolangir, M-8763032590, Gosala/ Burla, SBP, M-9438117191, Kirei, Sundargarh M-9348018080, Main Road, Jharsuguda M-9438115752

## ଜିଲା ଚିଠି



### ବୌଦ୍ଧ

### ଉପାୟ ନାହିଁ

କୃଷି ପ୍ରଧାନ ବୌଦ୍ଧ ଜିଲାରେ ଲୋକଙ୍କ ମୁଖ୍ୟ ଆୟ ପନ୍ଥା ହେଲା ଧାନଚାଷ। ଚାଷୀ ମୁଣ୍ଡଝାଳ ତୁଣ୍ଡରେ ମାରି ସୁନାର ଫସଲ ଅମଳ ପାଇଁ ବର୍ଷସାରା ଜମିରେ ଲାଗିଥାଏ। ଫସଲ ଅମଳ ପରେ ବର୍ଷସାରା ପରିବାର ପୋଷଣ ପାଇଁ ଧାନ ରଖି ବଳକା ଧାନ ବିକ୍ରି କରିଥାଏ। ମାତ୍ର ଅକ୍ଲାନ୍ତ ପରିଶ୍ରମ କରି ଚାଷୀ କ୍ଷେତରେ ଫଳାଇଥିବା ଫସଲକୁ ପ୍ରାକୃତିକ ବିପର୍ଯ୍ୟୟ ନଷ୍ଟ କରିଦେଉଛି। ଚଳିତ ବର୍ଷ ବୌଦ୍ଧ ଜିଲାରେ କୌଣସି ପ୍ରକାର ରୋଗ ପୋକ ହୋଇ ନ ଥିଲା। ବର୍ଷା ମଧ୍ୟ ଭଲ ହୋଇଥିଲା। ସବୁଜ କ୍ଷେତରେ ହସି ଉଠିଥିଲା ସୁନାର ଫସଲ। ଧାନ ଅମଳ କରି ତାକୁ ମଣ୍ଡିରେ ବିକ୍ରି ପାଇଁ ରଖିଥିଲା ଚାଷୀ। କିନ୍ତୁ ଗତ ଅଦିନିଆ ବର୍ଷା ଚାଷୀର ସ୍ୱପ୍ନକୁ ଭାଙ୍ଗିଦେଲା। ହଠାତ ବର୍ଷା ହେବାରୁ ହଜାର ହଜାର କୁଇଣ୍ଟାଲ ଧାନ ବର୍ଷା ପାଣିରେ ଭିଜିଗଲା। ଚାହୁଁ ଚାହୁଁ ଗଜା ହୋଇଗଲା ଧାନ। ଘରପୋଡ଼ିରୁ କୁଟାଖିଏ ଉଦ୍ଧାର ସଦୃଶ ବର୍ଷା ପରେ ସଂଗୃହୀତ ବେରଙ୍ଗୀ ଧାନକୁ ଏବେ କିଣିବ କିଏ ? ଏହି ଧାନକୁ ନେଇ ଚାଷୀ ବା କରିବ କ'ଣ ? ଚଳିତ ବର୍ଷ ସରକାରଙ୍କ ଟୋକନ ବ୍ୟବସ୍ଥା ଯୋଗୁ ଚାଷୀ ଧାନ ଠିକ୍ ଭାବେ ମଣ୍ଡିରେ ବିକ୍ରି କରି ପାରିନାହିଁ। ମଣ୍ଡିରେ ପଡ଼ିଥିବା ସବୁ ଧାନକୁ ଅଦିନିଆ ବର୍ଷା ନଷ୍ଟ କରିଦେଇଛି। ଏହାସହ ପନିପରିବା ଓ ଡାଲିଜାତୀୟ ଶସ୍ୟ ଯଥା ମୁଗ, ବିରି, କୋଳଥ ଓ ହରଡ଼ ଆଦି ଗଛଗୁଡ଼ିକରେ ଫୁଲ ଧରି ଅମଳ ହେବାକୁ ଯାଉଥିବା ବେଳେ ଏସବୁ ମଧ୍ୟ ନଷ୍ଟ ହୋଇଯାଇଛି। କ୍ଷତି ହୋଇଥିବା ଫସଲର ଆକଳନ କରି ଜିଲା ପ୍ରଶାସନ ଚାଷୀଙ୍କ କ୍ଷତିକୁ ଭରଣା କରିପାରିଲେ ସେମାନେ ନିଶ୍ଚୟ ଉପକୃତ ହେବେ। ଯଦି ଏଭଳି ନ ହୁଏ, ତେବେ ଚାଷୀ ନିଜର କର୍ମକୁ ଆଦରି ରହିବା ଛଡ଼ା ଆଉ କିଛି ଉପାୟ ନାହିଁ।

– ଅଜିତ କୁମାର ବାରିକ

# ଅନୁପଙ୍କ ଗିରଫ ଭାଜପାକୁ ସୁଯୋଗ

ଭୁବନେଶ୍ୱର,୧୩।୨(ବ୍ୟୁରୋ)– ବିଜେଡିର ବରିଷ୍ଠ ନେତା ଅନୁପ ସାଏଙ୍କୁ ହତ୍ୟା ଘଟଣାରେ ପୋଲିସ ଗିରଫ କରିବା ପରେ ଭାଜପାକୁ ଶାସକ ଦଳ ଉପରେ ବର୍ଷିବାକୁ ସୁବର୍ଣ୍ଣ ସୁଯୋଗ ମିଳିଯାଇଛି। ଅନୁପଙ୍କୁ ତୁରନ୍ତ ବିଜେଡି ଏବଂ ପଣ୍ୟାଗାର ନିଗମ ଅଧ୍ୟକ୍ଷ ପଦରୁ ବିଦା କରିବା ପାଇଁ ଭାଜପା ଦାବି କରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିସାରିଛନ୍ତି। ତେବେ ଏ ନେଇ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଖୋଦ୍ ଶାସକ ଦଳର ନେତାମାନେ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଅନୁପ କୁମାର ସାଏଙ୍କୁ ଛତିଶଗଡ଼ ପୋଲିସ ଏକ ହତ୍ୟା ଘଟଣାରେ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏପଟେ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବାକୁ କହୁଥିବାବେଳେ ଅନ୍ୟପଟେ ତାଙ୍କ ଦଳର ନେତାମାନେ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ଏହା କ'ଣ ବିଜେଡିର ସୁଶାସନ ବୋଲି ସମ୍ପାଦିକା ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ବିଜେଡି ନେତାମାନେ ରାଜ୍ୟରେ ଦବଙ୍ଗଗିରି ଚଳାଇଛନ୍ତି। ପୂର୍ବରୁ ଅନେକ ବିଜେଡି ନେତା ଏବଂ ବିଧାୟକ କାର୍ଯ୍ୟରତ ସରକାରୀ ଅଫିସରମାନଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଛନ୍ତି। ସେହିପରି ବିଭିନ୍ନ ବଳାତ୍କାର ମାମଲାରେ ଶାସକ ଦଳ ନେତାଙ୍କର ସମ୍ପୃକ୍ତି ଥିବା ପ୍ରମାଣ ମିଳିଛି। ରାଜ୍ୟରେ ବିଜେଡି ନେତା, ଅପରାଧୀ ଏବଂ ପୋଲିସଙ୍କ ମଧ୍ୟରେ ସନ୍ଧି ହୋଇଛି। ଓଡ଼ିଶା ପୋଲିସ ବିଜେଡି ନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରି ଅପରାଧୀଙ୍କୁ ସୁରକ୍ଷା ଦେଇଚାଲିଛି। ଅନ୍ୟପଟେ ଅପରାଧୀ ନେତାଙ୍କୁ ଶାସକ ବିଜେଡି ବିଭିନ୍ନ ବିଭାଗର ଅଧ୍ୟକ୍ଷ ପଦବୀ ଦେଇ ଆପରାଧିକ କାର୍ଯ୍ୟକଳାପକୁ ସମର୍ଥନ କରୁଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

CLASSIFIED DISPLAY

ବାସ୍ ଏବେ ଆଉ ଦୁଃଖ କାହିଁକି ?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠକରଣୀ ଏବଂ ବଶିକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449



K.G. SARAFF PUBLIC SCHOOL
KHARIAR ROAD, DIST.- NUAPADA
AFFI. NO. 1530181
ADVERTISEMENT
Applications are invited for the admission of the eligible candidates in class-I under the RTE (2009) the session 2020-21 till 15th July.
Contact the undersigned.
Contact No. 8018371030, 9178107078
Principal
K.G.S.P. School, Khariar Road

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି ?
8376889657 9971793786



# ମିଛ ମାନ୍ୟତା

ଜେନେରାଲାଇଜ୍‌ଡ ସିଷ୍ଟମ୍ ଅଫ୍ ପ୍ରିଫରେନ୍ସେସ୍ (ଜିଏସ୍‌ପି) ଯୋଜନାରୁ ବାଦ୍ ଦେବାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ପାଇଁ ଆମେରିକା ଭାରତକୁ ଏକ 'ବିକଶିତ ଅର୍ଥନୀତି'ର ଦେଶ ଭାବେ ବର୍ଗୀକୃତ କରିଛି। ଉକ୍ତ ଯୋଜନା ଅନୁସାରେ ବିକାଶଶୀଳ ଦେଶଗୁଡ଼ିକୁ ଆମେରିକା ଶୁଳ୍କମୁକ୍ତ ପ୍ରବେଶ (ଆକ୍ସେସ୍) ସୁବିଧା ପ୍ରଦାନ କରିଥାଏ। ଏମିତି ଉପରୁ ଦେଖିଲେ ବିକଶିତ ଦେଶର ମାନ୍ୟତା ପ୍ରତ୍ୟେକ ଭାରତୀୟଙ୍କୁ ଉଲ୍ଲସିତ କରିବା ସ୍ୱାଭାବିକ। ଯେମିତି ଗୋଟାଏ ବହୁବର୍ଷର ସ୍ୱପ୍ନ ସତ ହେଲା ! ତେବେ ଏପରି ମାନ୍ୟତା ବା ବିଶେଷଣଟିଏ ପାଇବା ପାଇଁ ଭାରତରେ କେହି କେବେ ଆଶା କରୁ ନ ଥିଲେ, ଅନ୍ତତଃ ଆଜିଠାରୁ ବିଗତ ଦୁଇ ଦଶନ୍ଧି ଭିତରେ। ପୁଣି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଓ ବିକଶିତ ଦେଶ ପକ୍ଷରୁ ଏପରି ମାନ୍ୟତା ମିଳିବା ଦ୍ୱାରା ତା'ର ମୂଲ୍ୟ ଆହୁରି ବଢ଼ିଯାଇଛି। ତେବେ ଏହି ମାନ୍ୟତା ଏପରି ସମୟରେ ମିଳିଛି, ଯେତେବେଳେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ରେକର୍ଡ ନିମ୍ନରେ ରହିଛି ଏବଂ ଦେଶ ମୁଖ୍ୟତଃ ନିଯୁକ୍ତିହୀନତା ସମେତ ଅସୁମାରି ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ପ୍ରତ୍ୟେକ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି। ମୁଦ୍ରାସ୍ଫୀତି ଛଅବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଶିଳ୍ପ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ତେଣୁ ଏପରି ସମୟରେ ମିଳିଥିବା ସ୍ୱୀକୃତି ସ୍ୱତଃ ଏକ ବିରୋଧାଭାସ ସୃଷ୍ଟି କରିଛି।

ବର୍ତ୍ତମାନ ପ୍ରକୃତ ସତ୍ୟତା କ'ଣ ଜାଣିବା ଦରକାର। ଭାରତ ଏକ 'ବିକଶିତ ଅର୍ଥବ୍ୟବସ୍ଥା' ବୋଲି ଆମେରିକାର ଘୋଷଣା ହେଉଛି ଭାରତକୁ ଜିଏସ୍‌ପି ସୁବିଧାରୁ ବଞ୍ଚିତ କରିବା ଏବଂ ଭାରତ ପରେ ଏଥିପାଇଁ ଦାବି କରିବାର ସମସ୍ତ ରାସ୍ତା ବନ୍ଦ କରିବାର ଏକ ଚାଲ। ଜିଏସ୍‌ପି ହେଉଛି ଆମେରିକାର ସର୍ବପୁରାତନ ଅଗ୍ରାଧିକାରମୂଳକ ବାଣିଜ୍ୟିକ ଯୋଜନା, ଯାହାଦ୍ୱାରା ଭାରତର ରପ୍ତାନିକାରୀମାନଙ୍କୁ ଆମେରିକା ବଜାରରେ ଶୁଳ୍କମୁକ୍ତ ପ୍ରବେଶ ଅଧିକାର ପ୍ରଦାନ କରାଯାଇଥିଲା। ୨୦୧୮ରେ ଆମେରିକା ଭାରତର ଏହି ସୁବିଧା ପାଇବାର ଯୋଗ୍ୟତା ବିଷୟରେ ସମୀକ୍ଷା କରିଥିଲା। ଏହି ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ଭାରତ କେତେକ ବାଣିଜ୍ୟିକ ବାଧା ସୃଷ୍ଟି କରୁଛି, ଯାହାଦ୍ୱାରା ଅନ୍ୟ ଦେଶଗୁଡ଼ିକ ଆମେରିକା ବଜାରରେ ପ୍ରବେଶ କରିବା କଷ୍ଟକର ହୋଇପଡୁଛି। ତେଣୁ ରାଷ୍ଟ୍ରପତି ଟ୍ରମ୍ପ ଏକ ଆଦେଶନାମାରେ ସ୍ୱାକ୍ଷର କଲେ, ଯାହାଦ୍ୱାରା ୫୦ଟି ଉତ୍ପାଦ ଉପରେ ଭାରତର ଶୁଳ୍କମୁକ୍ତ କାରବାର ବନ୍ଦ ହୋଇଗଲା।

ଭାରତ ହେଉଛି ସବୁଠାରୁ ବଡ଼ ଜିଏସ୍‌ପି ହିତାଧିକାରୀ ଦେଶ ଏବଂ ଶୁଳ୍କ ଛାଡ଼ ବାବଦକୁ ଭାରତ ୨୬୦ ନିୟୁତ ଡଲାରର ଲାଭ ପାଉଥିଲା, ଯାହା ଖୁବ୍ ଏକ ବଡ଼ ସଂଖ୍ୟା ନୁହେଁ। ତେବେ ଯେଉଁ ମାନକ ବ୍ୟବହାର କରି ୟୁଏସ୍‌ଟିଆର୍ ଭାରତକୁ ଏକ ବିକଶିତ ଅର୍ଥବ୍ୟବସ୍ଥା ବୋଲି ଅଭିହିତ କରିଛି, ତାହା ଆତ୍ମବିରୋଧାତ୍ମକ ଏବଂ ହାସ୍ୟକର।

## ଆଜିର ଅର୍ଥନୀତି

ୟୁଏସ୍‌ଟିଆର୍ ଗୋଟିଏ ଦେଶର ମୁଣ୍ଡପିଛା ମୋଟ ଜାତୀୟ ଆୟ (ଜିଏନ୍‌ଆଇ) ଏବଂ ବିଶ୍ୱ ବାଣିଜ୍ୟରେ ଏହାର ଅଂଶକୁ ଅର୍ଥନୈତିକ ବିକାଶର ମାପକାଠି ଭାବେ ନିର୍ଦ୍ଧାରଣ କରିଛି। ବିଶ୍ୱ ବାଣିଜ୍ୟରେ ୦.୫ ପ୍ରତିଶତ ଅଂଶର ମାନଦଣ୍ଡ ହିସାବରେ ଭାରତର ରପ୍ତାନିରେ ୨.୧ ପ୍ରତିଶତ ଓ ଆମଦାନିରେ ୨.୬ ପ୍ରତିଶତ ଅଂଶ ରହିଛି। ପୁଣି ଆମେରିକା ବିଶ୍ୱାସ କରୁଛି ଯେ, ଭାରତ ଆର୍ଜେଣ୍ଟିନା, ବ୍ରାଜିଲ, ଇଣ୍ଡୋନେସିଆ ଓ ଦକ୍ଷିଣ ଆଫ୍ରିକା ପରି ଦେଶ ସମେତ ଜି୨୦ର ଅଂଶ ହୋଇଥିବାରୁ ଏହାକୁ ବିକଶିତ ଦେଶ ଭାବେ ବର୍ଗୀକରଣ କରାଯାଇପାରିବ। ଏହିସବୁ ଦେଶ ହେଉଛନ୍ତି ବିକାଶଶୀଳ ଦେଶ। ଭାରତକୁ ବର୍ଗୀକରଣ କଲାବେଳେ ୟୁଏସ୍‌ଟିଆର୍ ମୁଣ୍ଡପିଛା ମୋଟ ଜାତୀୟ ଆୟ (ଜିଏନ୍‌ଆଇ)କୁ ମାନଦଣ୍ଡ ଭାବେ ଗ୍ରହଣ କରିଛି। ଆମର ଜିଏନ୍‌ଆଇ ବିଶ୍ୱବ୍ୟାଙ୍କର ମାନଦଣ୍ଡ ୧୨,୩୭୫ ଡଲାରଠାରୁ କମ୍। ଭାରତର ଜିଏସ୍‌ପି ସହାୟତା ଦରକାର ନାହିଁ ବୋଲି ଆମର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ କହୁଥିଲେ ମଧ୍ୟ ଆମେରିକାରେ ଶସ୍ତାରେ ଜିନିଷ ବିକୁଥିବା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ କଠିନତାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଭାରତୀୟ ରପ୍ତାନିକାରୀମାନେ ଦାବି କରିଛନ୍ତି। ତେଣୁ ଜିଏସ୍‌ପି ସୁବିଧା ହରାଇବା ମାନେ ବଜାର ଅଂଶ ମଧ୍ୟ ହରାଇବା। ଭାରତରୁ ରପ୍ତାନି କରାଯାଉଥିବା ଗହଣା, ଚମଡ଼ା, ଔଷଧ, ରାସାୟନିକ ଓ କୃଷି ଉତ୍ପାଦ ପ୍ରଭୃତିକୁ ଆମେରିକାରେ ଶସ୍ତାରେ ବିକ୍ରି ହେଉଥିବା ଅନ୍ୟ ଦେଶର ଉତ୍ପାଦଗୁଡ଼ିକ ସହ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡୁଛି। ଜିଏସ୍‌ପି ସୁବିଧା ଏକତରଫା ଏବଂ ଅଣପାରସ୍ପରିକ ବୋଲି ଭାରତର ଦାବି ପ୍ରତି ଆମେରିକା କର୍ଣ୍ଣପାତ କରିନାହିଁ କିମ୍ବା ନିଜ ନିଷ୍ପତ୍ତି ବଦଳାଇ ନାହିଁ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାରତ ଗସ୍ତର ଅବ୍ୟବହିତ ପୂର୍ବରୁ ଏପରି ଘୋଷଣା କୌତୂହଳଜନକ। କେତେକେ ଭାବୁଛନ୍ତି ଯେ ଏହା ମୋଦି ସରକାରଙ୍କର ଏକ ପ୍ରାୟୋଜିତ କାର୍ଯ୍ୟ। ଏହି ସରକାରଙ୍କ ପ୍ରତୀକାତ୍ମକତା ବା ଅବାସ୍ତବ ଚିନ୍ତାଧାରା ଓ ଦେଖାଣିଆ ସ୍ୱଭାବକୁ ଦେଖିଲେ ଉକ୍ତ ମତକୁ ଏକବାରେ ଭୁଲ୍ ବୋଲି କହିହେବ ନାହିଁ। ଭାରତର ଜିଡିପି ୩ ଟ୍ରିଲିୟନ ଡଲାରୁ କମ୍ ହେଉ ପଛେ ବିକଶିତ ଦେଶଗୁଡ଼ିକର ତାଲିକାରେ ସାମିଲ ହେବା ଯୋଗୁ ଦେଶ ଭିତରେ ଏହା ଭଲ ଅନୁଭବର ପ୍ରଭାବ (ଫିଲ୍ ଗୁଡ୍ ଇଫେକ୍ଟ)କୁ ପ୍ରଚୋଦିତ କରିପାରେ। ୨୦୨୨ ସୁଦ୍ଧା ୫ ଟ୍ରିଲିୟନ ଡଲାରର ଅର୍ଥନୀତି କରିବା ଲାଗି ମୋଦି ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ହାସଲ କରିବା ଅତ୍ୟନ୍ତ କଷ୍ଟକର ହୋଇଥିବା ବେଳେ ବିକଶିତ ଅର୍ଥନୀତିର ମାନ୍ୟତା ପାଇବା ଦ୍ୱାରା ସେହି ଗୌରବବୋଧରେ ତାହା ଢାଙ୍କି ହୋଇଯାଇପାରେ। କିନ୍ତୁ ବାସ୍ତବ ଆର୍ଥିକ ବିକାଶ ବିନା ଏପରି ମାନ୍ୟତା ଆତ୍ମପରାଜୟକୁ ପ୍ରମାଣିତ କରିପାରେ ଏବଂ ଏଥିରୁ ଦେଶକୁ କିଛି ବି ସୁଫଳ ମିଳିବ ନାହିଁ। ଏହାଦ୍ୱାରା ଆମ ରପ୍ତାନିକାରୀମାନେ ବାହାର ଦେଶରେ ଯେଉଁ ସୁବିଧା ପାଉଥିଲେ ସେଥିରୁ ବଞ୍ଚିତ ହେବେ। ଆମେ ଆଶା କରୁଛୁ ମୋଦି ଟ୍ରମ୍ପଙ୍କ ଆଗରେ ଏକଥା ଉଠାଇବେ ଏବଂ ଏପରି ଦେଖାଣିଆ ମାନ୍ୟତା ଫେରାଇ ନେବା ପାଇଁ ଅନୁରୋଧ କରିବେ।

### ଚିରନ୍ତନୀ

ସେ ନିଶ୍ଚେ ମୋହରି ତାରା ମୋ ପ୍ରାଣ-ଆଲୋକ
ମୋ ଗଗନେ ଉଇଁ ଉଠେ ନାଶି ଦୁଃଖ ଶୋକ,
ସେ ନିଶ୍ଚେ ମୋହରି ଜାତି,
ମୋର ଆକାଶର ସାଥୀ
ମୋହ ପାଇଁ ବୁଲାଏ ସେ ଚକ୍ଷୁ ତିନି ଲୋକ।
(ଚିତ୍ରୋତ୍ପଳା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 4 | | | | | | 0 | | | | | 8 | C |
| | | | D | B | 6 | | | 5 | | | 2 | | 9 | 1 |
| | | | A | 3 | | E | | 9 | | | | | | |
| B | | | | | | 6 | | | | A | 0 | E | | 5 |
| | | 8 | | C | | | | | | D | B | | | |
| | | | | | | 9 | C | A | | | | | | E |
| | | | | | 8 | 4 | | 6 | 1 | | 5 | | | |
| | D | 2 | | | 0 | | E | 8 | 4 | | | 6 | | |
| | | 7 | | 2 | | D | | | E | | 8 | | | |
| | | | | | | B | | | | | | 1 | D | 7 |
| | B | | | 6 | 9 | | | | | | 1 | | | |
| | | 5 | | | 7 | | 8 | | | 4 | | | | 6 |
| | | | | 8 | | 7 | A | | | | | 0 | 4 | 3 |
| 4 | | 3 | | E | | | | | 7 | B | | | | |
| | | A | | | 1 | 5 | | D | C | 0 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | B | 1 | 7 | 0 | 8 | 4 | 6 | D | E | 2 | C | 9 | 5 | A |
| D | 4 | C | 3 | 2 | 6 | 9 | 0 | E | 1 | 5 | A | 7 | 8 | B |
| E | 9 | 2 | 1 | C | D | 5 | 8 | A | B | 7 | 6 | 4 | 0 | 3 |
| A | 0 | 6 | E | 4 | 5 | B | 7 | 3 | 9 | D | 8 | C | 2 | 1 |
| 7 | 5 | 8 | B | A | 9 | 2 | C | 1 | 4 | 3 | 0 | E | D | 6 |
| B | E | 7 | 5 | 8 | 4 | 6 | 2 | 9 | D | 0 | 1 | 3 | A | C |
| 8 | C | 3 | 2 | D | 1 | A | E | 0 | 5 | 6 | 9 | B | 7 | 4 |
| 2 | 1 | 0 | C | 6 | E | 7 | 4 | B | A | 8 | 3 | 5 | 9 | D |
| 5 | 6 | 4 | A | 9 | 3 | 1 | D | C | 7 | B | 2 | 0 | E | 8 |
| 9 | D | A | 0 | 7 | B | 3 | 5 | 8 | C | E | 4 | 6 | 1 | 2 |
| 6 | A | B | D | E | 0 | C | 9 | 2 | 8 | 4 | 7 | 1 | 3 | 5 |
| 0 | 7 | E | 6 | B | A | 8 | 1 | 5 | 3 | C | D | 2 | 4 | 9 |
| 4 | 3 | D | 8 | 1 | C | E | B | 7 | 2 | 9 | 5 | A | 6 | 0 |
| C | 8 | 5 | 9 | 3 | 2 | 0 | A | 4 | 6 | 1 | E | D | B | 7 |
| 1 | 2 | 9 | 4 | 5 | 7 | D | 3 | 6 | 0 | A | B | 8 | C | E |

ଗତକାଲିର ଉତ୍ତର

# ପରିବେଶ ଅନୁକୂଳ ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ



ଧର୍ମେନ୍ଦ୍ର ପ୍ରଧାନ

ଆମ ସମସ୍ତଙ୍କୁ ଅଳ୍ପ-ବହୁତ ବିଶ୍ୱତାପନର ଗୁରୁତର ପରିଣାମ ଭୋଗିବାକୁ ପଡୁଛି। ଭୂପୃଷ୍ଠର ତାପମାତ୍ରା ଅତି ସାମାନ୍ୟ ପରିମାଣରେ, ମାତ୍ର ୦.୩ରୁ ୧.୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧିର ଗମ୍ଭୀର ପ୍ରଭାବ ମଧ୍ୟ ଆମ ଉପରେ ପଡୁଛି। ଉଦାହରଣ ସ୍ୱରୂପ ନିକଟରେ ଅଷ୍ଟ୍ରେଲିଆରେ ଯେଉଁ ଭୟାବହ ବନାଗ୍ନି ଦେଖାଦେଇଥିଲା ତାହା ଭୌଗୋଳିକ ଅଗ୍ନିଛାୟା ଓ ଅଙ୍ଗାରକ ନିର୍ଗମନ ସମସ୍ୟା ପ୍ରତି ସମଗ୍ର ବିଶ୍ୱର ଚିନ୍ତାକୁ ବଢ଼ାଇ ଦେଇଛି। ପ୍ରଭାବ ଭିନ୍ନ ହୋଇଥିଲେ ବି ଆମେ ସମସ୍ତେ ବିଶ୍ୱତାପନର ଗମ୍ଭୀର ସମସ୍ୟା ଭୋଗୁଥିବାରୁ ଏହାର ନିରାକରଣ ଦିଗରେ ଆମକୁ ମିଳିତ ପ୍ରୟାସ କରିବାକୁ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ନିଜର ଇନ୍ଧନ ଚାହିଦା ମେଣ୍ଟାଇବା ଲାଗି ଅକ୍ଷୟ ଶକ୍ତି ଉପରେ ଅଧିକ ନିର୍ଭରଶୀଳ ହେବା ଦିଗରେ ଅଗ୍ରସର ହେଉଛି ଏବଂ ଇନ୍ଧନ ମିଶ୍ରଣରେ ପୁନଃ ସନ୍ତୁଳନ ପ୍ରତିଷ୍ଠା ପାଇଁ ପ୍ରୟାସ କରୁଛି। ତେବେ ଆମ ବିକାଶଚକ୍ରର ଏଭଳି ଏକ କ୍ଷଣରେ ଭାରତ ଯେ ସମ୍ପୂର୍ଣ୍ଣ ଭାବେ ଜୀବାଶ୍ମ ଇନ୍ଧନ ଉପଯୋଗ ବନ୍ଦ କରିଦେବ, ତାହା ଆଶା କରିବା ମଧ୍ୟ ଉଚିତ ହେବ ନାହିଁ। ଭାରତ ବର୍ତ୍ତମାନ ମୁଣ୍ଡପିଛା ୧.୬ ଟନ ଅଙ୍ଗାରକାମ୍ଳ ନିର୍ଗମନ କରୁଛି। ଏହା ବିଶ୍ୱର ହାରାହାରି ୪.୪ ଟନଠାରୁ ଯଥେଷ୍ଟ ତଳେ ରହିଛି। ବିଶ୍ୱର ମୋଟ ଅଙ୍ଗାରକାମ୍ଳ ନିର୍ଗମନରେ ଭାରତର ଭାଗ ମାତ୍ର ୬.୪ ପ୍ରତିଶତ। ଏହା ସତ୍ତ୍ୱେ ଶକ୍ତି ଉତ୍ପାଦନକୁ ଯଥାସମ୍ଭବ ଅଙ୍ଗାରକମୁକ୍ତ କରିବା ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ଅକ୍ଷୟ ଶକ୍ତିର ଉପଯୋଗ ବୃଦ୍ଧି ଓ କମ୍ ପ୍ରଦୂଷଣଯୁକ୍ତ ଜୀବାଶ୍ମ ଇନ୍ଧନ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି।

ଏ ଦିଗରେ ଆମେ ନିରନ୍ତର ନୀତିଗତ ପଦକ୍ଷେପ ଗ୍ରହଣ କରୁଛୁ। ଭାରତକୁ ଏକ ବାଷ୍ପ-ନିର୍ଭରଶୀଳ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ଆମେ ନୀତିଗତ ସୁଧାର ଆଣିବା ସହ ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ନିର୍ମାଣ କରୁଛୁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଲାଗି ଆମେ ଭାରତର ପ୍ରାଥମିକ ଇନ୍ଧନ ମିଶ୍ରଣରେ ବାଷ୍ପର ଅଂଶକୁ ବର୍ତ୍ତମାନର ୬ ରୁ ୧୫ ପ୍ରତିଶତକୁ ବୃଦ୍ଧି କରିବୁ। ଏହି ଲକ୍ଷ୍ୟ ପ୍ରତି ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ବାଷ୍ପ ଆଧାରିତ ଅର୍ଥବ୍ୟବସ୍ଥା ଦିଗରେ ଅଗ୍ରସର ହେବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅର୍ଥମନ୍ତ୍ରୀ ତାଙ୍କର ସଦ୍ୟ ବଜେଟ ଅଭିଭାଷଣରେ ତଥ୍ୟ ସହ ଉଲ୍ଲେଖ କରିଥିଲେ।

ବିଶ୍ୱର ସାମଗ୍ରିକ ଇନ୍ଧନ ଉପଯୋଗରେ ପ୍ରାକୃତିକ ବାଷ୍ପର ଭାଗ ୨୪ ପ୍ରତିଶତ। ଏକମାତ୍ର ଭାରତୀୟ ରାଜ୍ୟ ଗୁଜରାଟରେ ବିଶ୍ୱ ହାରାହାରିଠାରୁ ଅଧିକ ବାଷ୍ପ ମିଶ୍ରଣ ରହିଛି, ଯାହା କି ପାଖାପାଖି ୨୫ ପ୍ରତିଶତ। ଆମର ବାଷ୍ପ ଉପଯୋଗ ଆକାଂକ୍ଷାକୁ ବାସ୍ତବ ରୂପ ଦେବା ଲାଗି ଗତ ୫ବର୍ଷ ମଧ୍ୟରେ ଆମେ ଘରୋଇ ବାଷ୍ପ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ୨୦୧୪ରେ ଆମେ ଏହାକୁ ବିଶ୍ୱ ବାଷ୍ପ ବଜାର ମାନଦଣ୍ଡ ସହିତ ଯୋଡ଼ିଥିଲୁ। ୨୦୧୬ ପରଠାରୁ ଅନ୍ୱେଷଣ ଏବଂ ଉତ୍ପାଦନ କାର୍ଯ୍ୟରେ ନିବେଶକୁ ଆକୃଷ୍ଟ କରିବା ଲାଗି ଆମେ ବିପଣନ ଓ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସ୍ୱାଧୀନତା ଦେଇଛୁ। ରାଜସ୍ୱ ସଂଗ୍ରହ ବୃଦ୍ଧି କରିବା ପରିବର୍ତ୍ତେ ଆମେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛୁ। ଏଥିପାଇଁ ନିବେଶକଙ୍କ ସ୍ୱାଧୀନତା ଅନୁଯାୟୀ ସେମାନଙ୍କୁ ବ୍ଲକ ଆବଣ୍ଟନ କରାଯାଇଛି। ନୂଆ ଟର୍ମିନାଲ ବିକଶିତ କରିବା ସହ ବର୍ତ୍ତମାନର କ୍ଷମତା ବୃଦ୍ଧି କରାଯାଇ ଏଲ୍‌ଏନ୍‌ଜି ଆମଦାନି ବୃଦ୍ଧି କରିଛୁ। ଏହାଛଡ଼ା ୨୬୫୦ କିମି ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରକଳ୍ପ ଏବଂ ୧୬୫୬ କିମି ଉତ୍ତର-ପୂର୍ବାଞ୍ଚଳ ଗ୍ୟାସ୍ ଗ୍ରୀଡ ପ୍ରକଳ୍ପ ବିକଶିତ କରାଯାଇ ଦେଶର ଉତ୍ତର ଏବଂ ଉତ୍ତର-ପୂର୍ବାଞ୍ଚଳକୁ ଗ୍ୟାସ୍ ଗ୍ରୀଡ ସହିତ ସଂଯୋଗ କରାଯାଇଛି। ଉପାନ୍ତ ଅଞ୍ଚଳକୁ ଗ୍ୟାସ୍ ଯୋଗାଣ ଉଦ୍ଦେଶ୍ୟରେ ଏସବୁ ପ୍ରକଳ୍ପ ପାଇଁ ୧୦,୭୧୯ କୋଟି ଟଙ୍କାର ପୁଞ୍ଜି ସହାୟତା ଯୋଗାଇ ଦିଆଯାଇଛି। ବଜେଟ ୨୦୨୦ର ଘୋଷଣା ଅନୁରୂପ ଆସନ୍ତା କିଛିବର୍ଷ ମଧ୍ୟରେ ପାଖାପାଖି ୨୭ ହଜାର କିମି ଜାତୀୟ ଗ୍ୟାସ୍ ଗ୍ରୀଡ ପାଇପ ଲାଇନ କଚ୍ଛରୁ କୋହିମା ଏବଂ କଶ୍ମୀରରୁ କନ୍ୟାକୁମାରୀକୁ ଯୋଡ଼ିବ।

ଆମେ ସହରାଞ୍ଚଳ ଗ୍ୟାସ୍ ବିତରଣ ନେଟ୍‌ୱର୍କ (ସିଜିଡି)କୁ ସମ୍ପ୍ରସାରଣ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଛୁ। ଏହା ଜନସଂଖ୍ୟାର ୭୦ ପ୍ରତିଶତ ଏବଂ ୪୦୦ରୁ ଊର୍ଦ୍ଧ୍ୱ ଜିଲାକୁ ସମ୍ପ୍ରସାରିତ ହେବ। ସିଜିଡିଗୁଡ଼ିକ ପରିବାର, ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ପିଏନ୍‌ଜି ଭଳି ସ୍ୱଚ୍ଛ ରୋଷେଇ ଇନ୍ଧନ ସହିତ ସିଏନ୍‌ଜି ଭଳି ପରିବହନ ଇନ୍ଧନ ଯୋଗାଇ ଦେଇଥାନ୍ତି। ଆଗାମୀ ଦଶନ୍ଧିରେ ଏହି କ୍ଷେତ୍ରରେ ୧୨୦,୦୦୦ କୋଟି ଟଙ୍କାର ନିବେଶ ହେବ ବୋଲି ଆଶା କରାଯାଉଛି।

ପ୍ରାକୃତିକ ବାଷ୍ପ ସହିତ ଏକ ନୂଆ ପଦକ୍ଷେପ 'ସୁଲଭ ପରିବହନ ଲାଗି ସ୍ଥାୟୀ ବିକଳ୍ପ' (ଏସ୍‌ଏଟିଏଟି) ହାତକୁ ନିଆଯାଇଛି। ଏହା ମାଧ୍ୟମରେ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ (ସିବିଜି) ଏବଂ ଜୈବ ଖତ ଆକାରରେ ଜୈବିକ ବର୍ଜ୍ୟବସ୍ତୁରୁ ଆର୍ଥିକ ଲାଭ ପାଇବା ପାଇଁ ପ୍ରୟାସ କରାଯାଉଛି। ସହରାଞ୍ଚଳର କଠିନ ବର୍ଜ୍ୟବସ୍ତୁ, ଚିନି ଶିଳ୍ପର ବର୍ଜ୍ୟବସ୍ତୁ ଏବଂ କୃଷିକ୍ଷେତ୍ରର ବର୍ଜ୍ୟରୁ ବ୍ୟାପକ ପରିମାଣରେ ଜୈବିକ ବର୍ଜ୍ୟବସ୍ତୁ ବାହାରିଥାଏ। ଅଗ୍ରୀମ ବାଣିଜ୍ୟିକ ରାଜିନାମା ଜରିଆରେ ଏହାର ଉପଯୋଗ ଲାଗି ଆମର ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗଗୁଡ଼ିକ ଆଗେଇ ଆସିଛନ୍ତି। ସେମାନେ ପ୍ରଥମ ଦଶବର୍ଷ ଲାଗି ସିବିଜି କ୍ରୟ କରିବା ନିମନ୍ତେ ଏକ ଧାର୍ଯ୍ୟ ମୂଲ୍ୟ ପ୍ରସ୍ତାବ ଦେଇଛନ୍ତି। ଦେଶରେ ପ୍ରଚୁର ପରିମାଣରେ ଜୈବିକ ବର୍ଜ୍ୟ ମହଜୁଦ ଥିବାରୁ ଆଗାମୀ ଦିନରେ ଯାନବାହନ ଚଳାଚଳ, ଶିଳ୍ପ ଏବଂ ବାଣିଜ୍ୟିକ ଉପଯୋଗ ଲାଗି ସିଏନ୍‌ଜିର ବିକଳ୍ପ ହେବାର ସମ୍ଭାବନା ସିବିଜି ନିକଟରେ ରହିଛି। ମୁଖ୍ୟତଃ ସ୍ୱାଧୀନ ଉଦ୍ୟୋଗୀଙ୍କ ଦ୍ୱାରା ସିବିଜି ପ୍ଲାଣ୍ଟ ପ୍ରତିଷ୍ଠା କରିବା ଲାଗି ଆମେ ପ୍ରସ୍ତାବ ରଖିଛୁ। ଏସବୁ ପ୍ଲାଣ୍ଟରେ ଉତ୍ପାଦିତ ସିବିଜି ସିଲିଣ୍ଡରରେ ଭର୍ତ୍ତି ହୋଇ ସବୁଜ ପରିବହନ ବିକଳ୍ପ ଇନ୍ଧନ ନିମନ୍ତେ ବିକ୍ରି ହେବା ଲାଗି ତୈଳ ବିପଣନ କମ୍ପାନୀଗୁଡ଼ିକର ଇନ୍ଧନ ଷ୍ଟେଶନ ନେଟ୍‌ୱର୍କ ନିକଟରେ ପହଞ୍ଚିବ।

ମଧ୍ୟମ ଏବଂ ଭାରିଯାନ ପାଇଁ ତରଳ ପ୍ରାକୃତିକ ବାଷ୍ପ (ଏଲ୍‌ଏନ୍‌ଜି) ମଧ୍ୟ ଶସ୍ତା ଓ ପରିବେଶ ଅନୁକୂଳ ଜୀବାଶ୍ମ ଇନ୍ଧନ ଆକାରରେ ଏକ ସମ୍ଭାବ୍ୟ ବିକଳ୍ପ ଭାବେ ଉଭା ହୋଇଛି। ଦେଶରେ ଏଲ୍‌ଏନ୍‌ଜି ଆଧାରିତ ପରିବହନ ପରିସଂସ୍ଥାନ ବିକଶିତ କରିବା ଉଦ୍ଦେଶ୍ୟରେ ସ୍ୱର୍ଣ୍ଣିମ ଚତୁର୍ଭୁଜ ନିକଟରେ ଏଲ୍‌ଏନ୍‌ଜି ଫିଲିଂ ଷ୍ଟେଶନ ନିର୍ମାଣ କରିବା ଉପରେ ଜୋର ଦିଆଯାଉଛି। ପରିବହନ କ୍ଷେତ୍ରରେ ଏଲ୍‌ଏନ୍‌ଜିର ଉପଯୋଗ ମଧ୍ୟ ଆମଦାନି ଖର୍ଚ୍ଚ ହ୍ରାସ କରିବ।

ବାଷ୍ପ ଭିତ୍ତିଭୂମି ବିକଶିତ କରିବା ଲାଗି ଏସବୁ ପଦକ୍ଷେପ ଫଳରେ ବାଷ୍ପ ମୂଲ୍ୟ ଶୃଙ୍ଖଳାରେ ୪ ଲକ୍ଷ କୋଟି ଟଙ୍କା ନିବେଶ ପାଇଁ ମାର୍ଗ ପ୍ରଶସ୍ତ ହେବା ସହ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଭାରତୀୟ ବଜାରରେ ଦକ୍ଷ ମୂଲ୍ୟ ଅନ୍ୱେଷଣ ଉଦ୍ଦେଶ୍ୟରେ ଏକ ଗ୍ୟାସ୍ ଟ୍ରେଡିଂ ଏକ୍ସଚେଞ୍ଜ ପ୍ରତିଷ୍ଠା କରାଯାଇ ଏକ ମୁକ୍ତ ବାଷ୍ପ ବଜାର ବ୍ୟବସ୍ଥା ହାସଲ ନିମନ୍ତେ ଯୋଜନା ରହିଛି। ଏହାଛଡ଼ା ପାଇପଲାଇନ ଦର ବ୍ୟବସ୍ଥାକୁ ଯୁକ୍ତିଯୁକ୍ତ କରିବା ଏବଂ ପ୍ରାକୃତିକ ବାଷ୍ପକୁ ଜିଏସ୍‌ଟି ଭଳି ଉଦାର ଟିକସ ବ୍ୟବସ୍ଥା ଅଧୀନକୁ ଆଣିବା ମଧ୍ୟ ବାଷ୍ପ ଆଧାରିତ ଅର୍ଥବ୍ୟବସ୍ଥା ଦିଗରେ ଏକ ବଡ଼ ପଦକ୍ଷେପ ହେବ।

ଚାହିଦା ପୂରଣ ଲାଗି ଆମେ ଆମ ବାଷ୍ପ ଉତ୍ସରେ ଭୌଗୋଳିକ ପରିବର୍ତ୍ତନ ଆଣିବା ପ୍ରକ୍ରିୟାରେ ରହିଛୁ। ଭାରତ କାତାର, ଆମେରିକା, ରୁଷ ଓ ଅଷ୍ଟ୍ରେଲିଆରୁ ଏଲ୍‌ଏନ୍‌ଜି ଆମଦାନି କରିଥାଏ। ତେବେ, ଶକ୍ତି କ୍ଷେତ୍ର ଏବଂ ଇସ୍ପାତ ଉଦ୍ୟୋଗ ଭଳି କେତେକ କ୍ଷେତ୍ର ଯେଉଁମାନେ ବାଷ୍ପର ବ୍ୟବହାର କରିଥାନ୍ତି କିମ୍ବା କରିପାରିବେ, ସେମାନେ ବର୍ତ୍ତମାନ ଏଲ୍‌ଏନ୍‌ଜିର ଅନାକର୍ଷକ ମୂଲ୍ୟ ଯୋଗୁ ଗ୍ୟାସ୍‌କୁ କଞ୍ଚାମାଲ ଭାବେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ତେଣୁ, ଗ୍ୟାସ୍ ଉତ୍ପାଦକ ରାଷ୍ଟ୍ରଗୁଡ଼ିକ ବର୍ତ୍ତମାନର ବଜାର ପରିସ୍ଥିତିକୁ ଦୃଷ୍ଟିରେ ରଖି ସେମାନଙ୍କର ଦୀର୍ଘସ୍ଥାୟୀ ଏଲ୍‌ଏନ୍‌ଜି ରାଜିନାମାକୁ ନୂଆ ରୂପ ଦେବାର ଆବଶ୍ୟକତା ରହିଛି। ଆମର ସବୁଠୁ ବଡ଼ ପୁଞ୍ଜି ହେଉଛି ଆମ ବଜାରର ଆକାର ଏବଂ ଏହାର ବର୍ଦ୍ଧିଷ୍ଣୁ ଶକ୍ତି ଚାହିଦା।

(ଲେଖକ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ମନ୍ତ୍ରୀ)

# ତସ୍ମୈ ଶ୍ରୀ ଶିଷ୍ୟବେ ନମଃ



ତୁଳସୀଦାସ ମିଶ୍ର

ପାଠ ନ ଜାଣିଲେ ବୋଲି ଛାତ୍ରଙ୍କୁ ମାଡ଼ ମାରି ପ୍ରଧାନ ଶିକ୍ଷକ ଜଣେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। 'କହି ଦେଉଥାଏ ପରକୁ, ବାଟ ନ ଦିଶଇ ନିଜକୁ' ଆପ୍ତ ବାକ୍ୟଟି ବୋଧହୁଏ ଏଇ ଗୁରୁଜୀଙ୍କ ପାଇଁ ତିଆରି ହୋଇଥିଲା। ଆପଣ ତ ନିଜେ ପାଠ ଭୁଲିଯାଇଛନ୍ତି, ଆପଣ ଅନ୍ୟମାନଙ୍କୁ ବାଟ କେମିତି ଦେଖେଇବେ ? ଆଜ୍ଞା, ଆପଣ ହେଲେ ସେ ସ୍କୁଲର କିରାଣି, ଶିକ୍ଷକ, ପ୍ରଧାନ ଶିକ୍ଷକ ଇତ୍ୟାଦି। ମାନେ ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି। ଏହା ଅର୍ଥ ହେଲା ଆପଣ ହିଁ ପିଲାଙ୍କୁ ସବୁ ବିଷୟ ପଢ଼ଉଥିବେ। ତା' ହେଲେ ଇତିହାସ ଜ୍ଞାନରୁ ଆପଣ ଜାଣିବା କଥା ଯେ, ବେଶ୍ କେଇଜଣ ଶିକ୍ଷକ ଗଲା କିଛିବର୍ଷରେ ପରିକ୍ଷିତ ଦଣ୍ଡଧାରୀ ହେଲେ ବୋଲି ଶିଷ୍ୟକୁମାରମାନଙ୍କ ଦ୍ୱାରା ଶାପଗ୍ରସ୍ତ ବି ହେଲେ। ଆପଣ ସାମାଜିକ ବିଜ୍ଞାନର ଅନୁଭୂତି ଆଧାରରେ ଦଣ୍ଡମୁକ୍ତ ଶୈକ୍ଷିକ ପରିବେଶକୁ ନେଇ ସଦା ସଚେତନ ରହିବା କଥା। ରସାୟନ ବିଜ୍ଞାନରୁ ରସସିକ୍ତ ବକ୍ତବ୍ୟ ବିଷୟରେ ଶିଖିବା କଥା। ପଦାର୍ଥ ବିଜ୍ଞାନୀ ପରି କାହାକୁ ଅପଦାର୍ଥ କହିବାରୁ ବିରତ ରହିବା କଥା। ଆଉ ସାହିତ୍ୟକୁ ନେଇ ଯଦି ପୂର୍ବପାଠର ପୁନଃ ଆଲୋଚନା କରିବା ଆପଣଙ୍କୁ ମାଲମାଲ ଜ୍ଞାନ ମିଳିବ। ଆପଣ ଜାଣିବା କଥା ଯେ, 'ଭାସି ଯା ମୋର କାଗଜ ଡଙ୍ଗା' କବିତାର 'ଯାଇଛି ସେ କାଳ, ଆସିଛିରେ ଏବେ ନୂଆ ବେଳ...' ଆଜିର ସମୟ ପାଇଁ ପୂର୍ଣ୍ଣରୂପେ ପ୍ରଯୁଜ୍ୟ। ଇଏ ଆଜ୍ଞା ସେକାଳ ପଖାଳ ଖିଆ ନୁହେଁ, ଏ କାଳର ପିଜା, ଚାଉମିନ, କୋଲା, କୁର୍‌କୁରରେ ଖିଆ ପିଢି। ''ଆମେ ତ ଭାଗ୍ୟବାନ୍ ପିଲାରେ, ଆଉ କେ ଆମପରି ଥିଲାରେ' ଗୀତ ବି ସେ ସମୟର ଭବିଷ୍ୟବାଦୀ କବି ଜଣକ ଏ ସମୟର ପିଲାମାନଙ୍କ ପାଇଁ ଲେଖିଥିଲେ। ଦିଲ୍ଲୀରୁ ପଲ୍ଲୀ ଯାଏ ସବୁଠି ପିଲାମାନେ କହୁଛନ୍ତି, ଉତ୍ତର ଖାତାରେ ତେତିଶ ଶତକଡା ମାର୍କ ଦୂରେଥାଉ, ମୂଳରୁ ପରୀକ୍ଷା ହିଁ କରନା। ଉପସ୍ଥାନକୁ ନେଇ ବି ଅଡି ବସନା। କାରଣ ଏହା ଦଣ୍ଡମୁକ୍ତ ଶିକ୍ଷାର ପରିପନ୍ଥୀ। ଛାତ୍ରୀଛାତ୍ରମାନେ ଚାହାନ୍ତି କେବଳ ଯଷ୍ଟି ନୁହେଁ, ଶିକ୍ଷକଙ୍କ ହାତରୁ ପରୀକ୍ଷା ଏବଂ ଉପସ୍ଥାନ ଖାତା ମଧ୍ୟ ଛଡ଼େଇ ନିଆଯାଉ। ଆଉ ପ୍ରଶାସନ ବି ସେମାନଙ୍କ ସାଙ୍ଗେ ଅନେକାଂଶରେ ଏକମତ। ବିନା ପରୀକ୍ଷାରେ ଯେଉଁମାନେ ଶ୍ରେଣୀ ଡେଇଁପାରିବେ ସେଇ ଛାତ୍ରୀଛାତ୍ରମାନେ ନିଜକୁ 'ଆମେ ତ ଭାଗ୍ୟବାନ୍ ପିଲାରେ...' କ'ଣ ପାଇଁ କହିବେନି ?

ଶିକ୍ଷକ ସମାଜ ବୁଝିନେବା କଥା ଯେ, ଗୁରୁ-ଶିଷ୍ୟ ସମ୍ପର୍କ ଆଉ ସହଜ ମାନସାଙ୍କ ହୋଇକି ରହିନି। ଏବେ ତ କିନ୍ତୁ ଆଜ୍ଞା, ପରିବେଶକୁ ପରିଚ୍ଛନ୍ନ ରଖିବାକୁ ଏବଂ ଛାତ୍ରୀଛାତ୍ରମାନଙ୍କୁ ଏକତା ମନ୍ତ୍ରରେ ଅଭିମନ୍ତ୍ରିତ କରିବାକୁ ଚାହିଁ ଗୁରୁଜୀ ଜଣେ ଯଦି କହିବେ- 'ନିଅ ପିଲେ, ଏ ଝାଡୁନେଇ ବିଦ୍ୟାଳୟ ପ୍ରାଙ୍ଗଣକୁ ସଫାକରି ଦିଅ' ତ କଥା ସଇଲା। ସ୍ମାର୍ଟ ଫୋନ୍ ଯୁଗର କେହି ଜଣେ ଅଧୁଆମୂଳା ସୌଖୀନ ସାମ୍ବାଦିକ ଏହାର ଫଟୋ ଉଠାଇ ଭାଇରାଲ କରିଦେବ। ଆଉ ସେଦିନ ଯଦି ଦୈବାତ୍ ଖବର ମରୁଡ଼ି ପଡ଼ିଥାଏ, ଗଣମାଧ୍ୟମବାଲା ବି ଏଇ ଅଙ୍ଗାରକୁ ଫୁଙ୍କି ଫୁଙ୍କି ରାଜ୍ୟକୁ ଧୂଆଁମୟ କରିଦେବେ, ଯା' ପଛରେ ଶିକ୍ଷକଙ୍କ ମହତ୍ ଉଦ୍ଦେଶ୍ୟ ମଳିନ ପଡ଼ିଯିବ। ଉପରମହଲରୁ ଜବାବ ତଲବ ବି ହୋଇପାରେ।

'ଏ ତ କଳିକାଳ ରୀତି ବିପରୀତ ଭାଇରେ...' ଅକ୍ଷୟ ମହାନ୍ତିଙ୍କର ଗୀତଟି ଆଜିର ସମୟ ପାଇଁ ବେଶ୍ ପ୍ରଯୁଜ୍ୟ। ଦେଖନ୍ତୁ ନା, ଏପଟେ ଛାତ୍ରଙ୍କ ବସ୍ତାନି ବୋଝ କମେଇବାକୁ ସମସ୍ତେ ଯତ୍ନବାନ। କିନ୍ତୁ ଶିକ୍ଷକମାନଙ୍କୁ ଶିକ୍ଷାଦାନ ଛାଡ଼ି ବାକି କାମ ଯଥା ମଧ୍ୟାହ୍ନଭୋଜନ, ନିର୍ବାଚନ, ଜନଗଣନା ଇତ୍ୟାଦିରେ ନିୟୋଜିତ କରି ଭ୍ରମିତ କରାଯାଉଛି। ଅଥଚ ତାକୁ ନେଇ କେହି ଚିନ୍ତିତ ନୁହନ୍ତି। ଏପଟେ ବେତନରେ ପାତରଅନ୍ତର କରି ଶିକ୍ଷକମାନଙ୍କୁ ହୀନସ୍ତା କରାହେଉଛି, ସେପଟେ ଟ୍ୟୁଶନ କରିବାକୁ ମନା କରାହେଉଛି। ଏପଟେ ଛାତ୍ରୀଛାତ୍ରଙ୍କୁ ଦଣ୍ଡଦେବା, ତାଗିଦ କରିବାକୁ ବାରଣ କରାହେଉଛି, ସେପଟେ କିନ୍ତୁ ଉପରିସ୍ଥଙ୍କ ପରିଦର୍ଶନ ସମୟରେ ପିଲେ ଯଦି ଠିକ୍ ଉତ୍ତର ନ ଦେଲେ, ନିମ୍ନମାନର ଶିକ୍ଷା ପାଇଁ ଶିକ୍ଷକଙ୍କୁ ଦାୟୀ କରାହେଉଛି।

ବେଳେବେଳେ ଲାଗେ, ସତେଯେମିତି ଆଜିର ଯୁଗରେ ସବୁ ଶିକ୍ଷକ ଜଣେ ଜଣେ ଅଭିମନ୍ୟୁ। ସପ୍ତରଥୀ ପରି ସାଂସଦ, ବିଧାୟକ, ପ୍ରଶାସକ, ଶିକ୍ଷା ଅଧିକାରୀ, ଅଭିଭାବକ, ଛାତ୍ର ଏବଂ ଗଣମାଧ୍ୟମବାଲା ସେମାନଙ୍କୁ ଘେରି ଲହୁଲୁହାଣ କରିଚାଲିଛନ୍ତି। କିନ୍ତୁ ଆଉ ଏକ ଅପ୍ରିୟ ସତ ହେଲା, ନ୍ୟାଯ୍ୟ ଦାବି ହେଲେବି, ତୁହାକୁତୁହା ଆନ୍ଦୋଳନ କରି ଦୀର୍ଘକାଳ ଯାଏ ବିଦ୍ୟାଳୟରୁ ଦୂରେଇ ଏବଂ ବିଦ୍ୟାଦାନରୁ ବିରତ ରହି, ଆଜିର ଦିନରେ ଶିକ୍ଷକମାନେ ମଧ୍ୟ ବିବାଦୀୟ ହୋଇ ପଡ଼ିଛନ୍ତି। ପୁନଶ୍ଚ ସମୟ ଅନ୍ତରାଳରେ କେଇଜଣ ଶିକ୍ଷକଙ୍କର ଅର୍ଥନୈତିକ କାର୍ଯ୍ୟକଳାପ ସାରା ଗୁରୁକୁଳକୁ ନିନ୍ଦିତ କରିଛି। ତେବେ ଯେତେବେଳେ ଚାରିତ୍ରିକ ଦୋଷତ୍ରୁଟି ପାଇଁ ନ୍ୟାୟାଧୀଶ, ରାଜନେତା, ପୋଲିସ, ସେନା, ସାମ୍ବାଦିକଙ୍କ ସମେତ ଅନ୍ୟ ବିଭାଗର ବ୍ୟକ୍ତିମାନେ ବି କାଠଗଡ଼ାରେ, ଆମେ କେବଳ ଶିକ୍ଷକମାନଙ୍କୁ କ'ଣ ପାଇଁ କୋଣଠେସା କରିବା ?

ଶିକ୍ଷକମାନେ ଯୁଗର ଆହ୍ୱାନକୁ ଗୁରୁତ୍ୱ ଦିଅନ୍ତୁ। 'ସା ବିଦ୍ୟା ଯା ବିମୁକ୍ତୟେ'ର ଆଧୁନିକ ବ୍ୟାଖ୍ୟା କରି ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ଏବଂ ଉପସ୍ଥାନର ଜଞ୍ଜାଳରୁ ମୁକ୍ତ କରନ୍ତୁ। ରଙ୍ଗନେତ୍ର ଏବଂ ବେତ୍ର ଦୃଷ୍ଟିରେ ଛାତ୍ରମାନଙ୍କୁ ଛିନ୍ନଛତ୍ର ନ କରନ୍ତୁ। ବରଂ ସେମାନଙ୍କୁ ମଞ୍ଜୁବାଣୀରେ ମୋହିତ କରନ୍ତୁ। 'ଅମୃତ ବିନୟ ବଚନ, କହି ତୋଷିବ ପ୍ରାଣୀ ମନ'- ଭାଗବତର ଏ ବାଣୀର ସଦୁପଯୋଗ କରି ରୁଷ୍ଟ ଅଭିଭାବକମାନଙ୍କୁ ତୁଷ୍ଟ ଏବଂ ହୃଷ୍ଟ କରନ୍ତୁ। ପରିବର୍ତ୍ତନର ଉତ୍ତୁଙ୍ଗ ଲହଡି ସାମ୍ନାରେ ନମିତ ହୋଇ ଜ୍ଞାନର ପରିଚୟ ଦିଅନ୍ତୁ। କାହିଁକି ନା 'ନମନ୍ତି ଫଳିନୋ ବୃକ୍ଷାଃ ନମନ୍ତି ଗୁଣିନୋ ଜନାଃ।'

ଭୁବନେଶ୍ୱର, ମୋ- ୯୬୫୮୧୧୦୪୭

### ଏଇ ଭାରତରେ

ନିଜେ ଉଚ୍ଚତର ଶିକ୍ଷା ହାସଲ କରିନାହାନ୍ତି, କିନ୍ତୁ ଗାଁର ପିଲାମାନେ କିପରି ତାହା ଲାଭ କରିବେ ସେଥିପାଇଁ ଜଣେ କୃଷକଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ଏହିପରି ଜଣେ କୃଷକ ହେଉଛନ୍ତି ମଧ୍ୟପ୍ରଦେଶ ବିଦିଶା ଜିଲାର କମଳ ସିଂ ଧାକଡ଼। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ଆଉ ଅଧିକ ପଢିପାରି ନ ଥିଲେ। କିନ୍ତୁ ତାଙ୍କ ଗାଁ ଓ ଆଖପାଖ ଅଞ୍ଚଳର ପିଲାମାନଙ୍କୁ ଉଚ୍ଚତର ଶିକ୍ଷା ଉପଲବ୍ଧ କରାଇବା ପାଇଁ ନଟେରନ ତହସିଲ ଅନ୍ତର୍ଗତ ସେଉକେ ଗାଁର କୃଷକ କମଳ ସ୍କୁଲ ଓ କଲେଜ ପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭ ବିଘା ଜମି ଦାନ କରିଛନ୍ତି। ଏବେ ଏହି ଜମିରେ ମଡେଲ ସ୍କୁଲ ଓ ସରକାରୀ କଲେଜ ଚାଲୁଛି। ୫୧ ବର୍ଷୀୟ କମଳ ୨୦୧୦ରେ ସେଉକେ ପଞ୍ଚାୟତର ସରପଞ୍ଚ ଥିଲେ। ସେହି ସମୟରେ କେନ୍ଦ୍ରୀୟ ଯୋଜନାରେ ନଟେରନରେ ମଣ୍ଡଳ ସ୍କୁଲ୍ ପ୍ରତିଷ୍ଠା କରାଯିବା ଲାଗି ମଞ୍ଜୁରି ମିଳିଥିଲା। କିନ୍ତୁ ସେଠାରେ ସରକାରୀ ଜମି ଉପଲବ୍ଧ ନ ହେବାରୁ କମଳ ତାଙ୍କ ଗାଁରେ ଏହାକୁ ପ୍ରତିଷ୍ଠା କରିବା ଲାଗି ୨୦୧୩ରେ ସ୍କୁଲ ପାଇଁ ପ୍ରଥମେ ୫ ବିଘା ଜମି ଦାନ କରିଥିଲେ। ଦୁଇ ବର୍ଷ ମଧ୍ୟରେ ସେଠାରେ ସ୍କୁଲ ନିର୍ମାଣ ହୋଇଥିଲା। ଏବେ ସେଠାରେ ୪୦୦ ପିଲା ପଢୁଛନ୍ତି। ପୁଣି ସେଉକେରେ କଲେଜ ପ୍ରତିଷ୍ଠା ଲାଗି କମଳ ୧୨ ବିଘା ଜମି ଦାନ କରିଛନ୍ତି। ଏହାବାଦ୍ ସେ ମାର୍କେଟିଂ ସୋସାଇଟି ପାଇଁ ୧ ବିଘା ଓ କୋର୍ଟ ଭବନ ଲାଗି ୫ ବିଘା ଜମି ଦାନ କରିଛନ୍ତି। କମଳଙ୍କ ଆଉ ଚାରି ଭାଇ ଅଛନ୍ତି। ସେମାନଙ୍କ ପାଖରେ ଏବେ ୩୦୦ ବିଘା ଜମି ରହିଛି। କିନ୍ତୁ ଶିକ୍ଷାର ବିକାଶ ପାଇଁ ସେମାନେ ଜମି ଦେବାକୁ କୁଣ୍ଠିତ ହୋଇନାହାନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୧୪ ଫେବୃୟାରୀ ୧୯୯୫

- ଚେଚନିଆ ସୈନ୍ୟମାନେ ରୁଷିଆର ଏକ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ଅଞ୍ଚଳ ଉପରକୁ ବୋମାମାଡ କରିବା ଫଳରେ ୨୫୦ ରୁଷ ସୈନ୍ୟ ନିହତ ହୋଇଛନ୍ତି।
- ଦୁଇଦେଶ ମଧ୍ୟରେ ବିମାନ ଉଡାଣ ସେବାକୁ ସମ୍ପ୍ରସାରଣ କରିବା ନେଇ ଜାପାନ ଓ ଚାଇନା ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଇଂଲିଶ ସପକ୍ଷରେ

ମହାଶୟ,

ଆଜିର ଓଡିଆ ମାଧ୍ୟମ ସ୍କୁଲଗୁଡିକୁ ଦେଖିଲେ, ମାତୃଭାଷାକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଇଂଲିଶ ଭାଷାକୁ ଯେ ଅବହେଳା କରାଯିବା ଉଚିତ ନୁହେଁ, ତାହା ପ୍ରମାଣିତ ହୋଇଯାଉଛି। ଆଜିର ଅଭିଭାବକମାନେ ଓଡିଆ ବିଦ୍ୟାଳୟଗୁଡିକୁ ପସନ୍ଦ କରୁନାହାନ୍ତି। ପିଲା ଅଭାବରୁ ଅନେକ ବିଦ୍ୟାଳୟ ବନ୍ଦ ହେବାକୁ ବସିଲାଣି। ଓଡିଆ ଭାଷାରେ ରେଫରେନ୍ସ ପୁସ୍ତକ ଓ ପତ୍ରପତ୍ରିକାର ଅଭାବ ଯୋଗୁ ଆମ ପିଲାମାନଙ୍କର ବିଚାରଧାରା ପ୍ରଶସ୍ତ ହୋଇପାରୁନାହିଁ। ଫଳସ୍ୱରୂପ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପରୀକ୍ଷାରେ ଆମ ପିଲାମାନେ ଭଲ କରୁନାହାନ୍ତି। ଆଜିର ବିଶ୍ୱରେ ଦେଶ ଦେଶ ମଧ୍ୟରେ ବ୍ୟବସାୟିକ, ବୃତ୍ତିଗତ, ବୈଷୟିକ ତଥା ରାଜନୈତିକ ସମ୍ପର୍କ ବୃଦ୍ଧି ଘଟୁଛି। ବିଶ୍ୱସ୍ତରରେ ପ୍ରଭାବ ବିସ୍ତାର କରିବା ପାଇଁ ଚାଇନା ଓ ଜାପାନ ପରି ଆଗରୁ ଇଂଲିଶ ଚାଲୁ ନ ଥିବା ଦେଶରେ ଆଜି ଇଂଲିଶ ଶିକ୍ଷା ଆରମ୍ଭ କରାଗଲାଣି। ପ୍ରାଥମିକ ସ୍ତରର ଶିକ୍ଷକମାନେ ମାଟ୍ରିକ ପାସ୍ କରିଥିବାରୁ ସାମାନ୍ୟ ପ୍ରଶିକ୍ଷଣ ପରେ ସେମାନେ ଇଂଲିଶ କହିପାରିବେ ଓ ଶିକ୍ଷାଦାନ ମଧ୍ୟ କରିପାରିବେ। ପ୍ରଥମେ ପ୍ରଥମେ ଅସୁବିଧା ହେଲେ ମଧ୍ୟ ସମୟକ୍ରମେ ସବୁ ଠିକ ହୋଇଯିବ ଏଥିରେ ସନ୍ଦେହ ନାହିଁ। ମଣିଷର କ୍ଷମତା ଅସୀମ। ବାଧ କରା ନ ଗଲେ ତା'ର କ୍ଷମତାର ପୂର୍ଣ୍ଣ ବିକାଶ କେବେ ହୋଇନାହିଁ। ଭାରତୀୟ ଭାଷାଗୁଡିକ ତୁଳନାରେ ଇଂଲିଶ ଏକ ଖୁବ୍ ସହଜ ଓ ବୋଧଗମ୍ୟ ଭାଷା। ତେଣୁ ଇଂଲିଶ ପ୍ରତି ଭୟ ସର୍ବାଦୌ ବର୍ଜନୀୟ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

### କୀଟନାଶକରୁ କର୍କଟ ରୋଗ

ଚାଷୀ ଅଧିକ ଅମଳ ଆଶାରେ ଫସଲରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରିଥାଏ। ବାରମ୍ବାର ସାର ଓ କୀଟନାଶକ ପ୍ରୟୋଗ ଫଳରେ ଜମିର ମାଟି ଟାଣ, ରୁଗ୍‌ଣ ଓ ବିଷାକ୍ତ ହୋଇପଡେ ଏବଂ ଏହି ଧାନ ଓ ପନିପରିବା ଖାଇବା ଦ୍ୱାରା ମନୁଷ୍ୟ କର୍କଟ ବ୍ୟାଧିର ଶିକାର ହୋଇଥାଏ। ଡିଡିଟି ଶ୍ରେଣୀୟ କୀଟନାଶକ ପ୍ରଭାବରେ ଥାଇରଏଡ, କ୍ୟାନସର, ଫୁସଫୁସ କ୍ୟାନସର, ରକ୍ତ କର୍କଟ, ସ୍ତନ କର୍କଟ, ପ୍ରୋଷ୍ଟେଟ କର୍କଟ ଆଦି ସୃଷ୍ଟି ହୁଏ। ସେହିପରି ସେଭିନ ନାମକ କୀଟନାଶକ କାର୍ବାରିଲ ଓ କାଭିଷ୍ଟିନ ନାମରେ ବ୍ୟବହାର କରାଯାଏ। ଏହା ପ୍ରଭାବରେ କିଡ୍‌ନୀ ଓ ଲିଭର କ୍ୟାନସର ସୃଷ୍ଟି ହୋଇଥାଏ। ସୁତରାଂ ଚାଷୀମାନେ ଜୈବିକ କୃଷିକୁ ପ୍ରାଥମିକତା ଦେବା ସହ ଅତି ପ୍ରୟୋଜନ ସ୍ଥଳେ ଜମିର ଅବସ୍ଥା ଅନୁଯାୟୀ ଅନୁମୋଦିତ ମାତ୍ରାରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରିବା ଉଚିତ। କୃଷି ବିଶେଷଜ୍ଞମାନେ ଚାଷୀଙ୍କୁ ଏ ଦିଗରେ ମାର୍ଗଦର୍ଶନ କରାଇବା ଦରକାର।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ତପନ


ସୁମିତ୍


ଟୁନା


ସୁବ୍ରତ


ସିନ୍ଧୁ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ନାଲିଆଖି ଦେଖାଇ ଉଠାଇଦେଲା ପୋଲିସ

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଧୀନ ତଲାବିରା କୋଇଲା ଖଣି-୧ ଓ ୨କୁ ନେଇ ବିବାଦ ଲାଗି ରହିଛି। ଜମି ହରାଇଥିବା ଲୋକେ ନିଜ ହକ୍ ହାସଲ ଓ ଦାବି ପୂରଣ ଲାଗି ଅଡି ବସିଛନ୍ତି। ହେଲେ ଜିଲା ପ୍ରଶାସନ ଓ ପୋଲିସକୁ ହାତ କରି ଖଣି କାମ ନେଇଥିବା ଏନ୍ଏଲ୍‌ସି କମ୍ପାନୀ ଲୋକଙ୍କ ଉପରେ ଦାଉ ସାଧୁଛି। ତେବେ ଖଣିରେ ସ୍ଥାୟୀ ନିଯୁକ୍ତି ଦାବି କରି ଗତ ସୋମବାରଠାରୁ ସ୍ଥାନୀୟ ବୁଢ଼ିଆପାଲି ଗାଁ ଲୋକେ ଖଣି

**ତଲାବିରା କୋଇଲା ଖଣି ବିବାଦ**
- ନିଯୁକ୍ତି ଦାବିରେ ଲୋକେ ଆନ୍ଦୋଳନରେ ବସିଥିଲେ
- ୪ ଦିନ ହେଲା କାମ ବନ୍ଦ ରହିଛି
- ୧୫ ଗିରଫ, ୧୮ ଅଟକ
- ମହିଳାଙ୍କୁ ଧସ୍ତାଧସ୍ତି, ମହାପୁରୁଷଙ୍କୁ ଅସମ୍ମାନ

କାମ ବନ୍ଦ କରିଦେଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ୩ ଦିନ ଧରି ଜିଲା ପ୍ରଶାସନକୁ ହାତ କରି କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କୁ ବୁଝାଇବାକୁ ଯାଇ ଆଲୋଚନା କରିଥିଲା। ହେଲେ ଲୋକେ ଶୁଣି ନ ଥିଲେ। ଗୁରୁବାର କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ନିଜ ଚକ୍ରାନ୍ତରେ ସଫଳ ହୋଇଛନ୍ତି। ଆନ୍ଦୋଳନକୁ ଭଣ୍ଡୁର କରଛନ୍ତି। ପ୍ରଶାସନ ମଧ ନିଜର ଅସଲ ଚେହେରା ଦେଖାଇଛି। ପୋଲିସ ଲଗାଇ ଆନ୍ଦୋଳନକାରୀଙ୍କୁ ଶେଷରେ କମ୍ପାନୀ ଉଠାଇ ଦେଇଛି।


ଆନ୍ଦୋଳନରେ ବସିଥିବା ଗ୍ରାମବାସୀଙ୍କୁ ଉଠିଯିବା ପାଇଁ ପୋଲିସ କହୁଛି।

ବ୍ୟାପକ ମାତ୍ରାରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବଳପୂର୍ବକ ଘଉଡାଇ ଦେଇଛନ୍ତି। ଆନ୍ଦୋଳନସ୍ଥଳରେ ଲାଗିଥିବା ଟେଣ୍ଟ, ସାଉଣ୍ଡକୁ ପୋଲିସ ଫୋପାଡି ଦେଇଛି। ଏଭଳିକି ମହାତ୍ମା ଗାନ୍ଧୀ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିଛବିକୁ ମଧ ଅସମ୍ମାନ କରି ଫିଙ୍ଗି ଦେଇଛି। ମହିଳାମାନଙ୍କୁ ଘୋଷାଡି ଘୋଷାଡି ନେଇ ଭ୍ୟାନରେ ବସାଇଥିଲା। ପୁରୁଷମାନଙ୍କୁ ଲାଠିଚାର୍ଜ କରି ବଳପୂର୍ବକ ଘଉଡାଇ ଦେଇଥିଲା। ୩୩ ଜଣ ଯୁବକଙ୍କୁ ଉଠାଇ ନେଇଛି। ଠେଲକଲୋଇ ଥାନାରେ ଏକ ମାମଲା ରୁଜୁ କରି ସାଂଘାତିକ ଦଫା ଲଗାଇ ୧୫ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନେ ଜେଲ ଯାଇଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ବଢ଼ିଯାଇଛି। ଏହି ଘଟଣାକୁ ନେଇ ଶତାଧିକ ମହିଳା ଓ ପୁରୁଷ ଗୁରୁବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟିବାକୁ ଆସିଥିଲେ। ହେଲେ ସେମାନେ ଜିଲାପାଳଙ୍କ ସହ ଆଲୋଚନା ହୋଇପାରି ନ ଥିଲେ। ଅନ୍ୟପଟେ ରାତି ୯ଟା ପର୍ଯ୍ୟନ୍ତ ଶାସନ ଥାନାରେ ୧୮ଜଣ ଯୁବକଙ୍କୁ ଅଟକ ରଖାଯାଇ ଧମକ ଚମକ ଦିଆଯିବା ସହ ପୋଲିସ ମାଡପିଟ କରିଛି ବୋଲି ଅଭିଯୋଗ ହୋଇଛି।

# ବୁର୍ଲା ଭିସୁଟ୍‌ରେ ର୍‍ୟାଗିଂ, କୁଳପତିଙ୍କ ଅସ୍ୱୀକାର

■ ଭିଡିଓ ଭାଇରାଲ କରି ଅଭିଯୋଗ ଆଣିଲେ ସିଭିଲ ଇଞ୍ଜିନିୟରିଂ ପ୍ରଥମ ବର୍ଷ ଛାତ୍ର

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ପୁଣି ର୍‍ୟାଗିଂ ଅଭିଯୋଗ ହୋଇଛି। ସିଭିଲ୍ ଇଞ୍ଜିନିୟରିଂ ପ୍ରଥମ ବର୍ଷ ଛାତ୍ର ରଶ୍ମିରଞ୍ଜନ ଛାଟେଇଙ୍କୁ କେତେକ ସିନିୟର ଛାତ୍ର ର୍‍ୟାଗିଂ କରିଛନ୍ତି । ପୋଲିସ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅଭିଯୋଗ କରାଯାଇ ନାହିଁ। ହେଲେ ନିଜେ ରଶ୍ମିରଞ୍ଜନ ଏ ନେଇ ଏକ ଭିଡିଓ ଭାଇରାଲ କରି ନ୍ୟାୟ ମାଗିଛନ୍ତି।

କୁଳପତି ଅଟଳ ଚୌଧୁରୀ କିନ୍ତୁ ଏଭଳି ଘଟଣାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କଲେଜରେ ହଷ୍ଟେଲ ଓ ବାହାର ପିଲାଙ୍କ ମଧ୍ୟରେ କିଛି ଦିନ ହେଲା ବିବାଦ ଲାଗି ରହିଛି। କେବଳ ରଶ୍ମିରଞ୍ଜନ ନୁହେଁ ପ୍ରଥମ ବର୍ଷର ଆଉ ଅନେକ ଛାତ୍ର ମଧ ବିବାଦରେ ସମ୍ପୃକ୍ତ। ତେଣୁ ଛାତ୍ରମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଶିକ୍ଷାବର୍ଷ ଆରମ୍ଭରୁ ର୍‍ୟାଗିଂ ହୋଇଥାଏ। ୮ ମାସ ପରେ ନୁହେଁ। ଏଣୁ ଏହା ର୍‍ୟାଗିଂ ନୁହେଁ ବରଂ ଗୋଷ୍ଠୀ ବିବାଦ ବୋଲି କୁଳପତି କହିଛନ୍ତି।

ହେଲେ ଛାତ୍ର ରଶ୍ମିରଞ୍ଜନ ଭିଡିଓରେ ଅଭିଯୋଗ କରିଛନ୍ତି ଯେ, ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ସେ କିର୍‌ବା ପଟରୁ କଲେଜକୁ ଆସୁଥିଲେ। ସେହି ସମୟରେ ଜଣେ ସିନିୟର ଛାତ୍ର ତାଙ୍କୁ ପାଖକୁ ଡାକିଥିଲେ। ସେ କାହିଁକି ଫର୍‌ମାଲ୍ ଡ୍ରେସ୍ ପିନ୍ଧି ନାହାନ୍ତି ବୋଲି ପଚାରିଥିଲେ। ରଶ୍ମିରଞ୍ଜନ କିଛି ନ କହିବାରୁ ତାଙ୍କୁ ସମ୍ପୃକ୍ତ ସିନିୟର ଛାତ୍ର ଆଉ କେତେ ଜଣ ସାଙ୍ଗଙ୍କ ସହ ମିଶି ହଷ୍ଟେଲକୁ ନେଇ ଯାଇ ମାର୍‌ପିଟ କରିଥିଲେ। ହଷ୍ଟେଲ ୱାର୍ଡେନ ପହଞ୍ଚି ଉଦ୍ଧାର କରିଥିଲେ। ହେଲେ ଗେଟ୍ ପାଖରେ ସେମାନେ ପୁଣି ରଶ୍ମିରଞ୍ଜନଙ୍କୁ ଧମକ ଦେଇ ଗାଳିଗୁଲଜ କରିଥିଲେ। ଅନ୍ୟପକ୍ଷେ ତାଙ୍କ ଭଳି ଆହୁରି ଅନେକ ଛାତ୍ରଙ୍କୁ ର୍‍ୟାଗିଂ କରାଯାଉଛି। ତେଣୁ ଏହି ଘଟଣରେ ସମ୍ପୃକ୍ତ ଛାତ୍ରମାନଙ୍କ ବିରୋଧରେ କାର୍ଯ୍ୟା ନୁଷ୍ଠାନ ଗ୍ରହଣ କରାଯାଉ ବୋଲି ରଶ୍ମିରଞ୍ଜନ ଭାଇରାଲ କରିଥିବା ଭିଡିଓରେ ଦାବି କରିଛନ୍ତି।

# ୨ ହାତୀଦାନ୍ତ ଜବତ: ୫ ଗିରଫ


ବନ ବିଭାଗ ଜବତ କରିଥିବା ହାତୀଦାନ୍ତ ଓ ଗିରଫ ଅଭିଯୁକ୍ତ।

**ବାରିପଦା ଅଫିସ ୧୩।୨**

ମୟୂରଭଞ୍ଜ ଜିଲା ବାରିପଦା ରେଞ୍ଜ ଅଧୀନ ଟିଁଆ ଛକରୁ ବନ ବିଭାଗ ଗୁରୁବାର ସନ୍ଧ୍ୟାରେ ଦୁଇଟି ହାତୀଦାନ୍ତ ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ଉପର ତଳଡିହାର ଦେବେନ୍ଦ୍ର ମାହାଲି, ଜଗନ୍ନାଥ ସିଂ, ପଙ୍କଜ କୁମାର ମାହାଲି, ବିନୁ ସିଂ ଓ ଜାମୁଡ଼ିହାର ସୁଶାନ୍ତ ସିଂ। ସୂଚନା ଅନୁଯାୟୀ, ହାତୀଦାନ୍ତ ଚାଲାଣ ହେଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ଖବରପାଇ ବନ ବିଭାଗ ଟିଁଆ ଛକଠାରେ ଛପି ରହିଥିଲା। ସନ୍ଧ୍ୟା ସମୟରେ ଏକ ଅଟୋ (ଓଡ଼ି ୧୧-୫୨୮୦)ରେ ଯୁବକମାନେ ହାତୀ ଦାନ୍ତ ନେଇ ଯାଉଥିବା ସମୟରେ ବନ ବିଭାଗ ସେମାନଙ୍କୁ ଗିରଫ କରିଥିଲା। ଅଟୋ ସହ ହାତୀ ଦାନ୍ତକୁ ଜବତ କରାଯାଇଥିଲା। ଗୋଟିଏ ହାତୀଦାନ୍ତର ଓଜନ ୬୦୦ ଗ୍ରାମ୍ ହୋଇଥିବା ବେଳେ ଅନ୍ୟଟିର ଓଜନ ୭୦୦ ଗ୍ରାମ୍ । ଜବତ ହାତୀଦାନ୍ତର ମୂଲ୍ୟ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପ୍ରକାଶ କରିଛି। ଏ ନେଇ ଏକ ମାମଲା (ନଂ.୬୪ /୨୦) ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାରିପଦା ରେଞ୍ଜର ଲକ୍ଷ୍ମୀଧର ବେହେରା କହିଛନ୍ତି। ଏହି ଚଢ଼ାଉରେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ ସାମନ୍ତ, ତ୍ରିନାଥ ସାମଲ, ଅନିଲ କୁମାର ମହାନ୍ତଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।


## ସୂଚନା

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରାଯାଉଛିଯେ କ୍ୟାମ୍ପ ସଂସ୍ଥା ଦ୍ୱାରା ସୁନ୍ଦରଗଡ଼ ଜିଲାରେ ଖଣିଜ ସଂସ୍ଥା/ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ପାରା ମେଡିକାଲ ଷ୍ଟାଫଙ୍କ (ଫାର୍ମାସିଷ୍ଟ,ଏଏନ୍ଏମ୍, ଷ୍ଟାଫ ନର୍ସ, ଲ୍ୟାବ୍ ଟେକ୍ନିସିୟାନ, ରେଡ଼ିଓଗ୍ରାଫର) ନିଯୁକ୍ତି ସଂସ୍ଥାର ସୁନ୍ଦରଗଡ଼ ଜିଲାର ଏକମାତ୍ର କାର୍ଯ୍ୟାଳୟ ଏଚ/ଏନ-ଏନପିଏଲ/୧୭୯୫, ବିଜୟା ଟକିଜ ପଛ, କ୍ରିପାଲ କଟେଜ, ବିଜୟାଟକିଜ ରୋଡ, ସୁନ୍ଦରଗଡ଼-୭୭୦୦୧ ମାଧ୍ୟମରେ ହେଉଅଛି। ଜିଲାର ଅନ୍ୟ କୌଣସି ସ୍ଥାନରେ ସଂସ୍ଥାର କାର୍ଯ୍ୟାଳୟ ନାହିଁ। ସମସ୍ତ ନିଯୁକ୍ତି ନିଃଶୁଳ୍କ ଓ ଯୋଗ୍ୟତା ଆଧାରରେ କରାଯାଉଛି। ଏଥିପାଇଁ କୌଣସି ପ୍ରକାର ଆର୍ଥିକ କାରବାର ଅପରାଧ ଅଟେ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଓ ପ୍ରତିଷ୍ଠାନ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ଏପରି କୌଣସି ଆର୍ଥିକ କାରବାର ହେଉଥିବା ସମ୍ପର୍କରେ ସଂସ୍ଥାର କାର୍ଯ୍ୟାଳୟର ନିମ୍ନଲିଖିତ ଫୋନ ନମ୍ବର ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

ମୋ: ୮୯୧୭୪୦୨୩୧୫, ୭୪୩୮୯୬୦୫୪୮, ୦୬୬୨୨-୨୭୨୨୦୧
E-mail: hr.odissa@camp.org.in ପ୍ରକଳ୍ପ ପ୍ରବନ୍ଧକ 'କ୍ୟାମ୍ପ'

**INSTITUTE OF ENTREPRENEURSHIP DEVELOPMENT, ODISHA**
*An Institute of*
**MSME Department, Govt. of Odisha**
***Invites applications for***

2 (Two) weeks Skill-cum-Entrepreneurship Development Programme (SEDP) on Food Processing Industries to be conducted during February to March, 2020 at Livelihood Business Incubator (LBI) Centre, IED, Bhubaneswar. This programme is sponsored by Odisha Small Industries Corporation Limited, Cuttack.

**Course Content :** Entrepreneurial Motivational Inputs (one week) : Opportunity Guidance on Food Processing Units, Market Survey and Identification of Projects, Preparation of Project Reports, Role of Financial Institutions and supporting agencies, Statutory norms and laws, Food laws such as EPO/PFA/ECA/BIS/AGMARK, Basic Management Inputs, Financial Management, Field visit to local Food Processing units.

**Product Inputs** (one week) : Product inputs on food processing like Soya Paneer, Jam, Jelly, Mixture, Spices grinding, THR products, Chowmin, Noodles etc. with practical demonstration.

**Eligibility:** Persons having aptitude to take up self-employment venture as career can apply. Preference will be given to SC/ST candidates. The programme is of non-residential and no TA/DA will be paid for attending the training.

**Education:** HSC / +2 and above. However, educational qualification would be relaxed from 10 +2 to 10th class in case of SC/ST/OBC/Women and other deserving candidates having aptitude for entrepreneurship as a career.

**Age:** 18 to 35 years (Relaxation for SC/ST/OBC/Women/PH candidates.

**Intake capacity per batch:** 25 to 30 candidates through selection interview.

**Last Date for submission of application :** 24th February, 2020.

**Date of Counselling / Selection :** 25th February, 2020 at IED Office.

Interested candidates can apply online or download the application form from Institute's website www.iedodisha.nic.in and send the application indicating Name, Address, Date of Birth, Qualification, Caste (with proof), Gender, Mobile No., Identified projects (if any), Investment capability, Banker name etc. along with 2 nos. recent passport size photographs and copy of Aadhar card to the Institute / e-mail to iedodisha87@gmail.com. For further queries, please contact In-charge Training Officer on his mobile no.8144339229 / 9437163828.

**CHIEF EXECUTIVE OFFICER (CEO), IED, ODISHA, Bhubaneswar**
**123, Sector-A, Zone-A, Mancheswar Industrial Estate, Rasulgarh, Bhubaneswar-751010, Phone : 0674-2587176/2585609**
**Email : iedodisha87@gmail.com, Web : www.iedodisha.nic.in**


## ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସ

### ନୋଟିସ୍

ଏତଦ୍ୱାରା ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ତୁମ୍ଭମାନଙ୍କୁ କୋର୍ଟ ସହାୟତାରେ ଓ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ କେସ୍‌ର ନୋଟିସ ପଠାଯାଇଥିଲା। କିନ୍ତୁ ତୁମ୍ଭେ ବିଭିନ୍ନ କାରଣ ଦର୍ଶାଇ ସେ ନୋଟିସ ଗ୍ରହଣ ନ କରିବାରୁ ତାହା ଫେରସ୍ତ ଆସିଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ତୁମ୍ଭମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସରେ ତା୧୨।୦୩।୨୦୨୦ରିଖ ଦିବା ୧୧.୦୦ ଘଟିକା ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ତେଣୁ ଆପଣ ନିଜେ ବା ନିଜର ଓକିଲ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ତଦ୍‌ବୀର କରିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁମୋଦିତ ପନ୍ଥାରେ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

**ଚକବନ୍ଦୀ କେସ୍ ନଂ.୨୯୩/୨୦୦୬**
**ଏସ୍.ବି. ନିରତାର ...... ବାଦୀ ବନାମ୍ କୈଳାଶ ଜେନା ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୧୭, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୧୮୯, ପ୍ଲଟ୍ ନଂ. ୧୭୬, ରକବା ଏ.୦.୧୩ ଡି., ବନ୍ଦୋବସ୍ତ ଖାତା ନଂ.୧୪୭, ପ୍ଲଟ୍ ନଂ. ୧୫୯, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ୍ ନଂ. ୧୯୯ (ପି)ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | କୈଳାଶ ଜେନା, ପିତା: ୰ ନନ୍ଦ ଜେନା |
| ୨(କ) | ଅରକ୍ଷିତ ଜେନା, ପିତା: ୰ ସିନ୍ଧୁ ଜେନା |
| ୨(ଖ) | ଅନୁ ଜେନା, ପିତା: ୰ ସିନ୍ଧୁ ଜେନା |
| ୩. | ବାନ ଜେନା, ପିତା: ୰ ମହଣି ଜେନା |
| ୪(କ) | ଶୁକ ଜେନା, ପିତା: ୰ ମାନ ଜେନା |
| ୪(ଖ) | ହରି ଜେନା, ପିତା: ୰ମାନ ଜେନା |
| ୪(ଗ) | ବାବୁଲି ଜେନା, ପିତା: ୰ମାନ ଜେନା |
| ୫. | ବେଣୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୬. | କାହ୍ନୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୭. | ଅନୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୮. | ଧରମୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୯. | ମୁକ୍ତି ଜେନା, ସ୍ୱାମୀ: ୰ଗନ୍ଧର୍ବ ଜେନା |

କ୍ରମିକ ନଂ. ୧(କ)ରୁ ୯ ପର୍ଯ୍ୟନ୍ତ ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୨୯୫/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ ଧରମୁ ସେଠୀ ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୧୮, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୧୬୩, ପ୍ଲଟ୍ ନଂ. ୧୬୫, ରକବା ଏ.୦.୩୩ ଡି., ବନ୍ଦୋବସ୍ତ ଖାତା ନଂ. ୧୨୯, ପ୍ଲଟ୍ ନଂ. ୧୪୮, ସାବିକ ଖାତା ନଂ. ୧୨୦ ଓ ୧୨୧, ପ୍ଲଟ୍ ନଂ. ୧୧୫ ଓ ୧୧୬ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | ପହଲି ସେଠୀ, ପିତା: ୰ଧରମୁ ସେଠୀ |
| ୨(କ) | ଯୋଗେନ୍ଦ୍ର ସେଠୀ, ପିତା: ୰ଗନ୍ଧର୍ବ ସେଠୀ |
| ୨(ଖ) | ବାବୁଲି ସେଠୀ, ପିତା: ୰ଗନ୍ଧର୍ବ ସେଠୀ |
| ୨(ଗ) | ଚଗୁଲି ସେଠୀ, ପିତା: ୰ଗନ୍ଧର୍ବ ସେଠୀ |
| ୨(ଘ) | ପନନ ସେଠୀ, ପିତା: ୰ଗନ୍ଧର୍ବ ସେଠୀ |
| ୨(ଙ) | ଟୁକୁନୀ ସେଠୀ (ମୃତ), ପିତା: ୰ଗନ୍ଧର୍ବ ସେଠୀ |
| ୨(ଙ)(ଏ) | ବାସନ୍ତୀ ସେଠୀ, ସ୍ୱାମୀ: ୰ଟୁକୁନୀ ସେଠୀ |
| ୩(କ) | ବଟକୃଷ୍ଣ ସେଠୀ, ପିତା: ୰ଉଦିଆ ସେଠୀ |

କ୍ରମିକ ନଂ. ୧(କ)ରୁ ୩(କ) ପର୍ଯ୍ୟନ୍ତ ସା./ପୋ./ଅ.: ବାଇରୋଇ, ଥାନା: ଓଲଟପୁର, ଜିଲ୍ଲା: କଟକ।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୪(କ) | ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୪(ଖ) | ଡା. ପୁଷ୍ପା କୁମାରୀ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୪(ଗ) | ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୪(ଘ) | ପ୍ରାଣନାଥ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୪(ଙ) | ପ୍ରଦୀପ୍ତ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୪(ଚ) | ଡା. ଅଜୟ କୁମାର ମିଶ୍ର, ପିତା: ୰ବିଜୟରାମ ମିଶ୍ର |

କ୍ରମିକ ନଂ.୪(କ) ଓ ୪(ଚ) ପର୍ଯ୍ୟନ୍ତ ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୨୯୬/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ କେଶବ କାଣ୍ଡି ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୧୯, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୪୦୮, ପ୍ଲଟ୍ ନଂ. ୧୫୮, ରକବା ଏ.୦.୧୮ ଡି., ବନ୍ଦୋବସ୍ତ ଖାତା ନଂ. ୨୬୬, ପ୍ଲଟ୍ ନଂ. ୧୪୦, ସାବିକ ଖାତା ନଂ. ୨୦୭, ପ୍ଲଟ ନଂ. ୧୦୫ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | କେଶବ କାଣ୍ଡି, ପିତା: ୰ମାଗୁଣି କାଣ୍ଡି |
| ୨(କ) | ବୃନ୍ଦାବନ କାଣ୍ଡି, ପିତା: ୰ପ୍ରାଣକୃଷ୍ଣ କାଣ୍ଡି |
| ୩(କ) | ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୩(ଖ) | ଡା. ପୁଷ୍ପା କୁମାରୀ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୩(ଗ) | ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୩(ଘ) | ପ୍ରାଣନାଥ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୩(ଙ) | ପ୍ରଦୀପ୍ତ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୩(ଚ) | ଡା. ଅଜୟ କୁମାର ମିଶ୍ର, ପିତା: ୰ବିଜୟରାମ ମିଶ୍ର |

କ୍ରମିକ ନଂ.୧(କ) ଓ ୨(କ) ସା: ଶିଶୁଆ, ପୋ.ଅ.: ବାଇରୋଇ, ଥାନା: ଓଲଟପୁର, ଜିଲ୍ଲା: କଟକ।
କ୍ରମିକ ନଂ. ୩(କ)ରୁ ୩(ଚ) ପର୍ଯ୍ୟନ୍ତ ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୨୯୭/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ ଡା. ଅନ୍ନପୂର୍ଣ୍ଣା ମିଶ୍ର ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୦, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୫୫, ପ୍ଲଟ୍ ନଂ. ୩୧୪, ରକବା ଏ.୦.୩୫ଡି., ପ୍ଲଟ୍ ନଂ. ୨୯୫, ରକବା ଏ.୦.୨୪(ପି) ଡି., ପ୍ଲଟ୍ ନଂ. ୩୨୩, ରକବା ଏ.୦.୦୪ଡି., ବନ୍ଦୋବସ୍ତ ଖାତା ନଂ. ୩୫୬, ପ୍ଲଟ୍ ନଂ. ୧୨୭, ପ୍ଲଟ୍ ନଂ. ୧୨୪, ସାବିକ ଖାତା ନଂ. ୨୩୭, ପ୍ଲଟ୍ ନଂ. ୨୦୫ (ପାର୍ଟ) ରକବା ଏ.୦.୫୯ଡି., ଖାତା ନଂ. ୯୪, ପ୍ଲଟ୍ ନଂ. ୨୦୬ (ପାର୍ଟ), ରକବା ଏ.୦.୦୪ଡି.ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୧(ଖ) | ଡା. ପୁଷ୍ପା କୁମାରୀ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୧(ଗ) | ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୧(ଘ) | ପ୍ରାଣନାଥ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୧(ଙ) | ପ୍ରଦୀପ୍ତ ମିଶ୍ର, ପିତା: ୰ବିଜୟରାମ ମିଶ୍ର |
| ୧(ଚ) | ଡା. ଅଜୟ କୁମାର ମିଶ୍ର, ପିତା: ୰ବିଜୟରାମ ମିଶ୍ର |

କ୍ରମିକ ନଂ.୧(କ) ଓ ୧(ଚ) ପର୍ଯ୍ୟନ୍ତ ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୨୯୮/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ ଉଷା ଜେନା ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୧, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୪୬, ପ୍ଲଟ୍ ନଂ. ୧୮୨, ରକବା ଏ.୦.୦୬ଡି., ବନ୍ଦୋବସ୍ତ ଖାତା ନଂ. , ପ୍ଲଟ୍ ନଂ. ୧୬୮, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ୍ ନଂ. ୧୯୯ (ପି), ରକବା ଏ୦.୦୬ଡି.ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧. | ଉଷା ଜେନା, ପିତା: ନଟ ଜେନା |
| ୨. | କୁଶି ଜେନା, ପିତା: ନଟ ଜେନା |

କ୍ରମିକ ନଂ.୧ ଓ ୨ ସା: ଓଲଟପୁର, ପୋ.ଅ.: ବାଇରୋଇ, ଥାନା: ଓଲଟପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୨୯୯/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ ରବି ନାୟକ ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୨, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୧୨୯, ପ୍ଲଟ୍ ନଂ. ୩୦୪, ରକବା ଏ.୦.୦୭ ଡି., ପ୍ଲଟ୍ ନଂ. ୩୦୫, ଏ.୦.୨୫ଡି., ବନ୍ଦୋବସ୍ତ ଖାତା ନଂ. ୧୦୬, ପ୍ଲଟ୍ ନଂ. ୧୩୩, ୧୩୪, ସାବିକ ଖାତା ନଂ. ୮୬/୨, ପ୍ଲଟ୍ ନଂ. ୨୦୧, ରକବା ଏ.୦.୩୨ଡି.ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | ରବି ନାୟକ, ପିତା: ୰ହରି ନାୟକ |
| ୧(ଖ) | କବି ନାୟକ, ପିତା: ୰ହରି ନାୟକ |

କ୍ରମିକ ନଂ.୧(କ) ଓ ୧(ଖ) ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୩୦୦/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ ବନମାଳୀ ନାୟକ ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୩, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୧୩୩, ପ୍ଲଟ୍ ନଂ. ୧୭୫, ରକବା ଏ.୦.୩୪ ଡି., ବନ୍ଦୋବସ୍ତ ଖାତା ନଂ. ୧୬୧, ପ୍ଲଟ୍ ନଂ. ୧୬୦, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ୍ ନଂ. ୧୯୯ (ପି)ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | ବନମାଳୀ ନାୟକ, ପିତା: ୰ଟିମା ନାୟକ<br>ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ। |

**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୩୦୧/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ କୈଳାଶ ଜେନା ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୪, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୧୮୭, ପ୍ଲଟ୍ ନଂ. ୧୭୮, ରକବା ଏ.୦.୦୬ ଡି., ବନ୍ଦୋବସ୍ତ ଖାତା ନଂ. ୨୬୭, ପ୍ଲଟ୍ ନଂ. ୧୬୪, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ୍ ନଂ. ୧୯୯(ପି)ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | କୈଳାଶ ଜେନା, ପିତା: ୰ନନ୍ଦ ଜେନା<br>ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ। |

**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୩୦୨/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ ନରେଶ ନନ୍ଦ ଓ ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୫, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୧୯୨, ପ୍ଲଟ୍ ନଂ. ୧୪୮, ରକବା ଏ.୦.୦୬ ଡି., ବନ୍ଦୋବସ୍ତ ଖାତା ନଂ. ୧୪୯, ପ୍ଲଟ୍ ନଂ. ୧୨୦, ସାବିକ ଖାତା ନଂ. ୧୪୭, ପ୍ଲଟ୍ ନଂ. ୧୦୨ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | ନରେଶ ନନ୍ଦ, ପିତା: ୰ନରହରି ନନ୍ଦ<br>ସା/ପୋ.ଅ./ଥାନା: ଓଲଟପୁର, ଜିଲ୍ଲା: କଟକ। |

**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**

**ଚକବନ୍ଦୀ କେସ୍ ନଂ. ୩୦୩/୨୦୦୬**
**ଏସ୍.ବି. ନିରତାର ..... ବାଦୀ ବନାମ୍ କୈଳାଶ ଜେନା ଓଗେର ..... ପ୍ରତିବାଦୀମାନେ**
ନୋଟିସ୍ ନଂ. ୨୬, ତାରିଖ: ୧୬।୦୧।୨୦୨୦
**ତଫସିଲଭୁକ୍ତ ଜମିର ବିବରଣୀ:** ସା: ଓଲଟପୁର, ନଂ.୫୯, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ଚକ ଖାତା ନଂ.୨୮୨, ପ୍ଲଟ୍ ନଂ. ୧୭୭, ରକବା ଏ.୦.୦୮ ଡି., ପ୍ଲଟ୍ ନଂ. ୧୭୪, ରକବା ଏ.୦.୨୯ଡି., ବନ୍ଦୋବସ୍ତ ଖାତା ନଂ. ୧୮୯, ପ୍ଲଟ୍ ନଂ. ୧୬୫, ୧୬୩, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ୍ ନଂ. ୧୯୯(ପି)ରେ ମୋକଦ୍ଦମା ହୋଇଅଛି।

| କ୍ରମିକ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା: |
|---|---|
| ୧(କ) | କୈଳାଶ ଜେନା, ପିତା: ୰ବନ୍ଧୁ ଜେନା |
| ୨. | ଆଦିକନ୍ଦ ଜେନା, ପିତା: ୰ମଦନ ଜେନା |
| ୩. | ପଦ ଜେନା, ପିତା: ୰ମଦନ ଜେନା |
| ୪(କ) | କୈଳାଶ ଜେନା, ପିତା: ୰ନନ୍ଦ ଜେନା |
| ୫(କ) | ଅରକ୍ଷିତ ଜେନା, ପିତା: ୰ସିନ୍ଧୁ ଜେନା |
| ୫(ଖ) | ଜଗବନ୍ଧୁ ଜେନା, ପିତା: ୰ସିନ୍ଧୁ ଜେନା |
| ୬. | ବାନ ଜେନା, ପିତା: ୰ମହଣୀ ଜେନା |
| ୭(କ) | ଶୁକ ଜେନା, ପିତା: ୰ମାନ ଜେନା |
| ୭(ଖ) | ଭୈରବ ଜେନା, ପିତା: ୰ମାନ ଜେନା |
| ୭(ଗ) | ହରି ଜେନା, ପିତା: ୰ମାନ ଜେନା |
| ୮. | ବେଣୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୯. | କାହ୍ନୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୧୦. | ଅନୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୧୧. | ଧନୁ ଜେନା, ପିତା: ୰ଗନ୍ଧର୍ବ ଜେନା |
| ୧୨. | ମୁକ୍ତି ଜେନା, ପିତା: ୰ଗନ୍ଧର୍ବ ଜେନା |
| ୧୩. | ବଂଶିଧର ନାୟକ, ପିତା: ୰ମଗୁ ନାୟକ |
| ୧୪. | ବନମାଳୀ ନାୟକ, ପିତା: ୰ମଗୁ ନାୟକ |
| ୧୫. | ମୁରଲି ନାୟକ, ପିତା: ୰ମଗୁ ନାୟକ |
| ୧୬(କ) | ଗଲୁ ନାୟକ, ପିତା: ୰ସୁରେନ୍ଦ୍ର ନାୟକ |
| ୧୬(ଖ) | ସଲୁ ନାୟକ, ପିତା: ସୁରେନ୍ଦ୍ର ନାୟକ |

କ୍ରମିକ ନଂ.୧(କ) ଓ ୧୬(ଖ) ପର୍ଯ୍ୟନ୍ତ ସା/ପୋ.ଅ.: ଓଲଟପୁର, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ।
**ସ୍ୱା./- ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକ**



ଲେଖନୀ ଓ ତରବାରି ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ। -ନେପୋଲିୟନ

## ସଂକ୍ଷେପରେ...

### ରାଷ୍ଟ୍ରୀୟ ଯୁବକ ସଶକ୍ତୀକରଣ ସଭା

ଜମନକିରା,୧୩। ୨(ଡି.ଏନ୍.ଏ.) ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ରାଜୀବ ଭବନଠାରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରିଡ଼ା ମନ୍ତ୍ରଣାଳୟ ବିଭାଗ ସମ୍ବଲପୁର ତଦରଫରୁ ଏକ ରାଷ୍ଟ୍ରୀୟ ଯୁବକ ସଶକ୍ତୀକରଣ ସଭା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ସଭ୍ୟ ଚନ୍ଦନ କୁମାର ମାକର ଓ ଶିବାନୀ ବାଘଙ୍କ ଅଧ୍ୟକ୍ଷତାରେ ଜିଲା ଯୁବକ ସଂଘର ସଂଯୋଜକ ମାରିଆନ୍ସ ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଜମନକିରା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ପଟେଲ, ବିଜୟ କୁମାର ନାୟକ, ଉମାକାନ୍ତ ପଧାନ ଓ ବୁଧରାମ ସେଠ ଯୋଗଦେଇ ଯୁବକ ସଶକ୍ତୀକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହ ସଭାରେ ଜଳ ସଂରକ୍ଷଣ, ବୃକ୍ଷ ରୋପଣ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛ ଭାରତ ନିର୍ମାଣ ଉପରେ ୧୫ଟି କ୍ଲବ୍‌ର ଯୁବକ ଯୁବତୀ ଆଲୋଚନା କରିଥିଲେ। ସରୋଜ ମେହେର ସହଯୋଗ କରିଥିଲେ।

# କପି ରୋକିବେ ତ୍ରିସ୍ତରୀୟ ସ୍କ୍ୱାଡ୍

**ସମ୍ବଲପୁର ଜୋନ୍**
- ୧୯ରୁ ମାଟ୍ରିକ ପରୀକ୍ଷା
- ନୋଡାଲ ସେଣ୍ଟରରେ ପହଞ୍ଚିଲା ପ୍ରଶ୍ନପତ୍ର
- ୧ ଲକ୍ଷ ୨୯ ହଜାର ପରୀକ୍ଷାର୍ଥୀ

ସମ୍ବଲପୁର,୧୩।୨ (ବ୍ୟୁରୋ)

ଫେବୃୟାରୀ ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ସମ୍ବଲପୁର ଜୋନର ୯ଟି ଜିଲାକୁ କଡା ସୁରକ୍ଷାବଳୟରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି । ଜିଲାଗୁଡିକରେ ଥିବା ନୋଡାଲ ସେଣ୍ଟରଗୁଡିକରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖାଯାଇଛି। ଚଳିତ ବର୍ଷ ସମ୍ବଲପୁର ଜୋନରେ ୧ଲକ୍ଷ ୨୯ ହଜାର ୩୧୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସମ୍ବଲପୁର ସହରର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମ୍ବଲପୁର, ବାଳକ ବିଦ୍ୟାଳୟ ବୁର୍ଲା, କୁଚିଣ୍ଡା ବାଳିକା ବିଦ୍ୟାଳୟ, ରେଢ଼ାଖୋଲ ଜିସି ହାଇସ୍କୁଲ, ବାମରା ହାଇସ୍କୁଲ, ରେଙ୍ଗାଲି ଏନଆର୍‌ଏଚ୍‌ଏସ୍ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଜୋନାଲ ସ୍କ୍ୱାଡ୍, ଜିଲା ଶିକ୍ଷା ବିଭାଗର ସ୍କ୍ୱାଡ୍, ଜିଲା ପ୍ରଶାସନର ଏକ ସ୍କାଡ୍ ପରୀକ୍ଷା ସେଣ୍ଟର ବୁଲି ତଦାରଖ କରିବ।

ବୋର୍ଡ ଅଫିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର ଜିଲାରେ ୭୧ଟି ସେଣ୍ଟରରେ ୨୧୧ଟି ସ୍କୁଲର ୧୧, ୯୪୦ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କ ମଧ୍ୟରୁ ରେଗୁଲାର ୧୧, ୧୮୭ ଓ ଏକ୍ସରେଗୁଲାର ୬୯୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି କଳାହାଣ୍ଡି ଜିଲାର ୧୦୩ଟି ସେଣ୍ଟରରେ ୩୩୬ଟି ସ୍କୁଲର ୨୧,୧୬୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୧୯, ୭୩୯ ରେଗୁଲାର ଓ ୧୪୧୨ ଜଣ ଏକ୍ସରେଗୁଲାର ରହିଛନ୍ତି । ନୂଆପଡା ଜିଲାର ୫୦ଟି ସେଣ୍ଟର ୧୪୫ଟି ସ୍କୁଲର ୧୦ ହଜାର ୫୨ ଛାତ୍ରୀଛାତ୍ର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୯, ୫୦୪ ରେଗୁଲାର ଏବଂ ୫୪୭ ଏକ୍ସରେଗୁଲାର ଅଛନ୍ତି । ବରଗଡ ଜିଲାର ୮୬ଟି ସେଣ୍ଟରର ୩୧୮ଟି ସ୍କୁଲର ୧୬, ୮୮୮ ଛାତ୍ରୀଛାତ୍ର । ସେମାନଙ୍କ ମଧ୍ୟରୁ ୧୬, ୪୦୯ ରେଗୁଲାର, ୪୧୭ ଏକ୍ସରେଗୁଲାର ରହିଛନ୍ତି । ଦେବଗଡ ଜିଲାର ୩୧ଟି ସେଣ୍ଟରରେ ୮୫ଟି ସ୍କୁଲର ୪,୫୬୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଏଥିମଧ୍ୟରୁ ୪୪୭୧ ରେଗୁଲାର ଓ ୯୪ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। ଝାରସୁଗୁଡାର ୩୮ଟି ସେଣ୍ଟରରେ ୧୧୭ଟି ସ୍କୁଲର ୬,୭୧୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରୁ ୬୫୭୪ ରେଗୁଲାର ଓ ୧୧୯ ଜଣ ଏକ୍ସରେଗୁଲାର ଅଛନ୍ତି। ବଲାଙ୍ଗୀର ଜିଲାର ୧୫୪ଟି ସେଣ୍ଟରର ୩୬୪ଟି ସ୍କୁଲର ୨୪, ୪୬୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିମଧ୍ୟରୁ ୨୩, ୩୦୮ ରେଗୁଲାର ଓ ୧୧୪୬ ଏକ୍ସରେଗୁଲାର ରହିଛନ୍ତି। ସୁବର୍ଣ୍ଣପୁରର ଜିଲାର ୪୭ଟି ସେଣ୍ଟରରେ ୧୨୬ଟି ସ୍କୁଲର ୮,୭୦୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିମଧ୍ୟରୁ ୮,୧୯୭ଟି ରେଗୁଲାର ଓ ୪୯୬ଜଣ ଏକ୍ସରେଗୁଲାର ଅଛନ୍ତି। ସେହିପରି ସୁନ୍ଦରଗଡ ଜିଲାର ୧୨୦ଟି ସେଣ୍ଟରରେ ୪୦୧ଟି ସ୍କୁଲର ୨୪, ୮୧୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରୁ ୨୩, ୫୬୦ ରେଗୁଲାର ଏବଂ ୧ହଜାର ୬୭ ଏକ୍ସରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ଅନ୍ୟପଟେ କରେସ୍‌ପଣ୍ଡେଣ୍ଟ ରେଗୁଲାର ରେଜିଷ୍ଟ୍ରେଶନରେ ୩୪୦ ଓ କରେସ୍‌ପଣ୍ଡେଣ୍ଟ ଏକ୍ସରେଗୁଲାରରେ ୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ।

**ତାଲିମ ନେଲେ ଅଧିକାରୀ**

ସମ୍ବଲପୁର ଜିଲା ସ୍କୁଲରେ ମାଟ୍ରିକ ପରୀକ୍ଷାର ପରିଚାଳନା ଓ ସୁବ୍ୟବସ୍ଥା ପାଇଁ ଜୋନସ୍ତରୀୟ ତାଲିମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପରୀକ୍ଷା ନିୟନ୍ତ୍ରକ ନିହାରରଞ୍ଜନ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା ଶିକ୍ଷା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କଳାହାଣ୍ଡି, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ, ସୁବର୍ଣ୍ଣପୁର, ବଲାଙ୍ଗୀର, ଝାରସୁଗୁଡା ପ୍ରଭୃତି ଜିଲାର ଅଧିକାରୀମାନେ ଉପସ୍ଥିତ ରହି ତାଲିମ ନେଇଥିଲେ । ପରୀକ୍ଷା କେନ୍ଦ୍ରରେ କପି ନିୟନ୍ତ୍ରଣ ଓ ଶୃଙ୍ଖଳିତ ଭାବେ ପରୀକ୍ଷା କରାଯିବାକୁ ନେଇ ଗୁରୁତ୍ୱ ଦିଆଯାଇଥିଲା। କଟକ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସିଥିବା ଏକ ଟିମ୍ ବୈଠକରେ ତାଲିମ ପ୍ରଦାନ କରିଥିଲେ।

### ଗୁଦୁରାପଡ଼ା ପ୍ରାଇମେରୀ, ଏମ୍‌ଇ ସ୍କୁଲର ବାର୍ଷିକୋତ୍ସବ

ଜମନକିରା,୧୩।୨(ଡି.ଏନ୍.ଏ)

ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡ଼ାସ୍ଥିତ ଗୁଦୁରାପଡ଼ା ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳରେ ଗୁରୁବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସତ୍ୟସୁନ୍ଦର ପାଗଳ ଓ ରାମ ମିଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୁଷମା ନାୟକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କୁଚିଣ୍ଡା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ସୁଚିତ୍ର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଦେବଗଡ଼ ମହାବିଦ୍ୟାଳୟ ବରିଷ୍ଠ ଇଂରାଜୀ ଅଧ୍ୟାପକ ପ୍ରମୋଦ ଡୁଙ୍ଗଡୁଙ୍ଗ, ପ୍ରଫେସର ସନ୍ତୋଷ ନାୟକ, ଭାତପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ରତନଲାଲ ସିଂ, ସ୍କୁଲ ପରିଚାଳନା କମିଟି ସମ୍ପାଦକ ଫାଦର ପାଉଲ ମାଥ୍ୟୁ, ପରିଚାଳନା କମିଟି ପ୍ରାଥମିକ ସ୍କୁଲର କାର୍ତ୍ତିକ କିସାନ, ମଧ୍ୟ ଇଂରାଜୀ ସ୍କୁଲର ଅଧ୍ୟକ୍ଷ ବୈକୁଣ୍ଠ ଗର୍ଡିଆ, ପ୍ରଧାନ ଶିକ୍ଷକ ପ୍ରାଥମିକ ସ୍କୁଲର ଉଗ୍ରସେନ ରଞ୍ଜିତ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଉଗ୍ରସେନ ରଞ୍ଜିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟବସାୟ ବିକାଶରେ ଦେଶର ଅର୍ଥନୀତି ବୃଦ୍ଧି ହୁଏ

**ଟ୍ରେଡ୍ ଫେୟାର ଉଦ୍‌ଘାଟିତ**

ସମ୍ବଲପୁର, ୧୩।୨ (ବ୍ୟୁରୋ)

ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଟ୍ରେଡ ଫେୟାର-୨୦୨୦ ଗୁରୁବାର ଅଇଁଠାପାଲି ପିଏଚଡି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ ଏମପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରେଡ୍ ଫେୟାରର ଶୁଭାରମ୍ଭ କରିଥିଲେ । ପ୍ରକୃତ ପକ୍ଷେ ବ୍ୟବସାୟ ଓ ବାଣିଜ୍ୟ ଦେଶର ଅର୍ଥନୀତି ସହ ଓତପ୍ରୋତ ଭାବେ ଜଡିତ । ତେଣୁ ବାଣିଜ୍ୟ ଓ ବ୍ୟବସାୟ ବିକାଶରେ ଦେଶର ଅର୍ଥନୀତି ସୁଦୃଢ଼ ହେବା ସହ ଅଭିବୃଦ୍ଧି ହୋଇଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅଧକ୍ଷ ଦିନେଶ ସିଂଘାନିଆଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ପାଦକ ଚନ୍ଦୁ ସାହା ସୂଚନା ପ୍ରଦାନ କରିଥିଲେ। ହରଜିତ ସିଂ ହୁରା ସମ୍ମାନିତ ଅତିଥି ଥିଲେ । ସଞ୍ଜୀବ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, କେଶବ ଡାଲମିଆ, ସୁନୀଲ କାକଡ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟ୍ରେଡ ଫେୟାରରେ ୧୧୪ଟି ଷ୍ଟଲ ରହିଛି। ରାଜ୍ୟ ଓ ରାଜ୍ୟ ବାହାର ବ୍ୟବସାୟୀ ଏବଂ କମ୍ପାନୀମାନେ ନିଜ ଉତ୍ପାଦନ ସାମଗ୍ରୀ ନେଇ ସାମିଲ ହୋଇଛନ୍ତି।



ଗୁରୁବାର ସମ୍ବଲପୁର ଟ୍ରେଡ୍ ଫେୟାରକୁ ମୁଖ୍ୟଅତିଥି ସୁରେଶ ପୂଜାରୀ ଉଦ୍‌ଘାଟନ କରୁଛନ୍ତି ।

### ଏସ୍‌ୟୁ ପ୍ରଶାସନିକ ବିଭାଗକୁ ଘେରିଲେ ତୃତୀୟ ଶ୍ରେଣୀ କର୍ମଚାରୀ

ସମ୍ବଲପୁର,୧୩।୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ତୃତୀୟ ଶ୍ରେଣୀ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ବିଭାଗ ଘେରାଉ କରିଛନ୍ତି। ଏହି ଅବସରରେ ସେମାନେ ଭାରପ୍ରାପ୍ତ କୁଳପତି ପ୍ରଫେସର ଅର୍କ କେଶରୀ ଦାସ ମହାପାତ୍ରଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ବିଶ୍ୱବିଦ୍ୟାଳୟରେ କର୍ମଚାରୀମାନଙ୍କ ପାଇଁ ଯେଉଁଳି ନିୟମ ରହିଛି ଏଠି ମଧ ଲାଗୁ କରାଯାଉ ବୋଲି ଦାବି କରିଥିଲେ।

### ମୁଣ୍ଡେନପାଲି ସ୍କୁଲ ଶ୍ରେଣୀଗୃହ ଉଦ୍‌ଘାଟିତ



ଗୁରୁବାର ସମ୍ବଲପୁର ମୁଣ୍ଡେନପାଲି ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ସମ୍ବଲପୁର, ୧୩।୨ (ବ୍ୟୁରୋ)

ସମ୍ବଲପୁର ଜିଲା ମୁଣ୍ଡେନପାଲି ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ମୁଖ୍ୟଅତିଥି ଓ ଜମନକିରା ବ୍ଲକ ଶିକ୍ଷା ଅଧିକାରୀ ସୁଷମା ନାୟକ ସମ୍ମାନିତ ଅତିଥି ଥିଲେ। ପ୍ରଧାନଶିକ୍ଷକ ଗୋପୀରଞ୍ଜନ ନାଥ, ଶିକ୍ଷକ ପ୍ରଭଞ୍ଜନ ପଟେଲ, ଶରତ କୁମାର ଥପା, ସରୋଜ ଗଡତିଆ, କରୁଣାକର ସାହୁ, କଲ୍ୟାଣି ପତି, ସୁଶୀଲ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ଓ ଟିକିବା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ସେନାପତି ଯୋଗ ଦେଇଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଅବିନାଶ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ଧ୍ର ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ

ସମ୍ବଲପୁର, ୧୩।୨ (ବ୍ୟୁରୋ)

ଅଲ୍ ଇଣ୍ଡିଆ ବ୍ୟାଙ୍କ ରିଟାରିଟ୍ ଫେଡେରେସନ୍ ଓଡିଶା ୟୁନିଟ ପକ୍ଷରୁ ସମର୍ଥନ ଓ ହସ୍ତାକ୍ଷର ସଂଗ୍ରହ ଅଭିଯାନ ଅଇଁଠାପାଲି ଆନ୍ଧ୍ର ବ୍ୟାଙ୍କ କ୍ଷେତ୍ରୀୟ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରର ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କର ରିଟାରିଟ୍‌ମାନେ ଯୋଗ ଦେଇଥିଲେ । ପାରିବାରିକ ପେନସନ୍ ସ୍କିମ୍, ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ହୋଇଥିବା ବେସିକ୍ ପେନସନର ରିଭିଜନ୍, ଇଣ୍ଡିଆନ ବ୍ୟାଙ୍କ ଆସୋସିଏସନ୍ ଦ୍ୱାରା ବୃଦ୍ଧି ହୋଇଥିବା ମେଡିକାଲ ଇନ୍‌ସ୍ୟୁରାନ୍ସ ସ୍କିମ୍, ପେନସନର୍‌ମାନଙ୍କୁ ସେବା ନିବୃତ୍ତ ଆୟର ଲାଭାଂଶ ଉପରେ ଟିକସ ଉଚ୍ଛେଦ କରିବା ନେଇ ସ୍ଲୋଗାନ ଦେଇଥିଲେ । ଧାନଦେବ ଡନସନା, ସଦାଶିବ ପୁରୋହିତ, ମକରଧ୍ୱଜ ଯୋଶୀ, ଲକ୍ଷ୍ମୀନାରାୟଣ ମିଶ୍ର, ଚାମର ମଲ୍ଲିକ, ଲକ୍ଷ୍ମଣ ବେହେରା, ଦଶରଥ ମେହେର, ଅମୀୟ କୁମାର ମୁଣ୍ଡଶର୍ମା, ଝରକା ମୁଣ୍ଡା, ପୁରୁଷୋତ୍ତମ ବେହେରା, କିଶୋର କୁମାର ବରିହା, ଶରତ ଚନ୍ଦ୍ର ମିଶ୍ର, ଶିବରାମ ମେହେର, ଦେବବ୍ରତ ବେହେରା, ଅଜୟ କୁମାର ରାଓଚୌଧୁରୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।




ଗୁରୁବାର ସମ୍ବଲପୁର ଅଇଁଠାପାଲି ଆନ୍ଧ୍ର ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

## ଖୁଲିଆ ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ସମ୍ବଲପୁର ଖୁଲିଆ ସେବାଶ୍ରମ ସ୍କୁଲ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀମାନେ ।

ସମ୍ବଲପୁର, ୧୩।୨ (ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲିଆ ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶଙ୍କ ପୌରୋହିତ୍ୟରେ ଉତ୍ସବ ଆୟୋଜିତ ହୋଇଥିଲା । କଳା ଶିକ୍ଷକ ବୃନ୍ଦାବନ ମହାରଣା ମୁଖ୍ୟଅତିଥି, ଶିକ୍ଷାବିତ ଡ. ବସନ୍ତ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ତବଲା ଆଞ୍ଚଳିକ ସ୍କୁଲ ଛାତ୍ରୀ ସଞ୍ଜୁ ଖଡିଆ ଓ ଖୁଲିଆ ସେବା ଶ୍ରମ ସ୍କୁଲ ଛାତ୍ରୀ ବୈଶାଳି ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର କଳା ଶିକ୍ଷକ ଭାରତଗୌରବ ଦାସଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ଜନରଞ୍ଜନ ବଡପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ସାହୁ, ବିନୋଦିନୀ ଓରାମ, ନମିତା ନାଥ, ମେନକା ମୁଣ୍ଡା, ଦୀପାଞ୍ଜଳି ମୁଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତର୍ପଣ କୁମାର ପ୍ରଧାନ ଉତ୍ସବ ସଂଯୋଜନା କରିଥିଲେ। ପଶ୍ଚିମ ଓଡିଶାର କମେଡି କିଙ୍ଗ ଯୋଗେଶ ଜୋଜୋ ହାସ୍ୟ ବ୍ୟଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## କ୍ରୀଡ଼ାବିତ ସମ୍ବର୍ଦ୍ଧିତ

ସମ୍ବଲପୁର, ୧୩।୨ (ବ୍ୟୁରୋ)

ଗୁଜରାଟର ବରୋଦାରେ ଆୟୋଜିତ ତୃତୀୟ ଜାତୀୟ ମାଷ୍ଟର୍ସ କ୍ରୀଡା ପ୍ରତିଯୋଗିତାରେ ସମ୍ବଲପୁର ପୋଲିସ ବିଭାଗରେ କାର୍ଯ୍ୟରତ ସୀମାଞ୍ଚଳ ସେଠୀ ଓ ନମିତା ପଟେଲ ଭାଗ ନେଇ ପଦକ ହାସଲ କରିଛନ୍ତି । ଗୁରୁବାର ଏ ନେଇ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ କ୍ରୀଡାବିତମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ ଯେ, ୩୫ ବର୍ଷ ବର୍ଗରେ ସୀମାଞ୍ଚଳ ସେଠୀ ଲମ୍ବଡିଆଁରେ ସ୍ୱର୍ଣ୍ଣ ପଦକ ଓ ଟ୍ରିପଲ ଜମ୍ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ନମିତା ପଟେଲ ୪୫ ବର୍ଷ ମହିଳା ବର୍ଗ ସଟପୁଟ ଓ ଜ୍ୟାଭେଲିନ୍ ଥ୍ରୋରେ କାଂସ୍ୟ ପଦକ ହାସଲ କରିଛନ୍ତି। ସମ୍ବଲପୁର ରିଜର୍ଭ ପୋଲିସ ଆରଆଇ ମଧୁସୂଦନ ମହାପାତ୍ର ଓ ସୁନ୍ଦରମଣି ବାରିକ ଉପସ୍ଥିତ ଥିଲେ।



ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ଆଥ୍‌ଲେଟମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ଓସିଏ ଆନ୍ତଃ କ୍ଲବ କ୍ରିକେଟ ଲିଗ୍: ବ୍ଲାଷ୍ଟର, ଗୁରୁନାନକ ବିଜୟୀ

ସମ୍ବଲପୁର, ୧୩।୨ (ବ୍ୟୁରୋ)

ଓଡିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଆନ୍ତଃ କ୍ଲବ କ୍ରିକେଟ ଲିଗ୍ ଗୁରୁବାର ମ୍ୟାଚରେ ସମ୍ବଲପୁର ବ୍ଲାଷ୍ଟର ଓ ଗୁରୁନାନକ ପବ୍ଲିକ ସ୍କୁଲ ବିଜୟୀ ହୋଇଛି । ହୀରାକୁଦ ସୁବାଷ ମଇଦାନଠାରେ ସମ୍ବଲପୁର ବ୍ଲାଷ୍ଟର ବନାମ ସମ୍ବଲପୁର ଚ୍ୟାଲେଞ୍ଜର୍ସ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା । ବ୍ଲାଷ୍ଟର ୫ ଉଇକେଟରେ ବିଜୟୀ ହୋଇଥିଲା । ସୁବୋଧ ସାହୁ ଓ ସଞ୍ଜୟ ନାୟକ ମ୍ୟାଚ ପରିଚାଳନା କରିଥିଲେ । ଅନୁପ ପ୍ରଧାନ ସ୍କୋରର ଥିଲେ । ସେହିପରି ବିକାଶ ଖେଳ ପଡିଆଠାରେ ଗୁରୁନାନକ ପବ୍ଲିକ ସ୍କୁଲ ବନାମ ସେଭେନହିଲ୍ସ ମଧ୍ୟରେ ମ୍ୟାଚ ହୋଇଥିଲା । ଗୁରୁନାନକ ଦଳ ୫ ଉଇକେଟରେ ବିଜୟୀ ହୋଇଥିଲା । ପ୍ରିୟାଂଶୁ ପତି ଓ ବିଜୟ କୁମାର ଦୋରା ମ୍ୟାଚ ପରିଚାଳନା କରିଥିଲେ । ସୌମ୍ୟଦର୍ଶନ ମହାନ୍ତି ସ୍କୋରର ଥିଲେ । ବିକାଶ ଜୁନିୟର କଲେଜ ଅଧକ୍ଷ ସଞ୍ଜୀବ ବାବୁ ଅତିଥି ଭାବେ ଯୋଗଦେଇ ବିମଳ କର୍ମକାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସୁବାଷ ମଇଦାନଠାରେ ଜଗଦୀଶ ମିଶ୍ର ଯୋଗଦେଇ ପ୍ରକାଶ ମୋରିୟମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।



ଗୁରୁବାର ସମ୍ବଲପୁର ବିକାଶ ପଡିଆଠାରେ ବିମଳ କର୍ମକାରଙ୍କୁ ଅତିଥି ସଞ୍ଜୀବ ବାବୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।




ଗୁରୁବାର ହୀରାକୁଦ ସୁବାସ ମଇଦାନଠାରେ ପ୍ରକାଶ ମୋରିୟମଙ୍କୁ ଅତିଥି ଜଗଦୀଶ ମିଶ୍ର ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

### ଅଶୋଭନୀୟ ବ୍ୟବହାର କରି ଶିକ୍ଷକ ଗିରଫ

ସମ୍ବଲପୁର,୧୩।୨ (ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅଧୀନ କବରାପାଲିରେ ଏକ ହାଇସ୍କୁଲର ଜଣେ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ସ୍କୁଲର କେତେଜଣ ଛାତ୍ରୀଙ୍କୁ ସେ ଅଶୋଭନୀୟ ବ୍ୟବହାର କରିବା ଜାଣିବା ପରେ ଅଭିଭାବକ ଓ ଗାଁ ଲୋକେ ସ୍କୁଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହି ଖବର ପାଇ ପୋଲିସ ସ୍କୁଲରେ ପହଞ୍ଚିଥିଲା। ଲୋକଙ୍କ ଭିଡ ଭିତରୁ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି ଯେ, ଛାତ୍ରୀମାନଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

## ୧୦ ଜଣଙ୍କ ଘର ଭାଙ୍ଗିଦେଲା ହାତୀ

ଜମନକିରା,୧୩।୨(ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବଡ଼ରମା ରେଞ୍ଜ ଖର୍ସନମାଲ ଗାଁରେ ବୁଧ୍ବାର ବିଳମ୍ବିତ ରାତିରେ ଗୋଟିଏ ହାତୀ ୧୦ ଜଣଙ୍କ ଘର ଭାଙ୍ଗିବା ସହ ବାଡ଼ିବଗିଚା ଦଳି ମକଚି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ରାଶି ଆକଳନ କରିବା ସହ ଲିଖିତ ଅଭିଯୋଗ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଘୋଘର ପୋଲ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିଶଙ୍କରା, ୧୩।୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କିଞ୍ଜିରକେଲା ଥାନା ଅଧୀନ ଇବ୍‌ନଦୀ ଘୋଘର ପୋଲତଳୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ତଳସରା ଥାନା ଅଧୀନ ରଙ୍ଗିଆଡ଼ିପା ଗ୍ରାମର ସୁକେଶ କୁଜୁର(୨୩)। ପୋଲିସ ସୂଚନା ମୁତାବକ, ସୁକେଶ ଗତ ୮ ତାରିଖରେ ମାମୁ ଘର ସିକାଯୋରକୁ ଯାଉଥିବା କହି ଘରୁ ବାହାରିଥିଲେ। ହେଲେ ଘୋଘର ପୋଲ ତଳେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖି କିଞ୍ଜିରକେଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୦) ରୁଜୁକରି ତଦନ୍ତ କରିଥିଲା। ପରେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଥିଲା। ପରିବାର ଲୋକେ ସୁକେଶଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା ବୋଲି କହିଛନ୍ତି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବାଲିଶଙ୍କରା, ୧୩।୨(ଡି.ଏନ.ଏ.):** ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ସିଡିପିଓ ପ୍ରତିମା ତନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧାପକ କୁଳମଣି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୌଗତ ମହାପାତ୍ର ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଶିବିରର ଉପକାରିତା ସମ୍ପର୍କରେ କହିଥିଲେ। ଶିବିରରେ ମୋଟ ୧୪୦ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଥିବା ବେଳେ ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅଧାପିକା ଦୀପ୍ତିମୟୀ ବେହେରା, ଶୋଭା ସା, ତନୟା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶିକ୍ଷିକା କରିସ୍ମା ସା, ଲକ୍ଷ୍ମୀ ମହାକୁଳ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିର ପରିଚାଳିକା ଅନିତା ତେରେସା ଲାକ୍ରା ଧନ୍ୟବାଦ ଜ୍ଞାପନ କରିଥିଲେ।

### ୨୨ରେ ପଶ୍ଚିମ ଓଡ଼ିଶା ପୁରୁଷ ବଡି ବିଲ୍ଡିଂ

**ରାଉରକେଲା ଅଫିସ, ୧୩।୨:** ପଶ୍ଚିମ ଓଡ଼ିଶା ଶ୍ରୀପୁରୁଷ ବଡି ବିଲ୍ଡିଂ ପ୍ରତିଯୋଗିତା ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଅର୍ମେଚର ବଡି ବିଲ୍ଡିଂ ସଂଗଠନ ପକ୍ଷରୁ ୨ ଦିନିଆ ପ୍ରତିଯୋଗିତା ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ପ୍ରଥମଥର ପାଇଁ ମହିଳା ଫିଟନେଶ ର୍‍ୟାମ୍ପ ଶୋ ଦେଖିବାକୁ ମିଳିବ। ସଫଳ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ। ପୁରୁଷଙ୍କ ୨୨ ଓ ମହିଳାଙ୍କ ୨୩ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁରୁଷ ବର୍ଗରେ ୭୦ ଓ ମହିଳା ବର୍ଗରେ ୧୫ ପ୍ରତିଯୋଗୀ ଭାଗ ନେବେ ବୋଲି ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ବିରଞ୍ଚି ମିଶ୍ର କହିଛନ୍ତି। ପ୍ରତିଯୋଗୀଙ୍କ ନିମନ୍ତେ ରହିବା, ଖାଇବା ସହ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ। ପ୍ରସ୍ତୁତି ବୈଠକରେ ସଂଘ ଉପସଭାପତି ଦେବଦତ ମିଶ୍ର, ମହେନ୍ଦ୍ର ତରାଇ, ବିଜୟ ବଡାଇକ, ବିକ୍ରମ ସ୍ୱାଇଁ, ପ୍ରଶାନ୍ତ କବି, ସଞ୍ଜୟ ପଟ୍ଟନାୟକ, ଆଶିଷ ମହାନନ୍ଦିଆ, ପ୍ରଫୁଲ୍ଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାଉରକେଲା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ରାଉରକେଲା ଅଫିସ, ୧୩।୨**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ସହ ସୁନ୍ଦରଗଡ଼ ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାର ୭ଟି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିଭାଗକୁ ସୁପାରିସ କରିଥିଲେ ହେଁ ଆବଶ୍ୟକୀୟ ଭିତ୍ତିଭୂମି ଥିବା ରାଉରକେଲା ମହାବିଦ୍ୟାଳୟର ନାମ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରାଉରକେଲାରେ ଉଚ୍ଚଶିକ୍ଷା ପ୍ରତି ରାଜ୍ୟ ସରକାର ଅବହେଳା କରିଥିବା ପ୍ରତିବାଦରେ ଗୁରୁବାର ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ସହ କର୍ମୀ, ଜନସାଧାରଣ ଏବଂ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଅନୁଷ୍ଠିତ ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ଛାତ୍ରୀଛାତ୍ରଙ୍କୁ ଦୃଷ୍ଟିରେ ରଖି ତୁରନ୍ତ ରାଉରକେଲା




ଆନ୍ଦୋଳନକାରୀମାନେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରିଥିଲେ। ବରିଷ୍ଠ କଂଗ୍ରେସ ନେତା ବୀକକରେନ ସେନାପତି, ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ସଭ୍ୟା ପ୍ରଭାତୀ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅବହେଳାକୁ ନିନ୍ଦା କରିଥିଲେ। ରାଜ୍ୟର ଛୋଟ ଛୋଟ ମହାବିଦ୍ୟାଳୟଗୁଡିକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିସ କରୁଥିବା ବେଳେ ୩୫ ଏକର ପରିମିତ ନିଜସ୍ୱ ଜମି ଉପରେ ପ୍ରତିଷ୍ଠିତ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମସ୍ତ ଭିତ୍ତିଭୂମି ରହିଥିବା ବେଳେ ବିଶ୍ୱବିଦ୍ୟାଳୟର ମାନ୍ୟତା ସୁପାରିସ ନ କରିବା ବିଡମ୍ବନାର ବିଷୟ ବୋଲି କହିଥିଲେ। ଆଦିବାସୀ ସୁନ୍ଦରଗଡ଼ ଜିଲାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକା ରାଜସ୍ୱ ପାଉଥିଲେ ହେଁ ଜିଲାର ଆଦିବାସୀ ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପକ୍ଷେ ସୁନ୍ଦରଗଡ଼ ଜଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଗରିବ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବା ସହିତ ସେମାନଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ସ୍ଥିତିରେ

### ସୁନ୍ଦରଗଡ଼ ଜିଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ

ବିକାଶ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରିଯାଇଥିଲା। ରାଜ୍ୟ ସରକାର ଯଦି ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଜିଲାବ୍ୟାପି ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଯୁବନେତା ରୋହିତ ଯୋଶେଫ ତିର୍କୀ, ସେବାଦଳ ଅଧକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଲିୟାରସିଂ, ବରିଷ୍ଠ ନେତା ଚିତ୍ତରଞ୍ଜନ ମହାନ୍ତି, କୀର୍ତ୍ତନ ଦାସ, ଇଂ.ଆର୍‌ପି ସିଂହ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ଓବିସି ଅଧକ୍ଷ କୈଳାସ ସାହୁ, ସିଦ୍ଧେଶ୍ୱର ମଲ୍ଲିକ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ନାରୀନେତ୍ରୀ ରଞ୍ଜିତା ମଲ୍ଲିକ, କଲ୍ୟାଣୀ ପୂର୍ତ୍ତି, ଛାତ୍ରନେତା ରାକେଶ ସମାସୀ, ସ୍ୱନ୍ଦନ କୁମାର ସେଠୀ, ମନୀଷ ଟିଗା ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

## ବେଦ, ବେଦାନ୍ତରେ ରହିଛି ମନୁଷ୍ୟ ମୁକ୍ତିର ମନ୍ତ୍ର

**ରାଉରକେଲା ଅଫିସ, ୧୩।୨**

ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାର ପରିସରରେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଋଷିକେଶ ଶିବାନନ୍ଦ ଆଶ୍ରମର ସ୍ୱାମୀଦେବ ଭକ୍ତାନନ୍ଦ ସରସ୍ୱତୀ ଯୋଗଦେଇ ବେଦାନ୍ତ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସ୍ୱାମୀ ଭକ୍ତାନନ୍ଦ ବେଦ, ବେଦାନ୍ତ ଉପରେ ବୁଝାଇବା ସହ ବେଦ ଓ ବେଦାନ୍ତରେ ମନୁଷ୍ୟର ମୁକ୍ତିର ମନ୍ତ୍ର ରହିଥିବା କହିଥିଲେ। ଏହି ଅବସରରେ ସ୍ୱାମୀ ଶ୍ରଦ୍ଧାଳୁଙ୍କୁ ଧ୍ୟାନ ଯୋଗ ଶିଖାଇ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ପ୍ରତାପ ରାୟ ସ୍ୱାମିଜୀଙ୍କୁ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ବିଭୁଦତ୍ତ ବେହେରା ସ୍ୱାମିଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଠାଗାର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ସାଂସ୍କୃତିକ ସମ୍ପାଦକ ଅଜୟ ପ୍ରଧାନ, କୋଷାଧ୍ୟକ୍ଷ କୁଳମଣି ଦାସ, ଗଦାଧର ରଥ, ଶରତ ରାଉତ, ଦିଗମ୍ବର ପାଢ଼ୀ, ସୁରେନ୍ଦ୍ରନାଥ ବେହେରା, ବିଜୟାନନ୍ଦ ଅଗ୍ରୱାଲ, ନଟବର ଦାସ, ରାଧାମୋହନ ନାୟକ, ଲକ୍ଷ୍ମଣ ଦାସ ଏବଂ ଆକ୍ୟୁପ୍ରେସର ପତଞ୍ଜଳି ଯୋଗ କେନ୍ଦ୍ର ଓ ଶ୍ରୀମା ଅରବିନ୍ଦ ସାବିତ୍ରୀ ପରିବାରର ବହୁ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।



ରାଉରକେଲା ମହାବିଦ୍ୟାଳରେ ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ସମାରୋହ

**ରାଉରକେଲା ଅଫିସ, ୧୩।୨**

ସେକ୍ଟର-୪ ରାଉରକେଲା ମହାବିଦ୍ୟାଳରେ ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଯାଇଛି। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧକ୍ଷ ସୁଜାତା ପ୍ରଧାନ ସଭାପତିତ୍ୱ କରିଥିଲେ। ସେକ୍ଟର-୪ ପୋଲିସ ସବ୍‌ଇନ୍ସପେକ୍ଟର ସଂଯୁକ୍ତା ମହାଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଶିକ୍ଷା ଗ୍ରହଣ ସହିତ ସୁରକ୍ଷା ନେଇ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେବା ଜରୁରୀ ବୋଲି କହିଥିଲେ। ଅଧକ୍ଷା ପ୍ରଧାନ ଛାତ୍ରୀମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିବା ସହ ଆତ୍ମସୁରକ୍ଷା ପ୍ରଶିକ୍ଷଣର ଉପାଦେୟତା ସମ୍ପର୍କରେ କହିଥିଲେ। ଶିବିରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା, ଅଧାପକ ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କୋଇଡ଼ାରେ ନୂତନ ଖଣି ଉପନିର୍ଦ୍ଦେଶକ ନିଯୁକ୍ତ

**ଟେନ୍‌ସା, ୧୩।୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୋଇଡା ଖଣିର ନୂତନ ଉପନିର୍ଦ୍ଦେଶକ ଭାବେ ଏଲ୍.ଡି. ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଖଣି ଉପନିର୍ଦ୍ଦେଶକ ଥିବା ଶଲିଲି ନେହେରାଙ୍କ ପଦୋନ୍ନତି ପରେ ଏହି ପଦବୀ ଖାଲି ପଡିଥିଲା। ଗତ ୧୦ ତାରିଖରେ ନୂତନ ଖଣି ଉପନିର୍ଦ୍ଦେଶକ ଭବେ ନାୟକ କାର୍ଯ୍ୟରେ ଯୋଗଦେଇଛନ୍ତି। ଉପନିର୍ଦ୍ଦେଶକ ନାଏକ କାର୍ଯ୍ୟରେ ଯୋଗଦେବା ପରେ ସମସ୍ତ ବିଭାଗକୁ ଗୁରୁତ୍ୱ ଦେବାସହ ଚଳିତ ବର୍ଷ ୧୪ ଶହ କୋଟି ଟଙ୍କା ରାଜସ୍ୱ ଆଦାୟର ଲକ୍ଷ୍ୟ ରଖାଯାଇଥିବା ପ୍ରକାଶ କରିଛନ୍ତି।



ଏଲ୍.ଡି. ନାୟକ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୁନ୍ଦରଗଡ଼, ୧୩।୨(ଡି.ଏନ.ଏ.)**

ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା କ୍ଷେତ୍ରରେ ବିଦ୍ୟାଳୟର ରହିଥିବା ସୁନାମ ଓ ଛାତ୍ରମାନଙ୍କ ଆଗ୍ରହକୁ ପ୍ରଶଂସା କରିଥିଲେ। ସମାରୋହରେ ବିଦ୍ୟାଳୟର ପୁରାତନ ଛାତ୍ର ଶରତଚନ୍ଦ୍ର ମହାପାତ୍ର, ବିଦ୍ୟାଧର ସରାଫ, ଦୁର୍ଗାମାଧବ ପଟେଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷୟିତ୍ରୀ ନନ୍ଦିତା ନାଏକ ସଭା ସଞ୍ଚାଳନ କରିଥିଲେ। କ୍ରୀଡା ଶିକ୍ଷକ ବୀରେନ୍ଦ୍ର ପ୍ରତାପ କେଶରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଠିକା ଶ୍ରମିକଙ୍କ ଚିକିତ୍ସା ନେଇ ଉଦ୍‌ବେଗ

**ରାଉରକେଲା ଅଫିସ, ୧୩।୨**

ଷ୍ଟିଲ ସିଟିରେ ଅସ୍ଥାୟୀ ତଥା ଠିକା ଶ୍ରମିକଙ୍କ ସଂଖ୍ୟା ବଢିବାରେ ଲାଗିଛି। ସରକାର ଠିକା କର୍ମଚାରୀଙ୍କ ନିଯୁକ୍ତି ଉପରେ ପ୍ରାଧାନ୍ୟ ଦେଉଛନ୍ତି। ହେଲେ ସେମାନଙ୍କ ଚିକିତ୍ସା ସେବା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଏନେଇ ରାଉରକେଲାରେ ଠିକା ଶ୍ରମିକଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ବୋଲି ଶିଳ୍ପାଞ୍ଚଳ ମଜଦୁର ସଭା ସାଧାରଣ ସମ୍ପାଦକ ଦିଗାମ୍ବର ମହାନ୍ତି ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରାଉକେଲାରେ ଏକ ମାତ୍ର କର୍ମଚାରୀ ବୀମା ଚିକିତ୍ସାଳୟ ୨୦୦୩ରୁ କାର୍ଯ୍ୟ ହୋଇଆସୁଛି। ଡାକ୍ତରଖାନା ଉପରେ ଲକ୍ଷାଧିକ ଶ୍ରମିକ ନିର୍ଭର କରୁଥିଲେ, ଯେଉଁଠି ପୂର୍ଣ୍ଣ ଚିକିତ୍ସା ବଦଳରେ ଦ୍ୱିତୀୟ ଶ୍ରେଣୀ ଚିକିତ୍ସା ସୁବିଧା ଉପଲବ୍ଧ ହେଉଥିଲା। ବିଶେଷଜ୍ଞ ଡାକ୍ତର ଅଭାବ ସାଙ୍ଗକୁ ଷ୍ଟାଫ ଓ ଯନ୍ତ୍ରପାତି ସମସ୍ୟା ଥିବା ସତ୍ତ୍ୱେ ରୋଗୀମାନେ କିଛିମାତ୍ରାରେ ଉପକୃତ ହେଉଥିଲେ। ଆବଶ୍ୟକସ୍ଥଳେ ଦୁରାରୋଗ୍ୟରେ ପୀଡିତ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ସୁବିଧା ରହିଥିଲା। ହେଲେ ଏହାକୁ ନିକଟରେ ବନ୍ଦ କରିବାକୁ କର୍ତ୍ତୃପକ୍ଷ ଚକ୍ରାନ୍ତ କରୁଥିବା ସମ୍ପାଦକ ମହାନ୍ତି ଅଭିଯୋଗ କରିଛନ୍ତି। ଡାକ୍ତରଖାନାରେ ଏକ୍ସରେ ଏବଂ ଅଲଟ୍ରାସାଉଣ୍ଡ ସୁବିଧା ନ ଥିବା ବେଳେ ରୋଗୀ ଏହାକୁ ବରଦାସ୍ତ କରି ଅନ୍ୟତ୍ର ସୁବିଧା ନେବାକୁ ପଛଘୁଞ୍ଚା ଦେଉ ନ ଥିଲେ। ଏଭଳିସ୍ଥିତିରେ କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ସୁବିଧା ପ୍ରତ୍ୟାହାର କରିବା ନିନ୍ଦନୀୟ ବୋଲି ସମ୍ପାଦକ ମହାନ୍ତି ଏକ ବିବୃତିରେ ପ୍ରକାଶ କରିଛନ୍ତି। ଠିକା କର୍ମଚାରୀଙ୍କ ପାଇଁ ସରକାରଙ୍କ ବୈମାତୃକ ମନୋଭାବକୁ ଗ୍ରହଣ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। କର୍ତ୍ତୃପକ୍ଷ ତ୍ରୁଟି ନ ସୁଧାରିଲେ ଇଏସ୍‌ଆଇସି କେନ୍ଦ୍ରୀୟ ବୋର୍ଡ ନଷ୍ପତ୍ତିକୁ ଦୃଢ ବିରୋଧ କରାଯିବ ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି।

# ସିଆଇଟିୟୁ ପକ୍ଷରୁ ଖଣି ଅଫିସ ଘେରାଉ

**ଟେନ୍‌ସା, ୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟରରେ ଖଣି ନିଲାମ ପ୍ରକ୍ରିୟା ଶେଷ ହେବାକୁ ଯାଉଛି। ଏହାରି ମଧ୍ୟରେ ନାରାୟଣପୋଷ ଖଣି, ମହୁଲଶୁଖା ଖଣି, ଗଣୁଆ ଖଣି, ବିଆଇକୋ ଖଣି, ପ୍ରିପେଡ ନଦୀ ଡିହିଖଣି, କଲମଙ୍ଗ ଖଣି ଆଦି ନିଲାମ ହୋଇସାରିଛି। ଏନେଇ ଖଣି ମାଲିକମାନେ ନୋଟିସ ଜାରି କରିଛନ୍ତି। ଏହା ଜାଣିବା ପରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଖଣି ଖାଦାନରେ କାମ କରି ପରିବାର ପ୍ରତିପୋଷଣ କରୁଥିବା

### ଖଣି ନିଲାମ: ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ

ଶ୍ରମିକମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏନେଇ ସୁନ୍ଦରଗଡ଼ ଖାଦାନ ମଜଦୁର ୟୁନିୟନ ସିଆଇଟିୟୁ ପକ୍ଷରୁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ୟୁନିୟନ ସାଧାରଣ ସମ୍ପାଦକ ପ୍ରଭାତ ପଣ୍ଡା, ପ୍ରମୋଦ ସାମଲ, ଅଶୋକ ସାମଲ, ସନ୍ତୋଷ ସିଂ, ଡମ୍ବରୁ ଦେହୁରୀ, ବାବୁଲି ମୁଣ୍ଡା, ହରିଶ ରାଏ, କେ.ସି ବାରିକ, ହଳଧର ଦେହୁରୀଙ୍କ ସହ କାର୍ଯ୍ୟରତ ଶତାଧିକ ଶ୍ରମିକ ଏକ ଶୋଭାଯାତ୍ରାରେ ବାହାରି ଖଣି ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆନ୍ଦୋଳନକାରୀମାନେ ଉପନିର୍ଦ୍ଦେଶକ ଏଲ୍.ଡି. ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରମିକମାନଙ୍କୁ ପୂର୍ଣ୍ଣ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଏନେଇ ଖଣି ଉପନିର୍ଦ୍ଦେଶକ ଏଲ୍.ଡି ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଶ୍ରମିକମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।




ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବାଲି ଚୋରାଚାଲାଣ: ୫ ଟ୍ରାକ୍ଟର ଜବତ

**କୁତ୍ରା, ୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ପକ୍ଷରୁ ଗୁରୁବାର ଅପରାହ୍ନରେ ଚଢାଉ କରାଯାଇ ବାଲି ଚୋରା ଚାଲାଣ କରୁଥିବା ୫ଟି ଟ୍ରାକ୍ଟରକୁ ଜବତ କରଛି। କୁତ୍ରା ତହସିଲ ଅଧୀନ ସାଧୁମୁଣ୍ଡା, ତରକେରା, ବିଜାଡିହି, ଲକ୍ଷ୍ମୀପୋଷ ଗ୍ରାମଦେଇ ଶଙ୍ଖନଦୀ ପ୍ରବାହିତ ହେଉଛି। ଏପରି କି ଏହି ସବୁ ବାଲିଘାଟରୁ କୁତ୍ରା, ବଡ଼ଗାଁ ଓ ରାଜଗାଙ୍ଗପୁର ଅଞ୍ଚଳକୁ ବାଲି ଯାଉଛି। ହେଲେ ସରକାରୀସ୍ତରରେ କେବଳ ତରକେରା ଘାଟ ନିଲାମ ହୋଇଥାଏ। ଏହି ଘାଟ ଚାଲୁ

### ବାଲି ଘାଟ ନିଲାମ ଦାବି

ରହିଥିବା ବେଳେ ବାଲି ପାଇଁ ଲୋକଙ୍କୁ ଅସୁବିଧା ହେଉ ନ ଥିଲା। ହେଲେ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କିଛି ଲୋକ ତରକେରା ବାଲିଘାଟକୁ ବନ୍ଦ କରିଦେଇଛନ୍ତି। ଫଳରେ ଟ୍ରାକ୍ଟର ମାଲିକମାନେ ଚୋରାରେ ବାଲି ଉଠାଉଛନ୍ତି। ପ୍ରଶାସନ ମଧ୍ୟ ଚୋରା ବାଲି ଚାଲାଣ ପ୍ରତି ନଜର ରଖି ବିଭିନ୍ନ ସମୟରେ ଫାଇନ ଆଦାୟ କରୁଛି। ହେଲେ ପ୍ରକୃତ ସମସ୍ୟାର ସମାଧାନ ହୋଇପାରୁନାହିଁ। ଅନ୍ୟପକ୍ଷେ ଅଞ୍ଚଳର ଲୋକଙ୍କୁ ବାଲି ପାଇଁ ହନ୍ତସନ୍ତ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏ ନେଇ କୁତ୍ରା ତହସିଲଦାର ସୁପ୍ରଭା ଦାସଙ୍କୁ ପଚାରିବାରୁ ଏନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବ ବୋଲି କହିଥିଲେ। ହେଲେ କୁତ୍ରା ଅଞ୍ଚଳର ଲୋକେ ସରକାରଙ୍କୁ ଟିକସ ଦେଇ ବାଲି ଉଠାଇବାକୁ ଚାହୁଁଥିବା ବେଳେ ପ୍ରଶାସନିକସ୍ତରରେ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ବାଲିଘାଟ ନିଲାମ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବଡ଼ଖଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଲେଫ୍ରିପଡା, ୧୩।୨(ଡି.ଏନ.ଏ.)**

କାର୍ଯ୍ୟରେ ଅବହେଳା ସହ ସ୍କୁଲରେ ବିଶୃଙ୍ଖଳା କରୁଥିବା ନେଇ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଧୀନ ସୁର୍ଗୁଡା କ୍ଲଷ୍ଟର ବଡଖଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ନାଏକଙ୍କୁ ଗୁରୁବାର ଚାକିରିରୁ ନିଲମ୍ବିତ କରାଯାଇଛି। ଏନେଇ ଲେଫ୍ରିପଡ଼ା ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ, ପ୍ରଧାନ ଶିକ୍ଷକ ନାଏକ ପ୍ରାୟ ସମୟରେ ମଦପିଇ ବିଦ୍ୟାଳୟକୁ ଆସିବା ସହ କାର୍ଯ୍ୟରେ ଅବହେଳା ଏବଂ ବିଶୃଙ୍ଖଳା ପ୍ରଦର୍ଶନ କରୁଥିଲେ। ଏ ନେଇ ବିଦ୍ୟାଳୟର ପରିଚାଳନା କମିଟି ଏବଂ ଅଭିଭାବକ ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ। ହେଲେ ପ୍ରଧାନ ଶିକ୍ଷକଙ୍କ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଗୁରୁବାର ପୁଣି ପ୍ରଧାନ ଶିକ୍ଷକ ନାଏକ ମଦପିଇ ବିଦ୍ୟାଳୟକୁ ଆସିଥିଲେ। ଏହାର ପ୍ରତିବାଦ କରି ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକମାନେ ବିଦ୍ୟାଳୟର ତାଲାପକାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଶିକ୍ଷା ଅଧିକାରୀ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ଲେଫ୍ରିପଡ଼ା ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ପତ୍ର ସଂଖ୍ୟା ୩୦୪/୧୩-୦୨-୨୦୨୦ରେ ପ୍ରଧାନ ଶିକ୍ଷକ ନାଏକଙ୍କୁ ନିଲମ୍ବନ କରିଛନ୍ତି।




ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ ସ୍କୁଲରେତାଲା ପକାଇ ଆନ୍ଦୋଳନ କରୁଛନ୍ତି।

# ବଡ଼ଗାଁ କପ୍ କ୍ରିକେଟ: ୧୬ରେ ଫାଇନାଲ

**ବଡଗାଁ, ୧୩।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ମିନି ଷ୍ଟାଡିୟମଠାରେ ୯ତାରିଖରୁ ବଡଗାଁ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ହେଲେ ବର୍ଷା ହେବାରୁ ୧୦ ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ବନ୍ଦ ରଖାଯାଇଥିଲା। ୧୧ ତାରିଖରେ ରାଉରକେଲାର ଉତ୍କଳ କ୍ରିକେଟ କ୍ଲବ ଓ ବଡଗାଁ ଓରିଏଣ୍ଟ କ୍ରିକେଟ କ୍ଲବ(ବି) ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଉତ୍କଳ କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ୧୨ ତାରିଖରେ ରାଉରକେଲା ସେକ୍ଟର-୪ ୟୁନିକ ସନ୍‌ରାଇଜ ଦଳ ଏବଂ ବଡଗାଁ ଓସିସି(ଏ)ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ୟୁନିକ ସନ୍‌ରାଇଜ ଦଳ ବିଜୟୀ ହୋଇଥିଲା। ଗୁରୁବାର ରାଉରକେଲା ସେକ୍ଟର-୧୫ ସେଞ୍ଚୁରି କ୍ରିକେଟ କ୍ଲବ ଏବଂ ଭୋଇପାଲି ଆର୍‌ସିସି ମଧ୍ୟରେ ହୋଇଥିଲା। ସେଞ୍ଚୁରି କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୧୮୧ ରନ୍ କରିଥିଲା। ଜବାବରେ ଭୋଇପାଲି ଟିମ ୨୨ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ଭୋଇପାଲି ଟିମର ସଞ୍ଜୟ ଦାସ ସର୍ବାଧିକ ୬୩ ରନ୍ କରିଥିଲେ। ବିଶାଳ ହାତୀ ୫୦ ରନ୍ କରିବା ସହିତ ଗୋଟିଏ ଉଇକେଟ ନେଇଥିଲେ। ଭୋଇପାଲି ଟିମ୍‌ର ବିଶାଳ ହାତୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ରାଉରକେଲା ସେଞ୍ଚୁରି କ୍ରିକେଟ କ୍ଲବର ୱାସିମ ୬୨ ରନ୍ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ଜିଏସ୍‌ସିସି ରାଉରକେଲା ଓ ରାଉରକେଲା ଉତ୍କଳ କ୍ରିକେଟ କ୍ଲବ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲ ରାଉରକେଲା ୟୁନିକ ସନରାଇଜ ଓ ଭୋଇପାଲି ଆର୍‌ସିସି ମଧ୍ୟରେ ଖେଳାଯିବ। ୧୬ ତାରିଖ ରବିବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ଭୋଇପାଲି ଆର୍‌ସିସି ଟିମର ବିଶାଳ ହାତୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରୁଛନ୍ତି।

ଧରିତ୍ରୀ DHARITRI

# ମାଟ୍ରିକ ପରୀକ୍ଷା ସାଥୀ

୧୦

ସମ୍ବଲପୁର, ଶୁକ୍ରବାର, ୧୪ ଫେବୃୟାରୀ, ୨୦୨୦



## ସାଧାରଣ ବିଜ୍ଞାନ (GENERAL SCIENCE)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

**Physical Science**

**1. ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ।** [1×5=5

(i) ଇଥାନୋଇକ୍ ଅମ୍ଳର ସାଧାରଣ ନାମ କ'ଣ ?

(ii) କାର୍ବୋନିକ ଅମ୍ଳ କେଉଁ ପ୍ରକାର ଲବଣ ସୃଷ୍ଟି କରେ ?

(iii) କେଉଁ ଧାତୁସହ ଅଳ୍ପ ପରିମାଣର କାର୍ବନ ମିଶାଇଲେ ତାହା ଶକ୍ତ ଓ କଠିନ ହୋଇଯାଏ ?

(iv) ଚକ୍ଷୁ ଲେନ୍ସର ଫୋକସ୍ ଦୂରତା ହ୍ରାସପାଇଲେ ପ୍ରତିବିମ୍ବ କେଉଁଠାରେ ଗଠିତ ହୁଏ ?

(v) ଚୁମ୍ବକୀୟ କ୍ଷେତ୍ରରେଖା କି ପ୍ରକାର ରେଖା ?

**2. ଶୂନ୍ୟସ୍ଥାନ ପୂରଣ କର।** [1×5=5

(i) ଏକ ଦ୍ରବଣର pH ମୂଲ୍ୟ 6 ହେଲେ, ଏହା ______ ହେବ।

(ii) CuO ______ ହରାଇଲେ ବିଜାରିତ ହୁଏ।

(iii) $ZnCO_3$କୁ ______ ପ୍ରଣାଳୀରେ ZnO ରେ ପରିଣତ କରାଯାଏ।

(iv) ଅବତଳ ଦର୍ପଣରେ ପୋଲ୍ ଓ ଫୋକସ୍ ମଧ୍ୟରେ ବସ୍ତୁ ରହିଲେ ପ୍ରତିବିମ୍ବର ଆକାର ______ ହୋଇଥାଏ।

(v) 6 ସେକେଣ୍ଡରେ 3 କୁଲମ୍ ଚାର୍ଜ ପ୍ରବାହିତ ହେଲେ ବିଦ୍ୟୁତ୍ ସ୍ରୋତର ପରିମାଣ ______।

**3. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ଲେଖ।** [1×5=5

(i) $CaO + H_2O \longrightarrow Ca(OH)_2$ । ଏହି ପ୍ରତିକ୍ରିୟାରେ କାର୍ବନ CaO କଠିନ ଅବସ୍ଥାରେ ରହିଥାଏ।

(ii) ଅଣୁ ଗଠନବେଳେ ହାଇଡ୍ରୋଜେନ ପରମାଣୁ ହିଲିୟମ୍ ପରମାଣୁର ଇଲେକ୍ଟ୍ରନ୍ ସଂରଚନା ଧାରଣ କରେ।

(iii) ମେଣ୍ଡେଲିଫ୍‌ଙ୍କ ପରବର୍ତ୍ତୀ ସମୟରେ ଆବିଷ୍କୃତ ସ୍କାଣ୍ଡିୟମ୍‌ର ଧର୍ମ ଏକ-ବୋରନ୍‌ର ଧର୍ମସହ ସମାନ।

(iv) ଉତ୍ତଳ ଲେନ୍ସରେ ବସ୍ତୁସହ ସମାନ ଆକାରର ପ୍ରତିବିମ୍ବ $F_1$ ଠାରେ ଗଠିତ ହୁଏ।

(v) ଫ୍ଲେମିଂଙ୍କ ବାମହସ୍ତ ନିୟମରେ ତର୍ଜନୀ ବିଦ୍ୟୁତ୍ ସ୍ରୋତର ଦିଗ ସୂଚାଏ।

**4. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମେଳ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ପ୍ରତିରୋଧ ହ୍ରାସ | (a) 1.2 |
| (ii) ପ୍ରତିରୋଧ ବୃଦ୍ଧି | (b) କଳା ଆସ୍ତରଣ |
| (iii) ମୋତିଆ ବିନ୍ଦୁ | (c) ସମାନ୍ତର ସଂଯୋଗ |
| (iv) ରୁପା | (d) ଶଲ୍ୟ ଚିକିତ୍ସା |
| (v) ପାଚନ ରସ | (e) ପଙ୍କ୍ତି ସଂଯୋଗ |

**5. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ।** [1×5=5

(i) ପ୍ରଶମନୀକରଣ ପ୍ରତିକ୍ରିୟା କ'ଣ ?

(ii) ଯେଉଁ ଧାତୁର ଜଳସହ ପ୍ରତିକ୍ରିୟା କମ୍ ତୀବ୍ରତର ହୋଇଥାଏ, ତାହାର ରାସାୟନିକ ସମୀକରଣ ଲେଖ।

(iii) ଡୁବେରିନରଙ୍କ ଟ୍ରାଇଏଡ୍ କ'ଣ ଦର୍ଶାଏ ?

(iv) 220 V ଲାଇନରେ 110 Ω ପ୍ରତିରୋଧର ଗୋଟିଏ ହିଟର ଲାଗିଲେ ସେଥିରେ କେତେ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ ?

(v) ଗୋଟିଏ ଲେନ୍ସର ପାୱାର୍ –2.5 D ହେଲେ ଏହାର ଫୋକସ୍ ଦୂରତା କେତେ ?

**LIFE SCIENCE**

**6. ଶୂନ୍ୟସ୍ଥାନ ପୂରଣ କର।** [1×5=5

(i) ଏକଗ୍ରାମ୍ ଶ୍ୱେତସାରରୁ ______ ଶକ୍ତି ନିର୍ଗତ ହୁଏ।

(ii) ଜଳକ୍ଷୟଯୋଗୁଁ ପତ୍ର ଫଳକରେ ______ ଉତ୍ତାପ କମିଯାଏ।

(iii) ସ୍ନାୟୁ କୋଷରେ ______ ନଥିବାରୁ ଏହା ବିଭାଜିତ ହୋଇପାରେ ନାହିଁ।

(iv) ମଣିଷର ବୃହଦନ୍ତସହ ଥିବା ______ ଏକ ଅବଶେଷାଙ୍ଗ।

(v) ଶୀତଳୀକରଣ ଯନ୍ତ୍ରରେ ବ୍ୟବହୃତ ______ ଗ୍ୟାସ୍ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟିକଲାଣି।

**7. ଗୋଟିଏ ଶବ୍ଦରେ ଉତ୍ତର ଦିଅ।** [1×5=5

(i) ଭାରତ ମହାସାଗରର ମରିସସ୍ ଦ୍ୱୀପରେ ଦେଖାଯାଉଥିବା କେଉଁ ପ୍ରାଣୀ ଅତି ନିକଟରେ ଲୋପ ପାଇଯାଇଛି।

(ii) ପରିବେଶରେ ଥିବା ମାଟି, ପାଣି, ପବନ ଅନ୍ୟ ମୌଳିକ ପଦାର୍ଥ, ଯୌଗିକ ପଦାର୍ଥପରି ସମସ୍ତ ନିର୍ଜୀବ ପଦାର୍ଥକୁ ନେଇ ପରିସଂସ୍ଥାର କେଉଁ ଉପାଦାନ ଗଠିତ ?

(iii) ସାଧାରଣତଃ ______ ଧାତୁ କିମ୍ବା କାଚରେ ସୌର ଚୂଲାର ପ୍ରତିଫଳକ ତିଆରି ହୋଇଥାଏ।

(iv) ______ ର ସ୍ୱାଭାବିକ୍ ମୃତ୍ୟୁ ନାହିଁ।

(v) ହାଇପୋଥାଲାମସ୍ ସହିତ ଏକ ଛୋଟ ବୃନ୍ତ ସାହାଯ୍ୟରେ ଲାଗିରହିଥିବା ଗ୍ରନ୍ଥି ______।

**8. ଗୋଟିଏ ବାକ୍ୟରେ ଉତ୍ତର ଦିଅ।** [1×5=5

(i) ଏଫରେଣ୍ଟ କହିଲେ କ'ଣ ବୁଝ ?

(ii) ଫ୍ଲୋଏମ୍‌ର କାର୍ଯ୍ୟ ଲେଖ।

(iii) ଅନ୍ତଃପରଜୀବୀ କେଉଁମାନଙ୍କୁ କୁହାଯାଏ ?

(iv) ଅତିବାଇଗଣୀ ରଶ୍ମିର କୁପ୍ରଭାବ ଲେଖ।

(v) ଉଦ୍ଭିଦର ଚୟାପଚୟ ପ୍ରକ୍ରିୟାରେ ଜାତ ବିଭିନ୍ନ ଉପଜାତ ପଦାର୍ଥ କ'ଣ ହୁଏ ?

**9. 'କ' ସ୍ତମ୍ଭରେ ପ୍ରଥମ ଯୋଡ଼ାର ସମ୍ପର୍କକୁ ଲକ୍ଷ୍ୟ କରି "ଖ' ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର।** [1×5=5

| | 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|
| (i) | ପୁରୀ : 5 : 5 ମେଗାୱାଟ୍ | କନ୍ୟାକୁମାରୀ : ______। |
| (ii) | କର୍ବେଟ୍ : ବାଘ | ଭରତପୁର : ______। |
| (iii) | ରାମାପିଥେକସ୍ : ଆଫ୍ରିକା | ଶିବାପିଥେକସ୍ : ______। |
| (iv) | ବିଟା କୋଷ: ଇନ୍ସୁଲିନ୍ | ଆଲ୍ଫା କୋଷ : ______। |
| (v) | କାଣ୍ଡ : ବାତରନ୍ଧ୍ର | ପତ୍ର : ______। |

**10. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ସୂଚାଅ।** [1×5=5

(i) ଆମ ଅନ୍ତନଳୀରେ ସହଜୀବୀଭାବେ ରହୁଥିବା ଇଚେରିଚିଆ କୋଲାଇ ନିଜ ଶରୀରରେ ଭିଟାମିନ୍ $B_{12}$ ପ୍ରସ୍ତୁତ କରି ଆମକୁ ଯୋଗଇଥାଏ।

(ii) ବେଙ୍ଗ ଶୀତସୁପ୍ତି ସମୟରେ ଫୁସ୍‌ଫୁସ୍ ଦ୍ୱାରା ଶ୍ୱାସକ୍ରିୟା କରେ।

(iii) ମ୍ୟାନୋମିଟର ସାହାଯ୍ୟରେ ମୂଳଚାପ ମପାଯାଏ।

(iv) ଫ୍ଲୋରିଜେନ୍ ଓ ଫାଇଟୋକ୍ରୋମ୍ ଉଦ୍ଭିଦର କାଣ୍ଡ ଓ ମୂଳର ଗତିକୁ ନିୟନ୍ତ୍ରଣ କରନ୍ତି।

(v) ଜଙ୍ଗଲ ସମ୍ପଦ କହିଲେ ଆମେ ଆମ ଘରିପଟେ ଦେଖାଯାଉଥିବା ଜଙ୍ଗଲକୁ ବୁଝିଥାଉ।

### PART – II (SUBJECTIVE)

**11. (A)** pH ସ୍କେଲ୍ କ'ଣ ? ଏହାର ଆବଶ୍ୟକତା ଲେଖ। ସବଳ ଅମ୍ଳ ଓ ଦୁର୍ବଳ ଅମ୍ଳ କ'ଣ ? [4

**କିମ୍ବା,** ବୈଦ୍ୟୁତିକ ଶୋଧନ କ'ଣ ? ଏହାର ପଦ୍ଧତିଗୁଡ଼ିକ ବର୍ଣ୍ଣନା କର। [4

**(B)** ସମୀପ ଦୃଷ୍ଟି ଓ ଦୂରଦୃଷ୍ଟି କ'ଣ ? ଏଗୁଡ଼ିକର କାରଣ ଓ ପ୍ରତିକାର ଉଲ୍ଲେଖ କର। [4

**କିମ୍ବା,** ତିନୋଟି $R_1$, $R_2$ ଓ $R_3$ ପ୍ରତିରୋଧକୁ ପ୍ରଥମେ ସମାନ୍ତର ଓ ପରେ ପଙ୍କ୍ତି ସଂଯୋଗ କଲେ ସେମାନଙ୍କ ସମତୁଲ୍ୟ ପ୍ରତିରୋଧ କେତେ ହେବ ? ଉଭୟକୁ ସମାନ ବିଭବାନ୍ତରରେ ସଂଯୋଗ କଲେ କେଉଁ କ୍ଷେତ୍ରରେ ଅଧିକ ତାପ ଉତ୍ପନ୍ନ ହେବ ? ପଙ୍କ୍ତି ସଂଯୋଗ ବୈଶିଷ୍ଟ୍ୟ ଲେଖ।

**12.(A)** ବିସ୍ଥାପନ ପ୍ରତିକ୍ରିୟା ଓ ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ। [3

**କିମ୍ବା,** ପୃକ୍ତ ହାଇଡ୍ରୋକାର୍ବନ୍ ଓ ଅପୃକ୍ତ ହାଇଡ୍ରୋକାର୍ବନ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

**(B)** $MgCl_2$ ଅଣୁର ଗଠନ ବୁଝାଅ। [3

**କିମ୍ବା,** ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ର ପ୍ରସ୍ତୁତ ଓ ଧର୍ମ ଲେଖ।

**(C)** 8 ସେ.ମି. ଫୋକସ୍ ଦୈର୍ଘ୍ୟ ବିଶିଷ୍ଟ ଉତ୍ତଳ ଲେନ୍ସଠାରୁ 12 ସେ.ମି. ଦୂରରେ 7 ସେ.ମି. ଉଚ୍ଚର ଏକ ବସ୍ତୁ ରହିଲେ ଏହାଦ୍ୱାରା ଗଠିତ ପ୍ରତିବିମ୍ବର ଅବସ୍ଥିତି, ପ୍ରକୃତି ଓ ଉଚ୍ଚତା ନିର୍ଣ୍ଣୟ କର। [3

**କିମ୍ବା,** ଯଦି 220 V ଲାଇନ୍‌ରେ ସର୍ବାଧିକ 5A ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ, ତେବେ ସେହି ପରିପଥରେ ସମାନ୍ତରାଳ ଭାବେ 100 W ର ସର୍ବାଧିକ କେତୋଟି ବଲ୍‌ବ ବ୍ୟବହାର କରାଯାଇପାରିବ ?

**13.(A)** $4Na + O_2 \rightarrow 2\,Na_2O$: ଏହି ସମୀକରଣରେ କେଉଁ ପଦାର୍ଥ ଜାରିତ ଓ କେଉଁ ପଦାର୍ଥ ବିଜାରିତ ହେଉଛି ବୁଝାଅ। [2

**କିମ୍ବା,** ଖାଇବା ସୋଡ଼ାର ଦୁଇଟି ବ୍ୟବହାର ଲେଖ।

**(B)** ପାରଦର ଧାତୁପିଣ୍ଡର ନାମ କ'ଣ ? ଏହା ତା'ର ଧାତୁପିଣ୍ଡରୁ କିପରି ନିଷ୍କାସିତ ହୁଏ ? [2

**କିମ୍ବା,** ଏକ ପରମାଣୁର ଇଲେକ୍ଟ୍ରନ୍ ସଂରଚନା, ଏହି ପରିମାଣୁର ଆଧୁନିକ ପର୍ଯ୍ୟାୟ ସାରଣୀରେ ଅବସ୍ଥିତ ସହିତ କ'ଣ ସଂପର୍କ ରହିଛି ?

**(C)** ପ୍ରତିଫଳନର ନିୟମ ଦ୍ୱୟ ଲେଖ। [2

**କିମ୍ବା,** ଚକ୍ଷୁର ସର୍ବାଧିକ ସମାୟୋଜନ୍ ପାୱାର ନିର୍ଣ୍ଣୟ କର।

**(D)** 220 V – 100 W ର ଏକ ବିଦ୍ୟୁତ୍ ବଲବକୁ 110 V ରେ ଚଲୁ କଲେ କେତେ ପାୱାର ବ୍ୟୟ ହେବ ? [2

**କିମ୍ବା,** ପ୍ରେରିତ ବିଦ୍ୟୁତ୍ ସ୍ରୋତର ସାମର୍ଥ୍ୟ କେଉଁ କାରଣଗୁଡ଼ିକ ଉପରେ ନିର୍ଭର କରେ ?

**14.(A)** ଅଗ୍ର ମସ୍ତିଷ୍କର ବିଭିନ୍ନ ଅଂଶର ନାମ ଓ କାର୍ଯ୍ୟ ଲେଖ। [4

**କିମ୍ବା,** ଏମିବାର ବହୁବିଭାଜନ ପ୍ରକ୍ରିୟା ବର୍ଣ୍ଣନା କର।

**(B)** ଭୂତାପଜ ଶକ୍ତି କ'ଣ ? ଏହି କିପରି ଉତ୍ପାଦନ କରାଯାଏ ? ଏହାର ଉପାଦେୟତା ଲେଖ। [4

**କିମ୍ବା,** ପରିସଂସ୍ଥାରେ ଶକ୍ତିର ପ୍ରବାହର ଏକ ବିବରଣୀ ଦିଅ।

**15. (A)** ଖାଦ୍ୟାଭ୍ୟାସକୁ ଆଧାର କରି ପ୍ରାଣୀମାନଙ୍କର ଶ୍ରେଣୀବିଭାଗ କର। [3

**କିମ୍ବା,** ପ୍ରଶ୍ୱାସ ଓ ନିଃଶ୍ୱାସ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

**(B)** ମନୁଷ୍ୟ ଶ୍ୱାସତନ୍ତ୍ରର ନାମାଙ୍କିତ ଚିତ୍ର ଅଙ୍କନ କର। [3

**କିମ୍ବା,** ମୂତ୍ରଜନ ନଳିକାର ନାମାଙ୍କିତ ଚିତ୍ର ଅଙ୍କନ କର।

**(C)** ଖାଦ୍ୟଶୃଙ୍ଖଳର ମହତ୍ତ୍ୱଗୁଡ଼ିକ ଉଲ୍ଲେଖ କର। [3

**କିମ୍ବା,** ସାମାଜିକ ବନପ୍ରକଳ୍ପ କ'ଣ ? ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ ଲେଖ।

**16. (A)** ପ୍ରାକୃତିକ ସଂପଦର ସଂରକ୍ଷଣରେ ସମ୍ବରଣ ନୀତି କ'ଣ ବୁଝାଅ। [2

**କିମ୍ବା,** ଅମ୍ଳବର୍ଷା କ'ଣ ? ଏହାର କୁପ୍ରଭାବ ଲେଖ।

**(B)** ପୋଷକ ଚକ୍ର ଓ ପୋଷକ କୁଣ୍ଡ କ'ଣ ? [2

**କିମ୍ବା,** ପବନ କଳରୁ ବିଦ୍ୟୁତ୍ ଶକ୍ତି କିପରି ଉତ୍ପନ୍ନ ହୁଏ ?

**(C)** ଉଦ୍ଭିଦର ବୃଦ୍ଧି ହ୍ରାସକ ହରମୋନ୍‌ର ନାମ ଓ କାର୍ଯ୍ୟ ଲେଖ। [2

**କିମ୍ବା,** ୟୁରିଆ କିପରି ଓ କେଉଁଠାରେ ପ୍ରସ୍ତୁତ ହୁଏ ? ଏହା କିପରି ନିଷ୍କାସିତ ହୁଏ ?

**(D)** ଉଦ୍ଭିଦର ସଂବାହୀ ଟିସୁର ନାମ ଓ କାର୍ଯ୍ୟ ଲେଖ। [2

**କିମ୍ବା,** NADP କ'ଣ ? ଏହା କିପରି NADPH ରେ ପରିଣତ ହୁଏ ?

### ANSWERS: PART – I (OBJECTIVE)

**1.** (i) ଏସିଟିକ୍ ଅମ୍ଳ (ii) କ୍ଷାରୀୟ (iii) ଲୁହା (iv) କାଚଭରସ (v) ଅବିଚ୍ଛିନ୍ନ ଓ ମୁଦିତ

**2.** (i) ମୃଦୁ ଅମ୍ଳୀୟ (ii) ଅକ୍ସିଜେନ୍ (iii) କାଲ୍‌ସିନେସନ୍ (iv) ଆଭାସୀ ଓ ସଳଖ (v) 0.5 A

**3.** (i) ✓ (ii) ✓ (iii) ✓ (iv) × (v) ×

**4.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ପ୍ରତିରୋଧ ହ୍ରାସ | (c) ସମାନ୍ତର ସଂଯୋଗ |
| (ii) ପ୍ରତିରୋଧ ବୃଦ୍ଧି | (e) ପଙ୍କ୍ତି ସଂଯୋଗ |
| (iii) ମୋତିଆ ବିନ୍ଦୁ | (d) ଶଲ୍ୟ ଚିକିତ୍ସା |
| (iv) ରୁପା | (b) କଳା ଆସ୍ତରଣ |
| (v) ପାଚନ ରସ | (a) 1.2 |

**5.** (i) ଅମ୍ଳ ଓ କ୍ଷାରକ ମଧ୍ୟରେ ପ୍ରତିକ୍ରିୟା ଘଟି ଲବଣ ଓ ଜଳ ଉତ୍ପନ୍ନ ହେବାକୁ ପ୍ରଶମନୀକରଣ ପ୍ରତିକ୍ରିୟା କୁହାଯାଏ। (ii) $Ca + 2H_2O \longrightarrow Ca(OH)_2 + H_2$ (iii) ପ୍ରତି ଟ୍ରାଇଏଡ୍‌ରେ ଥିବା ମୌଳିକଗୁଡ଼ିକୁ ସେମାନଙ୍କ ବର୍ଦ୍ଧିତ ପାରମାଣବିକ ବସ୍ତୁତ୍ୱ କ୍ରମରେ ସଜାଇଲେ ମଧ୍ୟସ୍ଥାନରେ ରହିଥିବା ମୌଳିକର ପାରମାଣବିକ ବସ୍ତୁତ୍ୱ ଅନ୍ୟ ଦୁଇଟି ମୌଳିକର ହାରାହାରି ପାରମାଣବିକ ବସ୍ତୁତ୍ୱସହ ପ୍ରାୟ ସମାନ। (iv) $V = 220V,\ R = 110\,\Omega,\ I = \frac{V}{R} = \frac{220}{110} = 2A$ (v) $P = -2.5D,\ f = \frac{1}{p} = \frac{-1}{2.5} = 0.40m$

**6.** (i) 16 କିଲୋ ଜୁଲ୍ (ii) ବିସରଣ (iii) ସେଣ୍ଟ୍ରୋଜୋମ୍ (iv) ଆପେନ୍‌ଡିକ୍ସ (v) CFC

**7.** (i) ଡୋଡ଼ୋ (ii) ଅଜୈବିକ (iii) ଆଲୁମିନିୟମ୍ (iv) ଏମିବା (v) ପିଟୁଇଟାରି

**8.** (i) ନେଫ୍ରନ୍‌ସହ ସଂଯୁକ୍ତ ବୃକ୍କୀୟ ଧମନୀର ଗୋଟିଏ ଲେଖାଏଁ ସୂକ୍ଷ୍ମ ଶାଖାକୁ ଏଫରେଣ୍ଟ କୁହାଯାଏ। (ii) ପତ୍ରରେ ପ୍ରସ୍ତୁତ ଖାଦ୍ୟ ଫ୍ଲୋଏମ୍ ମଧ୍ୟଦେଇ ଉଦ୍ଭିଦର ବିଭିନ୍ନ ଅଂଶକୁ ପରିବାହିତ ହୁଏ। (iii) ଭୋଜଦାତାର ଶରୀର ଭିତରେ ବାସକରୁଥିବା ପରଜୀବୀଙ୍କୁ ଅନ୍ତଃପରଜୀବୀ କୁହାଯାଏ। (iv) ଅତିବାଇଗଣୀ ରଶ୍ମି ପ୍ରଭାବରେ ଚର୍ମ କର୍କଟ ରୋଗ ଓ ଆଖିର ପରଳ ରୋଗ ହେବାର ସମ୍ଭାବନା ବୃଦ୍ଧି ପାଏ। (v) ଚୟାପଚୟ ପ୍ରକ୍ରିୟାରେ ଜାତ ବିଭିନ୍ନ ଉପଜାତ ପଦାର୍ଥ ଉଦ୍ଭିଦର କେତେକ ବିଶେଷ ଅଂଶରେ ଗଚ୍ଛିତ ରହେ।

**9.** (i) 380 ମେଗାୱାଟ୍ (ii) ଚଢ଼େଇ (iii) ଏସିଆ (iv) ଗ୍ଲୁକାଗନ (v) ଷ୍ଟୋମ୍

**10.** (i) ✓ (ii) × (iii) ✓ (iv) × (v) ×

### ANSWERS: PART – II (SUBJECTIVE)

**11. (A)** ଜର୍ମାନ୍ ଶବ୍ଦ "Potenz" ର ଅର୍ଥ କ୍ଷମତା। Potenz ର pH ରୁ p ଆସିଛି। pH ହେଉଛି ଏକ ସଂଖ୍ୟା ଯାହା ଏକ ଦ୍ରବଣର ଅମ୍ଳୀୟ କିମ୍ବା କ୍ଷାରୀୟ ପ୍ରକୃତିକୁ ସୂଚାଏ ।

(ii) ସାଧାରଣତଃ pH '0' (ଅତ୍ୟଧିକ ଅମ୍ଳୀୟ) ରୁ pH 14 (ଅତ୍ୟଧିକ କ୍ଷାରୀୟ) ପର୍ଯ୍ୟନ୍ତ pH ସ୍କେଲ୍‌ରେ ମପାଯାଏ। ହାଇଡ୍ରୋନିୟମ୍ ଆୟନ୍ ($H_3O^+$) ର ଗାଢ଼ତା ଅଧିକ ହେଲେ pH ର ମୂଲ୍ୟ କମ୍ ହୋଇଥାଏ।

(iii) ଏକ ପ୍ରଶମିତ ଦ୍ରବଣର pH ହେଉଛି 7 । pH ସ୍କେଲ୍‌ରେ pH ର ମୂଲ୍ୟ 7 ରୁ 0 ପର୍ଯ୍ୟନ୍ତ ହ୍ରାସ ପାଇବା ସୂଚାଏ ଯେ ଦ୍ରବଣରେ $H^+$ ଆୟନ୍‌ର ଗାଢ଼ତା ବୃଦ୍ଧି ଘଟୁଛି। ଅର୍ଥାତ୍ ଅମ୍ଳର ଗାଢ଼ତାର ବୃଦ୍ଧି ଘଟୁଛି। pH ସ୍କେଲରେ pH ର ମୂଲ୍ୟ 7 ରୁ 14 ପର୍ଯ୍ୟନ୍ତ ବୃଦ୍ଧି ଘଟିବା ସୂଚାଏ ଯେ, ଦ୍ରବଣରେ $OH^-$ ଆୟନ୍‌ର ଗାଢ଼ତା ବୃଦ୍ଧି ଘଟୁଛି। ଅର୍ଥାତ୍ କ୍ଷାରକର ଗାଢ଼ତା ବୃଦ୍ଧି ଘଟୁଛି।

(iv) ଅମ୍ଳ ଓ କ୍ଷାରକର ସବଳତା ଯଥାକ୍ରମେ ସେଗୁଡ଼ିକରୁ ଉତ୍ପନ୍ନ ହେଉଥିବା $H^+$ ଆୟନ $OH^-$ ଆୟନ ସଂଖ୍ୟା ଉପରେ ନିର୍ଭର କରେ। ଯେଉଁ ଅମ୍ଳଗୁଡ଼ିକ ଅଧିକ ପରିମାଣରେ $H^+$ ଆୟନ ଦେଇଥାନ୍ତି; ସେଗୁଡ଼ିକୁ ସବଳ ଅମ୍ଳ ଏବଂ ଯେଉଁ ଅମ୍ଳଗୁଡ଼ିକ କମ୍ ପରିମାଣରେ $H^+$ ଆୟନ ଦେଇଥାନ୍ତି, ସେଗୁଡ଼ିକୁ ଦୁର୍ବଳ ଅମ୍ଳ କୁହାଯାଏ।

**କିମ୍ବା,** (i) ଅଶୁଦ୍ଧ ଧାତୁକୁ ବୈଦ୍ୟୁତିକ ପଦ୍ଧତିରେ ପରିଷ୍କରଣ କରି ଶୁଦ୍ଧ ଧାତୁ ପାଇବାକୁ ବୈଦ୍ୟୁତିକ ଶୋଧନ କୁହାଯାଏ। ଅଧିକାଂଶ ଧାତୁ, ଯଥା: କପର୍, ଜିଂକ୍, ଟିନ୍, ନିକେଲ, ରୁପା, ସୁନା ଇତ୍ୟାଦି ଧାତୁକୁ ବୈଦ୍ୟୁତିକ ଶୋଧନ ପଦ୍ଧତିରେ ଶୁଦ୍ଧ ଧାତୁ ମିଳିଥାଏ।

(ii) ଏହି ପ୍ରଣାଳୀରେ ଅଶୋଧିତ ଧାତୁକୁ ଏନୋଡ଼ ଏବଂ ଏକ ଶୁଦ୍ଧ ଧାତୁର ପତଳା ପାତକୁ କ୍ୟାଥୋଡ଼ ରୂପେ ନିଆଯାଏ। ସେହି ଧାତୁର କୌଣସି ଏକ ଲବଣର ଦ୍ରବଣକୁ ବିଦ୍ୟୁତ୍ ବିଶ୍ଳେଷ୍ୟ ରୂପେ ନିଆଯାଏ।

(iii) ବିଦ୍ୟୁତ୍ ବିଶ୍ଳେଷ୍ୟରେ ବିଦ୍ୟୁତ୍ ସ୍ରୋତ ପ୍ରବାହ କରିବା ଦ୍ୱାରା ଏନୋଡ଼୍‌ର ବିଶୁଦ୍ଧ ଧାତୁ ବିଦ୍ୟୁତ୍ ବିଶ୍ଳେଷରେ ଦ୍ରବୀଭୂତ ହୋଇଯାଏ। ସମପରିମାଣର ବିଶୁଦ୍ଧ ଧାତୁ କ୍ୟାଥୋଡ଼ ଉପରେ ଜମାହୁଏ।

(iv) ଦ୍ରବଣୀୟ ଅପଦ୍ରବ ଦ୍ରବଣରେ ମିଶିଯାଏ ଏବଂ ଅଦ୍ରବଣୀୟ ଅପଦ୍ରବ ଏନୋଡ଼ର ତଳେ ବସିଯାଏ। ଏହାକୁ ଏନୋଡ଼ କର୍ଦ୍ଦମ କୁହାଯାଏ।

**(B) ସମୀପ ଦୃଷ୍ଟି :** ଏହି ଦୃଷ୍ଟିଦୋଷରେ ବ୍ୟକ୍ତି ନିକଟରେ ଥିବା ବସ୍ତୁକୁ ସ୍ପଷ୍ଟ ଦେଖିପାରେ, କିନ୍ତୁ ଦୂରବସ୍ତୁକୁ ସ୍ପଷ୍ଟ ଦେଖିପାରେ ନାହିଁ। ଏହି ଦୋଷଥିବା ବ୍ୟକ୍ତିର ଦୂରବିନ୍ଦୁ ଅନନ୍ତ ଦୂରତାରୁ କମିଯାଏ।

(i) **କାରଣ:** ଚକ୍ଷୁ ଲେନ୍ସର ବକ୍ରତା ବୃଦ୍ଧି ପାଇଲେ କିମ୍ବା ଚକ୍ଷୁ ଲେନ୍ସର ଆକାର ବୃଦ୍ଧି ପାଇଲେ ଚକ୍ଷୁ ଲେନ୍ସର ଫୋକସ୍ ଦୈର୍ଘ୍ୟ ହ୍ରାସପାଇବା ଫଳରେ ଦୂର ବସ୍ତୁର ପ୍ରତିବିମ୍ବ ମୁକୁରିକା ସମ୍ମୁଖରେ କାଚଭରସ ଭିତରେ ଗଠିତ ହୁଏ।

(ii) **ପ୍ରତିକାର:** ଏହି ଦୃଷ୍ଟିଦୋଷର ପ୍ରତିକାର ପାଇଁ ଚକ୍ଷୁଲେନ୍ସର ଫୋକସ୍ ଦୂରତା ବଢ଼ାଇବା କିମ୍ବା ପାୱାର୍ କମାଇବା ଆବଶ୍ୟକ। ଉପଯୁକ୍ତ ଅବତଳ ଲେନ୍ସର ଚଷମା ବ୍ୟବହାର କଲେ ଅବତଳ ଲେନ୍ସ ଓ ଚକ୍ଷୁ ଲେନ୍ସର ସମାହାରର ପାୱାର୍ ଚକ୍ଷୁଲେନ୍ସର ପାୱାର୍‌ଠାରୁ କମ୍ ହୁଏ ଓ ଫୋକସ୍ ଦୂରତା ବୃଦ୍ଧି ପାଇବା ଫଳରେ ଦୂରବସ୍ତୁର ପ୍ରତିବିମ୍ବ ମୁକୁରିକାରେ ଗଠିତ ହୁଏ ଓ ବସ୍ତୁ ସ୍ପଷ୍ଟ ଦେଖାଯାଏ ।

**ଦୂରଦୃଷ୍ଟି :** ଏହି ଦୃଷ୍ଟି ଦୋଷର ବ୍ୟକ୍ତି ଦୂର ବସ୍ତୁକୁ ସ୍ପଷ୍ଟ ଦେଖିପାରେ, କିନ୍ତୁ ନିକଟ ବସ୍ତୁକୁ ସ୍ପଷ୍ଟ ଦେଖିପାରେ ନାହିଁ। ଏହି ଦୃଷ୍ଟି ଥିବା ବ୍ୟକ୍ତିର ନିକଟ ବିନ୍ଦୁ ସ୍ପଷ୍ଟ ଦର୍ଶନର ନିମ୍ନତମ ଦୂରତାରୁ ଅଧିକ ହୁଏ।

(i) **କାରଣ :** ଚକ୍ଷୁ ଲେନସର ଫୋକସ୍ ଦୂରତା ବଢ଼ିଗଲେ କିମ୍ବା ପାୱାର୍ କମିଗଲେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକା ପଛପଟେ ଗଠିତ ହୁଏ।

(ii) **ପ୍ରତିକାର :** ଏହି ଦୃଷ୍ଟିଦୋଷର ପ୍ରତିକାର ପାଇଁ ଚକ୍ଷୁ ଲେନସର ଫୋକସ୍ ଦୂରତା କମାଇବା କିମ୍ବା ପାୱାର ବଢ଼ାଇବା ଆବଶ୍ୟକ। ଉପଯୁକ୍ତ ଉତ୍ତଳ ଲେନସର ଚଷମା ବ୍ୟବହାର କଲେ ଉତ୍ତଳ ଲେନସ ଓ ଚକ୍ଷୁଲେନସର ସମାହାରର ପାୱାର ଚକ୍ଷୁଲେନସର ପାୱାର ଠାରୁ ଅଧିକ ହୁଏ ଓ ଫୋକସ୍ ଦୂରତା ହ୍ରାସ ପାଇବା ଫଳରେ ନିକଟ ବସ୍ତୁର ପ୍ରତିବିମ୍ବ ମୁକୁରିକାରେ ଗଠିତ ହୁଏ ଓ ବସ୍ତୁ ସ୍ପଷ୍ଟ ଦେଖାଯାଏ।

**କିମ୍ବା,** (i) $R_1$, $R_2$ ଓ $R_3$ ପ୍ରତିରୋଧଗୁଡ଼ିକୁ ସମାନ୍ତର ସଂଯୋଗ କଲେ ଯଦି ସମତୁଲ୍ୟ ପ୍ରତିରୋଧ $R_p$ ହୁଏ, ତେବେ

$$\frac{1}{R_p} = \frac{1}{R_1} + \frac{1}{R_2} + \frac{1}{R_3}$$

(ii) $R_1$, $R_2$ ଓ $R_3$ ପ୍ରତିରୋଧଗୁଡ଼ିକୁ ପଙ୍କ୍ତି ସଂଯୋଗ କଲେ ଯଦି ସମତୁଲ୍ୟ ପ୍ରତିରୋଧ $R_s$ ହୁଏ ତେବେ $R_s = R_1 + R_2 + R_3$

(iii) ସମାନ୍ତର ସଂଯୋଗରେ ଅଧିକ ତାପ ଉତ୍ପନ୍ନ ହୁଏ। କାରଣ ଏହି ସଂଯୋଗରେ ପ୍ରତିରୋଧ କମ୍ ହେଉଥିବାରୁ ବିଦ୍ୟୁତ୍ ପ୍ରବାହ ଅଧିକ ହୁଏ।

(iv) **ବିଶେଷତ୍ୱ:**

(a) ପଙ୍କ୍ତି ସଂଯୋଗରେ ମୋଟ ପ୍ରତିରୋଧ ଯେକୌଣସି ଗୋଟିକର ପ୍ରତିରୋଧଠାରୁ ଅଧିକ ହୁଏ।

(b) ଏହି ସଂଯୋଗରେ ଯେକୌଣସି ପ୍ରତିରୋଧରେ ପ୍ରବାହିତ ବିଦ୍ୟୁତ୍‌ସ୍ରୋତ ପରିପଥରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ ସହ ସମାନ।

(c) ଏହି ସଂଯୋଗରେ ସଂଯୁକ୍ତ ହୋଇଥିବା ଯେକୌଣସି ଉପକରଣକୁ ସ୍ୱତନ୍ତ୍ର ଭାବେ ବ୍ୟବହାର କରିହୁଏ ନାହିଁ।

(d) ଏହି ସଂଯୋଗରେ ପରିପଥରେ ବିଭିନ୍ନ ଉପକରଣ ଭିନ୍ନ ଭିନ୍ନ ବିଭବାନ୍ତରରେ ବ୍ୟବହୃତ ହୁଅନ୍ତି।

**12.(A) ବିସ୍ଥାପନ ପ୍ରତିକ୍ରିୟା**

(i) ଏଥିରେ ଅଧିକ କ୍ରିୟାଶୀଳ ମୌଳିକ କମ୍ କ୍ରିୟାଶୀଳ ମୌଳିକକୁ ତା'ର ଜଳୀୟ ଦ୍ରବଣରୁ ବିସ୍ଥାପିତ କରିଥାଏ।

(ii) ଏହି ପ୍ରତିକ୍ରିୟା ସାଧାରଣତଃ ଧୀର ଓ ଏଥିରେ ରଙ୍ଗର ପରିବର୍ତ୍ତନ ଘଟିଥାଏ।

(iii) ଉଦାହରଣ : $Fe(s) + CuSO_4(aq) \rightarrow FeSO_4(aq) + Cu(s)$

**ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟା**

(i) ଏଥିରେ ଦୁଇଟି ପ୍ରତିକାରକ ମଧ୍ୟରେ ଆୟନ ବିନିମୟ ଘଟିଥାଏ।

(ii) ଏହି ପ୍ରତିକ୍ରିୟା ସାଧାରଣତଃ ଦ୍ରୁତ ଓ ଏଥିରେ ଅବକ୍ଷେପ ସୃଷ୍ଟିହୁଏ।

(iii) ଉଦାହରଣ: $AgNO_3(aq) + NaCl(aq) \rightarrow AgCl(s) + NaNO_3(aq)$

**କିମ୍ବା, ପୃକ୍ତ ହାଇଡ୍ରୋକାର୍ବନ**

(i) ଏହି ଯୌଗିକରେ କାର୍ବନ ପରମାଣୁ କାର୍ବନ ପରମାଣୁ ମଧ୍ୟରେ ଏକ ବନ୍ଧ ଥାଏ।

(ii) ଏଗୁଡ଼ିକ ଅପେକ୍ଷାକୃତ କମ୍ କ୍ରିୟାଶୀଳ।

(iii) ଏଗୁଡ଼ିକୁ ଆଲ୍‌କେନ୍ କୁହାଯାଏ।

(iv) ଆଲ୍‌କେନ୍‌ର ଅଣୁସଂକେତ $C_nH_{2n+2}$ (ଯେକୌଣସି 3 ଟି ପଏଣ୍ଟ)

**ଅପୃକ୍ତ ହାଇଡ୍ରୋକାର୍ବନ**

(i) ଏହି ଯୌଗିକରେ କାର୍ବନ ପରମାଣୁ କାର୍ବନ ପରମାଣୁ ମଧ୍ୟରେ ଦ୍ୱିବନ୍ଧ କିମ୍ବା ତ୍ରିବନ୍ଧ ରହିଥାଏ।

(ii) ଏଗୁଡ଼ିକ ଅଧିକ ପ୍ରତିକ୍ରିୟାଶୀଳ।

(iii) ଦ୍ୱିବନ୍ଧ ବିଶିଷ୍ଟ ଯୌଗିକକୁ ଆଲ୍‌କିନ୍ ଓ ତ୍ରିବନ୍ଧ ବିଶିଷ୍ଟ ଯୌଗିକକୁ ଆଲ୍‌କାଇନ୍ କୁହାଯାଏ।

(iv) ଆଲକିନ୍‌ର ଅଣୁସଂକେତ $C_nH_{2n}$ ଓ ଆଲକାଇନ୍‌ର ଅଣୁସଂକେତ $C_nH_{2n-2}$

**(B)** (i) Mg ପରମାଣୁର ଇଲେକ୍ଟ୍ରନ୍ ସଂରଚନା 2,8,2 । ଏହା ବାହ୍ୟତମ କକ୍ଷରେ ଥିବା 2 ଟି ଇଲେକ୍ଟ୍ରନ୍ ତ୍ୟାଗ କରି $Mg^{2+}$ ଆୟନ୍‌ରେ ପରିଣତ ହୁଏ ଓ ନିଷ୍କ୍ରିୟ ଗ୍ୟାସ୍ Ne ର ସଂରଚନା ଧାରଣ କରେ।

$$Mg \rightarrow Mg^{2} + 2e^{-}$$
(2, 8, 2) (2, 8)

(ii) Cl ପରମାଣୁର ଇଲେକ୍ଟ୍ରନ୍ ସଂରଚନା 2,8, 7 । ଦୁଇଟି Cl ପରମାଣୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଇଲେକ୍ଟ୍ରନ୍ ଗ୍ରହଣ କରି $Cl^-$ ଆୟନରେ ପରିଣତ ହୁଏ ଓ ନିଷ୍କ୍ରିୟ ଗ୍ୟାସ୍ Ar ର ସଂରଚନା ଧାରଣ କରେ।

$$Cl + e^{-} \rightarrow Cl^{-}$$
(2, 8, 7) (2, 8, 8)

(iii) ଏହିପରି Mg ତ୍ୟାଗ କରିଥିବା ଦୁଇଟି ଇଲେକ୍ଟ୍ରନ୍‌କୁ ପ୍ରତ୍ୟେକ Cl ପରମାଣୁ ଗ୍ରହଣ କରି ପରସ୍ପରକୁ ଆକର୍ଷଣ କରିବା ଫଳରେ $MgCl_2$ ଅଣୁ ଗଠିତ ହୁଏ।




**କିମ୍ବା,** (i) ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ର ରାସାୟନିକ ନାମ କ୍ୟାଲସିୟମ୍ ସଲଫେଟ୍ ହେମିହାଇଡ୍ରେଟ୍ ଏବଂ ରାସାୟନିକ ସଂକେତ $CaSO_4 \cdot \frac{1}{2} H_2O$

(ii) ଜିପ୍‌ସମ୍‌କୁ 373K ତାପମାତ୍ରାରେ ଗରମ କଲେ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ପ୍ରସ୍ତୁତ ହୁଏ।

$$CaSO_4 \cdot 2H_2O \xrightarrow[373K]{ତାପ} CaSO_4 \cdot \frac{1}{2}H_2O + 1\frac{1}{2}H_2O$$

(iii) ଧର୍ମ : ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ଜଳ ଶୋଷଣ କରିବା ସହିତ ତାପ ଉତ୍ପନ୍ନ କରେ।

ଏହା ଜଳ ସହିତ ମିଶି କଠିନ ଜିପ୍‌ସମ୍‌ରେ ପରିଣତ ହୁଏ।

**(C)** (i) u = 12 ସେ.ମି., f = 8 ସେ.ମି, h = 7 ସେ.ମି.

$$\frac{1}{v} - \frac{1}{u} = \frac{1}{f} \Rightarrow \frac{1}{v} = \frac{1}{u} + \frac{1}{f} = \frac{-1}{12} + \frac{1}{8} = \frac{-2+3}{24} = \frac{1}{24}$$

⇒ v = 24 ସେ.ମି.

∴ ପ୍ରତିବିମ୍ବ 24 ସେ.ମି. ଦୂରତାରେ ଗଠିତ ହେବ।

(ii) $\frac{v}{u} = \frac{h'}{h} \Rightarrow \frac{24}{-12} = \frac{h'}{7} \Rightarrow h' = \frac{24 \times 7}{-12} = -14$ ସେ.ମି.

∴ ପ୍ରତିବିମ୍ବର ଉଚ୍ଚତା 14 ସେ.ମି।

(iii) ପ୍ରତିବିମ୍ବର ବର୍ଦ୍ଧନ ବିଯୁକ୍ତାତ୍ମକ ହୋଇଥିବାରୁ ପ୍ରତିବିମ୍ବ ବାସ୍ତବ ଓ ଓଲଟା। ଏହାର ଆକାର ବସ୍ତୁର ଆକାର ଠାରୁ ବଡ଼।

**କିମ୍ବା,** (i) V = 220, P = 100 W, I = 5A

$$\therefore I = \frac{p}{v} = \frac{100\,W}{220\,V} = \frac{5}{11}A$$

(ii) ସମାନ୍ତରାଳ ସଂଯୋଗରେ ମୋଟ ବିଦ୍ୟୁତ୍ ସ୍ରୋତ = ବଲ୍‌ବ ସଂଖ୍ୟା × I

(iii) ବଲ୍‌ବ ସଂଖ୍ୟା × I = 5A

$$\Rightarrow \text{ବଲ୍‌ବ ସଂଖ୍ୟା} = \frac{5A}{I} = \frac{5A}{\frac{5A}{11}} = 5A \times \frac{11}{5A} = 11$$

**13.(A)**(i) ସୋଡ଼ିୟମ୍ (Na), ସୋଡ଼ିଅମ୍ ଅକ୍ସାଇଡ଼ ($Na_2O$) କୁ ବଦଳିଥାଏ। ଅକ୍ସିଜେନ୍ ସୋଡ଼ିୟମ୍‌ରେ ଯୋଗ ହେଉଥିବାରୁ ସୋଡ଼ିୟମ୍ ଜାରିତ ହେଉଛି।

(ii) ସୋଡ଼ିୟମ୍ ଇଲେକ୍ଟ୍ରନ୍ ତ୍ୟାଗ କରୁଛି ଓ ଅକ୍ସିଜେନ ଇଲେକ୍ଟ୍ରନ ଗ୍ରହଣ କରୁଥିବାରୁ ଅକ୍ସିଜେନ ବିଜାରିତ ହେଉଛି।

**କିମ୍ବା,** (i) ପାକସ୍ଥଳୀରେ ଅଧିକ ଅମ୍ଳକୁ ପ୍ରଶମନ କରି ଯନ୍ତ୍ରଣା ଉପଶମ କରିବାରେ ଏହା ପ୍ରତିଅମ୍ଳ ରୂପେ ବ୍ୟବହୃତ ହୁଏ।

(ii) ଏହା ସୋଡ଼ାପାଣି ପ୍ରସ୍ତୁତିରେ ଓ ସୋଡ଼ାଅମ୍ଳ ଅଗ୍ନିନିର୍ବାପକ ଯନ୍ତ୍ରରେ ବ୍ୟବହୃତ ହୁଏ।

**(B)** ପାରଦର ଧାତୁପିଣ୍ଡର ନାମ ହେଉଛି ସିନାବାର (Hgs) । ଏହାକୁ ବାୟୁରେ ଉତ୍ତପ୍ତ କଲେ ଏହା ମରକ୍ୟୁରିକ୍ ଅକ୍ସାଇଡ଼୍‌ରେ ପରିଣତ ହୁଏ। $2\,HgS + 3\,O_2 \xrightarrow{ତାପ} 2\,HgO + 2\,SO_2$

(ii) ଏହାକୁ ଆହୁରି ଉତ୍ତପ୍ତ କଲେ ମରକ୍ୟୁରିକ୍ ଅକ୍ସାଇଡ୍ ବିଜାରିତ ହୋଇ ପାରଦ ମିଳେ।

$$2\,HgO \xrightarrow{ତାପ} 2\,Hg + O_2$$

**କିମ୍ବା,** (i) ବାହ୍ୟତମ କକ୍ଷରେ ସମାନ ସଂଖ୍ୟକ ଇଲେକ୍ଟ୍ରନ୍ ଥିବା ମୌଳିକଗୁଡ଼ିକ ପର୍ଯ୍ୟାୟ ସାରଣୀର ଏକା ଶ୍ରେଣୀରେ ଅବସ୍ଥିତ।

(ii) ସମାନ ସଂଖ୍ୟକ କକ୍ଷ ଥିବା ମୌଳିକଗୁଡ଼ିକ ପର୍ଯ୍ୟାୟସାରଣୀର ସମାନ ପର୍ଯ୍ୟାୟରେ ଅବସ୍ଥିତ।

**C)** (i) ଆପତିତ ରଶ୍ମି, ପ୍ରତିଫଳିତ ରଶ୍ମି ଓ ଆପତନ ବିନ୍ଦୁରେ ପ୍ରତିଫଳନ ପୃଷ୍ଠ ପ୍ରତି ଅଙ୍କିତ ଲମ୍ବ ଏକ ସମତଳରେ ରହନ୍ତି।

(ii) ଆପତନ କୋଣ ଓ ପ୍ରତିଫଳନ କୋଣ ପରସ୍ପର ସମାନ।

**କିମ୍ବା,** (i) ସ୍ପଷ୍ଟ ଦର୍ଶନର ସର୍ବନିମ୍ନ ଦୂରତା = 25 ସେ.ମି. = $\frac{1}{4}$ ମିଟର।

(ii) ଚକ୍ଷୁର ସର୍ବାଧିକ ସମାୟୋଜନ ପାୱାର୍ = $\frac{1}{\frac{1}{4}} = 4D$

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଚେୟାରମ୍ୟାନ ସଜ୍ଜନ ଜିନ୍ଦଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ସରକାରୀ ସଂସ୍ଥାକୁ ଦକ୍ଷ କରିବ 'ମୋ ସରକାର': ମନ୍ତ୍ରୀ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ରାଜ୍ୟ କୃଷକଙ୍କ ଆୟ ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ତେଣୁ ଏହାକୁ ତ୍ରୁଟିଶୂନ୍ୟ ଏବଂ ପ୍ରଗତିଶୀଳ ବିଭାଗରେ ପରିବର୍ତ୍ତନ କରିବାକୁ ପଡ଼ିବ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି। ହେଲେ ଏହି ସମସ୍ତ କ୍ଷେତ୍ରରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ ସହିତ ବଳକା ରାଜ୍ୟରେ ପରିଣତ କରିବା ପାଇଁ ପଦକ୍ଷେପ 'ମୋ ସରକାର' ଏକ ବଳିଷ୍ଠ ଉଦ୍ୟମ ବୋଲି କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ସେହିପରି ସରକାରୀ ସଂସ୍ଥାଗୁଡିକୁ ଅଧିକ ଦକ୍ଷ, କ୍ରିୟାଶୀଳ କରିବାରେ 'ମୋ ସରକାର' କାର୍ଯ୍ୟକ୍ରମ ଫଳପ୍ରଦ ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଆଗାମୀ ଦିନରେ ଏହି ବିଭାଗ 'ମୋ ସରକାର' କାର୍ଯ୍ୟକ୍ରମରେ ସାମିଲ ହେବ। ତେଣୁ ଏହି ପରିପ୍ରେକ୍ଷୀରେ କୃଷି ଭବନଠାରେ 'ମୋ ସରକାର'ର କାର୍ଯ୍ୟକାରିତା ସମ୍ବନ୍ଧୀୟ ଆୟୋଜିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଅରୁଣ କହିଥିଲେ ଯେ, ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ପାଇଁ '୫-ଟି' କାର୍ଯ୍ୟକ୍ରମ ଅଧୀନରେ 'ମୋ ସରକାର' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ। ଫୋନ୍ କଲ୍ ମାଧ୍ୟମରେ ଜନସାଧାରଣଙ୍କ ମୂଲ୍ୟବାନ୍ ମତାମତ ଲୋକଙ୍କ ପ୍ରତି ସରକାରୀ ଅନୁଷ୍ଠାନଗୁଡ଼ିକର ଉତ୍ତରଦାୟିତ୍ୱକୁ ବୃଦ୍ଧି କରିବାରେ ସହାୟକ ହେବ। ଅନୁକୂଳ ମତାମତ ଭିତ୍ତିରେ ଅନୁଷ୍ଠାନ ଓ କର୍ମଚାରୀଙ୍କୁ ଭଲ ପଦୋନ୍ନତି ଦିଆଯିବା ସହିତ ପ୍ରତିକୂଳ ମନ୍ତବ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରୀ ଅଫିସ୍‌ରେ ଫାଇଲକୁ ଧାର୍ଯ୍ୟ ସମୟ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ନୋଡାଲ ଅଫିସରମାନଙ୍କୁ ଜିଲା ଗସ୍ତ ସମୟରେ କାର୍ଯ୍ୟାଳୟର ଫାଇଲ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ କହିଥିଲେ ଯେ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରି ବଜେଟରେ ଅଧିକ ଅର୍ଥ ବରାଦ କରୁଛନ୍ତି। ମୋ ସରକାର କାର୍ଯ୍ୟକ୍ରମରେ ସାମଗ୍ରିକ ଭାବରେ ବିଭାଗର କାର୍ଯ୍ୟଦକ୍ଷତାକୁ ମପାଯିବାର ବ୍ୟବସ୍ଥା କରାଯାଇଛି।

ସରକାରୀ କାର୍ଯ୍ୟ ସମ୍ପାଦନାରେ ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ବୃଦ୍ଧି ପାଇବ। 'ମୋ ସରକାର'ର ସଫଳ ରୂପାୟନ ଦିଗରେ ଜିଲାସ୍ତରରେ ଫେବୃୟାରୀ ୨୦ ସୁଦ୍ଧା କ୍ଷେତ୍ର ଅଧିକାରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କୁହାଯାଇଛି। ଏଥିସହ ସମସ୍ତ ଜିଲା କାର୍ଯ୍ୟାଳୟରେ 'ମୋ ସରକାର' ସମ୍ପର୍କିତ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରତ୍ନାକର ରାଉତ ଏବଂ ମତ୍ସ୍ୟ ନିର୍ଦ୍ଦେଶକ ଡ. ଏନ୍.ତିରୁମାଲା ନାୟକ ପ୍ରମୁଖ 'ମୋ ସରକାର' କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲାର ସିଡିଭିଓ, ଜିଲା ମତ୍ସ୍ୟ ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ରୁକୁଣା ରଥ ପାଇଁ ଦଶପଲ୍ଲାରୁ ପଠାଗଲା କାଠ

**ନୟାଗଡ଼ ଅଫିସ/ଦଶପଲ୍ଲା/ନୂଆଗାଁ,୧୩।୨(ଡି.ଏନ୍.ଏ.)**

ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ତିଆରି ନିମନ୍ତେ ଗୁରୁବାର ନୟାଗଡ଼ ଜିଲାର ଦଶପଲ୍ଲା ଓ ମହୀପୁର ବନାଞ୍ଚଳରୁ ୧୧ ଖଣ୍ଡ କାଠ କଟକର ଖପୁରିଆସ୍ଥିତ ସ'ମିଲକୁ ପଠାଯାଇଛି। ଦଶପଲ୍ଲା ପୋଖରୀଗୋଛା ସେକ୍ସନରୁ ୨, ସାକେଣି ସେକ୍ସନରୁ ୧ଟି ଏପରି ୩ ଖଣ୍ଡ ଏବଂ ମହୀପୁର ବନାଞ୍ଚଳରୁ ୮ଖଣ୍ଡ କାଠ ପଠାଯାଇଛି। ଦଶପଲ୍ଲାର ଫରେଷ୍ଟର ମନୋଜ ପ୍ରଭାକର ସାହୁ, ରାକେଶ ସାହୁ ଏବଂ ନୂଆଗାଁ ରେଞ୍ଜର ସୁଧାଂଶୁ ଶେଖର ପଣ୍ଡା ଓ ମହୀପୁର ଫରେଷ୍ଟର ପ୍ରିୟବ୍ରତ ପଟ୍ଟନାୟକ ପ୍ରମୁଖ କାଠ ସଂଗ୍ରହରେ ସହଯୋଗ କରିଥିଲେ। ଦଶପଲ୍ଲାରୁ ୧୫ ଫୁଟ ଲମ୍ବ ୫ଫୁଟ ଗୋଲେଇର ୨ଟି ଶିମିଳି, ୨୫ଫୁଟ ଲମ୍ବ ଓ ୫ ଫୁଟ ଗୋଲେଇର ୧ଟି ତେନ୍ତୁଳି କାଠ ସଂଗ୍ରହ ହୋଇଥିଲା। ସେହିପରି ମହୀପୁରରୁ ୧୫ ଫୁଟ ଲମ୍ବ, ୫ ଫୁଟ ଗୋଲେଇର ୫ଟି ମଇ, ୧୫ ଫୁଟ ଲମ୍ବ ୫ ଫୁଟ ଗୋଲେଇର ୧ଟି ଶିମିଳି, ୧୫ ଫୁଟ ଲମ୍ବ ୫ ଫୁଟ ଗୋଲେଇର ୨ଖଣ୍ଡ ବେଲ କାଠ ସଂଗ୍ରହ ହୋଇଥିଲା। ସମସ୍ତ କାଠ ଗୋଟିଏ ଟ୍ରକରେ କଟକ ପଠାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।



ଟ୍ରକ୍‌ରେ କଟକ ପଠାଯାଉଥିବା କାଠ।

# ମାନବିକତା ଉପରେ ଗଣମାଧ୍ୟମ ଗୁରୁତ୍ୱ ଦେଉ: ରାଜ୍ୟପାଳ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

## ଲୋକାର୍ପିତ ହେଲା ୨୪ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ 'ନନ୍ଦିଘୋଷ ଟିଭି'

ମାନବିକତା ଉପରେ ଗଣମାଧ୍ୟମ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ବାଧ୍ୟବାଧକତା କି ଚାପରେ ନୁହେଁ, ବରଂ ସବୁ ଖବରକୁ ସମାନ ଢଙ୍ଗରେ ଦେଖିବା ହିଁ ଗଣମାଧ୍ୟମର ବଡ଼ ଧର୍ମ ହେବା ଉଚିତ। ଉତ୍କଳର ଐତିହ୍ୟକୁ ବିଶ୍ୱରେ ପ୍ରସାରିତ କରିବା ସହ ଗଣମାଧ୍ୟମ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଦିଗରେ ପ୍ରୟାସ କରିବା ଉଚିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଗୁରୁବାର ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ୨୪ ଘଣ୍ଟିଆ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲ 'ନନ୍ଦିଘୋଷ ଟିଭି'କୁ ଲୋକାର୍ପିତ କରି ରାଜ୍ୟପାଳ ଏହା କହିଥିଲେ। ଆଗାମୀ ଦିନରେ ଏହାର ସଫଳତା ପାଇଁ ଶୁଭକାମନା ଜଣାଇବା ସହ ଏକ ଗଣମାଧ୍ୟମ ଚ୍ୟାନେଲ ହୋଇଥିବାରୁ ସମାଜ ପ୍ରତି ନନ୍ଦିଘୋଷର ଅବଦାନ ଯଥେଷ୍ଟ ଅଧିକ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ କହିଥିଲେ, ବର୍ତ୍ତମାନ ସମୟରେ ଗଣମାଧ୍ୟମ କେବଳ ଏକ ସ୍ତମ୍ଭ ହୋଇ ରହିନି, ଏହା ଏକ ଅଙ୍ଗରେ ପରିଣତ ହୋଇଛି। ଶାସନ ବ୍ୟବସ୍ଥାର ମାର୍ଗଦର୍ଶନ ପାଲଟିଛି। ଡିଜିଟାଲ ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ପାଖରେ କ୍ଷଣିକ ମଧ୍ୟରେ ଖବର ପହଞ୍ଚୁଥିବାବେଳେ ଗଣମାଧ୍ୟମର ଦାୟିତ୍ୱ ଏଭଳି ସ୍ଥଳେ ଆହୁରି ବଢ଼ିଯାଇଛି। ଗଣମାଧ୍ୟମ ସଂସ୍ଥା ଏବଂ ଖବରଦାତା ଉଭୟ ଯେପରି ତୀବ୍ର ବେଗରେ ଲୋକଙ୍କ ନିକଟରେ ଭଲ ଖବର ପହଞ୍ଚାଇପାରିବେ ସେ ଦିଗରେ ସଚେତନ ହେବାକୁ ସେ ଗୁରୁତ୍ୱ ଦେଇଥିଲେ। ଅଧିକରୁ ଅଧିକ ଅନୁସନ୍ଧାନମୂଳକ ଖବର ପରିବେଷଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ନନ୍ଦିଘୋଷ ଟିଭି ସାଧାରଣ ଲୋକଙ୍କ ପାଇଁ କାମ କରିବ ବୋଲି ଆଶା ପ୍ରକଟ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗଣମାଧ୍ୟମ ସମସ୍ତ ନାଗରିକଙ୍କ ଅଧିକାରକୁ ସାମ୍ନାକୁ ଆଣିବା ଦିଗରେ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି କହିଥିଲେ। ପକ୍ଷପାତିତାରୁ ଦୂରେଇ ରହି ବିଜ୍ଞାପନ ନେବା ଆଳରେ ଶିଳ୍ପ ସଂସ୍ଥା, ଉଦ୍ୟୋଗପତିଙ୍କ ନିକଟରେ ନିଜକୁ ବିକ୍ରି କରି ନ ଦେଉ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚ୍ୟାନେଲ ସିଓଓ ଜବର ସିଂହ ସ୍ୱାଗତ ଭାଷଣ ଦେବା ସହ ନନ୍ଦିଘୋଷ ଟିଭିର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଚ୍ୟାନେଲ ସମ୍ପାଦକ ଶିଶିର ଭଟ୍ଟମିଶ୍ର ନନ୍ଦିଘୋଷ ଟିଭି ଅନ୍ୟ ଗଣମାଧ୍ୟମ ସହ ପ୍ରତିଦ୍ୱନ୍ଦ୍ୱିତା କରିବନି ବୋଲି କହିଥିଲେ। ଟିଆରପି ଲୋଭରେ ପଥଭ୍ରଷ୍ଟ ନ ହୋଇ ସାଧାରଣ ଜନତାଙ୍କ ସହ ସବୁବେଳେ ରହିବ। ସେମାନଙ୍କ ସୁଖ, ଦୁଃଖ, ଭଲ, ମନ୍ଦ ଓ ସମସ୍ୟାକୁ ସମ୍ମୁଖକୁ ଆଣିବାକୁ ପ୍ରାଥମିକତା ଦେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅରୁଣ କୁମାର ସାହୁ, ଟୁକୁନି ସାହୁ, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା (ଗଣମାଧ୍ୟମ ଓ ଲୋକସମ୍ପର୍କ) ମାନସ ମଙ୍ଗରାଜ, ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେଡି ନେତା ଅମରେଶ ଜେନା, ଓଏସ୍‌ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।



'ନନ୍ଦିଘୋଷ ଟିଭି'ର ଲୋକାର୍ପଣ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଉପସ୍ଥିତ ଅନ୍ୟ ଅତିଥିମାନେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାଧାରଣ ବିଜ୍ଞାନ (GENERAL SCIENCE)

**(D)** $P = 100\,W, V = 220\,V \quad \therefore R = \frac{V^2}{P} = \frac{220 \times 220}{100} = 484$ ଓମ୍

$V = 110\,V,\ R = 484\,\Omega \quad \therefore P = \frac{V^2}{R} = \frac{110 \times 110}{484} = 25\,W$

25 W ପାୱାର ବ୍ୟୟ ହେବ।

**କିମ୍ବା,** (i) ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ
(ii) କୁଣ୍ଡଳୀର ଘେର ସଂଖ୍ୟା
(iii) କୁଣ୍ଡଳୀ ଓ ଚୁମ୍ବକ ମଧ୍ୟରେ ଆପେକ୍ଷିକ ଗତି
(iv) ପରିବାହୀର ପ୍ରତିରୋଧ ପ୍ରତି ପ୍ରତିଲୋମାନୁପାତୀ।

**14.(A)** (i) ଘ୍ରାଣପାଳି: ଏହା ମନୁଷ୍ୟଠାରେ ଅତି କ୍ଷୀଣଭାବରେ ରହିଥିବାରୁ ମନୁଷ୍ୟର ଘ୍ରାଣଶକ୍ତି ଦୁର୍ବଳ। କୁକୁର, ବିଲେଇ ଆଦି ପ୍ରାଣୀଙ୍କଠାରେ ଘ୍ରାଣପାଳି ଉନ୍ନତ ହୋଇଥିବାରୁ ସେମାନଙ୍କ ଘ୍ରାଣଶକ୍ତି ପ୍ରଖର।
(ii) ପ୍ରମସ୍ତିଷ୍କ: ଏହା ମସ୍ତିଷ୍କର ସବୁଠାରୁ ବଡ଼ ଅଂଶ। ଏହାର ଉପରିଭାଗ ବହୁଳଭାବେ ଭାଙ୍ଗଯୁକ୍ତ। ଆମର ସ୍ମରଣଶକ୍ତି ଭାଙ୍ଗ ଉପରେ ନିର୍ଭର କରିଥାଏ।
(iii) ଏହା ତାପ, ଚାପ, ଯନ୍ତ୍ରଣା, କଷ୍ଟ, ସ୍ପର୍ଶ ପରି ଉଦ୍ଦୀପନାକୁ ଗ୍ରହଣ କରି ପ୍ରତିକ୍ରିୟା ପ୍ରକାଶ କରିବାରେ ସାହାଯ୍ୟ କରେ। ଏହା ମଧ୍ୟ ଚିନ୍ତାଶକ୍ତିକୁ ନିୟନ୍ତ୍ରଣ କରିଥାଏ।
(iv) ପଶ୍ଚ ଅଗ୍ରମସ୍ତିଷ୍କ: ଏହାର ହାଇପୋଥାଲାମସ୍ ଆମ ଶରୀରର ହୃତ୍‌ସ୍ପନ୍ଦନ, ରକ୍ତଚାପ, ନିଦ୍ରା,ଭୟ, ରାଗ, ଆନନ୍ଦ ଇତ୍ୟାଦି ନିୟନ୍ତ୍ରଣ କରେ।

**କିମ୍ବା,** (i) ଖରାଦିନେ ଏମିବା ରହୁଥିବା ଜଳାଶୟର ଜଳ ଶୁଖିଗଲେ କିମ୍ବା ଅତ୍ୟଧିକ ଥଣ୍ଡାଯୋଗୁଁ ଜଳ ବରଫ ପାଲଟିଗଲେ ଏମିବା ନିଜ ଶରୀର ଚାରିପଟେ ତିନିସ୍ତର ବିଶିଷ୍ଟ ଏକ କୋଷିକା ତିଆରି କରେ।
(ii) ଏହି ସମୟରେ ତା'ର ଚୟାପଚୟ କ୍ରିୟା ହ୍ରାସ ପାଏ। ବାରମ୍ବାର ନ୍ୟଷ୍ଟି ବିଭାଜନ ଦ୍ୱାରା ଏମିବା ଶରୀରରେ 500-600 କ୍ଷୁଦ୍ର ନ୍ୟଷ୍ଟି ତିଆରି ହୁଏ। ପ୍ରତ୍ୟେକ ନ୍ୟଷ୍ଟି କିଛି ପରିମାଣର କୋଷଜୀବକ ଦ୍ୱାରା ଆବୃତ ହୋଇ ରହେ। ଏହିପରି ଭାବରେ ସୃଷ୍ଟ ଅପତ୍ୟଗୁଡ଼ିକୁ ଏମିବ୍ୟୁଲା କୁହାଯାଏ।
(iii) ବର୍ଷାଦିନେ ପରିସ୍ଥିତି ଅନୁକୂଳ ହେଲେ ଏହି କଠିନ ଆବରଣ ଜଳ ସଂସ୍ପର୍ଶରେ ଆସି ମିଳେଇଯାଏ। କୋଷିକା ଭିତରେ ଥିବା କୁନି ଏମିବାଗୁଡ଼ିକ ବାହାରକୁ ଚାଲିଆସନ୍ତି।
(iv) ପରେ ସେମାନଙ୍କ ଶରୀରରେ କୂଟପାଦ ସୃଷ୍ଟିହୁଏ ଓ ସେମାନେ ପରିବେଶରୁ ଖାଦ୍ୟ ଗ୍ରହଣ କରି ସାଧାରଣ ଜୀବନଯାପନ କରନ୍ତି। ଏମିବାର ଏପ୍ରକାର ବହୁ ବିଭାଜନ ପ୍ରକ୍ରିୟାକୁ ସ୍ପୋରୁଲେସନ୍ ମଧ୍ୟ କୁହାଯାଏ।

**(B)** (i) ପୃଥିବୀର ଅଭ୍ୟନ୍ତରରେ ଥିବା ତାପଜ ଶକ୍ତିକୁ କେତେକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ନିୟନ୍ତ୍ରଣ କରି ବ୍ୟବହାର ଉପଯୋଗୀ କରାଯାଇପାରେ। ଏହାକୁ ଭୂତାପଜ ଶକ୍ତି କୁହାଯାଏ।
(ii) ପୃଥିବୀର ଗଭୀରତମ ସ୍ଥାନଗୁଡ଼ିକ ଉତ୍ତପ୍ତ ହୋଇଥିବାରୁ ଏଠାରେ ଶିଳାଖଣ୍ଡ ତରଳିଯାଏ, ଯାହାକୁ ମାଗ୍‌ମା କୁହାଯାଏ। କେତେକ ଅଞ୍ଚଳରେ ଭୂଭାଗର ପରିବର୍ତ୍ତନ ଯୋଗୁଁ ଏହି ମାଗ୍‌ମା ଉପରକୁ ଠେଲିହୋଇଯାଇ ଭୂପୃଷ୍ଠର କିଛି ଗଭୀରତାରେ ରହିଯାଏ। ଏହି ସ୍ଥାନଗୁଡ଼ିକୁ ଉତ୍ତପ୍ତ ସ୍ଥାନ କୁହାଯାଏ।
(iii) ଭୂତଳ ଜଳ ଏହି ଉତ୍ତପ୍ତ ସ୍ଥାନଗୁଡ଼ିକର ସଂସ୍ପର୍ଶରେ ଆସିବାଦ୍ୱାରା ବାଷ୍ପରେ ପରିଣତ ହୋଇ ଅତ୍ୟଧିକ ଚାପରେ ମାଟି ତଳେ ରହିଥାଏ। ଏହି ଜଳୀୟବାଷ୍ପକୁ ସଂଗ୍ରହ କରି ଟ୍‌ରବାଇନ୍ ଘୂରାଯାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ।
(iv) ଏହି ଶକ୍ତି ବର୍ଷର ସବୁସମୟରେ ସଂଗ୍ରହ କରାଯାଇପାରେ। ଏହା ପରିବେଶ ପ୍ରଦୂଷଣ କରେ ନାହିଁ ଏବଂ ଅନ୍ୟ ଉପାୟରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ତୁଳନାରେ ଉତ୍ପାଦନ ଖର୍ଚ୍ଚ କମ୍ ହୋଇଥାଏ।

**କିମ୍ବା,** (i) ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କଠାରୁ ଆରମ୍ଭ ହୋଇଥାଏ। ସୂର୍ଯ୍ୟଙ୍କର ଏହି ଶକ୍ତି ଉତ୍ପାଦକ ତୃଣଭୋଜୀ, ମାଂସାଶୀକ୍ରମ 1, ମାଂସାଶୀ କ୍ରମ 2 ତଥା ଶୀର୍ଷ ଭକ୍ଷକଙ୍କ ନିକଟରେ ଖାଦ୍ୟ ଜରିଆରେ ପହଞ୍ଚିଥାଏ।
(ii) ଯେକୌଣସି ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କଠାରୁ ଉତ୍ପାଦକ ଏବଂ ତା'ପରେ ସମସ୍ତ ଭକ୍ଷକ ଓ ଅପଘଟକମାନଙ୍କ ଭିତରେ ସିଧାସଳଖ ଏକ ଦିଗରେ ହୋଇଥାଏ। ତେଣୁ ଶକ୍ତିର ପ୍ରବାହ ଏକତରଫା।
(iii) ତାପଗତି ବିଜ୍ଞାନର ପ୍ରଥମ ନିୟମ ଅନୁଯାୟୀ ଶକ୍ତି ଗୋଟିଏ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ ହୋଇଥାଏ, କିନ୍ତୁ ଏହାର ବିଲୟ ଘଟେ ନାହିଁ କି ସୃଷ୍ଟି ହୋଇପାରେ ନାହିଁ।
(iv) ତାପଗତି ବିଜ୍ଞାନର ଦ୍ୱିତୀୟ ନିୟମ ଅନୁଯାୟୀ ଯେକୌଣସି କ୍ଷେତ୍ରରେ ଶକ୍ତିର ରୂପାନ୍ତରଣ ବା ସ୍ଥାନାନ୍ତରଣ ସଂପୂର୍ଣ୍ଣ ହୋଇନଥାଏ। କିଛି ଶକ୍ତି ତାପ ରୂପେ ଅପସାରିତ ହୋଇଥାଏ। ତେଣୁ ଏହି କ୍ରମରେ ଜଣାପଡ଼େ ଯେ ତୃଣଭୋଜୀ ସ୍ତରରେ ଯେତିକି ଶକ୍ତି ମିଳିଥାଏ, ଖାଦ୍ୟ ଶୃଙ୍ଖଳର ଶେଷ ସ୍ତରରେ ବହୁତ କମ୍ ଶକ୍ତି ମିଳିଥାଏ। ତେଣୁ ଶକ୍ତିର ପ୍ରବାହ ସର୍ବଦା ଏକତରଫା ହୋଇଥାଏ।

**15. (A)** (i) ଶାକାହାରୀ : ଉଦ୍ଭିଦ ବା ଉଦ୍ଭିଦଜାତ ପଦାର୍ଥ ଭକ୍ଷଣ କରୁଥିବା ପ୍ରାଣୀଙ୍କୁ ଶାକାହାରୀ କୁହାଯାଏ।
ଉଦାହରଣ : ଗାଈ, ଛେଳି, ହରିଣ, ଠେକୁଆ।
(ii) ମାଂସାହାରୀ: ଅନ୍ୟ ପ୍ରାଣୀ ବା ପ୍ରାଣୀଜ ପଦାର୍ଥ ଭକ୍ଷଣ କରୁଥିବା ପ୍ରାଣୀକୁ ମାଂସାହାରୀ କୁହାଯାଏ।
ଉଦାହରଣ : ବାଘ, ସିଂହ, ଚିଲ, ଶାଗୁଣା।
(iii) ସର୍ବାହାରୀ : ଖାଦ୍ୟରେ ବାଛବିଚାର ନ କରି ଯାହା ଖାଦ୍ୟୋପଯୋଗୀ ତାହା ଭକ୍ଷଣ କରୁଥିବା ପ୍ରାଣୀକୁ ସର୍ବାହାରୀ କୁହାଯାଏ।
ଉଦାହରଣ : ମଣିଷ, ବିଲେଇ, କାଉ, ଅସରପା।

**କିମ୍ବା, ପ୍ରଶ୍ୱାସ**
(i) ଫୁସ୍‌ଫୁସ୍ ମଧ୍ୟକୁ ବାୟୁ ପ୍ରବେଶ କରେ।
(ii) ଅନ୍ତଃପଞ୍ଜରା ମାଂସପେଶୀର ସଂକୋଚନ ଓ ଉଦରୀୟ ମାଂସପେଶୀର ଶିଥିଳନ ଘଟେ।
(iii) ମଧ୍ୟଛଦା ସମତଳ ହୁଏ।

**ନିଃଶ୍ୱାସ**
(i) ଫୁସ୍‌ଫୁସ୍‌ରୁ ବାୟୁ ବାହାରିଯାଏ।
(ii) ଅନ୍ତଃପଞ୍ଜରା ମାଂସପେଶୀର ଶିଥିଳନ ଓ ଉଦରୀୟ ମାଂସପେଶୀର ସଙ୍କୋଚନ ଘଟେ।
(iii) ମଧ୍ୟଛଦା ଗମ୍ବୁଜାକାର ହୁଏ।

**(B)**




(ମନୁଷ୍ୟରେ ଶ୍ୱାସତନ୍ତ୍ର)

**କିମ୍ବା,**




ନେଫ୍ରନ୍ (ମୂତ୍ରଜନ ନଳିକା)

**(C)** (i) ପରିସଂସ୍ଥାରେ ପ୍ରାଣୀମାନଙ୍କ ମଧ୍ୟରେ ଥିବା ଖାଦ୍ୟ ଓ ଖାଦକର ସଂପର୍କ ବିଷୟରେ ଜଣାପଡ଼େ। ଖାଦ୍ୟ ଉତ୍ପାଦନ ଓ ପ୍ରବାହ ଉପରେ ନିର୍ଭର କରି ପରିସଂସ୍ଥାର ବିଭିନ୍ନ ଜୀବ ଭିତରେ ଗଢ଼ିଉଠିଥିବା ସଂପର୍କର ସୂଚନା ଦିଏ।
(ii) ଗୋଟିଏ ପରିସଂସ୍ଥାରେ ଘଟୁଥିବା ଶକ୍ତିର ପ୍ରବାହ ବିଷୟରେ ଜଣାପଡ଼େ।
(iii) ଗୋଟିଏ ପରିସଂସ୍ଥାରେ ବିଷାକ୍ତ ପଦାର୍ଥଗୁଡ଼ିକର ଚଳନ ବିଷୟରେ ଜଣାପଡ଼େ ଓ ବିଷାକ୍ତ ପଦାର୍ଥର ଜୈବପରିବର୍ଦ୍ଧନ ଜନିତ ସମସ୍ୟାର ସମାଧାନ କରାଯାଇପାରେ।

**କିମ୍ବା,** (i) ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଅଣଜଙ୍ଗଲ ଜମିରେ ଜନସାଧାରଣଙ୍କର ସହଯୋଗରେ ଜଙ୍ଗଲ ସୃଷ୍ଟି କରିବା।
(ii) ଏହି ପ୍ରକଳ୍ପ ସାହାଯ୍ୟରେ ରାସ୍ତାକଡ଼, କେନାଲ୍ ଓ ନଦୀବନ୍ଧ,ନଦୀପଠାରେ ଥିବା ସରକାରୀ ଜମି, ଅନାବାଦି ଓ ଗୋଚର ଜମିରେ ଜଙ୍ଗଲ ସୃଷ୍ଟି କରାଯାଇପାରିଛି।
(iii) ଏହି ପ୍ରକଳ୍ପର ସୁଫଳ ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ ହତା ଓ ରାସ୍ତାକଡ଼ରେ ବୃକ୍ଷରୋପଣ ଏବଂ କେନାଲ ବନ୍ଧରେ ନଡ଼ିଆଗଛ ରୋପଣରେ ଦେଖିବାକୁ ମିଳୁଛି।

**16. (A)** (i) ସମ୍ବରଣର ଅର୍ଥ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ ସଂପଦ ବ୍ୟବହାର କରିବା।
(ii) ଆମେ ସଚେତନ ହେବାଦ୍ୱାରା ପ୍ରାକୃତିକ ସଂପଦର ଅତ୍ୟଧିକ ବ୍ୟବହାର ଓ ନଷ୍ଟକୁ ରୋକାଯାଇପାରିବ; ଯଥା: ଟ୍ୟାପ୍ ଖୋଲା ରଖି ଦାନ୍ତ ଘଷିବା, ବିଦ୍ୟୁତ୍ ବଲ୍‌ବ ଓ ପଙ୍ଖା ବନ୍ଦ ନ କରି ଚାଲିଯିବା ଇତ୍ୟାଦି।

**କିମ୍ବା,** (i) କଳକାରଖାନା ଓ ମୋଟରଯାନରୁ ନିର୍ଗତ $SO_2$ ଓ $NO_2$ ବାୟୁମଣ୍ଡଳକୁ ଯାଇ ଜଳୀୟବାଷ୍ପ ସହ ମିଶି ଯଥାକ୍ରମେ ସଲଫ୍ୟୁରିକ୍ ଅମ୍ଳ ଓ ନାଇଟ୍ରିକ୍ ଅମ୍ଳରେ ପରିଣତ ହେବା ଫଳରେ ଅମ୍ଳବର୍ଷା ହେଉଛି।
(ii) ଏହାର ପ୍ରଭାବରେ ଜଙ୍ଗଲ, ଘାସପଡ଼ିଆ ଓ ଶସ୍ୟକ୍ଷେତ୍ରର ଉତ୍ପାଦନ କ୍ଷମତା ହାସ ପାଇଛି।

**(B)** (i) ଜୀବଶରୀର ଏବଂ ପରିବେଶ ମଧ୍ୟଦେଇ ପୋଷକର ଚକ୍ରାକାର ଗତିକୁ ପୋଷକ ଚକ୍ର କୁହାଯାଏ।
(ii) ଅପଘଟକ ଯୋଗୁଁ ପରିସଂସ୍ଥାର ପୋଷକକୁଣ୍ଡ ପରିପୂର୍ଣ୍ଣ ରହେ।

**କିମ୍ବା,** (i) ପବନ କଳରେ କେତେକ ପ୍ରପେଲର ଲଗାଯାଇଛି ଯାହାର ବ୍ୟାସ ପ୍ରାୟ 6 ମିଟର।
(ii) ପବନ ହେଲେ ପ୍ରପେଲର ସଂଯୁକ୍ତ ଜେନେରେଟର ପ୍ରପେଲର ସହ ଘୂରେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୁଏ।

**(C)** (i) ଏଥିଲିନ୍ ଓ ଆବସିସିକ୍ ଅମ୍ଳ ଦୁଇଟି ବୃଦ୍ଧିହ୍ରାସକ ହରମୋନ୍ ଅଟନ୍ତି।
(ii) ଏହି ହରମୋନ୍‌ଗୁଡ଼ିକ ଉଦ୍ଭିଦର ବୃଦ୍ଧି ହ୍ରାସ କରିବା, ପତ୍ର, ଫୁଲ ଓ ଫଳ ଝଡାଇବା ସହିତ ବାର୍ଦ୍ଧକ୍ୟ ତ୍ୱରାନ୍ୱିତ କରିଥାନ୍ତି।

**କିମ୍ବା,** (i) ଯକୃତରେ ଏମୋନିଆ ଅଙ୍ଗାରକାମ୍ଳର ରାସାୟନିକ ସଂଯୋଗ ଘଟ ୟୁରିଆ ଗଠିତ ହୁଏ।
(ii) ୟୁରିଆ ବୃକ୍କ ଦ୍ୱାରା ନିଷ୍କାସିତ ହୁଏ।

**(D)** (i) ଉଦ୍ଭିଦର ସଂବାହୀ ଟିସୁ ହେଲା ଜାଇଲେମ୍ ଓ ଫ୍ଲୋଏମ୍।
(ii) ମୂଳ ଦ୍ୱାରା ଶୋଷିତ ଜଳ ଜାଇଲେମ୍ ଦେଇ ଉଦ୍ଭିଦର ବିଭିନ୍ନ ଅଂଶକୁ ପରିବାହିତ ହୁଏ ଏବଂ ପତ୍ରରେ ପ୍ରସ୍ତୁତ ଖାଦ୍ୟ ଫ୍ଲୋଏମ୍ ଦେଇ ଉଦ୍ଭିଦର ବିଭିନ୍ନ ଅଂଶକୁ ପରିବାହିତ ହୋଇଥାଏ।

**କିମ୍ବା,** (i) NADP ଏକ ସହକାରକ।
(ii) ଆଲୋକପ୍ରକ୍ରିୟାରେ ପ୍ରବାହିତ ଦୁଇଟି ଉଚ୍ଚଶକ୍ତିସଂପନ୍ନ ଇଲେକ୍‌ଟ୍ରନ୍‌କୁ ଏହା ଗ୍ରହଣ କରି ଉଚ୍ଚଶକ୍ତିସଂପନ୍ନ NADPH ରେ ପରିଣତ ହୁଏ।

❑❑❑



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ବିତ୍ତୀୟ ସାକ୍ଷରତା ଶିବିର

**ଝାରସୁଗୁଡା ଅଫିସ,୧୩।୨**

ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଗୁରୁବାର ବିତ୍ତୀୟ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ, ପିଡି ଡିଆରଡିଏ ତପିରାମ ମାଝୀ, ଏସ୍‌ବିଆଇର ଆରଏମ ଅଜୟ କୁମାର ନାଏକ, ଆରବିଆଇର ଡିଜିଏମ ଶିବ କୁମାର ମହାପାତ୍ର, ଆରବିଆଇର ଏଲଡିଓ ଶିବ ପ୍ରସାଦ ମିଶ୍ର, ଏଲଡିଏମ ଦୟାନିଧି କିଶାନ ଓ ଡିଏସଏସଓ ଚାରୁଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ମ୍ୟାନେଜର ଓ ଏମଏସଏମଇ ଉଦ୍ୟୋକ୍ତାମାନେ ଯୋଗ ଦେଇଥିଲେ।

### ଲଖନପୁର ବାର୍ ଆସୋସିଏଶନ୍ ଗଠିତ

**ଲଖନପୁର,୧୩।୨ (ଡି.ଏନ୍.ଏ.) :**

ଝାରସୁଗୁଡ଼ା ଜିଲା ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ କୋର୍ଟ ପରିସରରେ ଥିବା ବାର୍ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଇନ୍‌ଜୀବୀ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାର୍ ଆସୋସିଏଶନ୍ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର ଓ ବେଲପାହାଡ ଅଞ୍ଚଳର ଆଇନ୍‌ଜୀବୀମାନେ ଉପସ୍ଥିତ ଥିଲେ। ବୈଠକରେ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ନାରାୟଣ ମହାପାତ୍ର, ଉପସଭାପତି ପ୍ରଶାନ୍ତ କୁମାର ବିଶ୍ୱାଳ, ସମ୍ପାଦକ ଶିବ ଶଙ୍କର ସାହୁ, ଯୁଗ୍ମସମ୍ପାଦକ ଅନନ୍ତ କୁମାର ଉର୍ମା, ଅମୂଲ୍ୟ ହାତୀ, କୋଷାଧ୍ୟକ୍ଷ ଈଶ୍ୱର କଉଡି, ସଦସ୍ୟ ଭାବେ ହରିହର ମିଶ୍ର ଓ ତେଜରାମ ମେହେର ପ୍ରମୁଖଙ୍କୁ ଚୟନ କରାଯାଇଛି। ପ୍ରଦ୍ୟୁମ୍ନ ସାହୁ, ସମୀର ମିଶ୍ର, ନରେନ୍ଦ୍ର ପ୍ରଧାନ, ବଟକୃଷ୍ଣ ବେହେରା, କଳାକାର ନାଗ ଓ ବିକି ପେରେ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ବାସ୍ତବ ରୂପ ନେଇପାରିନି ଯୋଜନା

**ଝାରସୁଗୁଡ଼ା ଅଫିସ,୧୩।୨**

**ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ କୋଠା**



ଜିଲାପାଳଙ୍କ କାର୍ଯ୍ୟାଳୟ କୋଠା



କାର୍ଯ୍ୟାଳୟ ଝରକା ପଛପଟେ ପଡିଥିବା ଆବର୍ଜନା

ଝାରସୁଗୁଡାକୁ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଲୋକେ ବିଭିନ୍ନ କାର୍ଯ୍ୟାଳୟକୁ ସରକାରୀ ସୁବିଧା ତଥା କାର୍ଯ୍ୟ ପାଇଁ ଆସିଥାନ୍ତି। ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟ ସହରର ବିଭିନ୍ନ ସ୍ଥାନରେ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇ ଆସୁଥିଲା। ତେବେ ଲୋକଙ୍କ ସୁବିଧା ପାଇଁ ଗୋଟିଏ ସ୍ଥାନରେ ସମସ୍ତ ଜିଲା ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଥିଲେ। ଜିଲାର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟକୁ ଏକାଠି ସ୍ଥାପନ ପାଇଁ ୨୦୦୯ ଜାନୁୟାରୀ ୨୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ କୋଠାର ଶିଳାନ୍ୟାସ କରିଥିଲେ। ୩ ମହଲା ବିଶିଷ୍ଟ ଏହି କୋଠା ନିର୍ମାଣ ହେବା ପରେ ୨୦୧୫ ଜୁଲାଇ ୨ରେ ମୁଖ୍ୟମନ୍ତ୍ରୀ ଏହାକୁ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଉଦ୍‌ଘାଟନ କରିଥିଲେ। ତେବେ କୋଠା ଉଦ୍‌ଘାଟନକୁ ୫ ବର୍ଷ ପୂରିବାକୁ ଯାଉଥିବାବେଳେ ଏହି କାର୍ଯ୍ୟାଳୟର ସମ୍ପୂର୍ଣ୍ଣ ନିର୍ମାଣ କାମ ଏ ପର୍ଯ୍ୟନ୍ତ ସରିନାହିଁ। କୋଠାର ମୁଖ୍ୟ ଫାଟକ କାମ ଚାଲିଛି। ଲିଫ୍ଟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରିନାହିଁ। ସ୍ଥାୟୀ ନୋଟିସ ବୋର୍ଡ ନିର୍ମାଣ ହୋଇପାରିନି। ତେବେ ଏ ସମସ୍ତ ଅବ୍ୟବସ୍ଥା ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଅବଗତ କରାଇବା ପରେ ସେ ତାଙ୍କ ମତ ରଖି କହିଛନ୍ତି ଯେ, ଲିଫ୍ଟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ଲିଫ୍ଟ କାର୍ଯ୍ୟକ୍ଷମ ପାଇଁ ପିଡବ୍ଲୁଡି ସହିତ ଯୋଗାଯୋଗ କରାଯାଇଛି। ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ସେହିପରି ସୁରକ୍ଷା ଦୃଷ୍ଟିରୁ ରେକର୍ଡ ରୁମ୍ ଠିକ୍ ସ୍ଥାନରେ ରହିଛି। ଏକ ସ୍ଥାୟୀ ନୋଟିସ ବୋର୍ଡ ସ୍ଥାପନ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଇଛି। କାର୍ଯ୍ୟାଳୟରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ।

**କାର୍ଯ୍ୟକ୍ଷମ ହୋଇପାରୁନି ଲିଫ୍ଟ ବ୍ୟବସ୍ଥା**

୩ ମହଲା ବିଶିଷ୍ଟ ଜିଲାପାଳଙ୍କ କାର୍ଯ୍ୟାଳୟ କୋଠାର ସମସ୍ତ ମହଲାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜିଲାସ୍ତରୀୟ କାର୍ଯ୍ୟାଳୟ ରହିଛି। ପ୍ରତିଦିନ ଜିଲାର କୋଣ ଅନୁକୋଣରୁ ଏଠାକୁ ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି। ତେବେ ଏଠାକୁ ଆସୁଥିବା ବରିଷ୍ଠ ନାଗରିକମାନେ ଶିଡି ଚଢ଼ି ଥକି ପଡି ଦୀର୍ଘ ସମୟ ଧରି ବସି ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କୋଠା ନିର୍ମାଣ ବେଳେ ଏଠାରେ ଲିଫ୍ଟ ବ୍ୟବସ୍ଥା କରାଯିବା ପାଇଁ ଡିଜାଇନ କରାଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଲିଫ୍ଟ ବ୍ୟବସ୍ଥା ଆରମ୍ଭ କରାଯାଇ ନାହିଁ। କୋଠା ଉଦ୍‌ଘାଟନର ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ଲିଫ୍ଟ ନିର୍ମାଣକାରୀ ସଂସ୍ଥା ଏ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ କରିନି। ଏହାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ।

**କ୍ୟାଣ୍ଟିନ ରୁମ୍‌ରେ ରେକର୍ଡ ରୁମ୍**

କୋଠା ନିର୍ମାଣ ବେଳେ ପ୍ରଥମ ମହଲାରେ କ୍ୟାଣ୍ଟିନ ରୁମ୍ ନିର୍ମାଣ କରାଯାଇଥିଲା। ଏଥିରେ ଗୋଟିଏ ମହଲାରେ ଥିବା ସମସ୍ତ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଜଳଖିଆ ସହିତ ମଧ୍ୟାହ୍ନଭୋଜନ କରିବା ଯୋଜନା କରାଯାଇଥିଲା। ହେଲେ କୋଠା ଉଦ୍‌ଘାଟନର ୫ ବର୍ଷ ହେବାକୁ ଯାଉଥିଲେ ସୁଦ୍ଧା କ୍ୟାଣ୍ଟିନ ବ୍ୟବସ୍ଥା କରାଯାଇ ନାହିଁ। ଅନ୍ୟପକ୍ଷରେ ଏହି ରୁମ୍‌କୁ ଜିଲା ପ୍ରଶାସନ ରେକର୍ଡରୁମ୍ ଭାବେ ବ୍ୟବହାର କରୁଛି। ଏହା ଫଳରେ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟାହ୍ନଭୋଜନ ସମୟରେ ବାହାରର ହୋଟେଲ କିମ୍ବା ନିଜ ନିଜ ଘରକୁ ଯାଉଛନ୍ତି। ଫଳରେ ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ଗୁଡିକରେ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହୁ ନାହାନ୍ତି। କାମରେ ଆସିଥିବା ଲୋକେ ଅପେକ୍ଷା କରି ହଇରାଣ ହରକତ ହେଉଛନ୍ତି।

**ସ୍ଥାପନ ହୋଇନି ସ୍ଥାୟୀ ନୋଟିସ ବୋର୍ଡ**



ଅଚଳ ଲିଫ୍ଟ



ଗେଟ୍‌ରେ ଲଗାଯାଉଛି ସର୍ବସାଧାରଣ ନୋଟିସ।

୩ ମହଲା ବିଶିଷ୍ଟ ଜିଲାପାଳଙ୍କ କାର୍ଯ୍ୟାଳୟ କୋଠାରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସେବା ସହିତ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଥିବା ନେଇ ନିର୍ମାଣ ବେଳେ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଏଠାକୁ ଆସୁଥିବା ଲୋକଙ୍କୁ ଜିଲା ପ୍ରଶାସନର ବିଭିନ୍ନ ସୂଚନା ଯଥା ଟେଣ୍ଡର ନୋଟିସ, ସର୍ବସାଧାରଣ ନୋଟିସ ଆଦି ଜଣାଇବା ପାଇଁ ଏକ ନୋଟିସ ବୋର୍ଡର ବ୍ୟବସ୍ଥା କରାଯାଇ ନାହିଁ। କୋଠାର ପ୍ରଥମ ମହଲା ତଥା କାର୍ଯ୍ୟାଳୟକୁ ଯିବାର ମୁଖ୍ୟ ଗେଟ୍ ନିକଟସ୍ଥ ଏକ ବନ୍ଦ ଗେଟ୍‌ରେ ଏହି ନୋଟିସ ଗୁଡିକୁ ଝୁଲାଇ ରଖାଯାଉଛି।

**ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନାହାନ୍ତି କର୍ମଚାରୀ**

ଜିଲାପାଳଙ୍କ କାର୍ଯ୍ୟାଳୟ କୋଠାରେ ଥିବା ବିଭିନ୍ନ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଦିଗକୁ ଗୁରୁତ୍ୱ ଦିଆଯାଉ ନାହିଁ। କର୍ମଚାରୀମାନେ ନିଜ ନିଜ କାର୍ଯ୍ୟାଳୟର ଝରକା ଦେଇ ବିଭିନ୍ନ ଅଳିଆ ଆବର୍ଜନା ଯଥା ଅଦରକାରୀ କାଜଜ, ଚା ଗ୍ଲାସ, ବିଭିନ୍ନ ପ୍ରକାର ପଲିଥିନ ଓ ବୋତଲ ଆଦିକୁ ବାହାରକୁ ଫିଙ୍ଗୁଛନ୍ତି।

### ସିଆଲରମା ୟୁପି ସ୍କୁଲର ବାର୍ଷିକ ଉତ୍ସବ

**କିର୍ମିରା, ୧୩।୨ (ଡି.ଏନ.ଏ.)**

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ସିଆଲରମା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ଗିରିଧାରୀ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଗୁଣମଣି ପଟେଲ, ସିଆରସିସି ସଞ୍ଜୟ ପଟେଲ, ସ୍ୱାସ୍ଥ୍ୟ କର୍ମୀ ମିଳନ ବେହେରା, ଜୟନ୍ତ ବେହେରା, ସ୍କୁଲ କମିଟିର ସନ୍ତୋଷିନୀ ଭୋଇ, ବୀଣାପାଣି ସ୍ୱାଇଁ, ବୁଦ୍ଧିମତି ନାଏକ, ହରପ୍ରିୟା ଭୋଇ ଉପସ୍ଥିତ ଥିଲେ । ଅତିଥିଗଣ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ମହିଳା ଲୁଟେରା ଗିରଫ

**କୁଚିଣ୍ଡା, ୧୩।୨ (ଡି.ଏନ.ଏ)**

କୁଚିଣ୍ଡା ବସଷ୍ଟାଣ୍ଡରେ ଜଣେ ମହିଳା ଯାତ୍ରୀଙ୍କଠାରୁ ପସ୍ ଲୁଟ୍ କରିବା ପରେ ଜଣେ ମହିଳା ଲୁଟେରା ଧରା ପଡିଛନ୍ତି। ସେ ହେଲେ କେଶେଇବାହାଲର ସୁନିତା ବେହେରା (୪୫)। ତାଙ୍କ ପାଖରୁ ୪ ହଜାର ୫୦୫ ଟଙ୍କା ମିଳିଥିଲା। ଅଭିଯୋଗ କାରିଣୀ ଜରାବଗାର ବୈଜୟନ୍ତୀ ବଘାରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ସୁନିତାଙ୍କ ନାମରେ କୁଚିଣ୍ଡା ଥାନାରେ ମାମଲା ରୁଜୁ କରିଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୩ ଜଣଙ୍କୁ କାର୍ଯ୍ୟାଦେଶ

**ବେଲପାହାଡ଼,୧୩।୨ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଦ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ନିର୍ମାଣ କରିବା ପାଇଁ ଗୁରୁବାର ୩୩ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଓ ଉପାଧ୍ୟକ୍ଷା ଅନୁପମା ଭଇଁଷା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। କାର୍ଯ୍ୟାଦେଶ ପ୍ରଦାନ ସମୟରେ କାଉନସିଲର ନିଲବେଣୀ ଭୋଇ, ଦିଲୀପ କୁର୍ମି, ବରିଷ୍ଠ ସହାୟକ ଲାଲମୋହନ କିସାନ ଓ ଗୋଷ୍ଠୀ ସଂଯୋଜିକା ନିଲୁ ହଂସା ଉପସ୍ଥିତ ଥିଲେ। ଏହା ପୂର୍ବରୁ ୫ଟି ପର୍ଯ୍ୟାୟରେ ୧ ହଜାରରୁ ଅଧିକ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଆହୁରି ଅଧିକ ଆବେଦନକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ପ୍ରକାଶ କରିଛନ୍ତି।

## କିର୍ମିରାରେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**କିର୍ମିରା, ୧୩।୨ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଅନ୍ତର୍ଗତ କିର୍ମିରା ଗ୍ରାମରେ ଏକ ଦିବସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ବ୍ୟାଡମିଣ୍ଟନ କ୍ଲବ ଦ୍ୱାରା ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୬ଟି ଦଳ ଯୋଗ ଦେଇଥିଲେ । ଫାଇନାଲ ଖେଳ କେଶେଇବାହାଲର ଟିଙ୍କୁ ଏବଂ ସ୍ୱାଧୀନ ଓ ଝାରସୁଗୁଡାର ମୁକୁଳ ଓ ସନ୍ତୋଷଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କେଶେଇବାହାଲ ବିଜୟୀ ହୋଇଛି। ଉଦଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଲଇକେରା ଥାନା ଅଧିକାରୀ ପ୍ରବୀରକେଶରୀ ତ୍ରିପାଠୀ, ସୁଦାଶ ମିଶ୍ର, କିର୍ମିରା ସ୍ୱାସ୍ଥ୍ୟକେନ୍ଦ୍ରର ଦେବାଶିଷ ଦାସ, ପୂର୍ବତନ ଶିକ୍ଷକ ଏସଜିଡି ଖାନ୍ ଅତିଥି ଭାବେ ଯୋଗ ଦେଇଥିଲେ । କମିଟି ଉପଦେଷ୍ଟା ଅମୀୟ ପୂଜାରୀ, ସନ୍ଦୀପ ପଟେଲ ସଂଯୋଜନା କରିଥିବା ବେଳେ ଟିମନ ଅମାତ, ପିଣ୍ଟୁ ମହାନ୍ତି ଖେଳ ପରିଚାଳନା କରିଥିଲେ।

## ସମାଧାନ ପାଇଁ ବୈଠକ ବିଫଳ

**ଝାରସୁଗୁଡା ଅଫିସ,୧୩।୨**

ଝାରସୁଗୁଡା ଜିଲା ବ୍ରଜରାଜନଗରର ବିଭିନ୍ନ ସ୍ଥାନରେ ଭୂଷଣ ଷ୍ଟିଲ ଆଣ୍ଡ ପାୱାର ଏବଂ ବେଦାନ୍ତ ଆଲୁମିନି କମ୍ପାନୀରୁ ନିର୍ଗତ ପାଉଁଶକୁ ପକାଯାଉଛି। ପୂର୍ବରୁ ବ୍ରଜରାଜନଗରର ରାଜପୁର ପଞ୍ଚାୟତର ଦୁମାନିମୁଣ୍ଡା ଅଞ୍ଚଳରେ ଏହି ପାଉଁଶ ପକା ଯାଉଥିଲା। ଏହା ପରେ ପୁନର୍ବାର ଗୌଡମାଲ ପଞ୍ଚାୟତର ନୂଆଁମୁଣ୍ଡା ଅଞ୍ଚଳରେ ଏହି ପାଉଁଶ ପକା ଯିବା ନେଇ ସ୍ଥାନ ନିରୂପଣ କରାଯାଇଥିଲା। ହେଲେ ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଏପରିକି ବ୍ରଜରାଜନଗରର ଗାନ୍ଧୀ ଛକଠାରେ ଜାନୁୟାରୀ ୬ ଓ ୧୧ ତାରିଖରେ ଆନ୍ଦୋଳନ କରାଯାଇଥିଲା। ଏହାକୁ ନେଇ ଝାରସୁଗୁଡା ଉପଜିଲାପାଳ ଶିବ ଟପ୍ପୋଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ଅଧିକାରୀ, ପ୍ଲାଣ୍ଟ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ଗୁରୁବାର ଏକ ସମାଧାନ ବୈଠକ ବସିଥିଲା। ଏପ୍ରିଲ ସୁଦ୍ଧା କମ୍ପାନୀ ଆଶ୍‌ପଣ୍ଡ ନିର୍ମାଣ କରିବ। ଏଣୁ ଏହି ସମୟ ପର୍ଯ୍ୟନ୍ତ ନୂଆଁମୁଣ୍ଡାରେ ପାଉଁଶ ପକାଇବାକୁ ବିରୋଧ ନ କରିବାକୁ ପ୍ରଶାସନ ଓ ପ୍ଲାଣ୍ଟ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ହେଲେ ବ୍ରଜରାଜନଗରର କୌଣସି ଅଞ୍ଚଳରେ ପାଉଁଶ ନ ପକାଇବାକୁ ଚେତାବନୀ ଦେଇ ଲୋକେ ବୈଠକରୁ ଉଠିଯାଇଥିଲେ। ଫଳରେ ଏହି ସମାଧାନ ବୈଠକରେ କୌଣସି ନିର୍ଯ୍ୟାସ ବାହାରିପାରି ନ ଥିଲା। ରାଧାଶ୍ୟାମ ପ୍ରଧାନ, ସଚିନ ଦାସ, ସୁପ୍ରିତ ବେହେରା, ମୁରାରି ସିଂ, ବିଭୂତି ଭୋଇ, ଟିକନାଥ ଧରୁଆ, ଲଳିତ ଧରୁଆ, ସୁଶୀଲ ଭୋଇ, ଛବିଲାଲ ଧରୁଆ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।



ଉପଜିଲାପାଳ ଶିବ ଟପ୍ପୋ ଆନ୍ଦୋଳନକାରୀଙ୍କୁ ଫଳରସ ପିଆଇ ଅନଶନରୁ ଉଠାଉଛନ୍ତି।

## ପ୍ରତିଶ୍ରୁତି ପରେ ଏମ୍‌ସିଏଲ୍ ବିସ୍ଥାପିତଙ୍କ ଅନଶନ ପ୍ରତ୍ୟାହୃତ

**ଲଖନପୁର,୧୩।୨ (ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଲଖନପୁର କ୍ଷେତ୍ର ଜିଏମ୍ ଅଫିସ୍ ସମ୍ମୁଖରେ ସୋମବାର ବିସ୍ଥାପିତ ଖଇରକୁନି ଗ୍ରାମର ଆଦିତ୍ୟ ସେନାପତି, ଅଶିଷ ସେନାପତି, ଦୀନେଶ ସେନାପତି ଓ ବବିରାଣୀ ସେନାପତି ଚାକିରି ଦାବିରେ ଆମରଣ ଅନଶନରେ ବସିଥିଲେ। ବୁଧବାର ଅପରାହ୍ନ ୫ଟାରେ ଉପଜିଲାପାଳ ଶିବ ଟପ୍ପୋ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ପ୍ରମୁଖ ପହଞ୍ଚି ଦାବି ସମ୍ପର୍କରେ ଆଲୋଚନା କରି ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଛି। ତେବେ ଦାବି ସମ୍ପର୍କରେ ଜିଲା ପ୍ରଶାସନ ତରଫରୁ ବିସ୍ଥାପିତଙ୍କ କାଗଜପତ୍ର ଯାଞ୍ଚ କରାଯିବ। ୨୨ତାରିଖ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ବସୁଛି। ସେଥିରେ ବିସ୍ଥାପିତଙ୍କ ଦାବି ନେଇ ଆଲୋଚନା କରାଯିବ। ଏହାପରେ ଆର୍‌ପିଡିଏସି ବୈଠକରେ ଉପସ୍ଥାପନ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ଟପ୍ପୋ କହିଛନ୍ତି। ଏହି ପ୍ରତିଶ୍ରୁତି ଯଦି ରକ୍ଷା କରା ନ ଯାଏ ତାହା ହେଲେ ଆଗାମୀ ଦିନରେ ବିସ୍ଥାପିତମାନେ ପୁନର୍ବାର ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ନୋଡାଲ କେନ୍ଦ୍ରରେ ପହଞ୍ଚିଲା ପ୍ରଶ୍ନପତ୍ର

**ବେଲପାହାଡ଼,୧୩।୨ (ଡ଼ି.ଏନ୍.ଏ)**

**ବେଲପାହାଡ଼ର ୩ କେନ୍ଦ୍ରରେ ପରୀକ୍ଷା ଦେବେ ୪୮୮ ଛାତ୍ରୀଛାତ୍ର**

ଫେବୃୟାରୀ ୧୯ ତାରିଖରୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଝାରସୁଗୁଡ଼ା ଜିଲାର ବିଭିନ୍ନ ନୋଡ଼ାଲ କେନ୍ଦ୍ରକୁ ପ୍ରଶ୍ନପତ୍ର ଆସିବା ଆରମ୍ଭ ହୋଇଯାଇଛି। ବୁଧବାର ରାତି ପ୍ରାୟ ୮ଟାରେ ବେଲପାହାଡ଼ ଗିରିଧାରୀଲାଲ ଉଚ୍ଚ ବିଦ୍ୟାଳୟ ନୋଡ଼ାଲ କେନ୍ଦ୍ରକୁ ୩ଟି ବିଷୟର ପ୍ରଶ୍ନପତ୍ର ଆସିଛି। ନୋଡ଼ାଲ ଅଧୀକ୍ଷକ ଓ ପୋଲିସ ଉପସ୍ଥିତିରେ ପ୍ରଶ୍ନପତ୍ରକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ପ୍ରଶ୍ନପତ୍ର ସୁରକ୍ଷା ପାଇଁ ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ପୋଲିସ ମୁତୟନ ହୋଇଛି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ନିମନ୍ତେ ବେଲପାହାଡ଼ ନୋଡ଼ାଲ କେନ୍ଦ୍ରକୁ ୧୦ଟି ପରୀକ୍ଷା କେନ୍ଦ୍ର ପାଇଁ ପ୍ରଶ୍ନପତ୍ର ଆସିଛି। ଏହି ପରୀକ୍ଷା କେନ୍ଦ୍ର ଗୁଡ଼ିକ ହେଲା ଜିଏଲ ଉଚ୍ଚ ବିଦ୍ୟାଳୟ, ବି.ଆର୍. ଉଚ୍ଚ ବିଦ୍ୟାଳୟ, ଆଦର୍ଶ ଉଚ୍ଚ ବିଦ୍ୟାଳୟ, ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟ, ଦଲଗାଁ ଉଚ୍ଚ ବିଦ୍ୟାଳୟ, ତିଲିଆ ଉଚ୍ଚ ବିଦ୍ୟାଳୟ, ଓପିଏମ ବଏଜ୍ ଉଚ୍ଚ ବିଦ୍ୟାଳୟ, ଓପିଏମ ବାଳିକା ଉଚ୍ଚ ବିଦ୍ୟାଳୟ, ଲଟକୁରା ଉଚ୍ଚ ବିଦ୍ୟାଳୟ ଓ ଓରିଏଣ୍ଟ କୋଲିଆରୀ ଉଚ୍ଚ ବିଦ୍ୟାଳୟ। ଏହି ୧୦ଟି ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଯାଉଥିବା ୧୮୬୪ ଜଣ ଛାତ୍ରୀଛାତ୍ରଙ୍କ ଆଡ଼ମିଟ୍ କାର୍ଡ଼ ମଧ୍ୟ ନୋଡ଼ାଲ କେନ୍ଦ୍ରକୁ ଆସିଛି। ପୂର୍ବ ବର୍ଷ ପରି ଏଥର ବେଲପାହାଡ଼ରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏଗୁଡ଼ିକ ହେଲା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ, ଗିରିଧାରୀଲାଲ ଉଚ୍ଚ ବିଦ୍ୟାଳୟ ଓ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ। ଏଥର ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବି.ଆର୍.ଉଚ୍ଚ ବିଦ୍ୟାଳୟ ଓ ପିପିଲିମାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଗରିଧାରୀଲାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବେଲପାହାଡ଼ର ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ, ଛୁଆଳିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟ, ଜାମକାନି ଉଚ୍ଚ ବିଦ୍ୟାଳୟ ଓ ଯୁରାବଗା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିଭଳି ବି.ଆର୍. ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ବନ୍ଧବାହାଲ ଓ ଗରିଧାରୀଲାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୩ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୪୮୮ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଚଳିତ ବର୍ଷ ଝାରସୁଗୁଡ଼ା ଜିଲାରେ ମୋଟ ୩୯ଟି ପରୀକ୍ଷା କେନ୍ଦ୍ର ଖୋଲା ଯାଇଛି। ଏଥିମଧ୍ୟରୁ ରେଗୁଲାର ଓ ଏକ୍ସରେଗୁଲାର ମାନଙ୍କ ପାଇଁ ୩୮ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ଓପନ ସ୍କୁଲ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ଗୋଟିଏ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁଚାରୁ ଭାବେ ପରିଚାଳନା ତଥା କପି ରୋକିବା ପାଇଁ ୩୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ବେଲପାହାଡ଼ର ୨ଟି ପରୀକ୍ଷା କେନ୍ଦ୍ର ସମେତ ମୋଟ ୧୫ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି।

## ବନ୍ଦ ହେଲା ଦୁଇ ବାଲ୍ୟ ବିବାହ

**ଝାରସୁଗୁଡା ଅଫିସ,୧୩।୨**

ଝାରସୁଗୁଡା ଜିଲା ବଡମାଲ ଥାନା ଅଧୀନରେ ହେବାକୁ ଥିବା ଦୁଇଟି ବାଲ୍ୟ ବିବାହକୁ ଚାଇଲ୍ଡ ଲାଇନ ଓ ଜିଲା ପ୍ରଶାସନ ବନ୍ଦ କରିଛି। ପ୍ରଥମେ ଚାଇଲ୍ଡ ଲାଇନର ସଂଯୋଜକ ଆଶିଷ କୁମାର ପଣ୍ଡାଙ୍କୁ ସୂଚନା ମିଳିଲା ପରେ ସେ ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ବାଲ୍ୟ ବିବାହ ନିଷେଧ ଅଧିକାରୀ ତଥା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରାଇଥିଲେ। ପରେ ଶିଶୁ ମଙ୍ଗଳ ସମିତି ଅଧକ୍ଷା ଆନନ୍ଦିନୀ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ବାଲ୍ୟ ବିବାହ ହେବାକୁଥିବା ଗ୍ରାମକୁ ଯାଇ ସେମାନଙ୍କ ପରିବାର ବର୍ଗଙ୍କ ସହିତ ଆଲୋଚନା କରି ଏହି ବିବାହ ଦ୍ୱୟକୁ ବନ୍ଦ କରିଛନ୍ତି। ଜଣେ ନାବାଳିକାଙ୍କ ବୟସ ୧୭ ବର୍ଷ ହୋଇଥିବା ବେଳେ ତାଙ୍କ ବିବାହ ସମ୍ବଲପୁର ଜିଲାରେ ଆସନ୍ତା ୨୬ ତାରିଖରେ ହେବାକୁ ଥିଲା। ସେହିପରି ଅନ୍ୟ ଜଣେ ନାବାଳିକାଙ୍କ ବିବାହ ସୁନ୍ଦରଗଡ ଜିଲାରେ ଆସନ୍ତା ଅପ୍ରେଲ ମାସରେ ହେବାକୁ ଥିଲା। ଚାଇଲ୍ଡ ଲାଇନର ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ମଙ୍ଗଳ ସମିତିର ସଭ୍ୟା ମମତା ତ୍ରିପାଠି, ଅହଲ୍ୟା ନାଏକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସେକ୍ଟର ସୁପରଭାଇଜର ସରନୀ ଜୋଜୋ, ଚାଇଲ୍ଡ ଲାଇନର ସଦସ୍ୟ ରାଧେଶ୍ୟାମ ନାଏକ, ଜ୍ୟୋସ୍ନା ପ୍ରଧାନ ଏବଂ ବଡମାଲ ଥାନା ପୋଲିସ କର୍ମଚାରୀ ପ୍ରମୁଖ ସମ୍ପୃକ୍ତ ନାବାଳିକାମାନଙ୍କ ପରିବାର ବର୍ଗଙ୍କୁ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ବଡମାଲ ଥାନାରେ ଷ୍ଟେସନ ଡାଏରି କରାଯାଇଛି। ନାବାଳିକାମାନଙ୍କୁ ୧୮ ବର୍ଷ ନ ହେବା ଯାଏଁ ବିବାହ କରାଇବେ ନାହିଁ ସେମାନଙ୍କ ପରିବାର ବର୍ଗ ଲିଖିତ ରାଜିନାମା ଦେଇଛନ୍ତି । ନାବାଳିକାମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ପରେ ପରିବାର ବର୍ଗଙ୍କ ଜିମାରେ ଛଡାଯାଇଛି।



ଜିଲା ପ୍ରଶାସନର ଅଧିକାରୀ ଓ ଚାଇଲ୍ଡ ଲାଇନର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ସମ୍ବଲପୁରୀ ନାଚରେ ଦୁଲୁକିଲା ମୁକ୍ତାକାଶ ରଙ୍ଗମଞ୍ଚ





ଉତ୍ସବ ପ୍ରଧାନପାଟ-୨୦୨୦ ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମର କେତୋଟି ଝଲକ ।

## ଉତ୍ସବ ପ୍ରଧାନପାଟ-୨୦୨୦ ଚତୁର୍ଥ ସନ୍ଧ୍ୟା

**ଦେବଗଡ,୧୩।୨(ଡି.ଏନ.ଏ.)**

ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚ ଦିନ ଧରି ହେବାକୁ ଥିବା ଉତ୍ସବ ପ୍ରଧାନପାଟ-୨୦୨୦ ସୋମବାର ଉଦ୍‌ଘାଟିତ ହୋଇଥିବା ବେଳେ ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ ଜମିଥିଲା । ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଓ ଦୌରାଜଜ୍ ସୁଦିପ୍ତ ଆଚାର୍ଯ୍ୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀର ଦେବଗଡ ଜିଲାରେ ସାଂସ୍କୃତିକ ମହୋତ୍ସବ ଜିଲା, ରାଜ୍ୟ ତଥା ଦେଶର କଳା ସଂସ୍କୃତିର କୋଲକତାର ଭାରତ ନାଟ୍ୟମ, କଟକର ରାଜସ୍ଥାନୀ ଫୋକ ନାଚ, ଦେବଗଡ ଜିଲାର ଘୁଡକା ନାଚ, ବଲାଙ୍ଗୀର ଜିଲାର ସମ୍ବଲପୁରୀ, କଳାହାଣ୍ଡିର ସଂଗାରି ନାଚ, ସମ୍ବଲପୁରର ସମ୍ବଲପୁରୀ ଫୋକ ଆଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦଘୋଷିକା ଉଦଘୋଷକ ଭାବେ ବଂଶୀଧର ସାହୁ, ଜନ୍ମାଜୟ ନାୟକ ,ମିନାକ୍ଷୀ ଧର,ବିଦେଶୀ ସାହୁ , ପ୍ରିତମ ପ୍ରିୟ ବେହେରା, ସୁନିଶ୍ଚିତା ପାଢୀ, ସ୍ୱସ୍ତି ସୌମ୍ୟା ଦାଶ, ସୁମନ ମହାକୁଳ, ସ୍ୱପ୍ନା ପୁରୋହିତ, ଜୟଶ୍ରୀ ଗଙ୍ଗଦେବ, ଖୁସି ସାହୁ, ଅଭୟ କୁମାର, ସୌମ୍ୟବ୍ରତା ଦଳବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବ ଅବସରରେ ଓର୍‌ମାସ୍ ପକ୍ଷରୁ ଆକର୍ଷଣୀୟ ପଲ୍ଲିଶ୍ରୀ ମେଳାରେ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ମଧ ଦର୍ଶକ ଏବଂ ଜଣସାଧାରଣଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥିଲା। ଉତ୍ସବ ଅବସରରେ ପଡିଥିବା ବିଭିନ୍ନ ଷ୍ଟଲ ଯଥା ମୀନା ବଜାର, କୃଷି ମହୋତ୍ସବ, ଫଳପୁଷ୍ପ ଓ ପନିପରିବା ପ୍ରଦର୍ଶନୀ, ଉନ୍ନୟନ ପ୍ରଦର୍ଶନୀ ଆଦି ଷ୍ଟାଲରେ ରାଜ୍ୟ ତଥା ଜିଲା ବାହାରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପ୍ରବଳ ଭିଡ ଜମିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଜିଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସେଠାରେ ଏକ ଅସ୍ଥାୟୀ ଫାଣ୍ଡି ମଧ ଖୋଲାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ

**ଦେବଗଡ,୧୩।୨(ଡି.ଏନ.ଏ.)**

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଦୁଇଦିନିଆ ଦେବଗଡ ଗସ୍ତ କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ସର୍କିଟ୍ ହାଉସଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସମୀକ୍ଷା ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସାହୁ ରାଜସ୍ୱ ବିଭାଗରେ ମୋ ସରକାରର କାର୍ଯ୍ୟକାରୀତା, ଜିଲାରେ ରାଜସ୍ୱ ଆଦାୟ, ରାଜସ୍ୱ ବିଭାଗ ପକ୍ଷରୁ ଲୋକମାନଙ୍କୁ ଉପଲବ୍ଧ କରାଯାଉଥିବା ବିଭିନ୍ନ ସେବା, ହାଇଟେକ୍ ସର୍ଭେ, ଜାତୀୟ ରାଜପଥର ସମ୍ପ୍ରସାରଣ ନିମନ୍ତେ ଜମି ଅଧି ଗ୍ରହଣ ଉପରେ ସମୀକ୍ଷା କରିଥିଲେ। ଏହା ବ୍ୟତୀତ କୃଷି ବିଭାଗ, ମତ୍ସ୍ୟ ବିଭାଗ, ଜଳଛାୟା ପ୍ରକଳ୍ପ ଏବଂ ପଶୁ ସମ୍ପଦ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ ପାଇଲଟ ପ୍ରଜେକ୍ଟର ଅଗ୍ରଗତି ଉପରେ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଜିଲାରେ ଆମ୍ବ, ଲିଚୁ ଏବଂ କମଳା ଚାଷ ନିମନ୍ତେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ଅଗ୍ରଗତି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶୌଚାଳୟ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ।



ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଆଲୋଚନା କରୁଛନ୍ତି ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଜିଲାପାଳ

**ରେଢାଖୋଲ,୧୩।୨(ଡି.ଏନ.ଏ.)**

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନା ଗୁରୁବାର ଅପରାହ୍ନରେ ଅଚାନକ ରେଢାଖୋଲ ଗସ୍ତରେ ଆସି ଚାରମାଲ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। କେଉଟିବାହାଲି ଗ୍ରାମରେ ନିର୍ମାଣ ଚାଲିଥିବା ଖେଳପଡିଆ ପରିଦର୍ଶନ କରିଥିଲେ। ପରେ ଚାରମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନିରାମୟ ଯୋଜନାର କାର୍ଯ୍ୟକାରିତା ଉପରେ ତଦାରଖ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପାଠାଗାର ଓ ପାର୍କ ନିର୍ମାଣ ନେଇ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବେଲ ଗ୍ରାମରେ ଚାଷୀ ପ୍ରଦୀପ ମହାପାତ୍ରଙ୍କ ଆମ୍ବ ବଗିଚା ବୁଲି ଦେଖିବା ସହ ଖୁବେଲ ମନ୍ଦିରରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟରେ ଆବାସ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ପ୍ରଥମ ଥର ପାଇଁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ରାତ୍ରୀ ଯାପନ କରିଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଉପଜିଲାପାଳ ଡୋଲାମଣି ପଟେଲ, ବିଡିଓ ପରିକ୍ଷିତ ସାହୁଙ୍କ ସମେତ ବିଭିନ୍ନ ବିଭାଗିୟ ଅଧିକାରୀ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଉନ୍ନୟନ, ମାର୍କେଟିଂ ସୋସାଇଟି ଦେବଗଡ଼ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଦେବଗଡ଼,୧୩।୨(ଡି.ଏନ.ଏ.)**

ଉତ୍ସବ ପ୍ରଧାନପାଟ ୨୦୨୦ ଅବସରରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ମାର୍କେଟିଂ ସୋସାଇଟି ପକ୍ଷରୁ ଜିଲାର ଗ୍ରାମାଞ୍ଚଳରୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା ମାଧ୍ୟମରେ ଯୁବତୀଯୁବକଙ୍କୁ ମାଗଣାରେ ତାଲିମ ଦିଆଯାଇ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି । ଏହି ଅବସରରେ ଚାଲିଥିବା ପଲ୍ଲୀଶ୍ରୀ ମେଳା ପରିସରରେ ବିଭିନ୍ନ ବର୍ଗରେ ତାଲି ନେଉଥିବା ଓ ନିଯୁକ୍ତି ପାଇଥିବା ଯୁବତୀଯୁବକ ଏବଂ ତାଙ୍କର ପିତାମାତାଙ୍କୁ ଉପଢ଼ୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରଯାଇଛି। ଜିଲାରୁ ୧୪୫୦ ଜଣଙ୍କ ମଧ୍ୟରୁ ୩୧୯ ଜଣ ତାଲିମ ନେଉଥିବା ବେଳେ ୧୩୬ ଜଣ ରାଜ୍ୟ ବାହାରେ ବିଭିନ୍ନ ସଂସ୍ଥାଗୁଡ଼ିକରେ ନିଯୁକ୍ତି ପାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଂଟ ପୁନମ୍ କାନ୍ତ ଏକ୍କ ଯୋଗଦେଇ ଉପସ୍ଥିତ ଥିବା ତାଲିମ ଓ ନିଯୁକ୍ତି ପାଇଥିବା ଯୁବତୀଯୁବକ ଏବଂ ସେମାନଙ୍କ ମା ଓ ବାପାଙ୍କୁ ଉପଢ଼ୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ଓରମାସ୍‌ର ଡେପୁଟି ସିଇଓ ସୁବଳ କୁମାର ଜେନାମଣୀ,ଏପିଡି (ଟ୍ରେନିଂ) ଦୀପକ କୁମାର ବେହେରା, ଜିଲା କର୍ମ ନିୟୋଯନ ଅଧିକାରୀ ଚିନ୍ତାମଣୀ ମହାନନ୍ଦ, ପି.ଆଇ.ଏ. ଦିନବନ୍ଧୁ ଫାଉଣ୍ଡେସନ୍, ନିଅମ ଏଜୁକେଶନାଲ ଫାଉଣ୍ଡେସନ୍, ସାହୀ ଏକ୍ସପୋର୍ଟସ୍ କୁଚିଣ୍ଡାର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଜଣେ ଯୁବକଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଲୁଟ୍ ଘଟଣାରେ ଜଣେ ଗିରଫ



**ରେଢାଖୋଲ,୧୩।୨(ଡି.ଏନ.ଏ.)**

ରେଢାଖୋଲ-ବୌଦ୍ଧ ରାସ୍ତାର ହାତିବାହାଲ ଛକ ନିକଟରୁ ଗତ ୯ ତାରିଖ ପ୍ରାଣୀଧନ ନିରୀକ୍ଷକ ପଞ୍ଚାନନ ପ୍ରଧାନଙ୍କଠାରୁ ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ରେଢାଖୋଲ ସହରର ଶୁଣ୍ଡିମୁଣ୍ଡା ଗ୍ରାମର ସୁନୀଲ ମହାନନ୍ଦ (୨୫) ନାମକ ଜଣେ ଯୁବକ ଗିରଫ କରିଛି। ତାଙ୍କଠାରୁ ଏକ ବାଇକ୍ (ନଂ ଓଡି ୧୫ କେ-୯୩୮୫)କୁ ପୋଲିସ ଜବତ କରିଛି। ତେବେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ସ୍ୱାଗତ ଦୀପ ଫେରାର ହୋଇଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

# କବି ସମ୍ମିଳନୀ, କବିତା ପାଠୋତ୍ସବ

**ଦେବଗଡ଼,୧୩।୨(ଡି.ଏନ.ଏ.)**

ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା 'ଉତ୍ସବ ପ୍ରଧାନପାଟ-୨୦୨୦' ଅବସରରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ପ୍ରଧାନପାଟ କବି ସମ୍ମିଳନୀ ସବ କମିଟି ଅଧ୍ୟକ୍ଷ ତଥା ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବି ସମ୍ମିଳନୀରେ ଅତିଥି ଭାବେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, କବି ଯୋଗେଶ ଚନ୍ଦ୍ର ଦଳବେହେରା ଓ କବି ଡ. ବନମାଳୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କବି ସମ୍ମିଳନୀରେ ଏକଶହରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିବା ବେଳେ କବିତାଗୁଡିକୁ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ଗୋଲବଦନ ବିଶ୍ୱାଳ ସଂଯୋଜନା କରିଥିଲେ ।




କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଫୁଟବଲ ଟୁର୍ନାମେଣ୍ଟରେ ଖୁଲିଆ ବିଜୟୀ

**ପଡିଆବାହାଲ,୧୩।୨(ଡି.ଏନ.ଏ.)**

ପଇଦାମାଲ ଭାଜପା କ୍ଲବ ପକ୍ଷରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ କବରାପାଲିକୁ ହରାଇ ୫-୪ରେ ଖୁଲିଆ ବିଜୟୀ ହୋଇଛି । ଏଥିରେ ମୋଟ ୧୬ଟି ଦଳ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ବିଭୀଷଣ ପଧାନ, କବରାପାଲି ନାଏବ ସରପଞ୍ଚ ସତ୍ୟବାଦୀ ଛତର ଓ ଡା. ରାଜାରାମ ଷଡଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ। ଅଶ୍ୱିନୀ ସିଂ ପୁରସ୍କାର ବିତରଣ ସଭାରେ ଅଧ୍ୟକ୍ଷତା କରିଥିଲେ । କ୍ଲବର ସଭାପତି ଚନ୍ଦ୍ର ଛତର, ସମ୍ପାଦକ ଲଳିତ ବାଗ, ଶତାବ୍ଦୀ ଟପ୍ପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଅଜିତପୁର, ମେହେତାବ କ୍ଲବ ବିଜୟୀ

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ଅଜିତପୁର କ୍ରୀଡା ସଂଘ ଓ ମେହେତାବ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅଜିତପୁର ବନାମ ପାଟିଦାର କ୍ଲବ ମଧ୍ୟରେ ଖେଳ ହୋଇଥିଲା । ଅଜିତପୁର ୧୦୮ ରନ୍‌ରେ ବିଜୟୀ ହୋଇଥିଲା । ମହମ୍ମଦ ଇସାକ, ମହେଶ ପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ । ଲକି ଶର୍ମା ସ୍କୋରର ଥିଲେ। କ୍ରୀଡା ସଂଗଠକ ଗୋପାଳ ନନ୍ଦ ଅତିଥି ଭାବେ ଯୋଗଦେଇ ଅଜିତପୁରର ଅଭିନବ ସାମନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ ମେହେତାବ କ୍ରିକେଟ କ୍ଲବ ବନାମ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ହୋଇଥିଲା । ମେହେତାବ କ୍ଲବ ୯୨ ରନରେ ବିଜୟୀ ହୋଇଥିଲା । ମିଥିଳେଶ ପ୍ରସାଦ ଓ ମହମ୍ମଦ ନିଜାମ୍ ଖାନ୍ ମ୍ୟାଚ ପରିଚାଳନା କରିଥିଲେ । ଜିଲା କ୍ରୀଡା ସଂଘର ସଭ୍ୟ ସାବୀର ଅହମ୍ମଦ ମୁଖ୍ୟଅତିଥି ଭାବେ ଯୋଗଦେଇ ମେହେତାବ କ୍ଲବର ମହମ୍ମଦ ୱାସିମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।




ଗୋପାଳ ନନ୍ଦ ଅତିଥି ଭାବେ ଯୋଗଦେଇ ଅଭିନବ ସାମନ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ମିଛ ଅଭିଯୋଗ କରି ଫସିଲେ ବ୍ୟବସାୟୀ



**ରେଢାଖୋଲ,୧୩।୨ (ଡି.ଏନ.ଏ.)**

ରେଢାଖୋଲର ଏକ ପାନ ମସଲା ଗୋଦାମରୁ ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ନେଇ ଗତ ୧୦ ତାରିଖ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଏହା ମିଛ ଅଭିଯୋଗ ବୋଲି ପୋଲିସ ଜାଣିବାକୁ ପାଇଛି। ଏହାପରେ ନିଜେ ଅଭିଯୋଗକାରୀ ପାନ ମସଲା ବ୍ୟବସାୟୀ ସମ୍ବଲପୁରର ବିକାଶ ପଣ୍ଡା ଆଇନ ଫାସରେ ଫସି ଯାଇଛନ୍ତି। ସେ ନିଜେ ଖୋଳିଥିବା ଗାତରେ ଏବେ ନିଜେ ପଡିଛନ୍ତି। ପୋଲିସ ତାଙ୍କ ନାମରେ ମିଛ ଅଭିଯୋଗ କରିଥିବା ଅଭିଯୋଗରେ ଏକ ମାମଲା ରୁଜୁ କରିଛି। ତେବେ ଯେଉଁଠାରୁ ସେ ପାନମସଲା ଆଣୁଥିଲେ ସେଠାରେ ଲକ୍ଷାଧିକ ଟଙ୍କାର ବାକି ରହିଛି। ଏଥିରୁ ମୁକୁଳିବାକୁ ଯୋଜନା ରି ସେ ଏଭଳି ମିଛ ଅଭିଯୋଗ କରିଥିବା ପୋଲିସ ଜାଣିବାକୁ ପାଇଛି। ବିକାଶଙ୍କୁ ପୋଲିସ ଥାନାକୁ ଡାକି ଘଟଣା ସମ୍ପର୍କରେ ପଚରା ଉଚୁରା କରିବାରୁ ସେ ଏହା ସ୍ୱୀକାର କରିଛନ୍ତି।

# ଏମ୍‌ସିଏଲ୍‌କୁ ସର୍ବଶ୍ରେଷ୍ଠ ଉଦ୍ୟୋଗ ପୁରସ୍କାର

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ସର୍ବଶ୍ରେଷ୍ଠ ଉଦ୍ୟୋଗ ପୁରସ୍କାର ହାସଲ କରିଛି। ହାଇଦ୍ରାବାଦଠାରେ ଆୟୋଜିତ ୩୦ତମ ଜାତୀୟ ମହିଳା ପବ୍ଲିକ ସେକ୍ଟର ଫୋରମ୍ ମିଟରେ କାର୍ମିକ ଉପମହାପ୍ରବନ୍ଧକ କୋମଳ ବି ଜାଭେଦ୍‌ଙ୍କଠାରୁ ଏମସିଏଲର କାର୍ମିକ ସହାୟକ ପ୍ରବନ୍ଧକ ରଣଜିତ କୌର, ମଞ୍ଜୁଳା ଦାଶ ପୁରସ୍କାର ଗ୍ରହଣ କରିଥିଲେ। ଏ ନେଇ ମହାନଦୀ କୋଇଲା କମ୍ପାନୀ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି ।



ଅତିଥିଙ୍କଠାରୁ ଏମ୍‌ସିଏଲ୍ ଅଧିକାରୀମାନେ ଶ୍ରେଷ୍ଠ ଉଦ୍ୟୋଗ ପୁରସ୍କାର ଗ୍ରହଣ କରୁଛନ୍ତି ।

# ଆଇନସେବା ପ୍ରାଧିକରଣ ସମିତିର ଷ୍ଟଲ୍ ଉଦ୍‌ଘାଟିତ

**ରେଢାଖୋଲ,୧୩।୨(ଡି.ଏନ.ଏ.)**

ରେଢାଖୋଲ କଦମ୍ବପଡିଆରେ ଚାଲିଥିବା ବାଣିଜ୍ୟ ମେଳାରେ ଗୁରୁବାର ଆଇନସେବା ପ୍ରାଧିକରଣ ସମିତିର ଏକ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷା ତଥା ସବ୍‌ଜଜ୍ ଅପୂର୍ବା ଚୌଧୁରୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ। ସମାଜର ଅବହେଳିତ, ଆଦିବାସୀ, ହରିଜନ, ମହିଳା, କିନ୍ନର ସମେତ ଯୋଗ୍ୟ ଜନସାଧାରଣଙ୍କୁ ମାଗଣାରେ ଆଇନସେବା ଯୋଗାଇଦେବା ସହ ସେମାନେ କିପରି ଆଇନସେବା ପାଇପାରିବେ ତା ଉପରେ ସଚେତନ କରିବା ଉଦ୍ଦେଶ୍ୟରେ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଏହି ଷ୍ଟଲ ଖୋଲାଯାଇଥିବା ଅଧ୍ୟକ୍ଷା ସୂଚନା ଦେଇଥିଲେ। ଆଇନସେବା ପ୍ରାଧିକରଣ ପକ୍ଷରୁ ଜନସଚେତନତା ପାଇଁ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଏହି ଷ୍ଟଲ ୪ ଦିନ ପାଇଁ ଖୋଲା ରହିବ। ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଷ୍ଟଲରେ ଉପସ୍ଥିତ ରହି ଜନସାଧାରଣଙ୍କୁ ଆଇନସେବା ସଂକ୍ରାନ୍ତରେ ଆବଶ୍ୟକ ସୂଚନା ଦେବେ। ଷ୍ଟଲ ଉଦ୍‌ଘାଟନୀ ଅବସରରେ ଏସଡିଜେଏମ ଅଞ୍ଜଳି ମଛଖଣ୍ଡ, ତହସିଲଦାର ରୁବି ବେହେରା, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ପ୍ରେମଚାନ୍ଦ କୁଲୁ, ଆଇନସେବା ପ୍ରାଧିକରଣର ରିଟେନର ଉମାକାନ୍ତ ମହାନନ୍ଦ, ଆଇନଜୀବୀ ଅଚ୍ୟୁତାନନ୍ଦ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଆଇନସେବା ପ୍ରାଧିକରଣ ସମିତିର ସଂଯୋଜକ ଫେଡରିକ କଣ୍ଡୁଲନା, ପାରା ଲିଗାଲ ସ୍ୱେଚ୍ଛାସେବୀ ଅନୀଲ ପୃଷ୍ଟି, ଶିବରାମ ସାହୁ ଓ କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।




ରେଢାଖୋଲ କଦମ୍ବପଡିଆରେ ଚାଲିଥିବା ବାଣିଜ୍ୟ ମେଳାରେ ଗୁରୁବାର ଆଇନସେବା ପ୍ରାଧିକରଣ ସମିତିର ଏକ ଷ୍ଟଲ୍‌କୁ ବିଚାରପତି ଉଦ୍‌ଘାଟନ କରୁଛନ୍ତି।

# ଟଙ୍କାଏ ନ କମାଇବାରୁ ପିଟି ମାରିଦେଲେ

ରୂପ୍‌ସା/ବସ୍ତା,୧୩।୨ (ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସାର୍ଥା ଅଞ୍ଚଳରେ ସାମାନ୍ୟ ସିଗାରେଟ କିଣାକୁ କେନ୍ଦ୍ରକରି ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ନିଶାଗ୍ରସ୍ତ ଯୁବକମାନେ ପିଟି ପିଟି ଜଣେ ପାନଦୋକାନୀଙ୍କ ଭାଇଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏନେଇ ଉତ୍ତେଜନା ଲାଗି ରହିଛି। ମୃତ ଯୁବକ ହେଲେ ସାର୍ଥା ଗ୍ରାମର ସୁବାସ ପାତ୍ର (୪୮)। ଉତ୍ୟକ୍ତ ଲୋକେ ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟାରୁ ଟାୟାର ଜାଳି ସାର୍ଥା-କଷାଫଳ-ଲଙ୍ଗଳେଶ୍ୱର ରାସ୍ତାର ସାର୍ଥା ରାଜଧାନୀ ଛକଠାରେ ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ସହାୟତା ଏବଂ ସାର୍ଥାରେ ମଦଦୋକାନ ବନ୍ଦ କରାଯିବାକୁ ଦାବି କରିଥିଲେ। ବିଧାୟକ ମଦନମୋହନ ଦତ୍ତ ମୋବାଇଲ ଯୋଗେ ଜିଲାପାଳ ଏବଂ ଏସ୍‌ପିଙ୍କୁ ତୁରନ୍ତ ଘଟଣାର ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଲୋଚନା କରିଥିଲେ। ଉପଜିଲାପାଳ ନିଲୁ ମହାପାତ୍ର, ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ସିଂଲା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଓ ଅବକାରୀ ବିଭାଗ ଇନ୍‌ସପେକ୍ଟର ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ପ୍ରଦାନ ସହ ଦାବିପୂରଣ ଦିଗରେ ପ୍ରତିଶ୍ରୁତି ଦେବା ପରେ ୬ ଘଣ୍ଟା ରାସ୍ତାରୋକୋ ପରେ ଅପରାହ୍ନ ସାଢ଼େ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।


ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତାରୋକୋ।

ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ୪ଜଣ ଯୁବକ ଏକ କାର୍ ଯୋଗେ ଆସି ସାର୍ଥା ବଜାରରେ ଥିବା ସରକାରୀ ମଦ ଦୋକାନରୁ ମଦ୍ୟପାନ କରିଥିଲେ। ସାର୍ଥା ଛକରେ ଥିବା ଶ୍ରୀକାନ୍ତ ପାତ୍ରଙ୍କ ପାନଦୋକାନକୁ ଯାଇ ସିଗାରେଟ ମାଗିଥିଲେ। ଦୋକାନୀ ଜଣକ ସିଗାରେଟର ଦାମ୍ ୬ଟଙ୍କା କହିଥିଲେ। ମାତ୍ର ନିଶାଗ୍ରସ୍ତ ଯୁବକମାନେ ସିଗାରେଟ ଦାମ୍ ୫ଟଙ୍କା କହିବାରୁ ଝଗଡ଼ା ହୋଇଥିଲା। ଫଳରେ ସେମାନେ ଦୋକାନୀ ଶ୍ରୀକାନ୍ତଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ଶ୍ରୀକାନ୍ତ ତାଙ୍କ ସାନଭାଇ ସୁବାସଙ୍କୁ ଡାକିବାରୁ ସେ ପହଞ୍ଚି ୬ଟଙ୍କାରେ ସିଗାରେଟ ନେବ ତ ନିଅ ନ ହେଲେ ଗଣ୍ଡଗୋଳ କରନାହିଁ ବୋଲି କହିଥିଲେ। ମାତ୍ର ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାରୁ ଆହତ ଶ୍ରୀକାନ୍ତ ସ୍ଥାନୀୟ ସାର୍ଥା ଫାଣ୍ଡି ପୋଲିସକୁ ଖବର ଦେବା ପାଇଁ ଦୌଡ଼ି ଯାଇଥିଲେ। ଏହାର ସୁଯୋଗ ନେଇ ନିଶାଗ୍ରସ୍ତ ଯୁବକମାନେ ମାରଣାସ୍ତ୍ର ଓ ଭଙ୍ଗା ବୋତଲରେ ସୁବାସଙ୍କୁ ଫିଲ୍ମ ଷ୍ଟାଇଲରେ ପିଟି ପିଟି ରକ୍ତାକ୍ତ ଅବସ୍ଥାରେ ଫିଙ୍ଗିଦେଇ କାର୍ ନେଇ ପଳାଇଥିଲେ।

- ସିଗାରେଟ କିଣାକୁ କେନ୍ଦ୍ରକରି ସାର୍ଥାରେ ହତ୍ୟା
- ଟାୟାର ଜାଳି ରାସ୍ତା ଅବରୋଧ, ୩ ଗୁରୁତର
- ମଦଦୋକାନ ବନ୍ଦ କଲେ ମହିଳା

ମାତ୍ର ଓଡ଼ିଶାଳ ଛକଠାରେ ଗାଁ ଲୋକେ କାରକୁ ଅଟକାଇଥିଲେ। ସେଥିରୁ ୨ଜଣ ସେଠାରୁ ଚମ୍ପଟ ମାରିଥିଲେ। ଅନ୍ୟ ୨ଜଣ ସୋଲପଟା ଗ୍ରାମର ସବ୍ୟସାଚୀ ମିଶ୍ର ଓ ହରିଶ୍ଚନ୍ଦ୍ର ମିଶ୍ର ଲୋକଙ୍କ ଦ୍ୱାରା ହାତରେ ଧରାପଡ଼ି ନିର୍ଘୁମ ଛେଚା ଖାଇଥିଲେ। ପୋଲିସ ପହଞ୍ଚି ଆହତ ଦୁଇ ଭାଇ ଓ ଲୋକଙ୍କ ଦ୍ୱାରା ଧରାପଡିଥିବା ଦୁଇ ଯୁବକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ସୁବାସଙ୍କର ମୃତ୍ୟୁ ଘଟିଥିଲା। ପୋଲିସ କାର୍ (ନଂ. ଓଡି୦୧ଏଇ-୭୧୭୧)କୁ ଜବତ କରିଛି। ଗ୍ରାମବାସୀ ପ୍ରଫୁଲ୍ଲ ଜେନା, ସଂଗ୍ରାମ ମଲିକ, ସ୍ୱାଗତ ପ୍ରଧାନ, ଲକ୍ଷ୍ମୀକାନ୍ତ ଜେନା, ବିଭୁପ୍ରସାଦ ବେହେରା ଓ ନାରାୟଣ ମଲିକ ପ୍ରମୁଖ ମଦ ଦୋକାନ ବନ୍ଦ ଓ ଅଭିଯୁକ୍ତଙ୍କୁ ଗିରଫ ଦାବି ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ମହିଳାମାନେ ସାର୍ଥା ବଜାରରେ ଥିବା ମଦଦୋକାନ ସବୁକୁ ବନ୍ଦ କରିଛନ୍ତି। ସବୁଦିନ ପାଇଁ ମଦଦୋକାନ ବନ୍ଦ କରା ନ ଗଲେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି।

## ଆଜି କ'ଣ କେଉଁଠି

**ବିଜେପୁର**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପଞ୍ଚାୟତ ସ୍ତରୀୟ ସମୀକ୍ଷା ବୈଠକ, ସୁରୁବାଲି, ପହଣ୍ଡି, ଚାରପାଲି, ତାଳପଦର, ଭଟିଗାଁ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦।୩୦।

**ଅମରପାଲି**
- ଅମରପାଲି କ୍ରିକେଟ କପ୍‌ର ଫାଇନାଲ, ଭଗବାନ ସାହୁ କ୍ରିକେଟ ଗ୍ରାଉଣ୍ଡ, ପୂର୍ବାହ୍ନ ୧୧ଟା।

**କର୍ଲାମୁଣ୍ଡା**
- ପୁସ୍ତକ ଉନ୍ମୋଚନ ଉତ୍ସବ, ଜଗନ୍ନାଥ ଡିଗ୍ରୀ କଲେଜ ରିଶିଡା, ପୂର୍ବାହ୍ନ ୧୦।୩୦।
- କବିତା ଆସର, ପୁଟିଗାଁ ଶିବ ମନ୍ଦିର,ପ୍ରାଙ୍ଗଣ, ପୂର୍ବାହ୍ନ୧୧ଟା।

**ସମ୍ବଲପୁର**
- ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ୧୬ ଓ ୧୯ ବର୍ଷରୁ କମ୍ ଆନ୍ତଃକ୍ଲବ କ୍ରିକେଟ ଲିଗ୍ ଉଦ୍‌ଘାଟନୀ ଉତ୍ସବ, ବିକାଶ ସ୍କୁଲ ଖେଳ ପଡିଆ, ସକାଳ ୮ଟା।
- ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ହୀରାକୁଦ ସୁଭାଷ ମଇଦାନ, ସକାଳ ୮ଟା।
- ସୂର୍ଯ୍ୟପୂଜା କାର୍ଯ୍ୟକ୍ରମ, ବୁର୍ଲା ଜଗନ୍ନାଥ ମନ୍ଦିର, ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା ଆଶାକର୍ମୀଙ୍କ ଦାବିପତ୍ର ପ୍ରଦାନ, ଜିଲାପାଳ ଅଫିସ, ପୂର୍ବାହ୍ନ ସାଢ଼େ ୧୧ଟା।
- ସର୍ବଭାରତୀୟ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ବୀର ସୁରେନ୍ଦ୍ର ସାଏ ଟାଉନ ହଲ ପଡିଆ, ସନ୍ଧ୍ୟା ୫ଟା।
- ଟ୍ରେଡ ଫେୟାରରେ ସ୍ୱାସ୍ଥ୍ୟ ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଅଇଁଠାପାଲି ପିଏଚଡି ପଡିଆ, ସନ୍ଧ୍ୟା ୬ଟା।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ନୂତନ ଜିଲା ମୁଖ୍ୟ ଡାକ୍ତରଖାନା, ଟୁକୁର୍ଲା, ପୂର୍ବାହ୍ନ ୮ଟା ୩୦ ମିନିଟ୍।
- ବାଲାଜୀ ମନ୍ଦିର ପ୍ରତିଷ୍ଠା ସମାରୋହ, ତୁରୁଙ୍ଗା, ପୂର୍ବାହ୍ନ ୮ଟା ୫ମିନିଟ୍ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୀଚ ଚାଳି ଘରେ ପଶ,**
**ଉଚ୍ଚ ଚାଳି ପିଣ୍ଡାରେ ବସ ।**

ଉଚ୍ଚ ଚାଳ ଯାହାର ସେ ଧନୀଘର, ଥିଲାବାଲା ଘର ବୋଲି ଆଗକାଳରେ ଲୋକମାନଙ୍କର ଏକପ୍ରକାର ବିଶ୍ୱାସ ରହିଥିଲା। ଏଣୁ ଲୋକେ ନ ଭାବି ନ ଚିନ୍ତି ଭଲରେ ରହିବ ବୋଲି ସେ ଘରକୁ ଝିଅ ଦେଉଥିଲେ। କିନ୍ତୁ ନୁଆଁଣିଆ ଘରେ ଝିଅ ଦେବାକୁ ହେଲେ ତା'ର ଚିକିନିଖି ବିଚାର କରିବାକୁ ପଡୁଥିଲା ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନୂଆ ନୂଆ ଚଦର,**
**ନୂଆ ନୂଆ ବେଳେ ବଡ଼ ଆଦର ।**

ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା'ପ୍ରତି ସମସ୍ତଙ୍କ ମନରେ ଆଦରଭାବ ରହିଥାଏ। ନୂଆ ପ୍ରତି ଆସକ୍ତି ଭାବ ପ୍ରକାଶ ପାଇବା ସହ ମନରେ ଏକପ୍ରକାର ଉତ୍କଣ୍ଠାଭାବ ସୃଷ୍ଟି ହୋଇଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତା'ଠାରୁ ମନ ଛାଡ଼ିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ବେଳେ ନୂଆକୁ ଆଦର କରାଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରେଳରୋକୋ କଲେ ସ୍ଥାନୀୟ ଲୋକେ

**ଫାଟକ ଖୋଲା ସମୟରେ ଟ୍ରେନ ଚଳାଚଳକୁ ବିରୋଧ**

ବୋଲଗଡ,୧୩।୨(ଡି.ଏନ.ଏ.)

ପୂର୍ବତଟ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବୋଲଗଡ଼ ବ୍ଲକ ସାନପଦରଠାରେ ଫାଟକ ଖୋଲାଥିବା ବେଳେ କୌଣସି ପୂର୍ବ ସୂଚନା ନ ଥାଇ ରେଳ ଚଳାଚଳ କରୁଥିବାରୁ ବିପଦ ଆଶଙ୍କା କରି ସ୍ଥାନୀୟ ଲୋକେ ଗୁରୁବାର ଅପରାହ୍ନରେ ଖୋର୍ଦ୍ଧା ରୋଡରୁ ନୟାଗଡ ଯାଉଥିବା ଏକ ଟ୍ରେନକୁ ଅଟକାଇଥିଲେ। ପ୍ରାୟ ୧ଘଣ୍ଟା ପରେ ବେଗୁନିଆ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଲୋକମାନେ ଟ୍ରେନକୁ ଛାଡିଥିଲେ।

ଘଟଣାରୁ ପ୍ରକାଶ ଯେ, ପିଙ୍ଗୁଳିଠାରୁ ଦେଉଳି ଯାଇଥିବା ଆରଡି ରାସ୍ତାର ସାନପଦର ଗାଁ ମୁଣ୍ଡରେ ରେଳପଥ ଅତିକ୍ରମ କରିଛି। ଏଠାରେ ଏକ ରେଳ ଫାଟକ ରହିଥିବା ବେଳେ ଜଣେ ଜଗୁଆଳି ନିଯୁକ୍ତ ହୋଇଛନ୍ତି। ଏହି ପଥଦେଇ ନିୟମିତ ଭାବେ ନିର୍ଦ୍ଧାରିତ ସମୟରେ ରେଳ ଚଳାଚଳ କରୁଥିବା ବେଳେ ଜଗୁଆଳି ଫାଟକ ବନ୍ଦ କରିଥାନ୍ତି। ମାତ୍ର ଅଧିକାଂଶ ସମୟରେ ସମୟ ନିର୍ଦ୍ଧାରଣ ନ ହୋଇ ବିଭାଗର ଆବଶ୍ୟକତା ଅନୁସାରେ ରେଳ ଚଳାଚଳ କରୁଥିବା ଜଣାପଡିଛି। ଏହି ସମୟରେ ଫାଟକଟି ବନ୍ଦ ହେଉନାହିଁ। ଫଳରେ ଦୁର୍ଘଟଣା ଆଶଙ୍କା କରି ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ରେଳ ଚଳାଚଳର ନିର୍ଦ୍ଧାରିତ ସମୟ ସୂଚନା ସହ ସେହି ସମୟରେ ଫାଟକ ବନ୍ଦ ରଖିବା ଦାବିରେ ରେଳରୋକୋ କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।


ଫାଟକ ଖୋଲା ଥିବା ସମୟରେ ଯାଉଥିବା ରେଳକୁ ଲୋକେ ଅଟକାଇଛନ୍ତି।

## ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ମୋହନା,୧୩।୨(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ବୁଧବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଶିଶୁକନ୍ୟାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ମୋହନା ଏସ୍‌ଡିଜେଏମ୍‌ଙ୍କ ନିକଟରେ ତାଙ୍କ ବୟାନ ରେକର୍ଡ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଛି। ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ମା'ବାପା ବଗଡକୁ ଯାଇଥିବା ବେଳେ ଘରେ ଶିଶୁକନ୍ୟା ଜଣକ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଗ୍ରାମର ଜଣେ ଯୁବକ ତାଙ୍କୁ କୌଣସି ପ୍ରକାରେ ପ୍ରଲୋଭିତ କରି ନିଜ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ପରେ ଶିଶୁକନ୍ୟା କାନ୍ଦି କାନ୍ଦି ଘରକୁ ଆସି ମା' ବାପାଙ୍କୁ ସବୁକଥା କହିଥିଲେ। ଏ ନେଇ ବାପା ଗ୍ରାମ କମିଟିକୁ ଜଣାଇଥିଲେ। ରାତିରେ ଗ୍ରାମ କମିଟି ବୈଠକ ଡକାଯାଇ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଗ୍ରାମବାସୀ ଘଟଣା ସମ୍ପର୍କରେ ମୋହନା ଥାନାରେ ଜଣାଇଥିଲେ। ଥାନା ଅଧିକାରୀ ସୁଜିତ କୁମାର ନାୟକ ଗାଁରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲେ। ଶିଶୁକନ୍ୟାଙ୍କ ବାପାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ପଦ୍ମପୁର, ୧୩।୨(ଡି.ଏନ୍.ଏ.):** ଭଦ୍ରକ ବ୍ଲକ ଅଧୀନ ଗୋରାମାଟି ପଞ୍ଚାୟତର ତୋରଣପଦା ଗ୍ରାମର ପଞ୍ଚାନନ ଜେନାଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଛି। ଘରେ ଥିବା ଆସବାବ ପତ୍ର ସମେତ ଧାନ ଚାଉଳ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଭଦ୍ରକ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଗୁରୁବାର ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ସାବରଙ୍ଗ ରାଜସ୍ୱ ନିରିକ୍ଷକ ଘଟଣା ସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ପଲିଥିନ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଲି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00-70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ ।
ଅଗ୍ରିମ- 50,00,000/- + ଭଡ଼ା- 50,000/- + 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

FINANCE FINANCE

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

FINANCE
CAPITAL ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଣପାରମ୍ପରିକ ଚରିତ୍ରରେ ଅଭିନୟକୁ ନେଇ ଚର୍ଚ୍ଚିତ ରଣଦୀପ ହୁଡାଙ୍କୁ ଇମ୍‌ତିଆଜ୍ ଅଲିଙ୍କ 'ଲଭ୍ ଆଜ୍ କଲ୍'ରେ ଦେଖିବାକୁ ମିଳିବ। ଭାଲେଣ୍ଟାଇନ୍ସ ଡେ'ରେ ରିଲିଜ ହେଉଥିବା ଉକ୍ତ ସିନେମାରେ ଟ୍ୟାଲେଣ୍ଟେଡ୍ ଆକ୍ଟର ରଣଦୀପଙ୍କ ସହ ସାରା ଅଲି ଖାନ ଓ କାର୍ତ୍ତିକ ଆର୍ଯ୍ୟନ ମଧ ନଜର ଆସିବେ।



# ତମାଖୁ ଅଭ୍ୟାସ ବନ୍ଦ ନ କଲେ ଚାକିରି ଛାଡ଼

**କମ୍ପାନୀ ପକ୍ଷରୁ କର୍ମଚାରୀଙ୍କୁ ତାଗିଦ**

**ଗାନ୍ଧିନଗର:** କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଗୁଜରାଟର ଏକ କମ୍ପାନୀ ପକ୍ଷରୁ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ତମାଖୁ ଅଭ୍ୟାସ ବନ୍ଦ ନ କଲେ ଚାକିରି ଛାଡ଼ିବାକୁ ତାଗିଦ କରାଯାଇଛି। ରାଜକୋଟରେ ଥିବା ପର୍ବ ମେଟାଲ ଗ୍ରୁପ୍ ପକ୍ଷରୁ କର୍ମଚାରୀଙ୍କ ପାଇଁ ଏଭଳି ନିର୍ଦ୍ଦେଶ ଜାରି ହୋଇଛି। ଗତ ବର୍ଷ ଜୁନ୍‌ଠାରୁ କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀର ୧୫୦ କାରିଗର ଏବଂ ଅନ୍ୟ କର୍ମଚାରୀଙ୍କର ବିଡ଼ି,ସିଗାରେଟ୍, ଗୁଟଖା, ତମାଖୁ ଆଦି ଅଭ୍ୟାସ ବନ୍ଦ କରିବା ଲାଗି କମ୍ପାନୀ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହାପରେ କାରଖାନା ପରିସରରେ ଏସବୁର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଟାଟା ଗ୍ରୁପ୍ ପକ୍ଷରୁ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଆଯାଇଥାଏ। ଏହା ପର୍ବ ମେଟାଲ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରେରଣା ଯୋଗାଇ ଥିଲା ବୋଲି ମ୍ୟାନେଜିଂ ପାର୍ଟନର ସହଦେବ ସିଂ ଝାଲା କହିଛନ୍ତି। ତେଣୁ ପ୍ରତିଦିନ କର୍ମଚାରୀଙ୍କର ଏକ ବ୍ୟାୟାମ ଏବଂ ଯୋଗ କ୍ଲାସ୍ ହୋଇଥାଏ। ଏହା ସେମାନଙ୍କୁ ମାନସିକସ୍ତରରେ ସୁସ୍ଥ ରଖିବାକୁ ସକ୍ଷମ ହୋଇଥାଏ ବୋଲି ସେ କହିଛନ୍ତି।





**ମୁମ୍ବାଇ:** ବଲିଉଡ୍ ସୁନ୍ଦରୀ ଅଭିନେତ୍ରୀ ମଧୁବାଲାଙ୍କ ଜନ୍ମଦିନ ଶୁକ୍ରବାର ପାଳିତ ହେଉଛି। ସେ ୧୯୩୩ ଫେବୃୟାରୀ ୧୪ରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୁରାନାମ ବେଗମ୍ ମୁମତାଜ୍ ଜାହାଁ ଦେହଲବି ଥିଲା। ମଧୁବାଲାଙ୍କର ଘରେ ଭାଇ ଭଉଣୀ ସଂଖ୍ୟା ୧୧ ଥିଲା। ଏତେବଡ଼ ପରିବାରକୁ ଚଳାଇବା ପାଇଁ ତାଙ୍କ ବାପା ସକ୍ଷମ ନ ଥିଲେ। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଫିଲ୍ମ ଦୁନିଆରେ ୯ ବର୍ଷ ବୟସରେ ପାଦ ଦେଇଥିଲେ। ସେତେବେଳେ ଫିଲ୍ମରେ ଅଭିନୟ କରିବାକୁ ସମାଜରେ କେତେକ ଲୋକ ପସନ୍ଦ କରୁ ନ ଥିଲେ। ୧୯୪୭ରେ ଦେବିକା ରାଣୀ ତାଙ୍କ ନାମ ମଧୁବାଲା ରଖିଥିଲେ। ସେ ୭୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି। ମୁଗଲ-ଇ-ଆଜମ୍ ଶୁଟିଂ ସେଟ୍‌ରୁ ଦିଲୀପ କୁମାରଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଏହାକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା ହୋଇଥିଲା। ତେବେ ପ୍ରେମରେ ଆସିଥିଲା ଭଙ୍ଗା। ମଧୁବାଲା ୧୯୬୦ରେ କିଶୋର କୁମାରଙ୍କୁ ବିବାହ କରିଥିଲେ। ଦୀର୍ଘ ଦିନଧରି ହୃଦୟ ରୋଗରେ ପୀଡ଼ିତ ହୋଇ ୧୯୬୯ ଫେବୃୟାରୀ ୨୩ରେ ମୁମ୍ବାଇଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମଧୁବାଳା: ଦିଲୀପଙ୍କୁ ଭଲ ପାଇ କିଶୋରଙ୍କୁ କରିଥିଲେ ବିବାହ

**ଜୋହାନ୍ସବର୍ଗ:** ମାନବ ସୃଷ୍ଟିକୁ ଇତିମଧ୍ୟରେ କୋଟି କୋଟି ବର୍ଷ ବିତିଯାଇଛି। ଗବେଷକଙ୍କ ଅନୁସାରେ ପ୍ରାୟ ୩୫୭ କୋଟି ବର୍ଷ ତଳେ ଦକ୍ଷିଣ ଆଫ୍ରିକାର ମଖଞ୍ଜୱା ପାହାଡ଼ରେ ମାନବ ସୃଷ୍ଟି ହୋଇଥିଲା। ପୃଥିବୀ ସୃଷ୍ଟିର କିଛି କାଳ ପରେ ସମଗ୍ର ଅଞ୍ଚଳ ପାଣିରେ ବୁଡ଼ି ରହିଥିଲା। ତେବେ ପ୍ରଥମେ ମଖଞ୍ଜୱା ପାହାଡ଼ ପାଣି ଭିତରୁ ବାହାରକୁ ଦେଖାଯାଇଥିବା ଗବେଷକ କହିଛନ୍ତି। ଫଳରେ ଏଠାରେ ଜୀବନ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଜୈବବିବର୍ତ୍ତନ ଦ୍ୱାରା ଏଠାରେ ମାନବ ସୃଷ୍ଟି ହୋଇଥିଲା। ପୃଥିବୀରେ ଜୀବନ ସୃଷ୍ଟି ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ଯୋଗାଉ ଥିବାରୁ ଏହି ଅଞ୍ଚଳକୁ ୟୁରେକା ସିଟି ଭାବେ ନାମିତ କରାଯାଇଛି। ଏଠାରେ ପୃଥିବୀର ସର୍ବ ପୁରାତନ ଭୂଭାଗ ରହିଛି। ୨୦୧୮ରେ ମଖଞ୍ଜୱା ପାହାଡ଼ ଅଞ୍ଚଳକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ହେରିଟେଜ୍ ସ୍ଥଳ ଭାବେ ଘୋଷିତ କରାଯାଇଥିଲା। ୨୦୧୪ରେ ଏଠାରେ ଜୀବନ ସୃଷ୍ଟି ତଥ୍ୟ ସଂଗ୍ରହ ପାଇଁ ଜିଓଟ୍ରେଲ୍ ଆରମ୍ଭ କରାଯାଇଥିଲା। ଜର୍ମାନୀର ଜେନା ବିଶ୍ୱବିଦ୍ୟାଳୟର ପ୍ରଫେସର ଖ୍ରୀଷ୍ଟୋଫର ହ୍ୟୁବେକ୍ ଏବଂ ସ୍ଥାନୀୟ ଗାଇଡ୍ ଟୋନୀ ଫେର୍ରାରଙ୍କ ସହଯୋଗରେ ଏହାକୁ ଆରମ୍ଭ କରାଯାଇଥିଲା।

# ୩୫୭ କୋଟି ବର୍ଷ ତଳେ ଦକ୍ଷିଣ ଆଫ୍ରିକାର ପାହାଡ଼ରେ ହୋଇଥିଲା ମାନବ ସୃଷ୍ଟି



# ବିବାହରେ ନିଜ ଓଜନର ବହି ମାଗିଲେ କନ୍ୟା



**ଗାନ୍ଧିନଗର:** ବିବାହରେ ଜଣେ କନ୍ୟା ବାପାଙ୍କୁ କୌଣସି ମୂଲ୍ୟବାନ ଦ୍ରବ୍ୟ ବଦଳରେ ନିଜ ଓଜନର ବହି ମାଗିଛନ୍ତି। ଏଭଳି ଘଟଣା ଗୁଜରାଟରେ ଘଟିଛି। ଏହା ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ବାପାଙ୍କୁ କନ୍ୟା ଓଜନର ବହି ଯୋଗାଡ଼ କରିବାକୁ ୬ ମାସ ସମୟ ଲାଗିଛି। ଏହି ସମୟରେ ମଧ୍ୟରେ ସେ ୨୨୦୦ ବହି ଯୋଗାଡ଼ କରିପାରିଛନ୍ତି। ସ୍ଥାନୀୟ ରାଜକୋଟରେ ବାସ କରୁଥିବା ଶିକ୍ଷକ ହରଦେବ ସିଂ ଜାଡେଜାଙ୍କ ଝିଅ କିନ୍ନରୀ ବା ବିବାହରେ ଏଭଳି ନିଆରା ଉପହାର ମାଗିଛନ୍ତି। କିନ୍ନରୀଙ୍କୁ ବହି ପଢ଼ିବା ପାଇଁ ଭଲ ଲାଗିଥାଏ। ନିଜ ସଉକ ପୂରଣ ପାଇଁ ସେ ଶାଶୁଘରକୁ ବିଦା ସମୟରେ ବାପାଙ୍କୁ ଏଭଳି ଅନୁରୋଧ କରିଥିଲେ। କିନ୍ନରୀଙ୍କ ଏହି ଅନୁରୋଧରେ ସ୍ୱାମୀ ପୂର୍ବଜିତ୍ ସିଂ ବେଶ ଆନନ୍ଦିତ ହୋଇଥିବା କହିଛନ୍ତି। ତେବେ ପିତା ପରିଶ୍ରମ କରି ବିଭିନ୍ନ ଧର୍ମଗନ୍ଥ ସହିତ ଆଧୁନିକ ବହି ଯୋଗାଡ଼ କରି ନେଇ କିନ୍ନରୀଙ୍କ ଶାଶୁଘରେ ଦେଇ ଆସିଛନ୍ତି।

# ଭାଲେଣ୍ଟାଇନ୍ସ ଡେ'



ବିଶ୍ୱର ସବୁ ଧର୍ମ ଗ୍ରନ୍ଥ ଓ ସାହିତ୍ୟରେ ପ୍ରେମ ଶବ୍ଦର ସ୍ଥାନ ସ୍ୱତନ୍ତ୍ର। ଏହି ପ୍ରେମ ପାଇଁ ପ୍ରତିବର୍ଷ ୧୪ ଫେବୃୟାରୀରେ ପାଳନ କରାଯାଏ ଭାଲେଣ୍ଟାଇନ୍ସ ଡେ'। ଏହାକୁ ପ୍ରେମୀଯୁଗଳ କିମ୍ବା ଦମ୍ପତିମାନେ ପ୍ରେମର ଉତ୍ସବ ବୋଲି ମନେକରିଥାନ୍ତି। ବାସ୍ତବରେ ଏହି ପ୍ରେମ ଶବ୍ଦକୁ ବୁଝିଥାନ୍ତି କମ୍। ଏହାର ଅର୍ଥ ବ୍ୟାପକ। ଏହା ଅସୀମ ଓ ଅନନ୍ତ। ସନ୍ଥ କବିରଙ୍କର ଏ ସମ୍ପର୍କରେ ଏକ ସୁନ୍ଦର ଦୋହା-'ପୋଥି ପଢି ପଢି ଜଗମୁଆ, ପଣ୍ଡିତ ଭୟା ନ କୋୟ। ଢାଇ ଆଖର ପ୍ରେମ, ପଢେ ସୋ ପଣ୍ଡିତ ହୋୟ।' ପ୍ରେମର ପ୍ରକୃତ ଅର୍ଥକୁ ପଦାକୁ ଆଣିଛି। ଏହି ପ୍ରେମ ଶବ୍ଦ ଅନୁପମ, ଭାରି ମିଠା ବି। ଏଥିରେ ଅସୀମ ସୌହାର୍ଦ୍ଦ୍ୟ ନିହିତ। ପ୍ରେମରେ କୌଣସି ସର୍ତ୍ତ ନାହିଁ, କୌଣସି ପ୍ରଶ୍ନ ମଧ ନାହିଁ। ପ୍ରେମ ଶ୍ୱାସ ପ୍ରକ୍ରିୟା ଭଳି। ଆପଣ ଏହାକୁ କେବଳ ଅନୁଭବ କରିପାରିବେ। ଏଣୁ ଏହାକୁ ଏକ ସୀମା ଭିତରେ ବାନ୍ଧି ଦେବା ଠିକ୍ ନୁହେଁ । ଭାଲେଣ୍ଟାଇନ୍ସ ଡେ' ପାଳନ କରାଯାଉଛି। କିନ୍ତୁ ଜାଣନ୍ତି କି,ଏହା କାହିଁକି ଓ କେବେଠୁ ପାଳନ କରାଯାଉଛି। ଭାଲେଣ୍ଟାଇନ୍ସ ଡେ' ପାଳନ ସମ୍ପର୍କରେ କେତୋଟି ମତ ରହିଛି। କୁହାଯାଏ କି ,ରୋମାନରେ କ୍ଲାଉଡିୟସ ଦ୍ୱିତୀୟ ନାମକ ରାଜା ଶାସନ କରୁଥିଲେ। ସେ ପ୍ରେମ ଓ ବିବାହକୁ ପସନ୍ଦ କରୁ ନ ଥିଲେ। ପ୍ରେମ ଓ ବିବାହ କାରଣରୁ ଯୋଦ୍ଧାମାନେ ତାଙ୍କ ଲକ୍ଷ୍ୟ ପୂରଣ କରିପାରନ୍ତିନି ବୋଲି ସେ

# ପ୍ରେମରେ ସର୍ତ୍ତ ନାହିଁ କି ପ୍ରଶ୍ନ ନାହିଁ

ଭାବୁଥିଲେ। ଏଥିପାଇଁ ରୋମାନ ସୈନ୍ୟମାନେ ପ୍ରେମ କିମ୍ବା ବିବାହ କରିପାରିବେନି ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। ସେହି ରାଜ୍ୟରେ ଭାଲେଣ୍ଟାଇନ ନାମକ ସନ୍ଥ ବି ରହୁଥିଲେ। ସେ ରାଜାଙ୍କ ନିର୍ଦ୍ଦେଶକୁ ବିରୋଧ କରି ପ୍ରଜା ଓ ସୈନ୍ୟମାନଙ୍କୁ ପ୍ରେମ କରିବା ଲାଗି ପ୍ରେରିତ କଲେ। ଏପରିକି ସେମାନଙ୍କ ବାହାଘର ବି କରାଇଲେ। ରାଜା ଏ ଖବର ଜାଣି ସନ୍ଥ ଭାଲେଣ୍ଟାଇନଙ୍କୁ ଦରବାରକୁ ଡକାଇଲେ। ରାଜାଙ୍କୁ ଖ୍ରୀଷ୍ଟିଆନ ଧର୍ମ ଛାଡି ରୋମାନ ଧର୍ମ ଗ୍ରହଣ କରିବା ପାଇଁ ସନ୍ଥ ସେଠାରେ ପରାମର୍ଶ ଦେଲେ। ରାଜା ଏହାକୁ ଅସ୍ୱୀକାର କରିବା ସହିତ ସନ୍ଥଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଲେ। ସେହିଦିନ ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହି ଦିନ ଥିଲା ୧୪ ଫେବ୍ୟୟାରୀ । ଆଉ ମଧ କୁହାଯାଏ କି, ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ମୃତ୍ୟୁଦଣ୍ଡ ଦେବା ପୂର୍ବରୁ ସେ ରୋମାନ ଜେଲର୍‌ଙ୍କ ଦୃଷ୍ଟିହୀନ କନ୍ୟାଙ୍କୁ ତାଙ୍କ ଦୃଷ୍ଟିଶକ୍ତି ଫେରାଇ ଦେଇଥିଲେ । ଜେଲରେ ସନ୍ଥ ଜେଲରଙ୍କ କନ୍ୟା ପାଖକୁ ଏକ ଚିଠି ମଧ ଲେଖିଥିଲେ, ଯାହା ଶେଷରେ 'ଫ୍ରମ ୟୋର ଭାଲେଣ୍ଟାଇନ' ଲେଖାଯାଇଥିଲା। ଆଉ କେତେକ କୁହନ୍ତି ଯେ, ରୋମାନ ଉତ୍ସବରେ ଏହା ପ୍ରଥମେ ପାଳନ କରାଯାଇଥିଲା। ଏହା ମଧ କୁହାଯାଏ କି, ୫ମ ଶତାବ୍ଦୀରେ ପୋପ ୧୪ ଫେବୃୟାରୀକୁ ଭାଲେଣ୍ଟାଇନ୍ସ ଡେ' ଭାବେ ଘୋଷଣା କରିଥିଲେ।

# ମିଳିଲା କାର ଆକୃତିର କଇଁଛ ଜୀବାଶ୍ମ

**ୱାଶିଂଟନ:** ଦକ୍ଷିଣ ଆମେରିକାରେ ଏକ କଇଁଛର ଜୀବାଶ୍ମ ମିଳିଛି। ଏହାର ଆକାର ଏକ ବଡ଼ କାର ସଦୃଶ। କଲମ୍ବିଆର ତାତାକୋଆ ମରୁଭୂମିରୁ ଏହି ଜୀବାଶ୍ମ ମିଳିଛି। ଏଭଳି ପ୍ରଜାତିର କଇଁଛ କୋଟିଏ ୩୦ ଲକ୍ଷ ବର୍ଷ ତଳେ ପୃଥିବୀ ପୃଷ୍ଠରେ ବାସ କରୁଥିବା ଗବେଷକ କହିଛନ୍ତି। ଏହି ଜୀବାଶ୍ମର ଲମ୍ବ ୪.୬ ମିଟର ରହିଛି। ଜୀବିତ ସମୟରେ ଏହାର ଓଜନ ପ୍ରାୟ ୨.୫ ଟନ୍ ହୋଇଥିବ ବୋଲି ଗବେଷକ କହିଛନ୍ତି। ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଏଭଳି ପ୍ରଜାତି ବାସ କରୁଥିଲେ। ତେବେ କାଳକ୍ରମେ



ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସେମାନେ ଲୋପ ପାଇଯାଇଥିବା କୁହାଯାଉଛି। ଗବେଷକ ଏଭଳି କଇଁଛ ପ୍ରଜାତିକୁ ଷ୍ଟୁପେଣ୍ଡେମି ଭାବେ ନାମିତ କରିଛନ୍ତି। ଏହି ପ୍ରଜାତିର ପ୍ରଥମ ଜୀବାଶ୍ମ ୧୯୭୦ରେ ମିଳିଥିଲା। ସେବେଠାରୁ ଏହା ଉପରେ ଅଧିକ ଗବେଷଣା ଜାରି ରହିଥିଲା। ତେବେ ଏବେ ମିଳିଥିବା କଇଁଛର ବାହ୍ୟ ଖୋଳର ଲମ୍ବ ୨.୮୬ ମିଟର ରହିଛି ବୋଲି ଗବେଷକ କହିଛନ୍ତି।

# ଅନେକ ରହସ୍ୟର ପର୍ଦ୍ଦାଫାଶ କରିବ ଅଭିଷେକଙ୍କ 'ଦି ବିଗ୍ ବୁଲ୍'



**ମୁମ୍ବାଇ:** ବଲିଉଡ୍ ଫିଲ୍ମ 'ତାନାଜୀ- ଦି ଅନ୍‌ସଙ୍ଗ ୱାରିୟର୍'ର ବକ୍ସ ଅଫିସ୍‌ରେ ଜବରଦସ୍ତ ସଫଳତା ପରେ ଅଜୟ ଦେବଗନ୍ ଦର୍ଶକଙ୍କୁ ଆଉ ଏକ ଦମ୍‌ଦାର ଫିଲ୍ମ ଭେଟି ଦେବାକୁ ଯାଉଛନ୍ତି। ଫିଲ୍ମର କାହାଣୀ ସାରା ଦେଶକୁ ଚକିତ କରିଦେଲା ଭଳି ହୋଇଛି ବୋଲି କୁହାଯାଉଥିବାବେଳେ ଏଥିରେ ମୁଖ୍ୟ ଭୂମିକାରେ ଜୁନିୟର୍ ବଚ୍ଚନ ମାନେ ଅଭିଷେକ ବଚ୍ଚନଙ୍କୁ ଦେଖିବାକୁ ମିଳିବ। ଉଭୟ ଅଜୟ ଓ ଅଭିଷେକ ଗୁରୁବାର ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଫିଲ୍ମର ରିଲିଜ୍ ତାରିଖ ସହ ଏକ ପୋଷ୍ଟର୍ ଶେୟାର କରିଛନ୍ତି।

ଅଜୟ ଓ ଆନନ୍ଦ ପଣ୍ଡିତଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ଫିଲ୍ମ 'ଦି ବିଗ୍ ବୁଲ୍'ରେ ଅଭିଷେକ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଗୁରୁବାର ଫିଲ୍ମର ଦ୍ୱିତୀୟ ପୋଷ୍ଟର ରିଲିଜ୍ ହୋଇଯାଇଛି। ଏଥିରେ ଚଷମା ଓ ନିଶ ସହ ବ୍ଲାକ୍-ସୁଟ୍ ପିନ୍ଧା ଅଭିଷେକଙ୍କ ଅବତାର ଦେଖିଲେ ଲାଗୁଛି ଯେପରି ସେ ଜଣେ ବଡ଼ ବ୍ୟବସାୟୀ ରୂପରେ ନଜରକୁ ଆସିପାରନ୍ତି। ୧୯୯୦ରୁ ୨୦୦୦ ମଧ୍ୟରେ ଘଟିଥିବା କିଛି ସତ୍ୟ ଘଟଣା ଏବଂ ଭାରତର ଅର୍ଥନୈତିକ ପରିସ୍ଥିତିରେ ଆସିଥିବା ବଡ଼ ପରିବର୍ତ୍ତନ ଉପରେ ଫିଲ୍ମର କାହାଣୀ ଆଧାରିତ ବୋଲି ଜଣାପଡ଼ିଛି। ଯାହା ଜଣାପଡ଼ିଛି, 'ଦି ବିଗ୍ ବୁଲ୍' ଷ୍ଟକ୍-ବ୍ରୋକର୍ ହର୍ଷଦ ମେହେଟ୍ଟାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି। ଫାଇନାନ୍‌ସିଆଲ୍ କ୍ରାଇମ ଅଭିଯୋଗରେ ସେ ଗିରଫ ହୋଇଥିଲେ। ଦେଶର ସବୁଠାରୁ ବଡ଼ ଷ୍ଟକ୍-ମାର୍କେଟ୍ ସ୍କାମ୍ ପଛର କାହାଣୀ ଫିଲ୍ମରେ ଦେଖିବାକୁ ମିଳିବ, ଯାହାର ମାଷ୍ଟରମାଇଣ୍ଡ ହର୍ଷଦ ଥିଲେ ବୋଲି ଅଭିଯୋଗ ଆସିଥିଲା। ଫିଲ୍ମରେ ଅଭିଷେକଙ୍କ ବ୍ୟତୀତ ଇଲିୟାନା ଡି'କ୍ରୁଜ୍, ନିକିତା ଦତ୍ତା ଏବଂ ସୋହମ୍ ଶାହ ମଧ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହାର ନିର୍ଦ୍ଦେଶନା କୁକି ଗୁଲାଟି ଦେଇଥିବାବେଳେ ଫିଲ୍ମଟି ଅକ୍ଟୋବର ୨୩ରେ ରିଲିଜ୍ ହେବ।

ଅଭିଷେକଙ୍କ କ୍ୟାରିୟର୍ ପାଇଁ ଫିଲ୍ମ 'ଦି ବିଗ୍ ବୁଲ୍' ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏକ ଗମ୍ଭୀର ଚରିତ୍ରରେ ସେ ନଜରକୁ ଆସିବେ। ଜଣେ ସଫଳତାର ଶୀର୍ଷରେ ପହଞ୍ଚିଥିବା ଉଦ୍ୟୋଗୀଙ୍କ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମ ଜରିଆରେ ଅଭିଷେକ ନିଜକୁ ଆହୁରି ପ୍ରମାଣିତ କରିବାର ସୁଯୋଗ ପାଇଥିବା ଚର୍ଚ୍ଚା ହେଉଛି। ଏପଟେ ଅଜୟଙ୍କ ହୋମ୍ ପ୍ରଡକ୍ସନରେ ନିର୍ମିତ ହୋଇଥିବାରୁ ଫିଲ୍ମଟି ନିଶ୍ଚୟ ବକ୍ସ ଅଫିସ୍‌ରେ କମାଲ କରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଅଭିଷେକଙ୍କୁ ଶେଷଥର ଫିଲ୍ମ 'ମନମର୍ଜିୟାଁ'ରେ ଦେଖିବାକୁ ମିଳିଥିଲା। ଏଥିରେ ତାପସୀ ପନ୍ନୁ ଏବଂ ଭିକି କୌଶଲ ମଧ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

# ଚାଇନା ଯୋଗୁ ପ୍ରେମିକାଙ୍କୁ ବାହା ହୋଇପାରିଲେନି ରତନ ଟାଟା

**ମୁମ୍ବାଇ:** ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ରତନ ଟାଟା ଚାଇନା ଯୋଗୁ ପ୍ରେମିକାଙ୍କୁ ବିବାହ କରି ପାରି ନ ଥିଲେ। ଏ ସମ୍ପର୍କରେ ସେ ନିଜ ଫେସ୍‌ବୁକ୍ ପେଜ୍ ହ୍ୟୁମାନ୍ସ ଅଫ୍ ଦି ବମ୍ବେରେ ଶେୟାର କରିଛନ୍ତି। ରତନଟାଟା ଏହାକୁ ବୁଧବାର ରାତିରେ ଶେୟାର କରିଛନ୍ତି। ତେବେ ଏହା ଇତିମଧ୍ୟରେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୧୯୬୨ରେ ଲସ୍ ଏଞ୍ଜିଲେସ୍‌ରେ ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ହୋଇଥିଲା। ବିବାହ ହେବା ପ୍ରାୟ ଠିକ୍ ହୋଇଯାଇଥିଲା। ତେବେ ବୁଢ଼ୀ ମା'ଙ୍କ ସ୍ୱାସ୍ଥ୍ୟ କାରଣରୁ ରତନଙ୍କୁ ଭାରତ ଫେରିବାକୁ ପଡ଼ିଥିଲା। ତେବେ ସେତେବେଳେ ଭାରତ-ଚାଇନା ଯୁଦ୍ଧ ଲାଗିଥିଲା। ତେଣୁ ଯୁବତୀଙ୍କ ମାତା-ପିତା ରତନଙ୍କ ସହିତ ତାଙ୍କୁ ଛାଡ଼ିବାକୁ ଅରାଜି ହୋଇଥିଲେ। ଏହାପରେ ରତନ ଅବିବାହିତ ରହିବାକୁ ନିଷ୍ପତ୍ତି ନେଇଥିଲେ। ରତନଙ୍କୁ ୧୦ ବର୍ଷ ହୋଇଥିବାବେଳେ ତାଙ୍କର ମାତା-ପିତାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଥିଲା। ରତନଙ୍କୁ ବୁଢ଼ୀ ମା ନୱଜ ବାଈ ଟାଟା ହିଁ ଲାଳନପାଳନ କରିଥିଲେ। ମାତା-ପିତାଙ୍କ ବିନା ସାନ ଭାଇ ଏବଂ ରତନଙ୍କ ବାଲ୍ୟ ଜୀବନରେ ବହୁ ଝଡ଼ଝଞ୍ଜା ଆସିଥିଲେ ବି ଏହା ବେଶ୍ ସ୍ମୃତି ବହୁଳ ଥିଲା ବୋଲି ସେ କହିଛନ୍ତି। ତେବେ ପିତାଙ୍କ ସହିତ କେତେକ ବିଷୟରେ ରତନଙ୍କ ମତଭେଦ ରହିଥିବା ସେ ଫେସ୍‌ବୁକ୍ ପେଜ୍‌ରେ ଉଲ୍ଲେଖ କରିଛନ୍ତି।



# ମହିଳା ଟି୨୦ ବିଶ୍ୱକପ୍



ନିର୍ମଳ କୁମାର ମିଶ୍ର



ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ

ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଏଥର ଅଷ୍ଟ୍ରେଲିଆରେ ଆୟୋଜନ ହେବ। ଆସନ୍ତା ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ ଓ ଏଥିରେ ୨୩ଟି ମ୍ୟାଚ୍ ଖେଳାଯିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଘରୋଇ ପରିବେଶରୁ ଫାଇଦା ଉଠାଇ ପୁଣି ଥରେ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ପୂର୍ବର ବିଫଳତାକୁ ପଛରେ ପକାଇ ଭାରତ ଏଥର ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି...

### ସପ୍ତମ ସଂସ୍କରଣ

ତାରିଖ: ଫେବୃୟାରୀ ୨୧ରୁ ମାର୍ଚ୍ଚ ୮
ଆୟୋଜକ: ଅଷ୍ଟ୍ରେଲିଆ
ଦଳ ସଂଖ୍ୟା: ୧୦
ମ୍ୟାଚ୍ ସଂଖ୍ୟା: ୨୩
ଗତଥରର ଚାମ୍ପିୟନ: ଅଷ୍ଟ୍ରେଲିଆ
ଉଦ୍‌ଘାଟନୀ ମ୍ୟାଚ: ଭାରତ ବନାମ ଅଷ୍ଟ୍ରେଲିଆ
ସଫଳତମ ଦଳ: ଅଷ୍ଟ୍ରେଲିଆ (୪ଥର ଚାମ୍ପିୟନ)
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
**ଗ୍ରୁପ୍ ଏ:** ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ।
**ଗ୍ରୁପ୍ ବି:** ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ପାକିସ୍ତାନ, ଥାଇଲାଣ୍ଡ।

୨୦୨୦ ବିଶ୍ୱ କ୍ରୀଡ଼ା ଜଗତରେ ଏକ ଘଟଣାବହୁଳ ବର୍ଷ ରୂପେ ପରିଗଣିତ ହେବାକୁଯାଉଛି। ଏହି କ୍ୟାଲେଣ୍ଡର ବର୍ଷରେ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅନେକ କ୍ରୀଡ଼ା ପ୍ରତିଯୋଗିତା ଏଥିମଧ୍ୟରେ ସମାପ୍ତ ହୋଇଛି। ସେଥିମଧ୍ୟରେ ରହିଛି ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ୍। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ବର୍ଷରୁ କମ୍ ବିଶ୍ୱକପ୍ ଅନୁଷ୍ଠିତ ହୋଇ ସାରିଥିବା ବେଳେ ଆଗକୁ ରହିଛି ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଟୋକିଓ ଅଲିମ୍ପିକ୍ସ, ୟୁରୋ ୨୦୨୦ ଫୁଟବଲ ଟୁର୍ନାମେଣ୍ଟ, ମେକ୍ସିକାନ୍ ଗ୍ରାଁ ପ୍ରି , ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍, ୱିଣ୍ଟର ୟୁଥ ଅଲିମ୍ପିକ୍ସ ଏବଂ ଚଳିତ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ମହିଳା ଟି୨୦ ବିଶ୍ୱକପ୍।

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଅଳ୍ପକେ ହାତଛଡା ହେବା ପରେ ଭାରତ ବେଶ୍ ନିରାଶ ହୋଇଥିଲା। ଏବେ ମହିଳା ଟି୨୦ ବିଶ୍ୱକପ୍ ଓ ଏଥିରେ ଭାରତୀୟ ଓମେନ୍ସ ଇନ୍ ବ୍ଲୁ ଦଳର ପ୍ରଦର୍ଶନ ଉପରେ କ୍ରିକେଟ୍ ପ୍ରେମୀମାନଙ୍କ ନଜର ରହିବା ସ୍ୱାଭାବିକ କଥା। ଆଇସିସି ଦ୍ୱାରା ଆୟୋଜିତ ଏହି ମହିଳା ଟି୨୦ ବିଶ୍ୱକପ୍ ୨୦୦୯ ମସିହାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଏଥର ଏହା ଆସନ୍ତା ୨୧ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ନାମେଣ୍ଟରେ ମୋଟ ୧୦ଟି ଦଳ ଭାଗ ନେଉଥିବା ବେଳେ ମୋଟ ୨୩ଟି ମ୍ୟାଚ ଖେଳାଯିବ। ୨୦୦୯, ୨୦୧୦, ୨୦୧୨ ମସିହାର ୩ଟି ସଂସ୍କରଣରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ। ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ସହିତ ଦୁଇଟି କ୍ୱାଲିଫାୟର ଦଳ ବାଂଲାଦେଶ ଏବଂ ଥାଇଲାଣ୍ଡ ଅଂଶ ଗ୍ରହଣ କରିବେ।

ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୨୩ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ଆଇସିସି ପ୍ରକାଶ କରିଛି। ମହିଳା ବିଶ୍ୱକପ୍ ପୁରୁଷ ଟି୨୦ ବିଶ୍ୱକପ୍ ଖେଳାଯାଉଥିବା ଦେଶଗୁଡିକରେ ଏକ ସାଙ୍ଗରେ ଆୟୋଜିତ ହୋଇଥାଏ। ତେବେ ଚଳିତ ୭ମ ସଂସ୍କରଣ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେବାର ୬ ମାସ ପୂର୍ବରୁ ମହିଳା ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଛି। ଆଇସିସି ମହିଳା କ୍ରିକେଟକୁ ଅଧିକ ଗୁରୁତ୍ୱ ଦେବା ସହିତ ପୁରୁଷ ଟି୨୦ ମ୍ୟାଚ ପରି ଏଥିରେ ମଧ୍ୟ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ତୃତୀୟ ଅମ୍ପାୟର ଦ୍ୱାରା ଫ୍ରଣ୍ଟଫୁଟ ନୋବଲ୍ ପାଇଁ ବ୍ୟବସ୍ଥା କରିବା ଏବଂ ଡିଆରଏସ୍‌ର ପ୍ରୟୋଗ, ହଟ୍ ସ୍ପଷ୍ଟ ପରି ଟେକ୍ନୋଲୋଜି ବ୍ୟବହାର କରି ଏହାକୁ ଅଧିକ ଚିତ୍ତାକର୍ଷକ ଏବଂ ଆକର୍ଷଣୀୟ କରିବାର ପ୍ରୟାସ କରିବା ବେଶ୍ ଖୁସିର କଥା।

ଚଳିତ ସଂସ୍କରଣର ସମସ୍ତ ୨୩ଟି ମ୍ୟାଚ ଅଷ୍ଟ୍ରେଲିଆର ୪ଟି ଶ୍ରେଷ୍ଠ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଗୁଡିକ ହେଲା କାନବେରା, ପର୍ଥ, ମେଲବୋର୍ନ ଏବଂ ସିଡନୀ। ଫେବୃୟାରୀ ୨୧ତାରିଖରେ ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ପ୍ରଥମ ମ୍ୟାଚ ସିଡନୀ ଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ଫାଇନାଲ ମ୍ୟାଚ ମାର୍ଚ୍ଚ ୮ ତାରିଖରେ ବିଶ୍ୱ ମହିଳା ଦିବସ ପରିପ୍ରେକ୍ଷୀରେ ମେଲବୋର୍ନଠାରେ ଅନୁଷ୍ଠିତ ହେବ।

୨୦୧୪ ପରଠାରୁ ଅନୁଷ୍ଠିତ ସମସ୍ତ ସଂସ୍କରଣରେ ୧୦ଟି ଦଳ ଭାଗନେଉଥିବା ବେଳେ ୨୦୧୮ରେ ଅନୁଷ୍ଠିତ ହୋଇଥିବା ୱେଷ୍ଟଇଣ୍ଡିଜଠାରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ବିଶ୍ୱ ଟି୨୦ ପ୍ରତିଯୋଗିତାରେ ସର୍ବାଧିକ ୪ଥର ଟାଇଟଲ ହାସଲ କରି ନିଜର ଆଧିପତ୍ୟ ଜାହିର କରିଛି କଙ୍ଗାରୁ ଦଳ। ୨୦୧୦, ୨୦୧୨, ୨୦୧୪ ଓ କ୍ରମାଗତ ୩ଟି ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି ଅଷ୍ଟ୍ରେଲିଆ। ୨୦୧୮ରେ ୱେଷ୍ଟଇଣ୍ଡିଜଠାରେ ୨ୟ ଥର ପାଇଁ ଆୟୋଜିତ ହୋଇଥିବା ଏହି ମେଗା ଇଭେଣ୍ଟରେ ଅଷ୍ଟ୍ରେଲିଆ ମଧ୍ୟ ଚାମ୍ପିୟନ ହୋଇଥିଲା। ଅଷ୍ଟ୍ରେଲିଆର ତାରକା ଅଲରାଉଣ୍ଡର ସୁଜି ବେଟସ୍ ୮୮୧ରନ୍ କରି ସର୍ବାଧିକ ରନ୍ ହାସଲକାରୀ ରୂପେ ରେକର୍ଡର ଅଧିକାରୀ ହୋଇଛନ୍ତି। ଅଷ୍ଟ୍ରେଲିଆର ବୋଲର ଏଲିସ ପେରୀ ସର୍ବାଧିକ ୩୬ଟି ଉଇକେଟ ନେଇ ସମସ୍ତଙ୍କ ଆଗରେ ରହିଛନ୍ତି। ଇଂଲଣ୍ଡ ୨୦୦୯ରେ ପ୍ରଥମ ସଂସ୍କରଣରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାମ୍ପିୟନ ହୋଇଥିବାବେଳେ ୨୦୧୬ର ୫ମ ସଂସ୍କରଣ ଭାରତ ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ୱେଷ୍ଟଇଣ୍ଡିଜ ଟିମ୍ ତା'ର ପ୍ରଥମ ଟାଇଟଲ ହାସଲ କରିଥିଲା। ୨୦୧୨ରେ ଶ୍ରୀଲଙ୍କା ଏବଂ ୨୦୧୪ରେ ବାଂଲାଦେଶରେ ଆୟୋଜିତ ହୋଇଥିଲା ଏହି ମେଗା ଇଭେଣ୍ଟ। ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ୍‌ରେ ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ୮ ଉଇକେଟରେ ପରାସ୍ତ ହୋଇଥିଲା। ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି।

ଭାରତୀୟ ଦଳରେ ସ୍ମୃତି ମାନ୍ଧନା, ହରମନପ୍ରୀତ୍ କୌର, ଶେଫାଳି ବର୍ମା, ପୂଜା ଭସ୍ତ୍ରାକର, ପୁନମ୍ ଯାଦବ, ରାଧା ଯାଦବ, ଶିଖା ପାଣ୍ଡେ, ଅରୁନ୍ଧତୀ ରେଡ୍ଡି, ରାଜେଶ୍ୱରୀ ଗାଏକ୍ୱାଡ, ରିଚା ଘୋଷ, ତାନିୟା ଭାଟିଆ, ଜେମିମା ରୋଡ୍ରିଗୁଏଜ୍, ହରଲିନ୍ ଦେଓଲ ଓ ଦୀପ୍ତି ଶର୍ମାଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ଏହି ସନ୍ତୁଳିତ ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କର ନଜର ରହିବ।

## ଅଭିଜ୍ଞ ମହିଳା ଜିମ୍ନାଷ୍ଟ ଓକସାନା

ଉଜ୍‌ବେକିସ୍ତାନ ମହିଳା ଜିମ୍ନାଷ୍ଟ ଓକସାନା ଚୁସୋଭିଟିଆନା ୪୪ ବର୍ଷ ବୟସରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। କେତେ ଦଶନ୍ଧି ଧରି ସେ ଅଲିମ୍ପିକ୍ସ ସମେତ ପ୍ରାୟ ସବୁ ପ୍ରକାର ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଅଲିମ୍ପିକ୍ସ ପରେ ସେ ଅବସର ନେବେ ଓ ବିଶ୍ୱ ଜିମ୍ନାଷ୍ଟିକ୍ସରେ ତାଙ୍କ ସ୍ଥାନ ଅପୂରଣୀୟ ହୋଇରହିବ...

ଉଜ୍‌ବେକିସ୍ତାନର ୪୪ ବର୍ଷୀୟ ମହିଳା ଜିମ୍ନାଷ୍ଟ ଓକସାନା ଚୁସୋଭିଟିଆନା ଏଥର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଉଛନ୍ତି। ଏଥର ସେ ତାଙ୍କର ଅନ୍ତିମ ଅଲିମ୍ପିକ୍ସ ଖେଳିବାକୁ ଯାଉଥିଲେ ମଧ୍ୟ ଏକ ବିରଳ ସଫଳତା ହାସଲ କରିବା ସହ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି। ଟୋକିଓରେ ଆୟୋଜନ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ସେ ଅଂଶଗ୍ରହଣ କରିବେ। ଏଥିସହିତ ସେ ଅଷ୍ଟମଥର ପାଇଁ ଅଲିମ୍ପିକ୍ସ ଖେଳି ରେକର୍ଡ ସୃଷ୍ଟି କରିବେ। ସାଧାରଣତଃ ଅଳ୍ପ ବୟସ୍କ ଖେଳାଳିମାନେ ଜିମ୍ନାଷ୍ଟିକ୍ ଖେଳିଥାନ୍ତି। କିନ୍ତୁ ଏତେ ବୟସ୍କ ହୋଇଥିଲେ ମଧ୍ୟ ଓକସାନା ହାର ମାନିନାହାନ୍ତି। ଏଥର ମଧ୍ୟ ଏହି ମେଗା ଇଭେଣ୍ଟରେ ସେ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଜିମ୍ନାଷ୍ଟିକ୍ସରେ ଆହତ ହେବାର ଯଥେଷ୍ଟ ସମ୍ଭାବନା ଥିଲେ ମଧ୍ୟ ସେ ପଛଘୁଞ୍ଚା ଦେଇ ନାହାନ୍ତି।

ଜିମ୍ନାଷ୍ଟିକ୍ସକୁ ପିଲାଟି ବେଳୁ ଭଲ ପାଏ। ଯେ ପର୍ଯ୍ୟନ୍ତ ଫିଟ୍ ଅଛି ସେ ପର୍ଯ୍ୟନ୍ତ ଖେଳ ଚାଲୁ ରଖିବି ବୋଲି ସେ କହିଛନ୍ତି। ତେବେ ଏହା ମୋର ଶେଷ ଅଲିମ୍ପିକ୍ସ ସାବ୍ୟସ୍ତ ହେବ। ମୋ ପରିବାର ମୋ ପାଇଁ ସବୁଠାରୁ ବଡ଼ ପ୍ରେରଣା। ଓକସାନା ସେତେବେଳର ୟୁଏସ୍ଏସ୍ଆର ବା ସୋଭିଏଟ୍ ରୁଷ ତରଫରୁ କ୍ୟାରିୟର ଆରମ୍ଭ କରିଥିଲେ। ୧୯୯୨ରେ ସେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ଅବଶ୍ୟ ଏହା ପରେ ସୋଭିଏଟ୍ ରୁଷ ଖଣ୍ଡ ବିଖଣ୍ଡିତ ହୋଇଥିଲା ଓ ସେ ଉଜ୍‌ବେକିସ୍ତାନ ତରଫରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୧୯୯୨ ଅଲିମ୍ପିକ୍ସରେ ସେ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ପରେ ବ୍ୟକ୍ତିଗତ ଅଲିମ୍ପିକ୍ସ ପଦକ ପାଇଁ ତାଙ୍କୁ ଆଉ ୧୬ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଭଲ୍ଟରେ ରୌପ୍ୟ ପଦକ ଜିତିଥିଲେ। ଏବେ ସେ ଉଜ୍‌ବେକିସ୍ତାନ ତରଫରୁ ପଞ୍ଚମ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ଉଜ୍‌ବେକିସ୍ତାନର ଏକ ଡାକ ଟିକେଟରେ ତାଙ୍କର ଚିତ୍ର ମଧ୍ୟ ରହିଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି କ୍ରମାଗତ ସପ୍ତମଥର ପାଇଁ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।

ବେଜିଂ ଅଲିମ୍ପିକ୍ସ ଜିତିବା ସବୁଠାରୁ ସ୍ମରଣୀୟ ଥିଲା ଓ ଏହା ମୋ ପାଇଁ ବିଶେଷ ମହତ୍ତ୍ୱ ରଖୁଛି । ଏଥିରେ ମୋ ଠାରୁ ୧୦ ବର୍ଷ ଛୋଟ ଜିମ୍ନାଷ୍ଟଙ୍କ ସହ ପୋଡିୟମ ଶେୟାର କରିଥିଲି ବୋଲି ସେ କହିଛନ୍ତି। ଉଜ୍‌ବେକିସ୍ତାନର ବୁଖାରାରେ ଜନ୍ମଗ୍ରହଣ କରିଥିବା ଓକସାନା ଏବେ ଜଣେ କିମ୍ବଦନ୍ତୀ ଜିମ୍ନାଷ୍ଟର ଆଖ୍ୟା ପାଇବାକୁ ଯାଉଛନ୍ତି। ଉଚ୍ଚତା(୫ ଫୁଟ୍)ରେ ଛୋଟ ହୋଇଥିଲେ ମଧ୍ୟ ସେ କେବେ ଏ ନେଇ ସମସ୍ୟାର ସମ୍ମୁଖୀନ ହୋଇ ନାହାନ୍ତି। ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ କରି ସେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ପରିସ୍ଥିତିରେ ପଡି ସେ ଉଭୟ ଜର୍ମାନୀ ଓ ଉଜ୍‌ବେକିସ୍ତାନ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ତାଙ୍କ ସଫଳତାର ତାଲିକା ବେଶ୍ ଲମ୍ବା। ବିଶ୍ୱ ଚାମ୍ପିୟନଶିପ୍ ରେ ସେ ଏକାଧିକବାର ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ମଧ୍ୟ ସେ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିଶ୍ୱକପ୍ ଫାଇନାଲ, ଏସିଆନ୍ ଗେମ୍ସରେ ସେ ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ। ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ୟୁରୋପିଆନ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ଆହୁରି ସଫଳ ହେବାକୁ ଚେଷ୍ଟିତ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ଓକସାନା ଅବସର ନେବା ପରେ ବିଶ୍ୱ ଜିମ୍ନାଷ୍ଟିକ୍ସରେ ତାଙ୍କ ସ୍ଥାନ ଅପୂରଣୀୟ ହୋଇରହିବ।




## ନୂଆ ଚାମ୍ପିୟନ

ବାଂଲାଦେଶ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ନୂଆ ଚାମ୍ପିୟନ ଭାବେ ଉଭା ହୋଇଛି। ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ତଥା ଫେଭରାଇଟ ଭାରତକୁ ହରାଇ ବାଂଲାଦେଶ ପ୍ରଥମଥର ପାଇଁ ଟାଇଟଲ ଜିତିଛି...

ବିଶ୍ୱ କ୍ରିକେଟରେ ଦୁର୍ବଳ ଦଳ ବିବେଚିତ ହେଉଥିବା ବାଂଲାଦେଶ ଏବେ ନୂଆ ଚାମ୍ପିୟନ ଭାବେ ଉଭା ହୋଇଛି। ସିନିୟର କ୍ରିକେଟ ନୁହେଁ, ଜୁନିୟର ସ୍ତରରେ ବାଂଲାଦେଶ ଏହି ସଫଳତା ପାଇଛି। ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ବାଂଲାଦେଶ ଚାମ୍ପିୟନ ହେବା ସହ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛି। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ବାଂଲାଦେଶ ଗତଥରର ଚାମ୍ପିୟନ ତଥା ହଟ୍ ଫେଭରାଇଟ ଭାରତକୁ ଫାଇନାଲରେ ହରାଇ ଏହି ସଫଳତା ପାଇଛି। ଅଣ୍ଡର ଡଗ ବିବେଚିତ ହେଉଥିଲେ ମଧ୍ୟ ବାଂଲାଦେଶ ବିଶ୍ୱର ଶକ୍ତିଶାଳୀ ଦଳଗୁଡିକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା। ଭବିଷ୍ୟତରେ ବାଂଲାଦେଶ ଏକ କ୍ରିକେଟ ମହାଶକ୍ତିରେ ପରିଣତ ହେବ ବୋଲି ଏହି ବିଶ୍ୱକପ୍ ଫଳାଫଳରୁ ଜଣାପଡିଛି।

ବାଂଲାଦେଶର ଏହି ସଫଳତା ଆକସ୍ମିକ ନ ଥିଲା। ନୂଆ ରଣନୀତି ସହ ଯୋଜନାବଦ୍ଧ ଭାବେ ଖେଳି ବାଂଲାଦେଶ ଶେଷରେ ସଫଳତା ହାସଲ କରିଛି। ସାରା ଟୁର୍ନାମେଣ୍ଟରେ ବାଂଲାଦେଶର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା। ଗ୍ରୁପ୍ ସି'ରେ ପ୍ରଥମେ ଜିମ୍ବାୱେକୁ ଡକଓ୍ୱର୍ଥ ଲୁଇସ୍ ନିୟମରେ ୯ ଉଇକେଟରେ ପରାସ୍ତ କରିଥିଲା। ଏହାପରେ ବାଂଲାଦେଶ ସ୍କଟଲାଣ୍ଡକୁ ହରାଇଥିଲା। ତେବେ ବର୍ଷା କାରଣରୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ବାତିଲ ହୋଇଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ ବାଂଲାଦେଶ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୧୦୪ ରନରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମିରେ ନ୍ୟୁଜିଲାଣ୍ଡକୁ ୬ ଉଇକେଟରେ ହରାଇ ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଶେଷରେ ଫାଇନାଲରେ ଭାରତକୁ ୩ ଉଇକେଟରେ ହରାଇ ବାଂଲାଦେଶ ବାଜି ମାରିଥିଲା।

ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ ଉପରେ ୪୮ଟି ମ୍ୟାଚ୍ ଖେଳାଯିବା ପରେ ଫଳାଫଳ ମିଳିଥିଲା। ଭାରତୀୟ ଓପନର ଯଶସ୍ୱୀ ଜୈସୁଆଲ ସାରା ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ମୋଟ ୪୦୦ ରନ ସଂଗ୍ରହ କରିଥିଲେ। ଫାଇନାଲରେ ୮୮ ରନ ସଂଗ୍ରହ କରିବା ସହ ସେ ବିଶ୍ୱକପ୍‌ରେ ୫ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ। ସେ କ୍ରମାଗତ ୪ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଟୁର୍ନାମେଣ୍ଟରେ ମଧ୍ୟ ସେ ୩ଟି ଉଇକେଟ ହାସଲ କରିଥିଲେ। ତେବେ ଶେଷରେ ତାଙ୍କର ଏହି ପ୍ରଦର୍ଶନ ନିଷ୍ଫଳ ହୋଇଥିଲା। ଆକବର ଅଲିଙ୍କ ନେତୃତ୍ୱରେ ବାଂଲାଦେଶ ଐତିହାସିକ ପ୍ରଦର୍ଶନ କରିଥିଲା। ଏହି ବିଜୟ ବାଂଲାଦେଶ କ୍ରିକେଟକୁ ନୂଆ ଦିଶା ଦେବାରେ ଉତ୍ସାହିତ କରିବ। ବିଶ୍ୱ କ୍ରିକେଟରେ ବାଂଲାଦେଶକୁ ଆଉ ହେୟ ମନେ କରିବାର ଭୁଲ କରିବେ ନାହିଁ ବଡ଼ ବଡ଼ ଦେଶଗୁଡିକ। ପୂର୍ବରୁ ବାଂଲାଦେଶ ବିଶ୍ୱକପ୍ ସମେତ ବଡ଼ ଟୁର୍ନାମେଣ୍ଟଗୁଡିକରେ ଏକାଧିକ ବାର ବିପର୍ଯ୍ୟୟ ଘଟାଇ ହଇଚଇ ସୃଷ୍ଟି କରିବାର ଉଦାହରଣ ରହିଛି। ଆଗକୁ ବାଂଲାଦେଶ କ୍ରିକେଟ ଆହୁରି ସଫଳତା ହାସଲ କରିବ ବୋଲି ଏହି ଜୁନିୟର ବିଶ୍ୱକପ୍ ଫଳାଫଳରୁ ଅନୁମାନ କରାଯାଇଛି।



## ଅଲୋଡ଼ା

ନ୍ୟୁଜିଲାଣ୍ଡକୁ ନ୍ୟୁଜିଲାଣ୍ଡରେ
ଟି୨୦ ହରାଇ ଷଣ୍ଢ
ବନିଥିବା ଟିମ୍ ବିରାଟ ବାହିନୀ
ୱାନ୍‌ଡେରେ ବିଚାରା ଭାଣ୍ଡ
କାମ କରୁନାହିଁ ମୁଣ୍ଡ
ଦୀର୍ଘ ବର୍ଷ ପରେ ଏ ହ୍ୱାଇଟ୍‌ୱାଶ୍
ଅଲୋଡ଼ା ରେକର୍ଡ ଧଣ୍ଡ।୧।

୧୯ ବର୍ଷରୁ କମ୍ ଆଇସିସି
ୱାର୍ଲ୍ଡ କପ୍‌ରେ ଦେଶ



ସର୍ବାଧିକ ୪ ଟାଇଟଲ ଜିତି
ରହିଗଲା ଅବସୋସ
ଜିତି ଜିରୋ ବାଂଲାଦେଶ

ବ୍ୟାଡମ୍ୟାନର, ସ୍ଲେଜିଂ ପାଇଁକି ଅଲୋଡ଼ା
ସେ ସବୁ ଖେଳାଳି କଷ୍ଟ।୨।

ମୋ ଘୋଡ଼ାର ନାମ 'ଆଜାଦ କଶ୍ମୀର'
ପାକିସ୍ତାନ ଉସ୍‌ମାନ
ନାମ ଚେଞ୍ଜ୍ କଥା ପ୍ରଶ୍ନ ଉଠୁନାହିଁ
କହୁ ଅଛି ଦିଅ ଧ୍ୟାନ
ମଲ୍ଲୀ ମହକାଏ ବନ
କାମ ଶୂନ ବ୍ୟକ୍ତି ଲୋକ ହସା ହୁଏ
ଅଲୋଡ଼ାରେ ଗଣା ଘନ।୩।

–ସୁବାସ ଚନ୍ଦ୍ର ପ୍ରଧାନ

"ରପ୍ତାନିକୁ ପ୍ରୋତ୍ସାହନ ଦେବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୧୨ରୁ ୧୩ ଫୋକସ କ୍ଷେତ୍ରରେ ଉନ୍ନତୀକରଣ ଦ୍ୱାରା ରପ୍ତାନି ବୃଦ୍ଧି କରାଯିବା।

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



"ଭାରତରେ ରପ୍ତାନିର ଅନେକ ସୁଯୋଗ ରହିଛି। ଆସେମ୍ବଲ ଇଣ୍ଡିଆ ଏ ଦିଗରେ ସହାୟକ ହୋଇ ପାରିବା।

– କ୍ରିଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନ, ସିଇଏ



# ୱାଟର ପ୍ୟୁରିଫାୟର ବଜାର ଅଂଶ ଦୃଢ଼ କରିବ ହାଭେଲ୍ସ

ଭୁବନେଶ୍ୱର,୧୩–୨

ପ୍ରମୁଖ ଏଫ୍ଏମ୍ସିଜି ଏବଂ କନ୍ଜ୍ୟୁମର ଡ୍ୟୁରେବୁଲ କମ୍ପାନୀ ହାଭେଲ୍ସ ଇଣ୍ଡିଆ ଲିମିଟେଡ (ଏଚ୍ଆଇଏଲ୍) ପକ୍ଷରୁ ଓଡିଶା ବଜାରରେ ନୂଆ ପରିବେଶ ଉପଯୋଗୀ ୱାଟର ପ୍ୟୁରିଫାୟର ଡିଲାଇଟ ଆଲକାଲାଇନ ହାଇ ରିକଭରି ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ବର୍ଗରେ ସାରା ଦେଶରେ ବଜାର ଅଂଶ ବଢାଇବା ନେଇ କମ୍ପାନୀ ଯୋଜନା ରଖିଛି। ଏହା ଅନ୍ତର୍ଗତ ଆଗାମୀ ୩ରୁ ୪ ବର୍ଷରେ ଶୀର୍ଷ ୩ ପ୍ଲେୟରଙ୍କ ମଧ୍ୟରେ କମ୍ପାନୀ ନିଜକୁ ସାମିଲ କରିବା ଯୋଜନା ରହିଛି। ପୋର୍ଟଫୋଲିଓ ବୃଦ୍ଧି କରାଯାଇ ଏବେ ୨୦ ପ୍ରଡକ୍ଟ ୱାଟର ପ୍ୟୁରିଫାୟର ବର୍ଗରେ ସାମିଲ କରାଯାଇଛି। ଚଳିତ ବର୍ଷ ମେ ମାସ ବେଳକୁ ଆଉ ୫ ମଡେଲ ଯୋଡିବାକୁ ଯୋଜନା ରହିଥିବା କମ୍ପାନୀର ଉପସଭାପତି ଶଶାଙ୍କ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।



ସେ କହିଛନ୍ତି ଯେ, କମ୍ପାନୀର ଏହି ସଦ୍ୟତମ ବର୍ଗ ଗ୍ରାହକଙ୍କୁ ଅତୁଳନୀୟ ଲାଭ ପ୍ରଦାନ କରିବ। ଏଥିରେ ଅତ୍ୟାଧୁନିକ ଆର୍ଓ ପ୍ୟୁରିଫାୟର ରହିଛି, ଯାହାକି ୫୦%ରୁ ଅଧିକ ଜଳ ଫେରସ୍ତ କରିବାରେ ସହାୟକ ହେବ। ଶିଳ୍ପର ପ୍ରଥମ ହାଇ ରିକଭରି ଆଲ୍କାଲାଇନ ପ୍ୟୁରିଫାୟର ଭାବେ ଏଥିରେ ଷ୍ଟେନଲେସ ଟାଙ୍କି ରହିଛି। ୧୦୦% ଆର୍ଓ ଯୁକ୍ତ ବିଶୋଧିତ ଆଲକାଲାଇନ ପାଣି ସହିତ ୮ରୁ ଅଧିକ ପିଏଚ୍ ସ୍ତର ପ୍ରଦାନ କରିବା ପାଇଁ ୮ ପ୍ରକାରର ବିଭିନ୍ନ ସ୍ତର ପ୍ରକ୍ରିୟାକୁ ବ୍ୟବହାର କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

ସର୍ଭିସ ନେଟୱ୍ୱର୍କ ଉପରେ ସୂଚନା ଦେଇ ସେ କହିଛନ୍ତି ଯେ, ୱାଟର ପ୍ୟୁରିଫାୟର ଲାଗି ୩୫୦ ପ୍ରଫେଶନାଲଙ୍କୁ ନିଯୁକ୍ତ କରାଯାଇଛି। ୱାଟର ପ୍ୟୁରିଫାୟର ବର୍ଗରେ ଉଭୟ ସଙ୍ଗଠିତ ଏବଂ ଅଣ ସଙ୍ଗଠିତ ଶିଳ୍ପ କଥା ବଚାରକୁ ନେଲେ ଏହା ପ୍ରାୟ ୬୫୦୦ କୋଟି ଟଙ୍କାରୁ ୭ ହଜାର କୋଟି ଟଙ୍କା ହେବ। ଏଥିରେ ସଙ୍ଗଠିତ ବଜାର ପ୍ରାୟ ୪,୫୦୦ କୋଟି ଟଙ୍କା ହେବ। ହାଭେଲ୍ସ ଲାଗି ଓଡିଶା ବଜାର ଗୁରୁତ୍ୱପୂର୍ଣ୍ଣ ରହିଛି। ଆଗାମୀ ୩ ବର୍ଷରେ ହାଭେଲ୍ସ ଗ୍ରୁପ କାରବାର ୨୦ ହଜାର କୋଟି ଟଙ୍କା ରହିବା ନେଇ ଆଶା ରହିଛି। ଓଡିଶାରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ରହିଛି। ଓଡ଼ିଶାରେ ଭୁବନେଶ୍ୱର, କଟକ, ରାଉରକେଲା, ପୁରୀ ସମେତ ଅନ୍ୟ କିଛି ସ୍ଥାନରେ ୱାଟର ପ୍ୟୁରିଫାୟର କାରବାର ଉନ୍ନତ ରହିଛି। ରାଜ୍ୟରେ ଏହି ଶିଳ୍ପର ସାଇଜ ୪୦ କୋଟି ଟଙ୍କା ରହିଛି।

କମ୍ପାନୀ ବର୍ତ୍ତମାନ ଦେଶର ୩୭୫ ସହରରେ ଉପସ୍ଥିତି ଜାହିର କରିଥିବା ସେ ମତ ପ୍ରକାଶ କରିଛନ୍ତି। ଏହା ମଧ୍ୟରେ ୮,୫୦୦ରୁ ୯ ହଜାର ରିଟେଲ ପଏଣ୍ଟ ରହିଛି। ୩୦୦ରୁ ଊର୍ଦ୍ଧ୍ୱ ଡିଷ୍ଟ୍ରିବ୍ୟୁଟର୍ସ କମ୍ପାନୀର ନେଟୱ୍ୱର୍କରେ ସାମିଲ ଅଛନ୍ତି। ଆଞ୍ଚଳିକ ରିଟେଲ ନେଟୱ୍ୱର୍କ, ଲାର୍ଜ ଫର୍ମାଟ ଷ୍ଟୋର ଏବଂ ଅନଲାଇନରେ ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ଗ୍ରାହକ ସେମାନଙ୍କ ଇଚ୍ଛା ମୁତାବକ ସାମଗ୍ରୀ କିଣି ପାରିବେ। କମ୍ପାନୀ ନିକଟରେ ୭.୫ରୁ ୧୨% ବଜାର ଅଂଶ ରହିଛି। ଗ୍ରାହକମାନେ ହାଭେଲ୍ସ ପ୍ରଡକ୍ଟକୁ ଡିଜାଇନ, ଟେକ୍ନୋଲୋଜି ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ବ୍ୟବହାର କରୁଥିବା ସେ ମତ ଦେଇଛନ୍ତି। ପ୍ରଡକ୍ଟ ରେଞ୍ଜର ବଜାର ପ୍ରବେଶ ଅବସରରେ ଓଡିଶା ବାଣିଜ୍ୟ ମୁଖ୍ୟ ଦେବାଶିଷ ମିତ୍ର, କର୍ପୋରେଟ କମ୍ୟୁନିକେଶନ ଉପସଭାପତି ଅନିଲ ଶର୍ମା, ଏଚ୍ଆଇଏଲ୍ ଭୁବନେଶ୍ୱର ପକ୍ଷରୁ ମନୋଜ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

- ଆଣିଲା ନୂଆ ପରିବେଶ ଉପଯୋଗୀ ପ୍ରଡକ୍ଟ
- ପ୍ରମୁଖ ୩ ପ୍ଲେୟରଙ୍କ ମଧ୍ୟରେ ଆସିବା ଲକ୍ଷ୍ୟ
- ସାରା ଦେଶର ବିସ୍ତୃତ ନେଟୱ୍ୱର୍କ ଦ୍ୱାରା ସେବା

## ଭାରତ ଲାଗି ଆଉଟଲୁକ୍ ଷ୍ଟେବଲ ରଖିଲା ଏସ୍ ଆଣ୍ଡ୍ ପି

ନୂଆଦିଲ୍ଲୀ,୧୩-୨: ବିଶ୍ୱ ସ୍ତରୀୟ ରେଟିଂ ଏଜେନ୍ସି ଷ୍ଟାଣ୍ଡାର୍ଡ ଆଣ୍ଡ ପୋଅର୍ସ( ଏସ୍ ଆଣ୍ଡ ପି) ପକ୍ଷରୁ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଆଉଟଲୁକ୍କୁ ଷ୍ଟେବଲ ବା ସ୍ଥିର ରଖାଯାଇଛି। ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ଏହା ପୂର୍ବାନୁମାନ କରିଛି। ଭାରତର ସୋଭରେନ ରେଟିଂକୁ ଏହା ଅପରବର୍ତ୍ତିତ ବିବିବି- ରଖିଛି। ଭାରତର ବିକାଶ ହାର ଲଗାତର ଭାବେ ନିମ୍ନଗାମୀ ହେଉଥିବା ବେଳେ ଗୋଟିଏ ଦଶନ୍ଧିର ନିମ୍ନ ସ୍ତରକୁ ଖସିଯିବ ବୋଲି କୁହାଯାଇଛି।

## ଦୀନକୃଷ୍ଣ ମହାବିଦ୍ୟାଳୟର "ମୋ କଲେଜ ଅଭିଯାନ" ରେ ପୁରାତନ ଛାତ୍ରଛାତ୍ରୀ ସମ୍ମେଳନ

ଏତଦ୍ଦ୍ୱାରା ଦୀନକୃଷ୍ଣ ମହାବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛିକି, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସିଦ୍ଧାନ୍ତ ଅନୁଯାୟୀ "ମୋ କଲେଜ ଅଭିଯାନ" ଯୋଜନାରେ ଆସନ୍ତା ତା୨୦।୦୨।୨୦ରିଖ ଗୁରୁବାର ଅପରାହ୍ନ ୨ ଘଟିକା ସମୟରେ ଦୀନକୃଷ୍ଣ ମହାବିଦ୍ୟାଳୟରେ "ପୁରାତନ ଛାତ୍ରଛାତ୍ରୀ ସମ୍ମେଳନ" ଅନୁଷ୍ଠିତ ହେବ। ଏହି ବୈଠକରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଯୋଗଦାନ କରିବାକୁ ଅନୁରୋଧ।

ସ୍ୱା./- ଡ. ରମେଶ ଚନ୍ଦ୍ର ରାଉତ
ଅଧ୍ୟକ୍ଷ

# ଶ୍ୟାମ ଷ୍ଟିଲ, ଓଏସ୍ଆଇସି ସହଭାଗିତା

ଭୁବନେଶ୍ୱର,୧୩–୨

ଓଡିଶା ସରକାରଙ୍କ ଉଦ୍ୟୋଗ ଓଏସ୍ଆଇସି ଲିମିଟେଡ୍ ଓ ଶ୍ୟାମ ଷ୍ଟିଲ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଶ୍ୟାମ ଷ୍ଟିଲ ଫ୍ଲେକ୍ସି ଷ୍ଟ୍ରଙ୍ଗ ଟିଏମ୍ଟି ରବିବାର ତଥା ଅନ୍ୟାନ୍ୟ ଉତ୍ପାଦଗୁଡିକୁ ପଶ୍ଚିମ ଓଡିଶା, ଦକ୍ଷିଣ ଓଡିଶା ଓ ଆଂଶିକ ଉତ୍ତର ଓଡିଶାର ବିତରଣ ଭାର ହାତକୁ ନେବା ଉଦ୍ଦେଶ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୬୦ରୁ ଅଧିକ ବର୍ଷର ଅଭିଜ୍ଞତା ସହିତ ଶ୍ୟାମ ଷ୍ଟିଲ ଏକ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଇସ୍ପାତ ଉତ୍ପାଦକ କମ୍ପାନୀ ଯାହା ସାରା ଦେଶରେ ବିଭିନ୍ନ ପ୍ରକଳ୍ପ ଲାଗି ଷ୍ଟିଲ ଉପଲବ୍ଧ କରାଇଥାଏ। ପୂର୍ବ ଓ ଉତ୍ତର–ପୂର୍ବ ଭାରତରେ ଏହାର ବ୍ୟାପକ ଓ ମଜଭୁତ ରିଟେଲ ନେଟୱର୍କ ମଧ୍ୟ ରହିଛି। ଏହା ଆଇଓସିଏଲ ପାରାଦୀପ ରିଫାଇନେରି, ପାରାଦୀପ ବନ୍ଦର, ରାଷ୍ଟ୍ରୀୟ ରାଜ ମାର୍ଗ ତଥା ରେଳବାଇର ବିଭିନ୍ନ ଯୋଜନା ଗୁଡିକ ମାଧ୍ୟମରେ ଓଡିଶାର ନିର୍ମାଣ ପାଇଁ ବିଭିନ୍ନ ଯୋଜନା ଗୁଡିକରେ ଯୋଗଦାନ ରଖିଆସିଛି। କମ୍ପାନୀକୁ ଉପକୂଳବର୍ତ୍ତୀ ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ଡିଲର ଓ ବିତରକମାନଙ୍କର ଏକ ମଜଭୁତ ନେଟୱର୍କ ମିଳିଛି। ପଶ୍ଚିମ, ଦକ୍ଷିଣ, ଓ ଆଂଶିକ ଉତ୍ତର ଓଡିଶାରେ ନିଜର ସ୍ଥିତିକୁ ଆହୁରି ମଜଭୁତ କରିବା ପାଇଁ ଏହି ସହଭାଗିତା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି। ଏହି ଚୁକ୍ତି ଶ୍ୟାମ ଷ୍ଟିଲ ନିର୍ଦ୍ଦେଶକ ଲଳିତ ବେରୀଲା, ଓଏସ୍ଆଇସି ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ , ଓଏସ୍ଆଇସି ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ସାହାଣୀ , ଓଏସ୍ଆଇସି ଯୁଗ୍ମ ପରିଚାଳକ ଅଶ୍ୱିନୀ କୁମାର ପାଢ଼ୀ, ନିର୍ଦ୍ଦେଶକ ଶ୍ୟାମ ଷ୍ଟିଲ ମନୀଷ ବେରୀଲା , ନିକୁଞ୍ଜ ବେରୀଲା ମୁଖ୍ୟ ବିତ୍ତୀୟ ଅଧିକାରୀ ଶ୍ୟାମ ଷ୍ଟିଲଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଗୁଗୁଲ ପ୍ଲେ ଷ୍ଟୋରରୁ ଶ୍ୟାମ ଷ୍ଟିଲ କଞ୍ଜ୍ୟୁମର ଆପ୍ସ ଡାଉନଲୋଡ୍ ଦ୍ୱାରା ଆକର୍ଷଣୀୟ ଉପହାର ଜିତିବା ପାଇଁ ଅର୍ଡର କରିବାକୁ କମ୍ପାନୀ ପକ୍ଷରୁ ସୂଚନା ରହିଛି।

# କେଏଲ୍ୟୁକୁ ଡାଇମଣ୍ଡ ରେଟିଂ



ହାଇଦ୍ରାବାଦ,୧୩–୨

କୋନେରୁ ଲକ୍ଷ୍ମୈୟା ଡିମଡ ୟୁନିଭର୍ସିଟି (କେଏଲ୍ୟୁ) ଡାଇମଣ୍ଡ ରେଟିଂ ଲାଭ କରିଛି। ବିଶ୍ୱ ପ୍ରସିଦ୍ଧ କ୍ୟୁଏସ୍–୧ ଗଜ୍ ଅର୍ଗାନାଇଜେଶନ ପକ୍ଷରୁ ଏହି ପୁରସ୍କାର ମିଳିଥିବା ୟୁନିଭର୍ସିଟିର ଉପସଭାପତି ରାଜା ହାରିନ କହିଛନ୍ତି। ଅନୁଷ୍ଠାନ ପକ୍ଷରୁ ସବୁ କ୍ଷେତ୍ରରେ ସର୍ବୋତ୍ତମ ସେବା ଯୋଗାଣକୁ ଆଧାର କରି ଏହି ସମ୍ମାନ ପ୍ରଦାନ କରାଯାଇଥିବା ସେ ମତ ଦେଇଛନ୍ତି। ଏହା ମଧ୍ୟରେ ଶିକ୍ଷାର ମାନ, ଟିଚିଂ ଫାକଲ୍ଟି, ଗବେଷଣା, ଉନ୍ନତି, ଦକ୍ଷତା ଏବଂ ସାମାଜିକ ଦାୟିତ୍ୱବୋଧ ଭଳି ପ୍ରସଙ୍ଗ ସାମିଲ ରହିଛି। ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ଯୋଗାଣ ଲକ୍ଷ୍ୟରେ ଏହା ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ ଚୁକ୍ତିରେ ସାମିଲ ହୋଇଛି। ଦେଶର ୧୩ ବିଶ୍ୱବିଦ୍ୟାଳୟକୁ ଏହି ରେଟିଂ ମିଳିଛି। ଏହା ମଧ୍ୟରେ କେଏଲ୍ୟୁ ସାମିଲ ରହିଥିବା ହାରିନ ସୂଚନା ଦେଇଛନ୍ତି।


OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.06673-252201, Fax:252253,
E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
CAD-962
ISO 9001-14001 18001 Certified

'e'- Procurement Notice
Tender Call Notice No.25/2019-20 dated.12.02.2020.

1) Name of the work: "Annual contract for maintenance and repair of residential quarters of UIHEP, Mukhiguda for one year".
2) Estimate cost: Rs.36,55,500/- (Including GST).
3) Period of contract: 01 (One) year from the date of signing of Agreement.
4) Date and time of availability of Tender Document in the portal: From 10:00 Hrs. of dated.19.02.2020 to 17:00 Hrs. of dated.03.03.2020.
5) Last date / time for receipt of Tenders in the portal: Same as above.
6) Officer inviting Tender: Unit Head, UIHEP, Mukhiguda.

Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

Sd./- Unit Head
UIHEP, Mukhiguda
OIPR-32136/11/0029/1920



BERHAMPUR UNIVERSITY
BHANJA BIHAR, BERHAMPUR-760007 ODISHA
Letter No.1528 /Purchase/BU/2020 Date: 11.02.2020

SHORT QUOTATION CALL NOTICE

Sealed Quotations is invited for the preparation of Gold Plated Medals in the firm's pad from the Authorized Firms having IT, PAN and up-to-date GST registration.

The details regarding terms and conditions, specification of the above mentioned item can be obtained from the University website www.buodisha.edu.in or from the Purchase Section, Berhampur University on any working day during the office hours on or after Dt.13.02.2020.

The Sealed Quotations accompanied with valid authorization certificate and EMD of Rs.1,000/- (Rupees One Thousand only) in the shape of SBI DD drawn in favour of the Comptroller of Finance, B.U. payable at SBI, Bhanja Bihar (2107) should reach The Registrar, Berhampur University by Speed Post / Registered Post on or before Dt.20.02.2020 and the Quotations will be opened on the same day at 04.00 P.M. Incomplete Quotation received after due date and time will not be considered.

Sd./- REGISTRAR



ତାଳଚେର–ଅନୁଗୋଳ–ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA), ଅନୁଗୋଳ

ସଂଖ୍ୟା ନଂ.– 220/TAMDA Dt.: 10.02.2020

ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା ୧୩୯୫୫ ତା୦୬।୦୮।୨୦୧୯ରିଖ ଅଧିନିୟମ ଅନୁଯାୟୀ ତାଳଚେର–ଅନୁଗୋଳ–ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (TAMDA)ଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡ଼ିକର ନିୟମିତକରଣ ନିମନ୍ତେ ପତ୍ର ସଂଖ୍ୟା ୩୦୩୪/TAMDA ତା୨୨।୧୦।୨୦୧୯ରିଖ ବିଜ୍ଞାପନ ମାଧ୍ୟମରେ ଆବେଦନ କରିବା ପାଇଁ ଜଣାଇ ଦିଆଯାଇଥିଲା ଏବଂ ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ରିଖ ଧାର୍ଯ୍ୟ ହୋଇଥିଲା। ପୁନଶ୍ଚ ଜନସାଧାରଣଙ୍କ ଆବଶ୍ୟକତାକୁ ଉପଲବ୍ଧିକରି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା ୩୦୪୩/HUD ତା୦୬।୦୨।୨୦୨୦ରିଖ ଅଧିନିୟମ ଅନୁଯାୟୀ ଅଧିକ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ ଉକ୍ତ ସ୍କିମ୍କୁ ସମ୍ପ୍ରସାରଣ କରିଛନ୍ତି। ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୨୦।୦୨।୨୦୨୦ ପର୍ଯ୍ୟନ୍ତ ଅଟେ। ଏଣୁ ଜନସାଧାରଣଙ୍କୁ ଅନୁରୋଧ ଏହି ସ୍କିମ୍ର ସଦୁପଯୋଗ କରିବା ନିମିତ୍ତ ତା୨୦।୦୨।୨୦୨୦ ପୂର୍ବରୁ ଆବେଦନ କରନ୍ତୁ।

ସ୍ୱା./– ସଚିବ, ଟାମଡା, ଅନୁଗୋଳ



No. A-6676

GOVERNMENT OF ODISHA
OFFICE OF THE EXECUTIVE ENGINEER
Tel Irrigation Division, Sonepur
E-mail: eetelirrdivn@gmail.com

E-procurement Notice No - EE, TID, SNP -07/2019-20

The Executive Engineer, Tel Irrigation Division, Sonepur on behalf of Governor of Odisha invites online Percentage rate tenders in single cover system to be received in online mode only for the works as detailed below.

| | | |
|---|---|---|
| 1 | Name of the work | Canal structure Works |
| 2 | No of Works | 01 No |
| 3 | Class of Contractor | 'C', & 'B' Class (Odisha PWD or relevant class of other licensing Authority.) |
| 4 | Bid Identification No. | EE, TID, SNP-07/2019-20 |
| 5 | Estimated Cost | Rs 28.58 Lakhs |
| 6 | Period of Completion | As per mentioned in NIT |
| 7 | Date & time of availability of bid documents in the Portal. | From 15.02.2020 (10.00 AM) to 29.02.2020 ( 05.30 PM) |
| 8 | Last date/time for receipt of bids in the Portal | In portal -29.02.2020 from 10.00 A.M up to 05.30 P.M. |
| 9 | Date of Opening of Bid | On Date 02.03.2020 (11.30 AM onwards in the Office of the undersigned) |
| 10 | Name of the Officer inviting Bid | Executive Engineer, Tel Irrigation Division, Sonepur (Dist.-Subarnapur) |

Further details can be seen from the e-Procurement portal https://tendersodisha.gov.in.

Sd/- Executive Engineer
Tel Irrigation Division, Sonepur
OIPR-32362/11/0004/1920



ROGI KALYAN SAMITI, DHH, DEOGARH
(OFFICE OF THE CHIEF DISTRICT MEDICAL & PUBLIC HEALTH OFFICER)
Department of Health & Family Welfare, Govt. of Odisha

TENDER CALL NOTICE No.E-741

No.597 DATE 13.02.2020

Sealed tenders are invited in the prescribed format from reputed, credible, experienced Firms/Agencies/Company having valid EPF, ESI, IT returns of last three Assessment years (i.e. 2016-17 , 2017-18 & 2018-19), valid PAN, valid Goods & Service Tax (GST) certificate and having adequate experience in Bio-Medical Waste Management. The last date of receiving the Tender is dtd-26.03.2020 up to 04:00 PM. For the detail advertisement and terms & conditions please log on to www.deogarh.nic.in.

Sd./-
CDM & PHO-cum- Co-Chairperson,
RKS, DHH, Deogarh
OIPR-10113/11/0019/1920



DISTRICT PLANNING AND MONITORING UNIT, KEONJHAR
(TENDER CALL NOTICE FOR OUTSOURCING OF MANPOWER)

No.113 /DPMU/Stat. Date: 13.02.2020

No.X-45 :- "The Bid Documents in sealed cover are invited under two-bid system from reputed and experienced Manpower Service Provider for providing Data Entry Operator/Field Enumerators for Statistics Wing of District Planning and Monitoring Unit, Keonjhar. Intending Agencies/ Service Providers are required to download the Tender Documents from Keonjhar District Website (https://kendujhar.nic.in) from 14.02.2020.The last date of submission of Bid is 28.02.2020 up to 5.00 PM by Speed Post / Registered Post / Courier / in person only (Contact No.06766-255420)".

Sd./- Deputy Director (P&S)
DPMU, Keonjhar
OIPR-21009/11/0001/1920



Sambalpur Municipal Corporation
Sambalpur-768001
Email ID : sambalpurm.hud@nic.in
'e' Procurement Notice
Bid Identification No.12/SMC_SBP/2019-20

The Municipal Commissioner on belialf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities & the set of terms & conditions of contract and other necessary documents can be seen in the Govt. Website i.e. https://tendersodisha.gov.in

1. Number of Civil works : 07 (Seven) numbers
2. Estimated Costs : Rs. 13, 53, 491/- to Rs. 64, 23, 210/-
3. Period of completion : As per NIT
4. Date & time of availability of the bid documents in the portal : From 11.00 A.M. of 13.02.2020 to 05.00 PM of 28.02.2020.
5. Last Date/ Time for receipt of bids in the portal : 05.00 PM of 28.02.2020.
6. Bids will be opened on : 11.00 AM of Dt 02.03.2020.
7. Name & address of the officer inviting bid : Municipal Commissioner, Sambalpur Municipal Corporation, Sambalpur

Sd./- Commissioner
Sambalpur Municipal Corporation



See Career Appointment on every Wednesday & Saturday



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK
District Programme Management Unit, N.H.M, Cuttack

Letter No.2209 TENDER CALL NOTICE DT-12.02.2020

Sealed percentage tenders are invited from Registered B/C Class Contractor of State Govt. Registered with Central Govt./MES/Railways/CPWD in Composite manner for execution of work on production of definite proof as licence copy, GST registration certificate, PAN & work certificate etc. from the appropriate authority for the works in NHM contact form. Further Details are available at CDMO office, Zilla Swastya Bhaban, Cuttack & website "District Portal Cuttack".

| Sl. No. | Name of the work | Location | Amount put to tender (Rs) | EMD to deposit 1% | Cost of tender paper | Class of contractor | Time of completion |
|---|---|---|---|---|---|---|---|
| 1. | Establishment 20 Beded SNCU at Sishu Bhawan, Cuttack | Sishu Bhawan | 1995593.00 | 19955.00 | 6000.00 | B & C | 6 months |
| 2. | Extension of DEIC at Sishu Bhawan | Sishu Bhawan | 2287923.00 | 22879.00 | 6000.00 | B & C | 6 months |

Place & Date of Selling Tender Paper :- NIC Portal & Civil wing, DPMU, N.H.M, Cuttack from 14th Feb 2020 to 24th Feb 2020 (Office hours from 10.30 A.M. to 5.00 P.M. except holidays).

Place & Date of receipt of Tender Paper :- CDMO, Cuttack in Tender Boxes installed from 25th Feb 2020 to 01th Mar. 2020 within office hour (10.30 to 5.00 P.M.)

Place & Date of Opening Tender :- CDMO, Cuttack on 03th Mar. 2020 from 11.00 onwrds.

The undersigned reserves the right to reject any or all of the tenders without assigning any reason thereof.

Sd./- Chief District Medical & Public Health Officer, Cuttack



GOVERNMENT OF ODISHA No.: B-708
"e" - PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
Bid Identification No. CE-DPI & R-23/2019-20

| | | | |
|---|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below. | | |
| 2. | Nature of Work | : | Road Work |
| 3. | No. of Work | : | 1 No. |
| 4. | Tender Paper Cost | : | Rs.10,000.00 |
| 5. | Class of Contractor | : | Special Class / Super Class |
| 6. | Available of Bid Document in the website | : | From 10.00 A.M. of 20.02.2020 to 5.00 P.M. of 12.03.2020 |
| 7. | Date of Opening of Bid | : | Dt.13.03.2020 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | | |

Sd./- Chief Engineer (DPI & Roads), Odisha
OIPR-34117/11/0066/1920



OFFICE OF THE EXECUTIVE ENGINEER, L.I. DIVISION, DHENKANAL
TENDER NOTICE
Bid Identification No.E.E. DKL (OLIC) 08/19-20, DT.10.02.2020

No.CAD-964 :- The Executive Engineer, Lift Irrigation Division, Dhenkanal, Odisha on behalf of Governor of Odisha invites pre-qualification along with price bid in shape of percentage rate basis bids for construction of L.I. Sub-Division Office Building at Dhenkanal as described in the table below, from Civil 'D' Class & above valid license with the special terms and conditions.

| Name of Block | Pkg No. | Name of work | Approx. estimated cost (Rs. lakhs) | EMD to be deposited (Rs) | Cost of tender paper (Rs) | Class of Contractor | Days of completion of work |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| Dhenkanal | 1 | Construction of L.I. Sub-Division, Office Building, Dhenkanal | 841000 | 8500 | 4000 | Civil D & above Licence | 90 days |

Mandatory instruction :- The bidders are requested to go through the DTCN including points below No. 01 & 02 before bidding in portal or else the bidders must not have any claim on rejection.

1. The bidders who have awarded the works vide this office Tender Call Notice No. 05 / 18-19 to 07/18-19 but not started or not completed are debarred to participate in the Bid.
2. Completion report of the works under T.C. No-05/18-19 to T.C. No-07/18-19 must be certified by the concern J.E. & A.E. which will be scanned in the portal failing which the bidding will be out rightly rejected.

The Bid documents will be available in the L.I. Division, Dhenkanal Office from 17.02.2020 to 29.02.2020. Tender will be opened on 02.03.2020 at 11 A.M. The detail projects list and DTCN is available on Notice Board & website www.dhenkanal.nic.in.

1. The Tender paper cost & EMD will be paid online.
2. Additional performance security shall be obtained from the bidder when the bid amount is less than the estimated cost put to tender. In such an event, the bidders who have quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security in shape of Demand Draft / Term Deposit Receipt pledged in favour of the Executive Engineer, L.I. Division, Dhenkanal in the sealed envelope in absence of which the Tender will be summarily be rejected.
3. GST @ 5% on paper cost will be deposited on Reverse charge basis by the bidder.
4. The undersigned reserves the right to increase or decrease the quantity of materials accept or reject any or all the Tenders without assigning any reason thereof.

Sd./- Er. G.C. Behera, Executive Engineer, OLIC Division, Dhenkanal
OIPR-32141/11/0001/1920

❝ ଆସନ୍ତା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ମୋ କ୍ୟାରିୟରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

–ଜେମିମା ରୋଡ୍ରିଗୁଏଜ୍, ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସ ଓମେନ



❝ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଓପନର ସ୍ଥାନ ପାଇଁ ପୃଥ୍ୱୀ ଶ'ଙ୍କ ସହ ମୋର ପ୍ରତିଯୋଗିତା ମନୋଭାବ ନାହିଁ ।

–ଶୁବମନ ଗିଲ୍, ଭାରତୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ବକ୍ସର ଅମିତ୍‌ଙ୍କୁ ୧ ନମ୍ବର ମାନ୍ୟତା

ନୂଆଦିଲ୍ଲୀ, ୧୩।୨ (ପି.ଟି.)- ଆସନ୍ତା ମାସରେ ହେବାକୁ ଥିବା ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ବକ୍ସିଂ ଟ୍ୟାକ୍ସ ଫୋର୍ସ ଭାରତର ଅମିତ୍ ପଙ୍ଘଲଙ୍କୁ ଏକ ନମ୍ବର ମାନ୍ୟତା ପ୍ରଦାନ କରିଛି। ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଅମିତ୍ (୫୨ କିଗ୍ରା) ଗତ ଦଶନ୍ଧି ମଧ୍ୟରେ ବିଶ୍ୱରେ ଏହି କାଟାଗୋରିରେ ଶୀର୍ଷ ସ୍ଥାନ ହାସଲ କରିବାରେ ପ୍ରଥମ ଭାରତୀୟ ବକ୍ସର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ୨୦୦୯ରେ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ବିଜେନ୍ଦର ସିଂ ଏହି ସଫଳତା ପାଇଥିଲେ। ମୋଟ୍ ୪୨୦ ପଏଣ୍ଟ ସହିତ ୨୪ ବର୍ଷୀୟ ପଙ୍ଘଲ ର୍ୟାଙ୍କିଙ୍ଗର ଶୀର୍ଷ ସ୍ଥାନରେ ରହିଛନ୍ତି। 'ଏହା ମୋ ପାଇଁ ବହୁତ ଖୁସିର ଦିନ। ଏବେ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଏହା ମୋତେ ସିଡ୍ ପ୍ରଦାନ କରିବ। ବିଶ୍ୱର ଏକ ନମ୍ବର ମାନ୍ୟତା ମୋର ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇବ' ବୋଲି ରୋହତକ ଜନ୍ମିତ ପଙ୍ଘଲ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଆର୍ଥିକ ପରିଚାଳନାରେ ତ୍ରୁଟି କରିବା କାରଣରୁ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ)କୁ ବାସନ୍ଦ କରାଯାଇଛି। ତେଣୁ ଆଇଓସି ଟ୍ୟାକ୍ସ ଫୋର୍ସକୁ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଆୟୋଜନ କରିବାକୁ ଅନୁମତି ପାଇଛି। ଚଳିତ ବର୍ଷ ଶେଷ ଭାଗକୁ ଟୋକିଓ ଅଲିମ୍ପିକ ଅନୁଷ୍ଠିତ ହେବାକୁ ଥିବାରୁ ଆଗାମୀ ଦିନରେ ଏହା ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଆଇଓସି ଟ୍ୟାକ୍ସ ଫୋର୍ସ ଆୟୋଜନ କରିବ। ଗତ ପୁରୁଷ ଓ ମହିଳା ବିଶ୍ୱ ଚାମ୍ପିୟନଶିପ୍ ପ୍ରଦର୍ଶନକୁ ଆଧାରକରି ର୍ୟାଙ୍କିଙ୍ଗ୍ ପ୍ରସ୍ତୁତ କରାଯାଇଛି।

### ମାଲେସିଆଠାରୁ ହାରିଲା ଭାରତ

ମାନିଲା (ଫିଲିପାଇନ୍ସ), ୧୩।୨ (ପି.ଟି.)- ବ୍ୟାଡ୍‌ମିଣ୍ଟନ ଏସିଆନ ଟିମ୍ ଚାମ୍ପିୟନଶିପ୍ ଗ୍ରୁପ୍ 'ବି'ରେ ଭାରତୀୟ ପୁରୁଷ ଦଳ ଏହାର ଦ୍ୱିତୀୟ ମୁକାବିଲାରେ ମାଲେସିଆଠାରୁ ୧-୪ରେ ହାରିଯାଇଛି। ଏଥିରେ ଡବଲ୍ସ ସ୍ପେଶାଲିଷ୍ଟ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଅନୁପସ୍ଥିତି ଅନୁଭବ କରାଯାଇଥିଲା। ଗୋଇଠିରେ ଯନ୍ତ୍ରଣା ଯୋଗୁ ସେ ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିବା ଦୁଇ ଡବଲ୍ସ ଯୋଡ଼ି ଏମ୍.ଆର୍. ଅର୍ଜୁନ ଓ ଚିରାଗ ଶେଟ୍ଟି ଏବଂ ଧ୍ରୁବ କାପିଲା ଓ ଲକ୍ଷ୍ୟ ସେନ୍ ସେମାନଙ୍କ ମ୍ୟାଚ ହାରିଯାଇଥିଲେ। ରିଜାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଭାରତର ଜଣେ ମାତ୍ର ଖେଳାଳି କିଡ଼ାମ୍ବି ଶ୍ରୀକାନ୍ତ ତାଙ୍କ ମ୍ୟାଚ ଜିତିଥିବାବେଳେ ବିଶ୍ୱର ୧୧ ନମ୍ବର ବି. ସାଇ ପ୍ରଣୀଥ ଓ ଏଚ୍. ଏସ୍. ପ୍ରଣୟ ସେମାନଙ୍କ ସିଙ୍ଗଲ୍ସ ମ୍ୟାଚରେ ପରାଜିତ ହୋଇଥିଲେ।

# ମନପ୍ରୀତ 'ପ୍ଲେୟର ଅଫ ଦି ଇୟର'

**୨୦୧୯ ଏଫଆଇଏଚ୍ ପୁରସ୍କାର**





- ପ୍ରଥମ ଭାରତୀୟଭାବେ ପାଇଲେ ଏହି ପୁରସ୍କାର
- ବେଲଜିୟମର ଆର୍ଥର ଭାନ ଡୋରେନ ଓ ଆର୍ଜେଣ୍ଟିନାର ଲୁକାସ ଭିଲାଙ୍କୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ
- ମନପ୍ରୀତଙ୍କ ନେତୃତ୍ୱରେ ଭାରତ ପାଇଥିଲା ଟୋକିଓ ଅଲିମ୍ପିକ୍ସ ଟିକେଟ
- ପୁରସ୍କାରକୁ ଦଳ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ମିଡ୍‌ଫିଲ୍ଡର
- ମନପ୍ରୀତ ଏବେ ପରିପକ୍ୱ: ମହମ୍ମଦ ମୁସ୍ତାକ

ନୂଆଦିଲ୍ଲୀ, ୧୩।୨

ଭାରତୀୟ ହକି ପାଇଁ ଆସିଛି ଆଉ ଏକ ଖୁସି ଖବର। ଅଧିନାୟକ ମନପ୍ରୀତ ସିଂ ପାଇଛନ୍ତି ଏଫଆଇଏଚ୍ 'ପ୍ଲେୟର ଅଫ ଦି ଇୟର' ପୁରସ୍କାର। ୧୯୯୯ରେ ପୁରସ୍କାର ପ୍ରଚଳନ ହେବାଠାରୁ ପ୍ରଥମ ଭାରତୀୟ ଭାବେ ମିଡ୍‌ଫିଲ୍ଡର ମନପ୍ରୀତ ଏହି ପୁରସ୍କାର ପାଇଛନ୍ତି। ବିବେକ ସାଗର ପ୍ରସାଦ ଓ ଲାଲରେମସିଆମି ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ 'ରାଇଜିଂ ଷ୍ଟାର ଅଫ ଦି ଇୟର' ପୁରସ୍କାର ପାଇବାର ଦୁଇଦିନ ପରେ ଜାତୀୟ ହକିକୁ ଗର୍ବିତ କରିଛନ୍ତି ଅଧିନାୟକ ମନପ୍ରୀତ। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ୨୦୧୯ ବର୍ଷର ଏହି ସର୍ବୋଚ୍ଚ ପୁରସ୍କାର ପାଇଁ ମନପ୍ରୀତଙ୍କୁ ମନୋନୀତ କରିଛି। ଚଳିତ ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପୂର୍ବରୁ ଏହି ଖବର ବ୍ୟକ୍ତିଗତଭାବେ ମନପ୍ରୀତ ଓ ଜାତୀୟ ହକି ଦଳର ମନୋବଳକୁ ବଢ଼ାଇ ଦେଇଛି। ଏଫଆଇଏଚ୍ ପ୍ଲେୟର ଅଫ ଦି ଇୟର ୨୦୧୯ ପୁରୁଷ କାଟେଗୋରୀ ପାଇଁ ଦୌଡ଼ରେ ଥିବା ବିଶ୍ୱ ଚାମ୍ପିୟନ ବେଲଜିୟମ ଦଳର ଭିକ୍ଟର ୱେଗ୍‌ନେଜ ଓ ଆର୍ଥର ଭାନ ଡୋରେନ, ୨୦୧୯ ଏଫଆଇଏଚ୍ ପ୍ରୋ ଲିଗ୍ ବିଜେତା ଅଷ୍ଟ୍ରେଲିଆର ଆରନ ଜେଲସ୍କି ଓ ଇଡି ଓକେନଡେନ ଏବଂ ଆର୍ଜେଣ୍ଟିନାର ଲୁକାସ ଭିଲାଙ୍କୁ ପଛରେ ପକାଇ ଦେଇଥିଲେ ମନପ୍ରୀତ।

ଭୋଟିଂରେ ଭାନ ଡୋରେନ ଓ ଲୁକାସ ଭିଲା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଗତବର୍ଷ ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ଅବସରରେ ମନପ୍ରୀତ କ୍ୟାରିୟରର ୨୫୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହି ପ୍ରତିଯୋଗିତାରେ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିୟନ ହୋଇଥିଲା। ସେହି ଭୁବନେଶ୍ୱରରେ ଗତ ନଭେମ୍ବରରେ ଅନୁଷ୍ଠିତ ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ରୁଷିଆକୁ ହରାଇ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଟିକେଟ ପାଇବା ପଛରେ ମନପ୍ରୀତଙ୍କ ଯଥେଷ୍ଟ ଅବଦାନ ରହିଥିଲା।

''ଏହି ପୁରସ୍କାର ପାଇ ମୁଁ ପ୍ରକୃତରେ ସମ୍ମାନିତ ହୋଇଛି। ଏହାକୁ ମୁଁ ମୋ ଟିମ୍ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି। ମୋ ସପକ୍ଷରେ ଭୋଟ୍ ଦେଇଥିବାରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ମୋ ଶୁଭେଚ୍ଛୁ ଏବଂ ହକି ପ୍ରଶଂସକଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ପରୋକ୍ଷରେ ଲୋକମାନେ ଭାରତୀୟ ହକିକୁ କେତେ ଭଲ ପାଉଛନ୍ତି ତାହା ଏଥିରୁ ଜଣା ପଡ଼ିଛି। ଲୋମାନଙ୍କର ଭଲପାଇବା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା କରୁଛି। ଏହା ହେଲେ ଅଲିମ୍ପିକ୍ ବର୍ଷରେ ଆମେ ଆହୁରି ସଫଳତା ପାଇପାରିବୁ'' ବୋଲି ନିଜ ପ୍ରତିକ୍ରିୟାରେ ମନପ୍ରୀତ କହିଛନ୍ତି। ଏହି ସଫଳତା ପାଇଁ ମନପ୍ରୀତଙ୍କୁ ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅଭିନନ୍ଦନ ଜଣାଇଛନ୍ତି। ''ଏଫଆଇଏଚ୍ ପ୍ଲେୟର ଅଫ ଦି ଇୟର ପୁରସ୍କାର ପାଇଁ ମନପ୍ରୀତଙ୍କୁ ଅଭିନନ୍ଦନ। କ୍ରମାଗତ ଖେଳିବାଦ୍ୱାରା ଜଣେ ଖେଳାଳିଭାବେ ସେ ପରିପକ୍ୱ ହୋଇ ଯାଇଛନ୍ତି। ଦଳରେ ତାଙ୍କ ଉପସ୍ଥିତିକୁ ମଧ୍ୟ ସେ ପ୍ରମାଣିତ କରିଛନ୍ତି। ନିକଟ ଅତୀତରେ ଭାରତର ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ତାହା ଜାରି ରହିବାନେଇ ଆଶା ରହିଛି'' ବୋଲି ମୁସ୍ତାକ ପ୍ରକାଶ କରିଛନ୍ତି।

### ଟାଟୁକୁ ନେଇ ଚର୍ଚ୍ଚା

ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂଙ୍କ ଗୋଡ଼ର ଟାଟୁ ଏବେ ଚର୍ଚ୍ଚାରେ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ବେଲଜିୟମ ବିପକ୍ଷ ମ୍ୟାଚ ସମୟରେ ଏହା ନଜରକୁ ଆସିଥିଲା। ଅନୁରୋଧ ରକ୍ଷା କରି ସ୍ୱଳ୍ପଭାଷୀ ମନପ୍ରୀତ ଅଭ୍ୟାସ ପୂର୍ବରୁ ଡାହାଣ ଗୋଡ଼ର ଶୁ' ଏବଂ ମୌଜା ଖୋଲି ଏହି ଚର୍ଚ୍ଚିତ ଟାଟୁକୁ ଦେଖାଇଥିଲେ। ତେବେ ଏ ସମ୍ପର୍କରେ କିଛି ମୁହଁ ଖୋଲିନାହାନ୍ତି ଅଧିନାୟକ ମନପ୍ରୀତ। ଟୋକିଓ ଅଲିମ୍ପିକ୍ସ ପରେ ଏ ସମ୍ପର୍କରେ ସେ ଯାହାକିଛି କହିବେ ଏବଂ ରହସ୍ୟ ଉପରୁ ପରଦା ହଟିବ ବୋଲି ହସିହସି ମନପ୍ରୀତ ପ୍ରକାଶ କରିଥିଲେ। ତେବେ ଏହି ଟାଟୁକୁ ନେଇ ତାଙ୍କ ନିକଟତମ ମହଲରୁ ବିଭିନ୍ନ ରୋଚକ କଥା ଶୁଣିବାକୁ ମିଳୁଛି। ତାଙ୍କ ସଫଳତା ପଛରେ ଏହି ଟାଟୁ ରହିଥିବା କେହି କହୁଥିବାବେଳେ ଅନ୍ୟ କେହି ଏହା ତାଙ୍କ ମନର ମଣିଷ ହୋଇଥାଇପାରେ ବୋଲି ଆଲୋଚନା କରୁଛନ୍ତି।

## ଇନିଂସ ବିଜୟ ସହ କ୍ୱାର୍ଟରରେ ଗୋଆ

କୋଲକାତା, ୧୩।୨ (ପି.ଟି.)

ପ୍ଲେଟ୍ ଡିଭିଜନର ଏକ ୯ ରାଉଣ୍ଡ ମ୍ୟାଚ୍‌ରେ ଗୋଆ ଏକ ଇନିଂସ ଓ ୨୧୧ ରନରେ ମିଜୋରାମକୁ ପରାସ୍ତ କରି ରଣ୍ଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶତକ ସହ ମ୍ୟାଚ୍‌ରେ ମୋଟ୍ ୭ ଉଇକେଟ୍ ଅକ୍ତିଆର କରିଥିବା ଗୋଆ ଅଧିନାୟକ ଅମିତ୍ ବର୍ମା ବିଜୟରେ ନାୟକ ସାଜିଥିଲେ। ଦ୍ୱିତୀୟ ଦିବସ ଗୁରୁବାର ମୋଟ୍ ୧୯ ଉଇକେଟ୍ ପତନ ଘଟିଥିଲା। ଗୋଆ ମୋଟ୍ ୫୦ ପଏଣ୍ଟ ସହ ପ୍ଲେଟ୍ ଗ୍ରୁପ୍‌ରୁ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି।

ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୋଆ ପ୍ରଥମ ଇନିଂସରେ ଦ୍ରୁତ ବ୍ୟାଟିଂ କରି ୭୭.୫ ଓଭରରେ ୪ ଉଇକେଟ୍ ହରାଇ ୪୯୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଉଇକେଟ୍‌କିପର ସମିତ୍ ପଟେଲ ୨୩୬ ଓ ଅଧିନାୟକ ଅମିତ୍ ୧୪୮* ରନର ଇନିଂସ ଖେଳିଥିଲେ। ଜବାବରେ ପ୍ରଥମ ଦିବସ ଶେଷ ସୁଦ୍ଧା ଗୋଟିଏ ଉଇକେଟ୍ ହରାଇ ୧୫ ରନ କରିଥିବା ମିଜୋରାମ ଗୁରୁବାର ସକାଳେ ୧୦୯ ରନରେ ସୀମିତ ରହିଥିଲା। ୩୮୧ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ମିଜୋରାମ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୫ ଓଭରରେ ୧୭୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅଧିନାୟକ ତଥା ଉଇକେଟ୍‌କିପର କେବି ପୱନ ଏକମାତ୍ର ସଫଳ ବ୍ୟାଟ୍ସମ୍ୟାନ ଭାବେ ୧୧୧ ରନରେ ଅପରାଜିତ ରହିଥିଲେ। ବୋଲିଂରେ ଗୋଆର ଅମିତ୍‌ଙ୍କୁ ୫ ଉଇକେଟ୍ ସଫଳତା ମିଳିଥିଲା।

## ଦକ୍ଷିଣ ଆଫ୍ରିକା ୧ ରନ୍‌ରେ ବିଜୟୀ



ଇଷ୍ଟ ଲଣ୍ଡନ, ୧୩।୨

ସ୍ଥାନୀୟ ବଫାଲୋ ପାର୍କରେ ବୁଧବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଅଗ୍ରଣୀଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ଇଂଲଣ୍ଡ ଏକଦା ବିଜୟ ଦ୍ୱାରରେ ପହଞ୍ଚିଥିଲେ ହେଁ ଚାପର ବଶବର୍ତ୍ତୀ ହୋଇ ମ୍ୟାଚ ହାତଛଡ଼ା କରିଥିଲା। ମ୍ୟାଚ ଜିତିବା ପାଇଁ ଇଂଲଣ୍ଡକୁ ଶେଷ ୨ ଓଭରରେ ୨୩ ରନ ଆବଶ୍ୟକ ହେଉଥିଲା। ଇଅନ ମୋର୍ଗାନ ଓ ମୋଇନ ଅଲୀ ପ୍ରତିପକ୍ଷ ବେନ୍ ହେଣ୍ଡ୍ରିକ୍ସ ବୋଲିଂ କରିଥିବା ୧୯ତମ ଓଭରରୁ ୧୬ ରନ ସଂଗ୍ରହ କରିଥିଲେ। ଏହି ଓଭରରେ ୨ ଚୌକା ଓ ୧ ଛକା ମାରିଥିବା ମୋର୍ଗାନ ୬ଷ୍ଠ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଅନ୍ତିମ ଓଭରରୁ ବିଜୟ ପାଇଁ ମାତ୍ର ୭ ରନ ଆବଶ୍ୟକ ହେଉଥିଲା। ମାତ୍ର ଲୁନ୍‌ଗି ଏନଗିଡିଙ୍କ ଓଭରରେ ଦଳ ୩ ଉଇକେଟ ହରାଇ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ବିଜୟ ଲକ୍ଷ୍ୟଠାରୁ ଇଂଲଣ୍ଡ ୧ ରନ ଦୂରରେ ରହି ଯାଇଥିଲା।

## ବାଇଚୁଙ୍ଗ୍ ଭୁଟିଆ ଫୁଟ୍‌ବଲ ସ୍କୁଲକୁ ହରାଇଲା ଓଡ଼ିଶା ଏଫ୍‌ସି

ନୂଆଦିଲ୍ଲୀ, ୧୩।୨

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଭୁବନେଶ୍ୱର ବେସଡ୍ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସିର ୧୮ ବର୍ଷରୁ କମ୍ ଦଳ ହିରୋ ଏଲିଟ୍ ଲିଗ୍‌ରେ ବୃହତ୍ ବିଜୟ ହାସଲ କରିଛି। ଏଠାରେ ଗୁରୁବାର ଖେଳାଯାଇଥିବା ହିରୋ ଏଲିଟ୍ ଲିଗ୍‌ର ଏକ ମ୍ୟାଚ୍‌ରେ ଜୁନିୟର ଓଡ଼ିଶା ଏଫ୍‌ସି ଦଳ ୫-୨ ଗୋଲରେ ବାଇଚୁଙ୍ଗ୍ ଭୁଟିଆ ଫୁଟ୍‌ବଲ ସ୍କୁଲ (ବିବିଏଫ୍‌ଏସ୍)କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅକ୍ଷୁଣ୍ଣ ତ୍ୟାଗୀ (୩୯ତମ, ୭୭ତମ ଓ ୯୦+୧) ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ। ସେହିଭଳି ରିଷଭ ଡୋବ୍ରିୟାଲ ଅନ୍ୟ ୨ଟି ଗୋଲ ଦେଇଥିଲେ। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ରିଷଭ ପ୍ରଥମ ଗୋଲସ୍କୋର କରି ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଫେବୃୟାରୀ ୧୮ରେ ମାକ୍ସିମସ୍ ପ୍ରାଇମ୍ ସ୍ପୋର୍ଟ୍ସକୁ ଭେଟିବ।

## ଫାଇନାଲ ମ୍ୟାଚ୍ ଭାବି ଖେଳିବୁ: ଗୋମ୍ବାଉ

**ଆଜି ନର୍ଥ ଇଷ୍ଟକୁ ଭେଟିବ ଓଡ଼ିଶା ଏଫ୍‌ସି**

ଭୁବନେଶ୍ୱର, ୧୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚ୍‌ରେ ଶୁକ୍ରବାର ଘରୋଇ ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ପରସ୍ପରକୁ ଭେଟିବେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ନକ୍‌ଆଉଟ୍ ଦୌଡ଼ରେ ରହିବାକୁ ହେଲେ ଆଇଏସ୍‌ଏଲ୍ ପଦାର୍ପଣକାରୀ ଦଳ ଓଡ଼ିଶା ଏଫ୍‌ସି ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି।

ଚଳିତ ସିଜନରେ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୬ ମ୍ୟାଚ୍‌ରୁ ୬ ବିଜୟ ସହ ୨୧ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ଚତୁର୍ଥ ସ୍ଥାନରେ ରହିଥିବା ମୁମ୍ବାଇ ସିଟି (୨୬ ପଏଣ୍ଟ)ଠାରୁ ଦଳ ୫ ପଏଣ୍ଟ ପଛରେ ରହିଛି। ଯଦି ଏହି ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ ହୁଏ ତେବେ ଟପ୍-୪ ଦୌଡ଼ରୁ ବାଦ୍ ପଡ଼ିବ। ତେଣୁ ଓଡ଼ିଶା ଏଫ୍‌ସି ପ୍ରଶିକ୍ଷକ ଜୋସେଫ୍ ଗୋମ୍ବାଉଙ୍କ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଓଡ଼ିଶା ଏହାର ପୂର୍ବ ୩ଟି ମ୍ୟାଚ୍‌ରେ ପରାଜୟବରଣ କରିଥିବାରୁ ଚାପରେ ରହିବା ସ୍ୱାଭାବିକ। ଅପରପକ୍ଷରେ ଖରାପ ଫର୍ମ ଦେଇ ଗତି କରୁଥିବା ନର୍ଥ ଇଷ୍ଟ ୧୫ ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ଟେବୁଲର ୯ମ ସ୍ଥାନରେ ରହିଛି। ତେଣୁ ପ୍ରଦର୍ଶନକୁ ନଜର ପକାଇଲେ ଓଡ଼ିଶା ଏଫ୍‌ସି ଘରୋଇ ପଡ଼ିଆରେ ନର୍ଥ ଇଷ୍ଟ ବିପକ୍ଷରେ ସହଜ ବିଜୟ ଲକ୍ଷ୍ୟରେ ରହିଛି। 'ଶେଷ ଦୁଇଟି ମ୍ୟାଚ୍ ଆମ ପାଇଁ ବେଶ୍ ମହତ୍ୱପୂର୍ଣ୍ଣ। ଏହି ସିଜନରେ ଆମେ ମ୍ୟାଚ୍ ପରେ ମ୍ୟାଚ୍ ଆଗକୁ ବଢ଼ି ଚାଲିଛୁ। ଗାଣିତିକ ଦୃଷ୍ଟିରୁ ଦେଖିଲେ ଟପ୍-୪ରେ ପ୍ରବେଶ ପାଇଁ ସୁଯୋଗ ରହିଛି। ଏହି ମ୍ୟାଚ୍‌ରେ ଆମେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛୁ। ଯଦି ଶୁକ୍ରବାର ମ୍ୟାଚ୍‌ରେ ବିଜୟ ହାସଲ କରୁ ତେବେ ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ସମାନ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବୁ। ଏହି ମ୍ୟାଚ୍‌କୁ ଫାଇନାଲ ଭାବି ଖେଳିବୁ' ବୋଲି ଓଡ଼ିଶା ଏଫ୍‌ସି କୋଚ୍ ଗୋମ୍ବାଉ ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି।

- ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦
- ସ୍ଥାନ: କଳିଙ୍ଗ ଷ୍ଟାଡିୟମ
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ-୨



ଅଭ୍ୟାସ ଅବସରରେ ମାନୁଏଲ ଓନୁ।

## କ୍ଲାର୍କଙ୍କ ବିବାହ ବିଚ୍ଛେଦ

ମେଲବୋର୍ନ, ୧୩।୨ (ପି.ଟି.)

ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ମାଇକେଲ କ୍ଲାର୍କ ଓ ତାଙ୍କ ସ୍ତ୍ରୀ କେଲୀ ବୋଲ୍ଡିଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ବିବାହର ୭ ବର୍ଷ ପରେ ବିଚ୍ଛେଦ ପାଇଁ ଉଭୟ ବୁଝାମଣା ଭିତ୍ତିରେ ଏହି ନିଷ୍ପତ୍ତି ନେଇଥିବା କ୍ଲାର୍କ ପ୍ରକାଶ କରିଛନ୍ତି। ତାଙ୍କର ୪ ବର୍ଷର ଏକ ଝିଅ କେଲ୍‌ସି ଲି ରହିଛି। ଏହି ବିଚ୍ଛେଦ ପାଇଁ କ୍ଲାର୍କ ୪୦ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨,୮୫,୬୫,୬୨,୦୦୦ ଟଙ୍କା) ପ୍ରଦାନ କରିଥିବା ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। 'କିଛି ବର୍ଷ ଅଲଗା ହୋଇ ରହିବା ପରେ ଆମେ ପରସ୍ପର ବିଚ୍ଛେଦ ଭଳି କଠିନ ନିଷ୍ପତ୍ତି ନେଇଛୁ' କ୍ଲାର୍କ ଓ କେଲୀ ଉଭୟ ଦି ଅଷ୍ଟ୍ରେଲିଆନ୍ ଖବରକାଗଜକୁ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। 'ଆମେ ପରସ୍ପରକୁ ବହୁତ ସମ୍ମାନ କରୁ ଏବଂ ସହମତି ଭିତ୍ତିରେ ଅଲଗା ହେବା ପାଇଁ ନିଷ୍ପତ୍ତି ନେଇଛୁ। ଝିଅର ଦେଖାଶୁଣା ଆମେ ମିଳିତ ଭାବେ କରିବାକୁ ପ୍ରତିଶ୍ରୁତିବଦ୍ଧ' ବୋଲି ଉଭୟେ ଏହି ଅବସରରେ କହିଛନ୍ତି। ଉଭୟ କ୍ଲାର୍କ ଓ କେଲୀଙ୍କୁ ୩୮ ବର୍ଷ ହୋଇଥିବାବେଳେ ୨୦୧୨ରେ ପରସ୍ପର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୧୫ରେ କେଲ୍‌ସି ଜନ୍ମ ହୋଇଥିବାବେଳେ ଏହାର ଠିକ୍ ଗୋଟିଏ ମାସ ପରେ କ୍ଲାର୍କ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଗତ ୫ ମାସ ହେବ କ୍ଲାର୍କ ଓ କେଲୀ ପରସ୍ପର ଅଲଗା ରହୁଥିଲେ। ପୂର୍ବତନ ବିଶ୍ୱକପ୍ ବିଜେତା ଅଧିନାୟକ କ୍ଲାର୍କ ଏହାପରେ ସିଡ୍‌ନୀସ୍ଥିତ କେଲୀଙ୍କ ବିଳାସମୟ ଘରୁ ବାହାରି ବୋଣ୍ଡି ବିଚ୍ ଆପାର୍ଟମେଣ୍ଟରେ ଏକାକୀ ରହୁଥିଲେ। ପ୍ରକାଶଯୋଗ୍ୟ, କ୍ଲାର୍କ ୨୦୦୪ରୁ ୨୦୧୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପକ୍ଷରୁ ୧୧୫ ଟେଷ୍ଟ ଓ ୨୪୫ ଦିନିକିଆ ଖେଳି ଯଥାକ୍ରମେ ୮,୬୪୩ ଓ ୭,୯୮୧ ରନ ସଂଗ୍ରହ କରିଥିଲେ।



ସ୍ତ୍ରୀ ଓ ଝିଅ ସହ ମାଇକେଲ କ୍ଲାର୍କ।

# ନ୍ୟୁଜିଲାଣ୍ଡ ଏକାଦଶକୁ ଭେଟିବ ଭାରତ



ଗୁରୁବାର ଭ୍ରମଣ ଅବସରରେ ଭାରତୀୟ ଖେଳାଳିମାନେ।

ହାମିଲଟନ,୧୩।୨ (ପି.ଟି.)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ ଓ ନ୍ୟୁଜିଲାଣ୍ଡ ଏକାଦଶ ମଧ୍ୟରେ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଆରମ୍ଭ ହେବ। ଓପନିଂ ଯୋଡି ଓ ସ୍ପିନର ଚୟନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ସାମାନ୍ୟ ଦ୍ୱନ୍ଦ୍ୱରେ ରହିଛି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଭେରିଏଶନ କିମ୍ବା ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ପ୍ରତିଭା ମଧ୍ୟରୁ ଗୋଟିଏ ବାଛିବାକୁ ହେବ। ଟେଷ୍ଟ ସିରିଜ ପୂର୍ବରୁ ଏହି ଅଭ୍ୟାସ ମାଧ୍ୟମରେ ଟିମ୍ ମ୍ୟାନେଜମେଣ୍ଟ ଏହି ଚୟନ ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରୟାସ କରିବ।

ଟି୨୦ ସିରିଜରେ ୫-୦ରେ ବିଜୟୀ ହେବା ପରେ ଭାରତ ଦିନିକିଆ ସିରିଜରେ ୩-୦ରେ ପରାସ୍ତ ହୋଇଥିଲା। ଆସନ୍ତା ସପ୍ତାହରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଥିବାରୁ ଏହି ୱାର୍ମ- ଅପ୍ ମ୍ୟାଚ୍ ଭାରତ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ଘରୋଇ ଦଳରେ ସିନିୟରଙ୍କ ସମେତ କେତେକ ଏ' ଦଳର ଖେଳାଳି ରହିଛନ୍ତି। ଲେଗ୍ ସ୍ପିନର ଇଶ୍ ସୋଧି, ଅଲରାଉଣ୍ଡର ଜିମ୍ମି ନିଶାମ ଓ ଉଇକେଟକିପର ଟିମ ସିଫର୍ଟ ଦଳରେ ସ୍ଥାନ ପାଇଛନ୍ତି।

## ଅଭ୍ୟାସ ମ୍ୟାଚ୍ ଆଜିଠାରୁ

ତେଣୁ ଏହି ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଭଲ ଅଭ୍ୟାସର ସୁଯୋଗ ହାସଲ କରିବେ। ସୀମିତ ଓଭର ଦ୍ରୁତ ବୋଲର ସ୍କଟ କୁଗେଲେଜିନ୍ ଓ ବ୍ଲେୟାର ଟିକ୍‌ନର ନ୍ୟୁଜିଲାଣ୍ଡ ଏକାଦଶ ବୋଲିଂ ବିଭାଗର ମଙ୍ଗ ସମ୍ଭାଳିବେ। ତେଣୁ ଓପନର ପୃଥ୍ୱୀ ଶ ଓ ଶୁବମନ ଗିଲ ଏହି ବୋଲରମାନଙ୍କୁ ସାମ୍ନା କରିବା ସହିତ ଭଲ ଅଭ୍ୟାସର ସୁଯୋଗ ପାଇବେ। ପ୍ରଥମ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୧ ତାରିଖରୁ ୱେଲିଂଟନରୁ ଆରମ୍ଭ ହେବ।

ଭଲ ପ୍ରଦର୍ଶନ କରି ଟେଷ୍ଟରେ ଓପନିଂ କରିବାକୁ ପ୍ରସ୍ତୁତ ବୋଲି ଶୁବମନ ଗିଲ ସମସ୍ତଙ୍କୁ ଅବଗତ କରିବାକୁ ଚାହିଁବେ। ସେ ଏପର୍ଯ୍ୟନ୍ତ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେଡନ ପାର୍କର ଏହି ଗ୍ରାଉଣ୍ଡ ଫ୍ଲାଟ ହୋଇଥିବା ବେଳେ ଦୁଇ ଆଗଧାଡିର ସ୍ପିନର ଅଶ୍ୱିନ ଓ ଜାଡେଜା ପରୀକ୍ଷାର ସମ୍ମୁଖୀନ ହେବେ। ଡେରିଲ ମିଚେଲ, ଟମ୍ ବ୍ରୁସ୍ ଓ ସିଫର୍ଟଙ୍କ ଭଳି ଖେଳାଳି ଭାରତୀୟ ସ୍ପିନରଙ୍କୁ କିଭଳି ମୁକାବିଲା କରିବେ ତାହା ଏହି ମ୍ୟାଚ୍‌ରେ ଜଣାପଡିବ। ଏହି ଫ୍ଲାଟ ଟ୍ରାକ୍‌ରେ ଭଲ ପ୍ରଦର୍ଶନ କଲେ ଅଶ୍ୱିନ ଜାଡେଜାଙ୍କୁ ପଛରେ ପକାଇ ପାରିବେ।

ଜନ୍ମଦିନ ଶୁଭେଚ୍ଛା

ତେଜେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଏତିକି କାମନା।
ଶୁଭେଚ୍ଛା ସହ:
ଆଇ, ମା', ବାପା, ବଡ଼ବାପା, ବଡ଼ମାଆ, ମାମୁ, ମାଇଁ, ବଡ଼ଭାଇ ଓ ଭଉଣୀ।
ଧ-୧୬୬୯୭

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

ଧନିଷ୍ଠା ସାହୁ
ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ସର୍ବଦା ତୋତେ ସହାୟ ହୁଅନ୍ତୁ।
-:ଶୁଭେଚ୍ଛା ସହ:-
ବାପା, ବୋଉ, ଜେଜେବାପା, ଜେଜେମାଆ, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୭୦୦

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

ଆୟାଂଶ (ସାଇ)
ପଞ୍ଚପଡା, ହିନ୍ଦୋଳ
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ବିଶ୍ୱାଳ ବନ୍ଧୁ ଓ ପରିବାରବର୍ଗ
ଧ-୧୬୬୯୧

Happy Birthday

Shobhit Padhy (Shubham)
Brahmapur
May lord Jagannath bless you with loads of Happiness, Success and Prosperity in life. Keep smiling as always.
D-16693

ଚତୁର୍ଥ ଜନ୍ମଦିନର ଶୁଭେଚ୍ଛା

(ରାଣୀ)
ଲାସ୍ୟାତାପସୀ
ନାବାର୍ଡ ଅଫିସର୍ସ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ, ଓଠେଥାଉ ହସ ଜୀବନ ସାରା। ଆମର ଆଶୀଷ ମଥାପରେ ଥାଉ, ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ:
ମାଆ-ବାପା, ଦାଦା-ଖୁଡୀ, ଜେଜେ-ଜେଜେମାଆ, ଅଜା-ଆଈ ଏବଂ ପରିବାରବର୍ଗ
ଧ-୬୭୨୮୮

# ଦେବାଶିଷଙ୍କ ଶତକରେ ଓଡ଼ିଶା ୪୩୬

କଟକ ଅଫିସ,୧୩।୨

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଝାଡ଼ଖଣ୍ଡ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ୪୩୬ରନ କରିଛି। ଯୁବ ପ୍ରତିଭା ଦେବାଶିଷ ସାମନ୍ତରାୟ ଏଠାରେ ୧୫୬ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଚଳିତ ସିଜନରେ ଦେବାଶିଷଙ୍କର ଏହା ଦ୍ୱିତୀୟ ଶତକ। ଜବାବରେ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଝାଡ଼ଖଣ୍ଡ ଗୁରୁବାର ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୭୧ରନ କରିଛି। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଓଡ଼ିଶା ପାଇଁ ବିଜୟ ହାସଲ ନିହାତି ଆବଶ୍ୟକ। ତେଣୁ ୩୬୫ରନ ପଛରେ ଥିବା ଝାଡ଼ଖଣ୍ଡକୁ ଶୁକ୍ରବାର ଖୁବଶୀଘ୍ର ଅଲଆଉଟ କରିବାକୁ ଚେଷ୍ଟା କରାଯିବ ବୋଲି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି କହିଛନ୍ତି।

ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୪ ଉଇକେଟ ହରାଇ ୨୦୫ରନ କରିଥିଲା। ଦେବାଶିଷ ୬୭ ଓ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ୧୬ରନରେ ଅପରାଜିତ ଥିଲେ। ଦ୍ୱିତୀୟ ଦିବସର ପ୍ରଥମ ସେସନ୍‌ରେ ଓଡ଼ିଶା କୌଣସି ଉଇକେଟ ନ ହରାଇ ୫୭ରନ ସଂଗ୍ରହ କରିଥିଲା। ଦେବାଶିଷ-ବିପ୍ଳବ ଖୁବ ସତର୍କତାର ସହ ପ୍ରଥମ ସେସନ୍‌ରେ ଝାଡ଼ଖଣ୍ଡର ପେସ୍ ଆକ୍ରମଣକୁ ସାମ୍ନା କରିଥିଲେ। ଇତି ମଧ୍ୟରେ ବିପ୍ଳବ ୧୦୨ବଲରୁ ଅର୍ଦ୍ଧଶତକ ପୂରଣ କରି ସାରିଥିଲେ। ଦ୍ୱିତୀୟ ସେସନ୍‌ରେ ବିପ୍ଳବଙ୍କ ଉଇକେଟ ଦଖଲ କରିଥିଲେ ଝାଡ଼ଖଣ୍ଡର ପେସ୍ ବୋଲର ଆଶିଷ କୁମାର। ୧୫୩ବଲରୁ ୭୪ରନ କରି କ୍ୟାଚ ଆଉଟ ହୋଇ ବିପ୍ଳବ ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶାର ୫ମ ଉଇକେଟ ପତନ ବେଳକୁ ଦଳୀୟ ସ୍କୋର ଥିଲା ୨୯୨। ଏହା ପରେ ଅନ୍ୟ କୌଣସି ଖେଳାଳି ଦେବାଶିଷଙ୍କ ସହ ବଡ଼ ଭାଗୀଦାରି କରି ପାରି ନ ଥିଲେ। ଗୋଟିଏ ପାର୍ଶ୍ୱରୁ ବାମହାତୀ ଦେବାଶିଷଙ୍କ ଚମତ୍କାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ୨୯୦ବଲରୁ ଶତକ ଓ ୩୪୭ବଲରୁ ୧୫୦ରନ୍ ପୂରଣ କରିବା ପରେ ୮ମ ବ୍ୟାଟ୍ସମ୍ୟାନ ଭାବେ ସେ ଆଉଟ ହୋଇଥିଲେ। ୩୪୯ବଲରୁ ସେ ୧୫୬ରନ କରିଥିଲେ। ଏହା ମଧ୍ୟରେ ୨୬ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଉଇକେଟ କିପର ରାଜେଶ ଧୁପର ୨୦ରନରେ ଆଉଟ ହୋଇଥିବା ବେଳେ ପଦାର୍ପଣ ମ୍ୟାଚ୍ ଖେଳୁଥିବା ଅଙ୍କିତ ଯାଦବ ୧୨, ଦେବବ୍ରତ ପ୍ରଧାନ ୨୬, ବସନ୍ତ ମହାନ୍ତି ୮ରନରେ ଆଉଟ ହୋଇଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୧୨ରନରେ ଅପରାଜିତ ଥିଲେ। ଝାଡ଼ଖଣ୍ଡର ଡାହାଣହାତୀ ମିଡ଼ିୟମ ପେସ୍ ବୋଲର ଆଶିଷ କୁମାର ଏଠାରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ। ୭୯ରନ ବିନିମୟରେ ସେ ୬ଟି ଉଇକେଟ ହାସଲ କରିଥିଲେ। ଅଜୟ ଯାଦବ, ରାହୁଲ ଶୁକ୍ଳା, ସାହିଲ ରାଜ ଓ ଉତ୍କର୍ଷ ସିଂଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ୨୪ଓଭର ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ୨ଟି ଉଇକେଟ ହରାଇ ୭୧ରନ କରିଛି। ୩ୟ ଓଭରର ଦ୍ୱିତୀୟ ବଲରେ ଓପନର ଅର୍ନବ ସିହ୍ନା ୧ରନ କରି ବସନ୍ତ ମହାନ୍ତିଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର କୁମାର ଦେଓବ୍ରତ ୧୬ରନ କରିଥିବା ବେଳେ ସୂର୍ଯ୍ୟକାନ୍ତଙ୍କ ବଲରେ କ୍ୟାଚ୍ ଆଉଟ ହୋଇଥିଲେ। କୁମାର ସୂରଜ ୪୨ ଓ ଉତ୍କର୍ଷ ସିଂ ୧୦ରନରେ ଅପରାଜିତ ଅଛନ୍ତି।

## ରଣଜୀ ଟ୍ରଫି

### ସିଜନର ଦ୍ୱିତୀୟ ଶତକ

ଚଳିତ ସିଜନରେ ଦେବାଶିଷ ସାମନ୍ତରାୟ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଦୁଇଟି ଶତକ ହାସଲ କରିଛନ୍ତି। ପୂର୍ବରୁ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ୧୯୫ରନର ଇନିଂସ ଖେଳିଥିଲେ ଏହି ୨୪ବର୍ଷୀୟ ବ୍ୟାଟ୍ସମ୍ୟାନ। ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ଦେବାଶିଷ ୩ଟି ଶତକ ହାସଲ କରି ସାରିଲେଣି।



ଶତକ ହାସଲ ପରେ ଦେବାଶିଷ ସାମନ୍ତରାୟ

# ଇଷ୍ଟ ବେଙ୍ଗଲ ସହ ମିଶ୍ରଣ ଚର୍ଚ୍ଚାକୁ ଖଣ୍ଡନ

କୋଲକାତା, ୧୩।୨(ପି.ଟି.)

ଇଷ୍ଟ ବେଙ୍ଗଲ ସହିତ ସମ୍ଭାବ୍ୟ ବୁଝାମଣା ନେଇ ଚାଲିଥିବା ଚର୍ଚ୍ଚାକୁ ଓଡ଼ିଶା ଏଫ୍‌ସିର ମାଲିକ ରୋହନ ଶର୍ମା ଖଣ୍ଡନ କରିଛନ୍ତି। ଇଷ୍ଟ ବେଙ୍ଗଲ ସହିତ ଜଡିତ ହେବା ପାଇଁ ଆଦୌ ଇଚ୍ଛା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବରଂ ଓଡ଼ିଶା ଏଫସି ସହିତ ଜଡିତ ରହି ଅଧିକ କିଛି କରିବାକୁ ଚାହେଁ। ଓଡ଼ିଶା ଏଫ୍‌ସିକୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଏକ ଶକ୍ତିଶାଳୀ ଦଳରେ ପରିଣତ କରିବାକୁ ଚେଷ୍ଟିତ ରହିବି ବୋଲି ରୋହନ କହିଛନ୍ତି।

ଗତମାସରେ ଏଟିକେର ମାଲିକ ଆର.ପି.ଏସ.ଜି. ଗ୍ରୁପ୍ ଦେଶରୁ ସବୁଠାରୁ ପୁରୁଣା କ୍ଲବ ମୋହନ ବାଗାନର ଅଧିକାଂଶ ଅଂଶଧନ କ୍ରୟ କରିଥିଲା ଓ ଏହି ଦୁଇ କ୍ଲବ ମିଶି ଗୋଟିଏ ଦଳ ହିସାବରେ ଆଗାମୀ ଆଇଏସ୍‌ଏଲରେ ଅଂଶଗ୍ରହଣ କରିବେ। ସେହିପରି ଇଷ୍ଟବେଙ୍ଗଲ ଦଳରେ ନିବେଶ କରିଥିବା କ୍ୱେଶ କର୍ପୋରେଶନ ଆଗାମୀ ମେ ୩୧ରେ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଏଟିକେ- ମୋହନ ବାଗାନ ଭଳି ଇଷ୍ଟ ବେଙ୍ଗଲ ଓ ପଡୋଶୀ ରାଜ୍ୟ ଓଡ଼ିଶା ଏଫ୍‌ସି ମଧ୍ୟ ମିଶି ଗୋଟିଏ ଦଳ ହେବେ ବୋଲି ଚର୍ଚ୍ଚା ସୃଷ୍ଟି ହୋଇଛି। ତେବେ ଏଭଳି ଆକଳନ ତଥା ଚର୍ଚ୍ଚାକୁ ରୋହନ ଖଣ୍ଡନ କରିଛନ୍ତି।

ଓଡ଼ିଶା ଓ କୋଲକାତା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ବେଶ୍ ଜଣାଶୁଣା। ଏହି ଦୁଇ ଦଳକୁ ନେଇ କଦାପି ଗୋଟିଏ ଦଳ ଗଠନ କରାଯାଇପାରିବ ନାହିଁ। ଓଡ଼ିଶା- ନର୍ଥ ଇଷ୍ଟ ୟୁନାଇଟେଡ ଏଫ୍‌ସି ମୁକାବିଲା ପୂର୍ବରୁ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ତେଣୁ ଏଥିରେ କିଛି ସତ୍ୟତା ନାହିଁ। ଓଡ଼ିଶା ଏଫ୍‌ସିକୁ ଆମେ ଗୁରୁତ୍ୱ ଦେଉଛୁ। ଏ ନେଇ ମଧ୍ୟ ଇଷ୍ଟ ବେଙ୍ଗଲ୍ ସହିତ କୌଣସି ଆଲୋଚନା ହୋଇନାହିଁ ବୋଲି ସେ କହିଛନ୍ତି। ଏଭଳି କଥା କେଉଁଠାରୁ ଆସୁଛି ବୋଲି ଇଷ୍ଟ ବେଙ୍ଗଲ ସ୍ପୋର୍ଟ୍ସ ନିର୍ଦ୍ଦେଶକ ତଥାଗତ ମୁଖାର୍ଜୀ ପ୍ରଶ୍ନ ପଚାରିଛନ୍ତି।

## ଓଡ଼ିଶା ଏଫ୍‌ସି ସହିତ ଜଡିତ ରହିବାକୁ ଚାହେଁ: ରୋହନ

ଓଡ଼ିଶା ସହିତ ଜଡିତ ହୋଇ ବେଶ୍ ଖୁସି ଅଛି। ଆଉ କୌଣସି କ୍ଲବ୍‌କୁ ଏଥିରେ ଯୋଗ କରିବାକୁ ଚାହୁଁ ନାହିଁ। ଓଡ଼ିଶା ଓ ଓଡ଼ିଶାର ନାଗରିକଙ୍କ ପାଇଁ ଏହି କ୍ଲବ ଉତ୍ସର୍ଗ କରିବାକୁ ଚାହୁଁଛି। ଆଇଏସ୍‌ଏଲ ଉନ୍ନତି କରୁଛି। ଏହା ଦ୍ୱାରା ଭାରତୀୟ ଫୁଟବଲର ବିକାଶ ହେବ ବୋଲି ରୋହନ କହିଛନ୍ତି। ଉଲ୍ଲେଖଥାଉ କି, ଦିଲ୍ଲୀ ଡାଇନାମୋସର ନବୀକରଣ ହେବା ସହ ଏହି କ୍ଲବ ଓଡ଼ିଶା ଏଫ୍‌ସିରେ ପରିଣତ ହୋଇଥିଲା। ଗୋଟଏ ବର୍ଷରେ ଓଡ଼ିଶା ଏଫ୍‌ସି ତା'ର ରେସିଡେନ୍ସିଆଲ ଏକାଡେମୀକୁ ଅନ୍ତିମ ରୂପ ଦେଇଛି ଓ ଏହା ଖୁବ୍ ଶୀଘ୍ର କାର୍ଯ୍ୟ କରିବା ଆରମ୍ଭ କରିବ। ଯୁବ ପ୍ରତିଭା ଚିହ୍ନଟ ପାଇଁ ଆଗାମୀ ସେସନରେ ଏକ ଆନ୍ତଃସ୍କୁଲ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ରୋହନ କହିଛନ୍ତି।

# ଆଥଲେଟ୍‌ଙ୍କ ପାଇଁ ୧.୩କୋଟି ମଞ୍ଜୁର

ନୂଆଦିଲ୍ଲୀ, ୧୩।୨ (ପି.ଟି.)

ଅଲିମ୍ପିକ ବର୍ଷ ହୋଇଥିବାରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଦି ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ଆଥଲେଟିକ୍ସ, ଶୁଟିଂ ଏବଂ ପାରା ସ୍ପୋର୍ଟ୍ସସମେତ ୭ଟି ଖେଳର ଆଥଲେଟ୍‌ଙ୍କ ଟ୍ରେନିଂ ପାଇଁ ୧.୩କୋଟି ଟଙ୍କା ମଞ୍ଜୁର କରିଛି। ଗୁରୁବାର ସକାଳେ ଏମ୍‌ଓସିର ୪୭ତମ ଏଜେଣ୍ଡା ବୈଠକ ବସିଥିଲା। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସ୍ଥାନ ପାଇଥିବା ଆଥଲେଟ୍‌ମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା। ସେମାନଙ୍କୁ ଆର୍ଥିକ ସହାୟତା ନେଇ ଆସିଥିବା ପ୍ରସ୍ତାବ ଗୁଡ଼ିକର ବିଚାର କରାଯାଇଥିବା ସାଇ ପକ୍ଷରୁ ସୂଚନା ଦିଆଯାଇଛି। ଜାଭେଲିନ୍ ଥ୍ରୋୟର ରୋହିତ ଯାଦବ ଏବଂ ଶିବପାଲ ସିଂଙ୍କ ପାଇଁ ଆବଶ୍ୟକ ସରଞ୍ଜାମ କ୍ରୟ ଅନୁମୋଦନ ଲାଭ କରିଛି। ସେହିପରି ଶୁଟର୍ ମିରାଜ ଅହମ୍ମଦ ଖାନ୍ ଏବଂ ଟିଙ୍କି ଯାଦବଙ୍କ ଲାଗି ଆବଶ୍ୟକ ସରଞ୍ଜାମ କ୍ରୟ ଲାଗି ପ୍ରସ୍ତାବ ଗୃହୀତ ହୋଇଛି। ନୂଆ ସାଇକେଲ ଏବଂ ଅନ୍ୟାନ୍ୟ ସରଞ୍ଜାମ କ୍ରୟ ଲାଗି ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆକୁ ଆର୍ଥିକ ସହାୟତା ମିଳିବ। ପରଫର୍ମାନ୍ସ ଟେଷ୍ଟିଂ ଏସଆରଏମ୍ ଇର୍ଗୋମିଟର କ୍ରୟ କରାଯିବ। ଆବଶ୍ୟକ ସରଞ୍ଜାମ କ୍ରୟ ପାଇଁ ପାରା ତୀରନ୍ଦାଜ ହରବିନ୍ଦର ସିଂ, ବିବେକ ଚିକାରା, ରାକେଶ କୁମାର ଏବଂ ଶ୍ୟାମା ସୁନ୍ଦର ପ୍ରମୁଖ କରିଥିବା ଅନୁରୋଧକୁ ଗ୍ରହଣ କରାଯାଇଛି। ସନ୍ତରଣ ସରଞ୍ଜାମ କ୍ରୟ ପାଇଁ ସନ୍ତରଣକାରୀ ଶ୍ରୀହରି ନଟରାଜ କରିଥିବା ଅନୁରୋଧ ଗୃହୀତ ହୋଇଛି। ବୈଠକରେ ନିଆଯାଇଥିବା ଅନ୍ୟ କେତେକ ନିଷ୍ପତ୍ତି ମଧ୍ୟରେ ସ୍ୱେନରେ ହେବାକୁଥିବା ଏକ ଅନ୍ତର୍ଜାତୀୟ ଇଭେଣ୍ଟରେ ଭାଗ ନେବାଲାଗି ସୁକାନ୍ତ କଦମ, ସୁହାସ ୟାଥିରାଜ, ମନୋଜ ସରକାର, ପ୍ରମୋଦ ଭଗତ, ତରୁଣ ଏବଂ କ୍ରିଷ୍ଣା ନଗରଙ୍କୁ ଆର୍ଥିକ ସହାୟତା ଅନୁମୋଦ ଲାଭ କରିଛି। ରିକର୍ଭ ତୀରନ୍ଦାଜ ଅତୁଲ ବର୍ମାଙ୍କୁ ଟପ୍ସ କୋର୍ ଗ୍ରୁପ୍‌ରୁ ଡେଭଲପ୍‌ମେଣ୍ଟାଲ ଗ୍ରୁପ୍‌କୁ ସ୍ଥାନାନ୍ତର କରାଯାଇଛି।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତ ନକୁଳ କୁମାର ଜେନା
(ଅବସର ପ୍ରାପ୍ତ ଶିକ୍ଷକ)
ସା- ଅପିଠୀ, ଗଡକୋକଲ, ବ୍ରହ୍ମଗିରି
ଆବିର୍ଭାବ: ୦୧।୦୧।୧୯୪୩
ତିରୋଧାନ: ୦୩।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପୁତ୍ର: ରାଧାମୋହନ, ଦୁର୍ଗାପ୍ରସାଦ, ମଙ୍ଗୁଳି, ପୁତ୍ରବଧୂ: ରୀନା, ଗୌରୀ, ମିନି, ଟୁନି, ପୁନି, ବିନି, ନିନି, କିଶୋର, ସରୋଜ, ସଞ୍ଜୟ, ସଞ୍ଜୀବ, ବିଜୟ, ଲିପୁ, ଗୁଡ୍ଡୁଲୁ, ଚିକୁନ, ବୁବୁନ, ସ୍ୱରାଜ, ମିଲୁ, ସିଲୁ, ଭୀମ, ଫେଲୁ, ସଞ୍ଜୟ, ଝୁନୁ, ଲିନୁ, ଗୁଡୁଲି, ସେକଲ, ଟୁକୁ
ଧ-୧୬୬୯୪

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତା ନିଶାମଣୀ ରାଉତରାୟ
ସ୍ୱାମୀ: ସ୍ୱର୍ଗତ ଭଗବାନ ରାଉତରାୟ (ବାଇଧର)
ତରଡା, ହରିରାଜପୁର
ଆବିର୍ଭାବ: ୩୧।୦୫।୧୯୧୫
ତିରୋଧାନ: ୦୪।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଓ ସେବା ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ନାତୁଣୀ: ପଦ୍ମିନୀ ମହାପାତ୍ର, ରାଉତରାୟ ପରିବାରବର୍ଗ।
ଧ-୧୬୬୭୦

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବାସୁଦେବ ଗରାବଡୁ
ବଡ଼ଦାଣ୍ଡ ସାହି ଏବଂ ରଥ ରୋଡ଼, ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୬।୧୧।୧୯୩୩
ତିରୋଧାନ: ୦୫।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଲିଙ୍ଗରାଜ ମହାପ୍ରଭୁ ଏବଂ ମା' ଗୋପାଳୁଣୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଯେଉଁଠି ଅଛ ଭଲରେ ଥାଅ, ସ୍ନେହଭରା ଆଖିରେ ଚାହିଁଥାଅ।
ଶୋକସନ୍ତପ୍ତ: ଧର୍ମପତ୍ନୀ: ବିନୋଦିନୀ ଗରାବଡୁ, ପୁତ୍ର-ପୁତ୍ରବଧୂ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୯୦

ଦ୍ୱାଦଶ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

୰ କେଦାରନାଥ ପଟ୍ଟନାୟକ
ଆବିର୍ଭାବ : ୦୩/୦୩/୧୯୩୪ | ତିରୋଧାନ : ୦୩/୦୨/୨୦୨୦
ଏମ୍.ଆଇ.ଜି-୨୫, ଅନନ୍ତ ବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମମାନଙ୍କ ପାଖରେ ଅବିସ୍ମରଣୀୟ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ ବିନ୍ଦରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ : ପୁଅ- ସୁଶାନ୍ତ ପଟ୍ଟନାୟକ ଏବଂ ପରିବାରବର୍ଗ
ଧ-୬୯୨୦୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବିରଞ୍ଚି ନାରାୟଣ ଦାସ
ଆବିର୍ଭାବ: ୦୧।୦୬।୧୯୫୪
ତିରୋଧାନ: ୦୫।୦୨।୨୦୨୦
ଆଜି ଦଶାହ ପାଳନ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର:
ପତ୍ନୀ: ଦୀପ୍ତିମୟୀ, ପୁତ୍ର: ବବୁଲ୍, ଝିଅ: ମୁନି, ମୋନା, ସୋନା
ଧ-୬୯୦୧୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମନ୍ଦରଧର ସାହୁ
ହାସିନପୁର, ଗଣିଜାଙ୍ଗ, ବନ୍ତ, ଭଦ୍ରକ
ଆବିର୍ଭାବ: ୨୨।୧୨।୧୯୨୫
ତିରୋଧାନ: ୦୪।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ଜ୍ୟେଷ୍ଠପୁତ୍ର: ସୁରଥ, ପୁତ୍ରବଧୂ:ସୋନି, କନିଷ୍ଠ ପୁତ୍ର: ରଞ୍ଜନ, ପୁତ୍ରବଧୂ: ରଶ୍ମି ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ,ନାତି,ନାତୁଣୀ, ଝିଅ, ଜ୍ୱାଇଁ।
ଧ-୧୬୬୯୬

# ଲୁକ୍କାୟିତ ପ୍ରତିଭା ନଜରକୁ ଆସିବେ:ରାଣୀ

ନୂଆଦିଲ୍ଲୀ, ୧୩।୨-

ଓଡ଼ିଶାରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୮ଟି ଲେଖାଏ ମହିଳା ଓ ପୁରୁଷ ହକି ଦଳ ଅଂଶଗ୍ରହଣ କରିବେ। ଭୁବନେଶ୍ୱର ଓ କଟକରେ ଚଳିତ ମାସ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ କେବଳ ହକି ଇଭେଣ୍ଟରେ ପାଖାପାଖି ୨୮୫ ପ୍ରତିଯୋଗୀ ଭାଗନେବେ। ଏହି ପ୍ରତିଯୋଗିତା ମାଧ୍ୟମରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଥିବା ଲୁକ୍କାୟିତ ପ୍ରତିଭାମାନେ ନଜରକୁ ଆସିବେ ଏବଂ ସେମାନେ ନିଜ ଦକ୍ଷତା ଦେଖାଇବା ସୁଯୋଗ ପାଇବେ ବୋଲି ପ୍ରକାଶ କରିଛନ୍ତି ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆୟୋଜନ ନିଷ୍ପତ୍ତି ଭାରତ ସରକାରଙ୍କ ଏକ ବହୁତ ଭଲ ପଦକ୍ଷେପ। ପ୍ରଥମେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଓ ଏବେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ଏହି ଦୁଇ ପ୍ରତିଯୋଗିତା ଭାରତର ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ ବୋଲି ରାଣୀ କହିଛନ୍ତି। ଅନ୍ୟ ଦେଶରେ ଅନ୍ତର୍ଜାତୀୟ କ୍ରୀଡ଼ାକୁ ଆସିଥିବା ଅନେକ ଆଥଲେଟ୍ ବିଶ୍ୱବିଦ୍ୟାଳୟ ସ୍ତରର ଖେଳରୁ ହିଁ ଆସିଥାନ୍ତି। ଏବେ ଭାରତରେ ସେହି ରଣନୀତି ପ୍ରସ୍ତୁତ ହୋଇଛି। ବିଶ୍ୱବିଦ୍ୟାଳୟରେ ଥିବା ଅନେକ ଯୁବ ପ୍ରତିଭା ଏହାଦ୍ୱାରା ବାହାରକୁ ଆସି ପାରିବେ।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଖେଲୋ ଇଣ୍ଡିଆ ପ୍ରତିଯୋଗିତା ମାର୍ଜିତ ହୋଇ ନ ଥିବା ପ୍ରତିଭାଙ୍କ ପାଇଁ ଭଲ ପ୍ଲାଟଫର୍ମ ବୋଲି ରାଣୀ କହିଛନ୍ତି। ରାଣୀ ସମ୍ପ୍ରତି ପଟିଆଲାସ୍ଥିତ ପଞ୍ଜାବୀ ବିଶ୍ୱବିଦ୍ୟାଳୟରେ ଇଂଲିଶ୍‌ରେ ଏମ୍‌ଏ କରୁଛନ୍ତି। ତେଣୁ ଭୁବନେଶ୍ୱରର କିଟ୍‌ରେ ହେବାକୁଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକିରେ ତାଙ୍କ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ଜିତୁ ବୋଲି ସେ ଚାହାନ୍ତି। ''ପ୍ରତିଯୋଗିତାର ମହିଳା ହକି କାଟେଗୋରିରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଭାଗ ନେଉଛି ଜାଣି ମୁଁ ବହୁତ ଖୁସି। ମୁଁ ଏହି ବିଶ୍ୱବିଦ୍ୟାଳୟରେ ସହ ଜଡ଼ିତ ଅଛି। ତେଣୁ ଭୁବନେଶ୍ୱରରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଦଳ ପଡ଼ିଆକୁ ଓହ୍ଲାଇଲେ ମୁଁ ନିଶ୍ଚିତ ସେମାନଙ୍କୁ ଉତ୍ସାହିତ କରିବି ବୋଲି ନିକଟରେ ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ ଦି ଇୟର-୨୦୧୯ ପୁରସ୍କାରପ୍ରାପ୍ତ ରାଣୀ କହିଛନ୍ତି। ପଞ୍ଜାବୀ ବିଶ୍ୱବିଦ୍ୟାଳୟ ବ୍ୟତୀତ ଏହି ଗେମ୍ସରେ ରୋହତକର ମହର୍ଷି ଦୟାନନ୍ଦ, ରାଞ୍ଚି ବିଶ୍ୱବିଦ୍ୟାଳୟ, ଆଇଟିଏମ ଗ୍ୱାଲିୟର, ମହୀଶୂର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଅମୃତସରର ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟ ଓ କର୍ନାଟକର ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଭାଗନେବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧୪/୨୦୨୦ Sambalpur, Friday, February 14 / 2020




# ୧୧୬୫ ମୂଲ୍ୟବାନ ଗଛକଟାରେ ସୀମିତ ନିର୍ମାଣ

**ସୋନପୁର,୧୩।୨ (ନି.ପ୍ର.)**

- ବର୍ଷେ ପୂର୍ବରୁ ଶିଳାନ୍ୟାସ ହୋଇଥିଲା, ୬ ମାସ ପୂର୍ବରୁ ସରିଥାନ୍ତା
- ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ୪ଥାକିଆ ରାସ୍ତା

ରାଜନୈତିକଓପ୍ରଶାସନିକଇଚ୍ଛାଶକ୍ତିରଅଭାବ ଯୋଗୁଁ ସୁବର୍ଣ୍ଣପୁର ଜିଲାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ନିର୍ଦ୍ଧାରିତ ସମୟରେ କୌଣସି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି। ବର୍ଷ ବର୍ଷ ଧରି ପ୍ରକଳ୍ପଗୁଡିକ ଅଧାପନ୍ତରିଆ ଅବସ୍ଥାରେ ପଡି ରହୁଛି। କେଉଁଠି ଜମି ଅଧିଗ୍ରହଣ ହେଉନି ତ ଆଉ କେଉଁଠି ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦରେ ଅହେତୁକ ବିଳମ୍ବ। କେଉଁଠି ଠିକାଦାରଙ୍କ ଯୋଗୁଁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। କିନ୍ତୁ ଏ ସବୁର ଆଦୌ ସମୀକ୍ଷା ହେଉନି। ଓଲଟି ଜବରଦଖଲକାରୀଙ୍କୁ ଉଚ୍ଛେଦ ନ କରିବା ପାଇଁ ପରୋକ୍ଷ ନିର୍ଦ୍ଦେଶ ଆସୁଛି। ଜିଲା ସଦର ମହକୁମାର ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି କାମ ପାଇଁ ୨୦୧୯ ଫେବୃୟାରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ।


ରାସ୍ତା ନିର୍ମାଣ ପାଇଁ ବିଦ୍ୟୁତ୍ ଓ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ ସ୍ଥାନାନ୍ତର କରାଯାଉନି।

୨୦୧୯ ଅଗଷ୍ଟ ୧୨ ତାରିଖରେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ପୂର୍ତ୍ତ ବିଭାଗ ସହିତ ଟେଣ୍ଡର ପାଇଥିବା ସୁପର କ୍ଲାସ କଣ୍ଟ୍ରାକ୍ଟର ନନ୍ଦୁଲାଲ ପୁରୋହିତଙ୍କର ଚୁକ୍ତିନାମା ହୋଇଛି। ଡିଭାଇଡର ଓ ଉଭୟ ପାର୍ଶ୍ୱରେ ଡ୍ରେନ ସହିତ ୨୦ମିଟର ଓସାରର ୩.୨୬୦କି.ମି. ଲମ୍ବା ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ୬କୋଟି ୭୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ତେବେ ଜମି କ୍ଲିୟରାନ୍ସ ନଥିବାରୁ ଠିକାଦାର କାମ କରି ପାରୁନାହାନ୍ତି । ବେସରକାରୀ, ସରକାରୀ ଓ ଦୋବୋତ୍ତର ଜମି ଅଧିଗ୍ରହଣ ହୋଇପାରୁନି। କେତେକ ସରକାରୀ ଜମି ଜବରଦଖଲରେ ରହିଛି। କୁଞ୍ଜ ଛକ, ପଟାଭାଡି ଛକ, ବ୍ଲକ ଛକ ଓ ବୁଢାରାଜା ଛକରେ ରାସ୍ତା ଅଧିକ ଚଉଡା ହେବାକୁ ଥିବା ବେଳେ ଜବର ଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପଛଘୁଞ୍ଚା ଦେଉଛି। ବିଦ୍ୟୁତ୍ ଖୁଣ୍ଟ ଓ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟଗୁଡିକ ସ୍ଥାନାନ୍ତର କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ରାସ୍ତା ପ୍ରଶସ୍ତିକରଣ ନାଁରେ ରୟାଲ ପଡିଆକୁ ସଙ୍କୁଚିତ ପାଇଁ ରୀତିମତ ଷଡଯନ୍ତ୍ର ଚାଲିଛି। ହେଲେ ଏହି ରାସ୍ତା ପ୍ରଶସ୍ତିକରଣ ପାଇଁ ୧୧୬୫ଟି ମୂଲ୍ୟବାନ ଗଛକୁ ପ୍ରଶାସନ ଖୁବ୍ ସହଜରେ କାଟି ଦେଇ ପାରିଲା । କିନ୍ତୁ ଅସଲ କାମ ଜବରଦଖଲ ଉଚ୍ଛେଦ ବେଳକୁ ରାଜସ୍ୱ ଓ ପୌର ପରିଷଦ ଭିତରେ ଟଣାଓଟରା ଚାଲିଥିବା ଦେଖିବାକୁ ମିଳୁଛି। ରାସ୍ତା ନିର୍ମାଣ ଏଭଳି ଭାବେ ଲାଗି ରହିଲେ ଏହା ସମ୍ପୂର୍ଣ୍ଣ ପାଇଁ କେତେ ବର୍ଷ ଲାଗିବ ସହରର ବୁଦ୍ଧିଜୀବୀ ଅନୁମାନ ଲଗାଇ ପାରୁନାହାନ୍ତି।

## ଷ୍ଟେଶନରୁ ୧୨୦ କଇଁଛ ଉଦ୍ଧାର

ରୂପ୍‌ସା,୧୩।୨(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଆରପିଏଫ୍ ପୋଲିସ ବୁଧବାର ରାତିରେ ଜଳେଶ୍ୱର ଷ୍ଟେଶନରୁ ୧୨୦ଟି ଦେଶୀ କଇଁଛ ଉଦ୍ଧାର କରିଛି। ଏଏସ୍‌ଆଇ ଏସ୍. ପାତ୍ର ଓ କେ. ଏସ ପଣ୍ଡା, କନଷ୍ଟେବଲ ପ୍ରଭାକର ସ୍ୱାଇଁ ଏବଂ ଏଲ୍. ଏନ୍ ମୁର୍ମୁ ପ୍ରମୁଖ ଷ୍ଟେଶନ ପରିସରରେ ୪ଟି ପ୍ଲାଷ୍ଟିକ ବ୍ୟାଗ୍ ଭିତରେ କଇଁଛ ଥିବା ଜାଣିପାରିଥିଲେ। ଜଗନ୍ନାଥ ଏକ୍ସପ୍ରେସ ଟ୍ରେନ୍‌ରେ ଏହି କଇଁଛ ଚାଲାଣ ଲାଗି ଜଣେ ବ୍ୟବସାୟୀ ପ୍ରସ୍ତୁତ ହେଉଥିବାବେଳେ ଆରପିଏଫ ଥାନା ପୋଲିସ ହାତରେ ଧରାପଡ଼ିଥିଲେ ହେଁ କୌଶଳକ୍ରମେ ଖସି ପଳାଇଥିଲେ। ଉଦ୍ଧାର ୧୨୦ କଇଁଛକୁ ଗୁରୁବାର ରୂପ୍‌ସା ଆରପିଏଫ ଆଉଟପୋଷ୍ଟରୁ ବନବିଭାଗକୁ ହସ୍ତାନ୍ତର କରିଥିଲା।

## ଜେଲଗଲେ କଳାହାଣ୍ଡି ସିଏସ୍‌ଓ

**ଭବାନୀପାଟଣା,୧୩।୨(ଡି.ଏନ.ଏ.)**


ସିଏସ୍‌ଓ ଶିବପ୍ରସାଦ ଦୋରା।

**ସିଏସ୍‌ଓଙ୍କ ଗାଡ଼ିରୁ ୧.୧୦ଲକ୍ଷ ଟଙ୍କା ଜବତ ଘଟଣା**

କଳାହାଣ୍ଡି ଜିଲା ଯୋଗାଣ ବିଭାଗ ଅଧିକାରୀ (ସିଏସ୍‌ଓ) ଶିବପ୍ରସାଦ ଦୋରାଙ୍କ ସରକାରୀ ଗାଡିରୁ ବୁଧବାର ଭିଜିଲାନ୍ସ ବିଭାଗ ଅଧିକାରୀମାନେ ୧ଲକ୍ଷ ୧୦ହଜାର ଟଙ୍କା ଜବତ କରିଥିଲେ । ଏହି ଘଟଣାରେ ଗୁରୁବାର ଦୋରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସିଏସ୍‌ଓ ଦୋରା ଉକ୍ତ ଟଙ୍କା କେଉଁଠୁ ଆଣିଲେ ଏବଂ କାହାକୁ ଦେବା ପାଇଁ ନେଉଥିଲେ ତାହା ଠିକ ତଥ୍ୟ ଦେଇପାରି ନ ଥିଲେ। ଭିଜିଲାନ୍ସ ବିଭାଗ ସିଏସ୍‌ଓ ଦୋରାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଦୋରା ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ପ୍ରକାଶ କରିଛନ୍ତି। ସିଏସ୍‌ଓ ଦୋରା ତାଙ୍କ କାର୍ଯ୍ୟାଳୟରୁ ବୁଧବାର ସନ୍ଧ୍ୟା ୫ଟା ୨୦ ମିନିଟ୍‌ରେ ସରକାରୀ ଗାଡିରେ ଲକ୍ଷାଧିକ ଟଙ୍କା ନେଇ ସ୍ଥାନୀୟ ହିଲଟାଉନସ୍ଥିତ ଭଡା ଘରକୁ ଯାଉଥିବା ନେଇ ଭିଜିଲାନ୍ସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ମହାନନ୍ଦ ତାଙ୍କ ଗାଡିକୁ ହିଲଟାଉନ୍ ଲେନ ନଂ.୨ ନିକଟରେ ଅଟକାଇଥିଲେ। ଗାଡି ତଲାସି ବେଳେ ଗାଡିରେ ୧ ଲକ୍ଷ ୧୦ ହଜାର ଟଙ୍କା ଥିବା ଦେଖାଯାଇଥିଲା। ଏହି ଚଢାଉ ଡିଏସ୍‌ପି ମହାନନ୍ଦଙ୍କ ସମେତ ଇନ୍ସପେକ୍ଟର କଳାବତୀ ବାଗ, ଷ୍ଟେନୋ ସନ୍ତୋଷ ମହାନ୍ତି, ତ୍ରିଲୋଚନ ଷଡଙ୍ଗୀ, ପ୍ରକାଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ



## ସଂକ୍ଷେପରେ

### ଡିଗ୍ରୀ କଲେଜରେ ସାପ୍ତାହିକ ବିଜ୍ଞାନ ଚର୍ଚ୍ଚା ଆଶା

ଡୁଙ୍ଗୁରିପାଲି, ୧୩।୨ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ କଲେଜରେ ସାପ୍ତାହିକ ବିଜ୍ଞାନ କାର୍ଯ୍ୟକ୍ରମ ଆଶା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧାପକ କିଶୋର ଚନ୍ଦ୍ର ମେହେରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ର ସିଦ୍ଧାନ୍ତ ରଞ୍ଜନ, ଅଧାପକ ଡ. ଭାଗିରଥ ପୁରୋହିତ ଓ ଡ. ସରୋଜ କୁମାର ଦାଶ ଗୁଣିଗାରେଣ ଆଦି ଅନ୍ଧବିଶ୍ୱାସ ସମ୍ପର୍କରେ ସ୍ୱମତ ଉପସ୍ଥାପନ କରିଥିଲେ। ଏଥିରେ ବକ୍ତାମାନେ ସ୍ୱଅନୁଭୂତି ସମ୍ବଳିତ ବିଚାର ପ୍ରକଟ କରିଥିଲେ। ଏଥିରେ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ ଯେ, କଲେଜର ଏହି ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି ।

### କ୍ରୀଡ଼ାବିତ ସମ୍ବର୍ଦ୍ଧିତ

**ସମ୍ବଲପୁର, ୧୩।୨ (ବ୍ୟୁରୋ):** ଗୁଜୁରାଟର ବରୋଦାରେ ଆୟୋଜିତ ତୃତୀୟ ଜାତୀୟ ମାଷ୍ଟର୍ସ କ୍ରୀଡା ପ୍ରତିଯୋଗିତାରେ ସମ୍ବଲପୁର ପୋଲିସ ବିଭାଗରେ କାର୍ଯ୍ୟରତ ସୀମାଞ୍ଚଳ ସେଠୀ ଓ ନମିତା ପଟେଲ ଭାଗ ନେଇ ପଦକ ହାସଲ କରିଛନ୍ତି । ଗୁରୁବାର ଏ ନେଇ ସମ୍ବଲପୁର ଏସ୍‌ପି କନ୍‌ୱର ବିଶାଳ ସିଂ କ୍ରୀଡାବିତମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଜମି ଚିହ୍ନଟ ଦାବିରେ ଧାରଣା

**ଅମରପାଲି, ୧୩।୨ (ଡି.ଏନ.ଏ)**

ବୀରମହାରାଜପୁର ତହସିଲ
- ୨୫ ଭୂମିହୀନଙ୍କୁ ୭ବର୍ଷ ହେଲା ମିଳିଛି ପଟ୍ଟା
- ପ୍ରତିଶ୍ରୁତି ପରେ ଆରମ୍ଭ ହେଲା ଜମି ଚିହ୍ନଟ ପ୍ରକ୍ରିୟା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ କେଞ୍ଜିରିଆପାଲି ଆଇଆଇ ଅଧିନ ବାଘରଟୈଲା ଗ୍ରାମର ପ୍ରାୟ ୨୫ ଭୂମିହୀନ ହିତାଧିକାରୀ ଜମି ଚିହ୍ନଟ ପାଇଁ ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ । ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଭୂମିହୀନ ହିତାଧିକାରୀମାନେ ଏକ ଶୋଭାଯାତ୍ରାରେ ଆସି ଧାରଣାରେ ଦେଇଥିଲେ । ଏନେଇ ଜିଲା ପରିଷଦ ପାଣିଗ୍ରାହୀ ପୂର୍ବରୁ ତହସିଲରେ ଅଭିଯୋଗ କରିଥିଲେ। ଅଭିଯୋଗ ମତେ ଉକ୍ତ ଗ୍ରାମର ପ୍ରାୟ ୨୫ଜଣ ହିତାଧିକାରୀଙ୍କୁ ୨୦୧୩ ମସିହାରେ ଜମିପଟ୍ଟା ପ୍ରଦାନ କରାଯାଇଥିଲା । ସେହିଦିନଠାରୁ ସେମାନେ ଉକ୍ତ ଜମିର ଖଜଣା ପ୍ରତିବର୍ଷ ପ୍ରଦାନ କରୁଥିଲେ। ଜମିପଟ୍ଟା ପାଇଥିଲେ ମଧ୍ୟ ସେମାନଙ୍କର ଜମି ଚିହ୍ନଟ ହେଉ ନ ଥିଲା। ଏନେଇ ସେମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ



ଜମି ପଟ୍ଟା ପାଇଁ ତହସିଲ ଆଗରେ ଧାରଣା ଦିଆଯାଇଛି ।

ମଧ୍ୟ କେହି ଶୁଣୁ ନ ଥିଲେ । ଏପରିକି ଉକ୍ତ ପରିବାର ଭୂମିହୀନ ହୋଇଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେଉଥିଲେ ମଧ୍ୟ କାର୍ଯ୍ୟାଦେଶ ପାଇପାରୁ ନ ଥିଲେ। ଫଳରେ ଅନେକ ପରିବାର ଏବେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପକ୍କା ଘର ପାଇ ପାରୁନାହାନ୍ତି । ତେଣୁ ସରକାରଙ୍କ ପ୍ରଦତ୍ତ ଯୋଜନା ଲୋକଙ୍କ କାମରେ ଲାଗି ପାରୁନାହିଁ । ଏନେଇ ଗତ ୧ ଫେବୃୟାରୀ, ୨୦୨୦ରେ ଜିଲା ପରିଷଦ ତହସିଲଦାରଙ୍କୁ ଜମି ଚିହ୍ନଟ କରିବାକୁ ଦାବିପତ୍ର ଦେଇଥିଲେ । ଯଦି ଆଗାମୀ ୭ ଦିନ ମଧ୍ୟରେ ଜମି ଚିହ୍ନଟ ନହୁଏ ତେବେ ହିତାଧିକାରୀଙ୍କୁ ନେଇ ଧାରଣା ଦିଆଯିବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ମାତ୍ର ଜମି ଚିହ୍ନଟ ନହେବାରୁ ଆଜି ଧାରଣାରେ ବସିଥିଲେ। ପରେ ତହସିଲଦାର ସୂର୍ଯ୍ୟାଂଶୁ ରୁତ ଆସି ଜମି ଚିହ୍ନଟ କରାଯିବାର ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ। ଆଡିସିନାଲ ତହସିଲଦାର ଗଙ୍ଗାରାମ ବୁଡେକଙ୍କ ନେତୃତ୍ୱରେ କେଞ୍ଜିରିଆପାଲି ଆରଆଇ ପ୍ରମୋଦ ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀ ବାଘରଟୈଲା ଗ୍ରାମକୁ ଆସି ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି। ପ୍ରଥମ ଦିବସରେ ପ୍ରାୟ ୧୫ ଜଣ ହିତାଧିକାରୀଙ୍କ ଜମି ଚିହ୍ନଟ ହୋଇ ସାରିଥିବା ବେଳେ ବାକି ହିତାଧିକାରୀଙ୍କ ଜମି ସୋମବାର ଚିହ୍ନଟ ହେବ ବୋଲି ଜଣାପଡିଛି ।



ଆହତ ଷ୍ଟାଫନର୍ସ ପ୍ରତିମା ପ୍ରଧାନ।

## ମେଡିକାଲ କଲେଜ ହସ୍ପିଟାଲରେ ଷ୍ଟାଫ୍‌ନର୍ସଙ୍କୁ ମାଡ଼ ଅଭିଯୋଗ

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ମେଡିସିନ୍ ୱାର୍ଡରେ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରତିମା ପ୍ରଧାନଙ୍କୁ ଦୁଇଜଣ ବ୍ୟକ୍ତି ନିସ୍ଥୁକ ମାଡ ମାରିଛନ୍ତି । ମାଡ ଯୋଗୁଁ ତାଙ୍କ ମୁହଁ, ଆଖିରେ କ୍ଷତ ସୃଷ୍ଟି ହୋଇଛି । ଅସ୍ଥିଶଲ୍ୟ ୱାର୍ଡରୁ ମେଡିସିନ୍ ୱାର୍ଡକୁ ଜଣେ ରୋଗୀଙ୍କ ସ୍ଥାନାନ୍ତରଣକୁ ନେଇ ଉତ୍ତ୍ୟକ୍ତ ଦୁଇଜଣ ରୋଗୀ ପରିଜନ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରଧାନଙ୍କ ସହ ପ୍ରଥମେ ଯୁକ୍ତିତର୍କ କରିଥିଲେ। ଏହାପରେ ମୋବାଇଲରେ ତାଙ୍କର ଭିଡିଓ ଉଠାଇଥିଲେ । ଏହାକୁ ବାରଣ କରିବାରୁ ଷ୍ଟାଫନର୍ସ ପ୍ରଧାନଙ୍କୁ ନିସ୍ଥୁକ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ମାଡ ମାରିବା ପରେ ଦୁଇ ଅଭିଯୁକ୍ତ କୁଆଡେ ଫେରାର ହୋଇଯାଇଛନ୍ତି। ଘଟଣାକୁ ନେଇ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ ଟାଉନ୍ ଥାନା ଅଧିକାରୀଙ୍କୁ ଜଣାଇବା ପରେ ପୋଲିସ ହସପିଟାଲ ପରିସରରେ ପୋଲିସ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଛି । ଅନ୍ୟପଟେ ଷ୍ଟାଫନର୍ସଙ୍କୁ ନିସ୍ଥୁକ ମାଡ ଘଟଣାକୁ ନେଇ ହସପିଟାଲ ଷ୍ଟାଫନର୍ସମାନେ କାର୍ଯ୍ୟବନ୍ଦ କରିଥିବା ଜଣାପଡିଛି । ଆବଶ୍ୟକ ସୁରକ୍ଷା ନ ଯୋଗାଇବା ପର୍ଯ୍ୟନ୍ତ କୌଣସି ଷ୍ଟାଫ୍‌ନର୍ସ କାମ କରିବେ ନାହିଁ ବୋଲି ଜଣାଇଛନ୍ତି । ଏହି ଘଟଣାକୁ ନେଇ ହସପିଟାଲ ପରିସରରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି । ହସପିଟାଲ ପରିସରରେ କାର୍ଯ୍ୟରତ ଷ୍ଟାଫ, ଡାକ୍ତର ଓ କର୍ମଚାରୀଙ୍କୁ ବାରମ୍ବାର ଦୁର୍ବ୍ୟବହାର, ମାଡ ଘଟଣା ଘଟୁଥିବାରୁ ଏଠାରେ କାମ କରିବା ମୁସ୍କିଲ ହୋଇପଡିଲାଣି ବୋଲି ଷ୍ଟାଫନର୍ସମାନେ କହିଛନ୍ତି। ସୁରକ୍ଷା ନ ଯୋଗାଇଲେ କାମ କରିବା ସମ୍ଭବ ହେବନାହିଁ ବୋଲି ନର୍ସ ସଂଘ ସଭାପତି ଭବାନୀବାଲା ନନ୍ଦ କହିଛନ୍ତି । ହସପିଟାଲ ପରିସରରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଥିବା ଷ୍ଟାଫନର୍ସମାନେ ଜଣାଇଛନ୍ତି ।

# ଅମରପାଲି କ୍ରିକେଟ କପ୍: ଅମରପାଲି ସେମିରେ

**ଅମରପାଲି, ୧୩।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିଠାରେ ଫ୍ରେଣ୍ଡସ କ୍ଲବ ଓ ଜେମ୍‌ଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭଗବାନ ସାହୁ ଗ୍ରାଉଣ୍ଡରେ ଚାଲୁଥିବା ୨୭ତମ ଅମରପାଲି କ୍ରିକେଟ କପର ଚତୁର୍ଥ ଦିବସରେ ଭୂଦୋବରକୁ ହରାଇ ଜେମଷ୍ଟାର କ୍ଲବ ଅମରପାଲି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ଭାଲୁଡୁଙ୍ଗୁରୀ ଓ ଭୂଦୋବର ମଧ୍ୟରେ ହୋଇଥିଲା। ଭାଲୁଡୁଙ୍ଗୁରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୩ ରନ କରିଥିଲା। ଜବାବରେ ଭୂଦୋବର ୭.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୬୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ଦୀପପାଲି ମଧ୍ୟରେ ହୋଇଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୨୬ ରନ କରିଥିଲା । ଦଳର ସୀତାରାମ ୪୩ ଓ ଶ୍ରୀତମ ୫୦ ରନ କରିଥିଲେ। ଜବାବରେ ଦୀପପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୭ ରନ କରି ପାରିଥିଲା । ପ୍ରଥମ ମ୍ୟାଚର ବିଜେତା ଭୁଦୋବର ଓ ଦ୍ୱିତୀୟ ମ୍ୟାଚର ବିଜେତା ଅମରପାଲି ମଧ୍ୟରେ କ୍ୱାର୍ଟର ଫାଇନାଲ ହୋଇଥିଲା । ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ବବୁଲୁ ମାଝୀଙ୍କ ୫୮ ରନ ଓ ଜୟ ପ୍ରକାଶ ସାହୁଙ୍କ ୪୦ ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା । ଜବାବରେ ଭୂଦୋବର ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ କରି ପରାସ୍ତ ହୋଇଥିଲା । ଦଳର ଅମିତ ୨୦ ରନ କରିଥିଲେ। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ମୁଖ୍ୟଅତିଥି ଏବଂ ବନପାଳ ବରୁଣ ନାଏକ ଓ କ୍ରୀଡାବିତ ଦୁର୍ଯ୍ୟୋଧନ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅମରପାଲିର ବବୁଲୁ ମାଝୀଙ୍କ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଖେଳ ଗୁଡିକୁ ନାରାୟଣ କମିଲ, ସମ୍ବିତ ମାଝୀ, ମାଧବ ନାଏକ ଓ ଖିରୋଦ ପଧାନ ପରିଚାଳନା କରିଥିବା ବେଳେ ନିତମରଞ୍ଜନ ପଧାନ, ବନମାଳୀ ଗୌନ୍ତିଆ ସ୍କୋରିଂ ଏବଂ ଶୁଭେନ୍ଦୁ ଶେଖର ସାହୁ, ରିମନ ସାହୁ ଅନଲାଇନ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।





ଅମରପାଲିର ବବୁଲୁ ମାଝୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି ।

# ପାଟଣାଗଡ଼ କ୍ରିକେଟ୍ କ୍ଲବ, ବଲାଙ୍ଗୀର ନବ କିଶୋର କ୍ଲବ ବିଜୟୀ

**ସୋନପୁର,୧୩।୨(ନି.ପ୍ର.)**

ଭଗଵତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ

ସୋନପୁର ଗାନ୍ଧୀ ପଡିଆରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୧୦ମ ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ। ଭଗବତୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଛତିଶଗଡର ବାଗବହର କ୍ରିକେଟ୍ କ୍ଲବ ଓ ପାଟଣାଗଡ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ ଟସ୍ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପାଟଣାଗଡ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତରୁଣ ବୁଡେକ ୨୨ବଲରୁ ଦ୍ରୁତ ୩୫ ରନ, ହର ବେଷ୍ଟକାର ୧୬ ବଲରୁ ୨୫ ରନ ଓ ନିତିଶ ଭଞ୍ଜ ୧୪ ବଲରୁ ୨୪ ରନ ସଂଗ୍ରହ କରିଥିଲେ। ଛତିଶଗଡ ପକ୍ଷରୁ ଚନ୍ଦ୍ରହାଶ ବର୍ମା ୩ଟି, ଚୁନି ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଛତିଶଗଡ ଦଳର ବ୍ରଜେଶ ଠାକୁରଙ୍କ ୨୩ ବଲରୁ ୪୧ ରନ, ଆତିଶ ଚୌହାନ ୧୩ ବଲରୁ ୩୫ ରନ, ଦେବେନ୍ଦ୍ର ସିଂହଙ୍କ ୧୩ ବଲରୁ ୨୪ ରନ ସହାୟତାରେ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲେ। ପାଟଣାଗଡ ପକ୍ଷରୁ ହର ବେଷ୍ଟକାର ୩ଟି ଓ ଜ୍ୟୋତିଶ ପୁରୋହିତ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ପାଟଣାଗଡର ତରୁଣ ବୁଡେକ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରା ଯାଇଥିଲା ।

ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗୀରର ନବ କିଶୋର କ୍ରିକେଟ୍ କ୍ଲବ ଓ ଆୟୋଜକ ଭଗବତୀ ସ୍ପୋର୍ଟିଂ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଦଳ ୧୬ ଓଭରରେ ୬ ଉଇକେଟ୍ ହରାଇ ୧୭୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଂଶୁମାନ ମିଶ୍ର ୬୨ ରନ, ବାବୁଲୁ ସେଠୀ ୩୨ ରନ ଓ ରାହୁଲ ସାହୁ ୨୦ ରନ ସଂଗ୍ରହ କରିଥିଲେ। ସୋନପୁରର ସିକନ ସେଠ୍ ୫ଟି ଓ ଜୟନାରାୟଣ ମେଣ୍ଡଲି ୧ଟି ଉଇକେଟ ହାସଲ କରିଥିଲେ । ୧୭୪ ରନର ବିଜୟ ଲକ୍ଷ୍ୟର ପିଛା କରି ସୋନପୁର ସିକନ ସେଠୀ ୬୩, କାଶିନାଥ ମିଶ୍ର ୩୨ ଓ ପ୍ରଭାସ ଗୁରୁଙ୍କ ୧୬ ରନ ସହାୟତାରେ ୬ଉଇକେଟ ବିନିମୟରେ ୧୨୮ ରନ ସଂଗ୍ରହ କରି ପରାଜିତ ହେଇଥିଲା। । ବଲାଙ୍ଗୀର ପକ୍ଷରୁ ଦେବାଶିଷ ଯାଦବ ଓ ବିଶ୍ୱରଞ୍ଜନ ସିଂହ ୨ଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ । ବଲାଙ୍ଗୀର ଦଳର ଅଂଶୁମାନ ମିଶ୍ରଙ୍କୁ ବିଶେଷ ଅତିଥି ସତ୍ୟନାରାୟଣ ଦରୱାନ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଶ୍ୟାମସୁନ୍ଦର ପଣ୍ଡା, ସମୀର ପାଣିଗ୍ରାହୀ, ପୃଥ୍ୱୀରାଜ ମିଶ୍ର ଓ ବଳରାମ ପଟ୍ଟନାୟକ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ସଂଗ୍ରାମ ନାୟକ ସ୍କୋରର ଦାୟିତ୍ୱ ପ୍ରଦାନ କରିଥିଲେ। ସଞ୍ଜିବ ମିଶ୍ର ଓ ଆନନ୍ଦ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ।



ବଲାଙ୍ଗୀରର ଅଂଶୁମାନ ମିଶ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ସକାଳେ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ସମାରୋହ ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ନଗରପାଳ ତଥା ଡବ୍ଲ୍ୟୁଓଡିସି ସଭ୍ୟ ପ୍ରକାଶ ସାହୁ, ଶଙ୍କର ମେହେର, ରଞ୍ଜନ ହୋତା, ଆକବର ଖାନ, ଅଜିତ ପୂଜାହାରୀ, ଜୟକୃଷ୍ଣ ସା ଓ ମାନସ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପୀଠରୁ କ୍ରୀଡାବିତ୍, କ୍ରିକେଟ୍ ପ୍ରେମୀ, ଆୟୋଜକ ଓ ପ୍ରଯୋଜକ ମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସଭାପତି ନନ୍ଦ କିଶୋର ତ୍ରିପାଠୀ ସଭାରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ ସଂଯୋଜନା କରିଥିଲେ । ଟୁର୍ନାମେଣ୍ଟ ନିର୍ଦ୍ଦେଶକ କାନନ ତ୍ରିପାଠୀ, କ୍ୟାପ୍‌ଟେନ ଜୟନାରାୟଣ ମେଣ୍ଡଲି, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ଉପସଭାପତି ବିଶ୍ୱରଞ୍ଜନ ଦଳେଇ, ଯୁଗ୍ମ ସଚିବ ବିଦ୍ୟାଧର ମିଶ୍ର, ଭକ୍ତିରଞ୍ଜନ ଦଳେଇ, ଗୌରିଶଙ୍କର ମହାପାତ୍ର, ସୁଦର୍ଶନ ପଣ୍ଡା, ହିମାଂଶୁ ବଡପଣ୍ଡା, ହିମାଂଶୁ ମେହେର ଓ ପିଣ୍ଟୁ ରଥ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଚାଲିବ ।

# ଜଳ ସଂରକ୍ଷଣ ସମ୍ପର୍କିତ ସଚେତନତା ବୈଠକ

**ବିନିକା,୧୩।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ସଭାଗୃହରେ ବୁଧବାର ଜଳ ସଂରକ୍ଷଣ ସମ୍ପର୍କୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୂଜଳବାହୀ ସ୍ତରର ମାନଚିତ୍ର ଓ ଭୂଜଳବାହୀ ଜଳର ସଦ୍ ବ୍ୟବହାର ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ବିନିକା ସହର ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିନିକା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉତ୍‌ଥାପନ କରିଥିଲେ କେନ୍ଦ୍ରୀୟ ଭୂଜଳ ବୋର୍ଡର ବୈଜ୍ଞାନିକ ଡି.ଏନ୍ ମଣ୍ଡଳ, ବିଭୂତି ଭୂଷଣ ସାହୁ, ରାଜୀବ ତ୍ରିପାଠୀ ଓ ସୁଧାଂଶୁ କୁମାର ମହାନ୍ତି। ଜଳ ସଂରକ୍ଷଣର ଆବଶ୍ୟକତା ଓ ଗୁଣବତା ଉପରେ ବୈଠକରେ ବୈଜ୍ଞାନିକମାନେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି ବୈଠକରେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ଅଧାପକ ଧିରେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ। ଶେଷରେ ବୈଜ୍ଞାନିକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





ବୈଠକରେ ମଞ୍ଚାସୀନ ଅତିଥିମାନେ।

# ସିଂଘିଯୁବା ହାଇସ୍କୁଲରେ ସମ୍ବର୍ଦ୍ଧନା ସଭା

**ବିନିକା,୧୩।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ମାଟ୍ରିକ୍ ବୋର୍ଡ ପରୀକ୍ଷାରେ ନିଜର ଶ୍ରେଷ୍ଠ ପାରିଦର୍ଶିତା ଦେଖାଇବାକୁ ନବମ ଶ୍ରେଣୀ ବିଦ୍ୟାର୍ଥମାନେ ଶୁଭ ମନାସୀ ଥିଲେ। ସଭାରେ ଅଧକ୍ଷତା କରିଥିଲେ ସିଂଘିଯୁବା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜାରାମ ପଧାନ । ସଭା ସଂଯୋଜନା କରିଥିଲେ ନବମ ଶ୍ରେଣୀ ଛାତ୍ରୀ ରିତୁ ପାଢୀ । ସହକାରୀ ଶିକ୍ଷକ ପ୍ରେମରାଜ ପତି, ଭରତ ସାହୁ, ପଦ୍ମନାଭ ମାହାଣା, ମୁରଲୀ ପଧାନ ଏହି ଥିଲେ । ଶେଷରେ ନବମ ଶ୍ରେଣୀ ଛାତ୍ରୀ ପ୍ରାଚୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବର୍ଦ୍ଧିତ ଦଶମ ଶ୍ରେଣୀ ଛାତ୍ରୀ ଓ ଛାତ୍ର ।

# ସୌମିତ୍ରୀ ଦୀପ ସ୍ମାରକୀ କ୍ରିକେଟ : ବରଗଡ଼ ଚାମ୍ପିୟନ

**ଉଲୁଣ୍ଡା, ୧୩.୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲ ଠାରେ ଚାଲିଥିବା ପ୍ରଥମ ସୌମିତ୍ରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅୟୋଜିତ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ସୋନପୁରକୁ ହରାଇ ବରଗଡ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ଗୋଡଭଗାକୁ ହରାଇ ବରଗଡ ଏବଂ ଦ୍ୱିତୀୟ ସେମିରେ ସିଣ୍ଢୋଲକୁ ହରାଇ ସୋନପୁର ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳ ଦୁଇଟି ଫର୍ମାଟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଫର୍ମାଟରେ ସୋନପୁର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୭୯ ରନ କରିଥିଲା। ଦଳ ପକ୍ଷରୁ ଅଭିଲାଷ ନାଏକ ସର୍ବାଧିକ ୪୪ ରନ କରିଥିଲେ। ଜବାବରେ ବରଗଡ ଦଳ ୧୦.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ସୋନପୁର ଦଳ ୮ ଓଭରରେ ୫ ଉଇକେଟ ହରାଇ ୫୫ ରନ କରିଥିଲା। ବରଗଡ ଦଳ ୬ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳକୁ ରଘୁବୀର ମିଶ୍ର, ସୁନୀଲ ସୁଅର ପରିଚାଳନା କରିଥିଲେ। ଅନ୍ତର ସେଠୀ ସ୍କୋରିଂ, ସଞ୍ଜୟ ପଟ୍ଟନାଏକ ଏବଂ ପାର୍ଥ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ଭକ୍ତବହ୍ଳବ ଦେହେରୀଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଛନ୍ଦା ଚରଣ ଦାସ, ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ପ୍ରଦୀପ ସେଠୀ, ରାଓ ବାବୁ, ହୃଦାନନ୍ଦ ମେହେର, ସରୋଜ ମେହେର, ସିଣ୍ଢୋଲ କଲେଜର ଅଧ୍ୟକ୍ଷ ପବିତ୍ର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ବରଗଡ ଏବଂ ଉପବିଜେତା ସୋନପୁର ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ସିରିଜ ଏବଂ ମ୍ୟାନ ଅଫଦ ମ୍ୟାଚ ଭାବେ ବରଗଡର ପରବିନ ଲୁହାଙ୍କୁ ପୁରସ୍କୃତ କରାଯାଇଥିଲା। ଅମର ଦାନୀ, ଶୁଶିଲ ଦେହେରୀ, ଜଗ ମେହେର, ଅମିତ କୁମାର ସାହୁ, ଅଶୋକ ବିଶି, ରାହୁଲ ଦେହେରୀ, ସଞ୍ଜୟ ମହାନ୍ତି, ସୁନୀଲ ସାହୁ, ସୁରଜିତ ମଲ୍ଲିକ, ଦେବ ପଞ୍ଚବିହାର, ଶଙ୍କର ହଂସ ପ୍ରମୁଖ ସହଯୋଗ କରିଥିଲେ।





ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।



ଲେଖନୀ ଓ ତରବାରି ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।
-ନେପୋଲିୟନ



## ସଂକ୍ଷେପରେ...

### ଆରଏସଏସ୍‌ର ବାର୍ଷିକୋତ୍ସବ

ବିଜେପୁର, ୧୩।୨ (ଡି.ଏନ.ଏ) ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମା ସ୍ଥିତ ଭୁଏପଡାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଜେପୁର ଶାଖା ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ଦେହେରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଖଣ୍ଡ ପ୍ରଚାରକ ହାଡୁ ମାଝୀଙ୍କ ଅଧ୍ୟକ୍ଷତାରେ ଜଳନ୍ଧର ବାବା ସମ୍ମାନିତ ଅତିଥି, ଜିଲା ପ୍ରଚାରକ ଆଲୋକ ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ

ପଦ୍ମପୁର, ୧୩।୨ (ଡି.ଏନ.ଏ) ପଦ୍ମପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଦ୍ୱାବିଂଶତମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜବୋଡାସମ୍ବର ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଏକ ବଳିଷ୍ଠ ମାଧମ ବୋଲି ମତ ଦେଇଥିଲେ । ଏଥିସହ ସେ ଅଭିଭାବକ ତଥା ଶିକ୍ଷାକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ମନୋଜ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆହ୍ଲାଦିନୀ ଦଲାଇ ବିବରଣୀ ପଠନ କରିଥିଲେ। ପରେ ପୁରସ୍କାର ବିତରଣ କରାଯାଇଥିଲା। ମୁରଲୀ ବଡଗୁରିଆ, ଆହ୍ଲାଦିନୀ ଦଲାଇ ସହଯୋଗ କରିଥିଲେ। ଶେଷରେ ପ୍ରଶାନ୍ତ ରଣା ଧନ୍ୟବାଦ ଦେଇଥିଲେ ।

### ରଙ୍ଗସଭା, କାଳୀୟ ଦଳନ ଦୃଶ୍ୟ ଅଭିନୀତ

ଅମ୍ବାଭୋନା, ୧୩।୨ (ଡି.ଏନ.ଏ) ଅମ୍ବାଭୋନା ବ୍ଲକ ଲେଲେହର-ଚଣ୍ଡିପାଲିଠାରେ ଚାଲିଥିବା ୧୨ତମ ବିରାଟ ଧନୁଯାତ୍ରା ମହୋତ୍ସବର ଗୁରୁବାର ଥିଲା ଚତୁର୍ଥ ରଜନୀ। ଏହି ରଜନୀରେ ନାଟ୍ୟାଭିନୟରେ କଂସର ଦିଗବିଜୟ, ଗୋପପୁରରେ ଗୋପୀମାନଙ୍କ ଦହିବିକା, ରାଣୀ ପଦ୍ମାବତୀଙ୍କ ଧନଶ୍ରୀ ଓଷା ପାଇଁ ଲକ୍ଷେ ଭାର ପଦ୍ମ ଆବଶ୍ୟକତା ଦର୍ଶାଇ ଗୋପପୁରକୁ ଚିଟାଉ ପ୍ରେରଣ, କାଳୀୟ ଦଳନ, ନାରଦଙ୍କ ପରାମର୍ଶ କ୍ରମେ ପାତ୍ରମନ୍ତ୍ରୀଙ୍କ ସହ ରଙ୍ଗସଭା ଦୃଶ୍ୟ ଅଭିନୀତ ହୋଇଥିଲା । ଧନୁଯାତ୍ରା ଅବସରରେ ଲେଲେହର ଗ୍ରାମରେ ମାଉସୀ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଛି। ମହିଳାମାନେ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମନ୍ଦିର ସମ୍ମୁଖରେ ସ୍ଥାପନ କରିଥିଲେ। ଗ୍ରାମରେ ସଞ୍ଚାର, ପାଲା, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମିଛି ।

# ଆଲୋଚନା ବିଫଳ, ଆନ୍ଦୋଳନ ଜାରି

## ଟୋକନ ବ୍ୟବସ୍ଥା ଫେଲ୍ ପ୍ରସଙ୍ଗ

ବରଗଡ଼ ଅଫିସ୍/ଝାରବନ୍ଧ,୧୩।୨

ରାଜ୍ୟର ଭାତହାଣ୍ଡି ବରଗଡ଼ ଜିଲାରେ ଚାଷ, ଚାଷୀଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ବିଭାଗୀୟ ଅବହେଳା ଯୋଗୁ ଚାଷୀ ନିଜର ଅମଳ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛି । ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ଏହା ଆନ୍ଦୋଳନ ରୂପ ନେଇଛି। ଏହି କ୍ରମରେ ବୁଧବାରଠାରୁ ଜିଲାର ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଝାରବନ୍ଧ ବ୍ଲକ ଡଭା ଅଞ୍ଚଳରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଟୋକନ ମିଳିପାରି ନ ଥିବା ଯୋଗୁ ସେମାନେ ଖରିଫ ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ଅଞ୍ଚଳର ଚାଷୀମାନେ ନିଜ ଅମଳ ଧାନକୁ ରାସ୍ତା ଉପରେ ଗଦା କରିବା ସହିତ ଅନଶନରେ ବସିଛନ୍ତି । ଫଳରେ ଝାରବନ୍ଧରୁ ଛତିଶଗଡ଼, ଡଭା ଏବଂ ନୂଆପଡ଼ାକୁ ଯାତାୟାତ ଠପ୍ ପଡ଼ି ଯାଇଛି । ଗୁରୁବାର ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡା, ଯୋଗାଣ ନିରୀକ୍ଷକ ବୀରେନ୍ଦ୍ର ସୋରେନ ପ୍ରମୁଖ ଆଲୋଚନା ପାଇଁ ଆନ୍ଦୋଳନସ୍ଥଳକୁ



ଆନ୍ଦୋଳନ ସ୍ଥଳରେ ପଦ୍ମପୁର ଉପଜିଲାପାଳ ଆଲୋଚନା କରୁଛନ୍ତି।

ପହଞ୍ଚିଥିଲେ । ମାତ୍ର ଆଲୋଚନ ବିଫଳ ହୋଇଥିବାବେଳେ ଆନ୍ଦୋଳନ ଜାରି ରହିଛି ।

ସୂଚନା ଅନୁଯାୟୀ, ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଥିଲେ । ଧାନ କିଣାବିକା ପ୍ରକ୍ରିୟା ଆରମ୍ଭରୁ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ବିରୋଧାଭାସ ହୋଇଥିଲା। ପରେ ଚାଷୀମାନେ ସେହି ବ୍ୟବସ୍ଥାରେ ଧାନ ବିକ୍ରି କରିଥିଲେ ସୁଦ୍ଧା ବିଭାଗୀୟ ଅବହେଳା ଯୋଗୁ ଟୋକନ ପାଇବାରୁ ବଞ୍ଚିତ ହୋଇ ଜିଲାର ଅନେକ ଚାଷୀ ସେମାନଙ୍କ ଧାନକୁ ବିକ୍ରି କରି ପାରି ନ ଥିଲେ । ଅନୁରୂପ ଭାବେ ଝାରବନ୍ଧ ବ୍ଲକର ୧୯୧ଜଣ ଚାଷୀ ସେମାନଙ୍କ ଧାନକୁ ବିକ୍ରି କରି ପାରି ନାହାନ୍ତି । ଏ ନେଇ ଉକ୍ତ ବ୍ଲକ ଅନ୍ତର୍ଗତ ଡଭା, ରାଜେନ୍ଦ୍ରପୁର, ଛୋଟ ଅନକି, ବିଜାଢ଼ୋଲ, କନ୍ଦାଡଙ୍ଗର, କୁସମଦର୍ହା ଆଦି ଅଞ୍ଚଳର ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା । ଫଳରେ ଅଞ୍ଚଳର ଚାଷୀମାନେ ପ୍ରାୟ ୫ହଜାର ବସ୍ତା ଧାନ ଗଦା କରି ରାସ୍ତା ଅବରୋଧ କରିଛନ୍ତି । ଚାଷୀଙ୍କ ପ୍ରତି ସେଭଳି ଉଦାସୀନତାର ପ୍ରତିବାଦରେ ଚାଷୀ ପ୍ରତିନିଧି ଅଶୋକ କୁମାର ସାହୁ, କୁଞ୍ଜବତୀ ସାହୁ, ପ୍ରମୋଦ କୁମାର ରାୟ, ରଞ୍ଜନ ପ୍ରଧାନ, ଭୁବନାନନ୍ଦ ନାୟକ, ଚିନ୍ତାମଣି ରାଉତ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଅନଶନରେ ବସିଛନ୍ତି । ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି ।

## ଚାଷୀଙ୍କୁ ମିଳିନି ରବିଧାନ ପ୍ରାପ୍ୟ

ବରଗଡ଼ ଅଫିସ୍,୧୩।୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ସରିଛି । ଅଥଚ ଜିଲାର ଏଭଳି କେତେକ ଚାଷୀ ଅଛନ୍ତି, ସେମାନଙ୍କୁ ଗତବର୍ଷ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ବିକ୍ରି କରିଥିବା ଧାନର ପ୍ରାପ୍ୟରାଶି ମିଳିପାରି ନାହିଁ । ଜିଲାର ସରସରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧୀନ ବାଲିଜୁରୀ ଏବଂ ସରସରା ଗ୍ରାମର ଦୁଇଜଣ ଚାଷୀ ଏଭଳି ଅଭିଯୋଗ ଆଣିଛନ୍ତି। ଏ ନେଇ ପ୍ୟାକ୍ସ ସମ୍ପାଦକଙ୍କଠାରୁ ଆରମ୍ଭ କରି ସହକାରୀ ସମବାୟ ନିବନ୍ଧକ, ଜିଲା ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କୁ ଲିଖିତ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳିପାରି ନ ଥିବା ସେମାନେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ଗତ ବର୍ଷ ଜୁନ ମାସ ୩୦ତାରିଖରେ ବାଲିଜୁରୀ ଗ୍ରାମର ଚାଷୀ ଶିବାଜୀ ବିଶ୍ୱାଳ ସରସରା ପ୍ୟାକ୍ସରେ ୧୭୫ ପ୍ୟାକେଟ୍ ଅର୍ଥାତ୍ ୭୫କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଅନୁରୂପ ଭାବେ ସରସରା ଗ୍ରାମର ଧୀରେନ୍ଦ୍ର କୁମ୍ଭାର ୧୫୦ପ୍ୟାକେଟ୍ ଅର୍ଥାତ୍ ୬୯ କୁଇଣ୍ଟାଲ ଧାନ ସେଠାରେ ବିକିଥିଲେ । କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ହାରରେ ସେହି ଧାନ କିଣାଯାଇଥିଲା । ଏପରିକି କ୍ରୟଧାନକୁ ପ୍ୟାକ୍ସ ଏକ ରାଇସ ମିଲ୍‌କୁ ପଠାଇଥିଲା । ମାତ୍ର ଏପର୍ଯ୍ୟନ୍ତ ସେହି କ୍ରୟଧାନର ପ୍ରାପ୍ୟରାଶି ଚାଷୀଙ୍କ ଆକାଉଣ୍ଟରେ ଜମାହୋଇ ପାରିନାହିଁ । ଏ ନେଇ ସମ୍ପୃକ୍ତ ଚାଷୀ ପ୍ୟାକ୍ସ ସମ୍ପାଦକଙ୍କୁ ପଚାରିଲେ ରାଇସ ମିଲକୁ ଯିବାକୁ କହୁଥିବା ସେମାନେ ଅଭିଯୋଗ କରିଛନ୍ତି । ସେହିପରି ରାଇସ ମିଲ୍‌କୁ ଗଲେ ସମ୍ପୃକ୍ତ ଚାଷୀଙ୍କୁ ମିଲର୍ସ ମଧ୍ୟ ସେଭଳି ନିରାଶରେ ଫେରାଇ ଦେଉଛନ୍ତି । ଏ ନେଇ ଜିଲାର ସହକାରୀ ସମବାୟ ନିବନ୍ଧକ, ଜିଲା ଯୋଗାଣ ଅଧିକାରୀ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ଫଳପ୍ରଦ ହୋଇ ନ ଥିବା ଚାଷୀ ଶିବାଜ ବିଶ୍ୱାଳ କହିଛନ୍ତି । ବିକ୍ରିଧାନର ପ୍ରାପ୍ୟ କ୍ରୟ ଦିବସର ୩ ଦିନ ମଧ୍ୟରେ ଅନଲାଇନ ମାଧ୍ୟମରେ ପଇଠ କରିବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ଦୀର୍ଘ ସାଢ଼େ ୭ମାସ ଧରି ଉପରୋକ୍ତ ଦୁଇ ଚାଷୀଙ୍କୁ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ପ୍ରଦାନ କରା ନ ଯିବା ଏବଂ ସେଥିପାଇଁ ସମ୍ପୃକ୍ତ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଫେରାଦ୍ ହେଲେ କେବଳ ଆଳ ଦେଖାଇ ସମୟ ଗଡ଼ାଇବା ରାଜ୍ୟ ସରକାରଙ୍କ ୫-ଟି ଯୋଜନାକୁ ପଦାରେ ପକାଇ ଦେଇଛି।

## କୁଷ୍ଠରୋଗ ଉପରେ ସଚେତନତା ପ୍ରତିଯୋଗିତା

ପଦ୍ମପୁର, ୧୩।୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବରିକେଲଠାରେ ଥିବା ଲାଲାଜୀ ଗୋପାଳଜୀ ସଂସ୍କୃତ ଉଚ୍ଚ ବିଦ୍ୟାଳୟରେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ପର୍ଶ କୁଷ୍ଠରୋଗ ସଚେତନତା ଅଭିଯାନ ୨୦୨୦ ସମ୍ବନ୍ଧରେ ଏକ ସାଧାରଣ ସଭା ପ୍ରଧାନ ପଣ୍ଡିତ ଛଦ୍ମକେଶୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁଷ୍ଠରୋଗ ସ୍ୱାସ୍ଥ୍ୟ ପରିଦର୍ଶକ ସତ୍ୟନାରାୟଣ ସାହୁ ଯୋଗଦେଇ କୁଷ୍ଠରୋଗର କାରଣ, ଲକ୍ଷଣ, ନିରାକରଣ ଏବଂ ବହୁବିଧ ଔଷଧ ସେବନ ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ଜାନୁୟାରୀ ୩୦ରୁ ଫେବୃୟାରୀ ୧୩ ପର୍ଯ୍ୟନ୍ତ କୁଷ୍ଠରୋଗ ସଚେତନତା ପକ୍ଷ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ପଦ୍ମପୁର ବ୍ଲକର ୧୦ଟି ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା କରାଯାଉଥିବା କରିଥିଲେ। କୁଷ୍ଠରୋଗ ସଚେତନତା ଦିଗରେ ଛାତ୍ରୀଛାତ୍ରମାନଙ୍କ କର୍ତ୍ତବ୍ୟ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଏଥିରେ ସୁଜିତ ଚୌହାନ ପ୍ରଥମ, ଧନେଶ୍ୱର ଭୁଏ ଦ୍ୱିତୀୟ ଓ ରଘୁମଣି ଧରେଇ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବରିକେଲ କ୍ଲଷ୍ଟର ସିଆରସିସି ରାଜେନ୍ଦ୍ର ମହାନ୍ତି ଯୋଗଦେଇ ସରକାରଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ । ବରିକେଲ ସେକ୍ଟର ସ୍ୱାସ୍ଥ୍ୟ ପରିଦର୍ଶନ ମନୋରଞ୍ଜନ ସଭା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଅନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆଁରେ ପୋଡିହୋଇ ଯୁବତୀ ଗୁରୁତର

ସୋହେଲା,୧୩।୨(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ଟୁଙ୍ଗିବନ୍ଧଲୀ ଗ୍ରାମରେ ଗୁରୁବାର ବିଦ୍ୟୁତ ସର୍ଟ୍‌ସର୍କିଟ ହୋଇ ଘରେ ନିଆଁ ଲାଗିଯିବାରୁ ଜଣେ ଯୁବତୀ ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପଡାବାସୀ ତଥା ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସୋହେଲା ସରକାରୀ ଡାକ୍ତଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ପଠାଯାଇଥିବା ଜଣାପଡିଛି।

ସୂଚନା ଅନୁସାରେ, ଟୁଙ୍ଗିବନ୍ଧଲୀ ଗ୍ରାମର ତଳିପଡାର ଭୀଷ୍ମଦେବ ସାହୁଙ୍କ ଘରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବିଦ୍ୟୁତ୍ ସଟ୍ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା । ଏହା ଦେଖି ଭୀଷ୍ମଦେବଙ୍କ ଝିଅ ମମତା ସାହୁ(୧୮) ଘର ଭିତରୁ କପଡା ଆଦି ସାମଗ୍ରୀ ବାହାର କରିବା ସମୟରେ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ନିଆଁ ଲିଭାଉଥିବା ଗ୍ରାମବାସୀ ମମତାଙ୍କୁ ଉଦ୍ଧାର କରିଥିଲେ ।

## ବରପାଲିରେ ପ୍ରଧାନଶିକ୍ଷକ ସମ୍ମିଳନୀ

ବରପାଲି, ୧୩।୨ (ଡି.ଏନ.ଏ)

ବରଗଡ଼ ଜିଲା ବରପାଲିରେ ପ୍ରଧାନଶିକ୍ଷକ ସମ୍ମିଳନୀ ସ୍ଥାନୀୟ ବାଳିକା ହାଇସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାକିରୀ ଜୀବନର କର୍ତ୍ତବ୍ୟ ଓ ଛାତ୍ରୀଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ନୋଡାଲ ଅଫିସର ଶାଶ୍ୱତ ସୌରଭ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଏବିଇଓ ଦିଲୀପ ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀ, ଏବିଇଓ ଦୁର୍ଯ୍ୟୋଧନ ସିଂ, ଏବିଇଓ ରତ୍ନ କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଇଓ ଦିଲୀପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




ପ୍ରଧାନଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

## ସୋନପୁର ସରୋଜ, ରାମ ଯୋଡ଼ି ଚାମ୍ପିୟନ

### ନୃସିଂହନାଥ କପ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାଇକମାଳ, ୧୩।୨ (ଡି.ଏନ.ଏ)

ପାଇକମାଳ ସ୍ଥିତ ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମରେ ୨୧ତମ ନୃସିଂହନାଥ କପ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି । ସୋନପୁର ସରୋଜ ଓ ରାମ ଯୋଡି ୨୧-୧୪, ୧୪-୨୧ ଓ ୨୧-୧୬ ସେଟରେ ନିଖିଳ ଓ ଚିନ୍ମୟ ଯୋଡିଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତାବିରା ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୋଭନ କୁମାର ନାୟକ ମୁଖ୍ୟଅତିଥି, ଅଧ୍ୟାପକ ପ୍ରଦୀପ୍ତ ସାହୁ, ଜୟନ୍ତ ସାହୁ, ସୁରଥ ସାହୁ, ଲିଙ୍ଗରାଜ ସାହୁ, ନରସିଂହ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଖେଳରେ ପଦ୍ମପୁର, ଖରିଆର ରୋଡ, କୋମନା, ମହାସମୁନ୍ଦ, ବୁଡେନ, ଲାଠୋର, ଖରିଆର, ଝାରବନ୍ଧ, ଜଟେଶିରା, ସୋନପୁର ଓ ପାଇକମାଳର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସୁମିତ ଅଗ୍ରୱାଲ, ଗୋପୁ ଅଗ୍ରୱାଲ, କବି ଅଗ୍ରୱାଲ, ଜତିନ ଚାନ୍ଦ, କୁନ୍ଦନ ପ୍ରଧାନ, ସୁମନ୍ତ ସାହୁ, ଜ୍ୟାକି ସରାଫ, ମହମ୍ମଦ ଇଜାଦ୍ ପ୍ରମୁଖ ସହଯୋଗ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସହଯୋଗୀ ଆୟୁଷ ଅଗ୍ରୱାଲ, ମହାସମୁନ୍ଦର ବିକ୍ରାନ୍ତ ଯୋଶୀ, ପଦ୍ମପୁର ଦଳର ରାଜେଶ ଅଗ୍ରୱାଲଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ ।



ଅତିଥିମାନଙ୍କ ଗହଣରେ ଉଦ୍‌ଯାପନୀ ଦିବସର ଖେଳାଳି ।

# ସାହସ ଥିଲେ ବି ଭୟ ରହିଛି

ଆଉ ୬ ଦିନ ପରେ ମାଟ୍ରିକ୍ ପରୀକ୍ଷା । ଚଳିତ ଶିକ୍ଷାବର୍ଷରେ ଏହି ପରୀକ୍ଷାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନାନା କୌଶଳ ଆପଣାଯାଇଛି। କେଉଁଠି ସିସିଟିଭି ତ ଆଉ କେଉଁଠି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହା ମଧ୍ୟରେ ମାଟ୍ରିକ୍ ପରୀକ୍ଷାକୁ ନେଇ ଶିକ୍ଷାର୍ଥୀ, ଅଭିଭାବକ ତଥା ଶିକ୍ଷକ ମହଲରେ ବେଶ୍ ତତ୍ପରତା ପ୍ରକାଶ ପାଇଛି । ବରଗଡ଼ ଜିଲା ବିଜେପୁର ବ୍ଲକରେ ଏହି ମାଟ୍ରିକ ପରୀକ୍ଷାକୁ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା।

**ମାଟ୍ରିକ୍ ପରୀକ୍ଷା**



“ ବୋର୍ଡ ପରୀକ୍ଷାରେ ନୂତନ ପଦ୍ଧତି, ସିସିଟିଭି ଲଗାଯିବା ଘଟଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ଘରକୁ ଅତିଥି ଆସିବେ ବୋଲି ପରିଷ୍କାର ପରିଚ୍ଛନ୍ନ ରହିବାରେ ସ୍ୱଚ୍ଛତା ଆସିବ ନାହିଁ। ସେହିପରି ହାତ ଗଣତି କେତୋଟି କେନ୍ଦ୍ରରେ ସିସିଟିଭି ଖଞ୍ଜି ଦେଲେ ପରୀକ୍ଷା ପଦ୍ଧତିରେ ସ୍ୱଚ୍ଛତା ଆସିବ କୁଆଡୁ । ବରଂ ସିସିଟିଭି ଲାଗିଥିବା କେନ୍ଦ୍ରର ପିଲା ଭୟଭୀତ ଅବସ୍ଥାରେ ପରୀକ୍ଷା ଦେବେ।

-ରେବନ୍ତ କୁମାର ମେହେର, ଅଭିଭାବକ।

## ଏମାନେ କୁହନ୍ତି...



“ ଆମ ଟି.ଗଣ୍ଡପାଲି ଏକ ମଫସଲ ଗ୍ରାମ । ଏଠି ଟିଉସନ ସୁବିଧା ନାହିଁ। ସେଥିପାଇଁ ସ୍କୁଲର ଶିକ୍ଷକ ଏକ୍ସଟ୍ରା କ୍ଲାସ କରି ଆମର ସନ୍ଦେହ ଦୂର କରିଛନ୍ତି। ସ୍କୁଲ ସମୟ ବ୍ୟତୀତ ୬ରୁ ୭ ଘଣ୍ଟା ପରିଶ୍ରମ କରୁଛି । ଏ ବର୍ଷ ନୂଆ ବ୍ୟବସ୍ଥା ହୋଇଥିବାରୁ ମନରେ ଯେତିକି ସାହସ ହେଉଛି ସେତିକି ଭୟ ମଧ ଲାଗୁଛି । ୮୦ ପ୍ରତିଶତ ରେଜଲ୍ଟ ହେବ ବୋଲି ଆଶା କରିଛି।-ବିକାଶ ବାରିକ, ଛାତ୍ର, ପଞ୍ଚାୟତ ହାଇସ୍କୁଲ ଟି.ଗଣ୍ଡପାଲି ।



“ ମାଟ୍ରିକ୍ ପରୀକ୍ଷା ପାଇଁ ଦୈନିକ ୧୪ରୁ ୧୫ ଘଣ୍ଟା ପରିଶ୍ରମ କରୁଛି। ପରୀକ୍ଷା ପ୍ରତି ତଥା ସିସିଟିଭିକୁ ମୋର ଭୟନାହିଁ। ନୂତନ ପରୀକ୍ଷା ପଦ୍ଧତି କିଛିଟାକଠିନ ହେଲେ ମଧ ମୁଁ ଏହାକୁ ସ୍ୱାଗତ ଜଣାଉଛି। କାହିଁକି ନା ଏହା ଆଗାମୀ ପ୍ରତିଯୋଗିତା ମୂଳକ ପରୀକ୍ଷା କ୍ଷେତ୍ରରେ ସହାୟକ ହେବ। ମୋର ଆତ୍ମବିଶ୍ୱାସ ମୁଁ ନିଶ୍ଚିତ ଭାବେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିବି । -ରୋଜି ସାବତ, ଛାତ୍ରୀ, ତାଳପଦର ପଞ୍ଚାୟତ ହାଇସ୍କୁଲ।



“ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ପାଠପଢ଼ା ଶେଷ ହେବା ପରେ ଷ୍ଟେପ ଅପ୍ ପଢ଼ା ହୋଇଛି । ଭିନ୍ନ ଭିନ୍ନ ମଡେଲ ପ୍ରସ୍ତୁତ କରି ପିଲାଙ୍କୁ ଅଭ୍ୟାସ କରିବାକୁ ଦିଆଯାଇଛି । ପରୀକ୍ଷାରେ ପିଲାଏ ଯେମିତି ଭଲ କରିବେ ସେ ଦିଗରେ ସମସ୍ତ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ପାସ୍ ହାର ୮୫ରୁ ୯୦ ପ୍ରତିଶତ ରହିବ ବୋଲି ଆଶା କରୁଛି। -ବିଜେନ୍ଦ୍ର କୁମାର ଦାଶ, ପ୍ରଧାନଶିକ୍ଷକ ଟୁହିଲାମାଲ ହାଇସ୍କୁଲ।

ଉପସ୍ଥାପନା: ରାଜେଶ୍ୱର ବେହେରା, ବିଜେପୁର



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ, ପ୍ରକୃତରେ ଇଚ୍ଛାର ହିଁ ଅଭାବ।

-ଭିକ୍ଟରହ୍ୟୁଗ୍



**ସଂକ୍ଷେପରେ...**

## ରାମଚଣ୍ଡୀ ପୀଠରେ ରୁଦ୍ରଯଜ୍ଞ

ସୋହେଲା,୧୩।୨(ଡି.ଏନ.ଏ) ସୋହେଲା ଲମ୍ବରୁପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠରେ ଗୁରୁବାର ଏକ ଦିବସୀୟ ୨୭କୁଣ୍ଡୀୟ ରୁଦ୍ରଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଯଜ୍ଞକର୍ତ୍ତା, ପୂଜକ ତଥା ଗ୍ରାମବାସୀ ଏକ ଶୋଭାଯାତ୍ରାରେ ସ୍ଥାନୀୟ କଟାରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ ପରେ ବିଧି ଅନୁସାରେ ପୂଜା ଓ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଯଜ୍ଞରେ ମୋଟ ୧୦୮ ଯୋଡି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ସରୋଜ ଦେବତାଙ୍କ ତତ୍ତ୍ୱାବଧାନରେ ସୁମନ୍ତ ପାଣିଗ୍ରାହୀ, କୈଳାଶ ପଣ୍ଡା, ମନୋଜ ଦେବତା, ସରୋଜ କୁମାର ଦେବତା, ପଞ୍ଚାନନ ଦେବତା, ରବି ନାରାୟଣ ଦେବତା, ପ୍ରୀୟକାନ୍ତ ଦେବତା ପୂଜା ଓ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ । ଅପରାହ୍ନରେ ଭଜନ ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା ।

# ସରିଗଲା ଟଙ୍କା, ଅଧାରେ ରହିଲା ଚିକିତ୍ସା

ଘଣ୍ଟାପଡା, ୧୩।୨(ଡି.ଏନ୍.ଏ.)



କାହ୍ନାର ଗୋଡ଼୍‌କେ ପରିବାର ଲୋକ୍ ଖଟେ ବାଁଧିକରି ରଖିଛନ୍।

**ମାନସିକ୍ ରୋଗ୍‌ରେ ପୀଡ଼ିତ କାହ୍ନା**
- ପୁଓର ଚିକିତ୍ସାରେ ସରବ୍‌ସୁଆଁତ ହେଇଛନ୍ ମା'ବାପ୍
- କହ୍ନାକେ ଖଟେ ବାଁଧି କରି ରଖିଛନ୍ ପରିବାର ଲୋକ
- ପାଠ୍‌ପଢ଼ା ଛାଡ଼ି ଦାଦନ ଯାଇଛେ ଘରର ବଡ଼ଖା ପିଲା

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗାଁର ବଂଶୀଧର ବିଶିଙ୍କର ପୁଓ କାହ୍ନା ବିଶି(୧୨)। ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ି ନିଜର ମାନ୍‌ସିକ ସଁତୁଳନ ହରେଇଛନ୍। ମା'ବାପ୍ ଯାହା ପାରଲେ ଚିକିତ୍ସା କରେଇ ସରବ୍‌ସୁଆଁତ୍ ହେଇଛନ୍। ଏହେଦେ ଟଁକା ପଏସା ଅଭାବୁ ସେମାନେ ଭଗବାନ ଭରସାରେ ରହିଛନ୍।

ସୂଚନା ଅନ୍‌ସାରେ ଘଣ୍ଟାପଡ଼ା ଗାଁର ବଂଶୀଧର ବିଶିଙ୍କର ପରିବାର କହେଲେ ମାଏକିନା ଅନୁସୟା, ଦୁଇ ପୁଓ ସଞ୍ଜୀବ, କାହ୍ନା ଆର ଝି' ପୂର୍ଣ୍ଣିମାକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ବଂଶୀଧର ଦୁଖ୍‌ସୁଖ କରି କୁଟୁମ ପୁଷୁଛନ୍। ହେଲେ ସାନପୁଓ କାହ୍ନାକେ ନେଇ ପରିବାରଟା ସବୁବେଲେ ଚିନ୍‌ତାରେ ରହୁଛନ୍। କାହ୍ନା ଜନମ୍ ବେଲେ ଠିକ୍‌ଠାକ୍ ଥିଲେ। ବଏସ୍ ହେଲାରୁ ସେ ଗାଁର ଅଙ୍ଗନୱାଡି କେନ୍ଦ୍ରକେ ପଢ଼ି ଯାଉଥିଲେ। ସେ ସମିଆରେ କାହ୍ନା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ଲେ। ସେଦିନ୍‌ଠାନୁ ତାକର ମାନସିକ୍ ଥିତି ବିଗ୍‌ଡ଼ି ଗଲା। ପରିବାର ଲୋକ୍ ଧାରଉଧାର କରି କାହ୍ନାକେ କଣ୍ଟାମାଳ, ସୁବର୍ଣ୍ଣପୁର, ବଲାଙ୍ଗୀର, ବୁର୍ଲା ନେଇ ଚିକିତ୍ସା କରେଇଥିଲେ। ହେଲେ କିଛି ଲାଭ୍ ନାଇଁ ହେଲା। ଦିନୁଦିନ୍‌କେ କାହ୍ନାର ଦିହିପା ସଂଗେ ମାନସିକ୍ ସଁତୁଳନ ବେଶି ବିଗ୍‌ଡ଼ିଗଲା। ପଡ଼ିଶା ଲୁକ୍‌କର ପରାମଶ୍‌ରେ ପରିବାର ଲୋକ୍ କାହ୍ନାର ଉଚ ଚିକିତ୍ସା ଲାଗି ଜମିବାଡ଼ି, ଗଁହନାଗାଁଠି ବଁଧକ ପକେଇ କଟକ, ଭୁବନେଶ୍ୱର, ୱାଲଟିୟର ଆର ଶେଷେ ବେଙ୍ଗାଲୁରୁ ନେଇ ଚିକିତ୍ସା କରାଲେ। ସେଠାନେ ଉଷୋକଷା କଲାରୁ କାହ୍ନା ଦିନୁଦିନ୍‌କେ ନୁକୋ ହେଉଥିଲେ। ହେଲେ ବେଙ୍ଗାଲୁରୁ ଦୂରିଆ ବାଟ୍ ହେବାର ସଂଗେ ଟଁକା ପଏସା ଅଭାବୁ ପରିବାର ଲୋକ୍ କାହ୍ନାର ଚିକିତ୍ସା କରେଇ ନାଇଁପାରଲେ। ଏନ୍‌ତାଥି କାହ୍ନା ମାନ୍‌ସିକ ସଁତୁଳନ ଫେନ୍ ବିଗ୍‌ଡ଼ି ଗଲା। ଏହେଦେ ସେ କିଛି କହୁଛନ୍ ନା ବୁଝୁଛନ୍। ମେଲାଡ଼ିଲା ପାଏଲେ ଇଆଡ଼େ ସିଆଡ଼େ ପଲଉଛନ୍। ଅନେକ ସମିଆରେ ସେ ମୁରଛା ହେଇଯାଉଛନ୍। ଏନ୍‌ତାଥି ପରିବାର ଲୋକ୍ ଉପେ ଶୁଇନ୍ ହେଇ ତାହାକୁ ଖଟେ ଗୋଡ୍ ବାଁଧିକରି ରଖିଛନ୍। ଇଆଡ଼େ ଗରିବ୍ ମା'ବାପ୍ ତାକର ଚିକିତ୍ସା କରେଇ ସରବ୍‌ସୁଆଁତ୍ ହେଇ ଭଗବାନ ଭରସାରେ ରହିଛନ୍। ଘରର ଅବସ୍ତା ଦେଖି କାହ୍ନାର ବଡ଼ଭାଇ ସଞ୍ଜୀବ ମାଟ୍ରିକ ପାସ୍ କଲା ଉତାରୁ ବାହାର ରାଏଜ୍‌କେ ଦାଦନ ଖଟିଯାଇଛନ୍। ଉପେ ଶୁଇନ୍ ବଂଶୀଧର ପୁଓର ଚିକିତ୍ସା ସାହାଯ୍ ଲାଗି ବୌଦ୍ଧରେ ଜିଲାପାଳଙ୍କର ଜନଶୁନାନି ଶିବିରରେ ଗୁହାରି କରିଥିଲେ। ପରଶାସନ ତରଫୁ କାହ୍ନାକେ ଭିନକ୍ଷମ ଭତା ଯୁଗେଇ ଦିଆଯାଇଥିଲା। ହେଲେ ଆଏଜ୍‌ତକ ଚିକିତ୍ସା ସାହାଯ୍ ଲାଗି ପରଶାସନ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେଇ ବଲି ବଂଶୀଧର କହିଛନ୍। ରାଏଜ୍‌ସରକାର ଆର ଜିଲା ପରଶାସନ ଇ ଗରିବ୍ ପରିବାର ଉପରେ ଦୁରୁଷ୍‌ଟି ଦେଇ କାହ୍ନାକେ ସବୁପରକାର ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କୁ ପଚ୍‌ରାଲାରୁ ଇ ଘଟନା ବାବ୍‌ଦେ ଆମର ପାସେ ଖବର ନାଇଁଥାଇ। ରୁଗୀଙ୍କୁ ଦେଖିଲା ଉତାରୁ ଟଁକା ପଏସା, ଚିକିତ୍ସା ସୁବିଧା ଯୁଗେଇ ଦିଆଯିବା ବଲି ସେ କହିଥିଲେ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

ଜାମଟିକ୍ରା, ୧୩।୨ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ବ୍ଲକରେ ବାରମ୍ବାର ବିଦ୍ୟୁତ ଆଘାତ ଜନିତ ମୃତ୍ୟୁ ଘଟଣା ଘଟୁଥିବା ବେଳେ ବିଦ୍ୟୁତ ବିଭାଗ କିନ୍ତୁ ନିରବଦ୍ରଷ୍ଟା ସାଜିଛି। ଅସୁରକ୍ଷିତ ବିଦ୍ୟୁତ ସଂଯୋଗ, ବେଆଇନ ହୁକିଂ ଏକ ସାଧାରଣ ଘଟଣା ହୋଇସାରିଥିବା ବେଳେ କର୍ମଚାରୀ ଅଭାବ ଆଳରେ ବିଦ୍ୟୁତ ବିଭାଗରେ ଆବଶ୍ୟକ ମରାମତି କରାଯାଉ ନ ଥିବାରୁ ସବୁବେଳେ ଅଘଟଣର ଆଶଙ୍କା ଲାଗିରହିଛି । ଧୀରେ ଧୀରେ ଉପଭୋକ୍ତା ସଂଖ୍ୟା ବଢ଼ିଚାଲିଥିବା ବେଳେ ସେହି ଅନୁପାତରେ କର୍ମଚାରୀ ବୃଦ୍ଧି କରାଯାଉ ନାହିଁ। ୱେସ୍କୋ ଅଧୀନରେ ବହୁ ଟ୍ରାନ୍ସଫର୍ମର ଏବେ ମୁକୁଳା ପଡିଛି । ଅତାବିରା ବ୍ଲକ ଜାମଟିକ୍ରା ଗାଁରେ ଥିବା ପୁରୁଣା ଟ୍ରାନ୍ସଫର୍ମର ରାସ୍ତା କଡରେ ବିପଜ୍ଜନକ ଅବସ୍ଥାରେ ରହିଥିବା ବେଳେ ଏହାର ଚାରିପଟେ କୌଣସି ସୁରକ୍ଷା ପାଚେରି ନାହିଁ । ଗାଁରେ ଥିବା ଅନେକ ସ୍ଥାନରେ ବିଦ୍ୟୁତ ତାର ସବୁ ଓହଳି ରହିଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ର, ଜନସାଧାରଣ ତଥା ଗାଈଗୋରୁ ଯାଆସ କରୁଛନ୍ତି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।



ଜାମଟିକ୍ରାରେ ବିପଦସଙ୍କୁଳ ଅବସ୍ଥାରେ ପଡିରହିଥିବା ଟ୍ରାନ୍ସଫର୍ମର ।

# ବିପଦସଙ୍କୁଳ ବିଦ୍ୟୁତ୍ ତାର ସ୍ଥାନାନ୍ତର ଦାବି

ମନମୁଣ୍ଡା, ୧୩।୨ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଶୁଣ୍ଠିପଡାଠାରେ ବିଦ୍ୟୁତ୍ ତାର ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଘରକୁ ଲାଗି କରି ତାର ରହିଥିବାରୁ ବର୍ଷା ଋତୁରେ ବିଦ୍ୟୁତ ଖୁଣ୍ଟ ପାଖରେ ଥିବା ଘର କାନ୍ଥକୁ କରେଣ୍ଟ ଆସୁଥିବା ଅଭିଯୋଗ ହୋଇଛି। ସେହିପରି ବେଳେ ବେଳେ ସ୍ପାର୍କିଂ ହୋଇ ହୁଳା ହୁଳା ନିଆଁ ପଡିବା ଯୋଗୁ ସାହିବାସିନ୍ଦା ଆତଙ୍କିତ ହୋଇ ପଡୁଛନ୍ତି। ଘରକୁ ଲାଗି ତାର ଯାଇଥିବାରୁ ଘର ଉପରୁ ମାଙ୍କଡ ଗଛକୁ ଡିଆଁ ମାରି ତାରରେ ଲାଗି ଦୁଇଟି ମାଙ୍କଡଙ୍କ ଇତି ମଧ୍ୟରେ ମୃତ୍ୟୁ ହେଲାଣି। ଉକ୍ତ ଘରର ପରିବାର ସଦସ୍ୟ ବିଶେଷ କରି ଛୋଟ ଛୁଆଙ୍କ ପାଇଁ ଏହି ତାର ବିପଦ ସାଜିଛି। ଘର ନିର୍ମାଣ ନ ହେବା ପୂର୍ବରୁ ଆଜକୁ ପ୍ରାୟ ୪୦ ବର୍ଷ ତଳେ ଉକ୍ତ ତାର ଲଗାଯାଇଥିଲା। ଇତିମଧ୍ୟରେ ଘର ନିର୍ମାଣ ହୋଇ ଜନବସତି ବୃଦ୍ଧି ପାଇଛି । ଧନଜୀବନ ରକ୍ଷା ପାଇଁ ବିଦ୍ୟୁତ ବିଭାଗ ଉକ୍ତ ଏଲଟି ୨୨୦ କେଭି ଖୋଲା ତାରକୁ ସ୍ଥାନାନ୍ତର ପାଇଁ ପଡାବାସିନ୍ଦା ଗରିବ ଲୋଇ, ଗଣେଷ ଲୋଇ, ସନ୍ତୋଷିନୀ ସାହୁ, ପାର ଲୋଇ, ଦୀପାଞ୍ଜଳି ଲୋଇ, ପିଣ୍ଟୁ ସାହୁ, ଚିଣ୍ଟୁ ସାହୁ ପ୍ରମୁଖ ଦାବି ଜଣାଇଛନ୍ତି।



ଘରକୁ ଲାଗି ବିଦ୍ୟୁତ୍ ତାର ଟଣାଯାଇଛି।

# ପଞ୍ଚାୟତ କଲେଜ, ଲରମ୍ଭା କଲେଜ ବିଜୟୀ

ବରଗଡ଼ ଅଫିସ୍,୧୩।୨

**ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାର ବରଗଡ଼ ଜିଲା ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଗୁଡ଼ିକରେ ବରଗଡ଼ର ପଞ୍ଚାୟତ କଲେଜ ଏବଂ ଲରମ୍ଭା କଲେଜ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଆରୱାଇଏସ, ବରଗଡ଼ ଏବଂ ପଞ୍ଚାୟତ କଲେଜ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଆରୱାଇଏସ ଟସ୍ ଜିଣି ପ୍ରତିପକ୍ଷକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପଞ୍ଚାୟତ କଲେଜ ବ୍ୟାଟିଂ କରି ୪୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୩୬୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନିଷ ଜୟସ୍ୱାଲ ୧୨ଟି ଚୌକା ସହିତ ୮୬ ରନ କରିଥିବାବେଳେ ଭେଙ୍କଟେଶ୍ୱର ବରିହା ୬୬, ଦେବାନନ୍ଦ ବାଗ ୪୦, କିଶୋର ମହାପାତ୍ର ୩୨, ରାକେଶ ପରିଡ଼ା ୨୯ରନ୍ ସଂଗ୍ରହ କରିଥିଲେ । ଆରୱାଇଏସ ପକ୍ଷରୁ ଦେବେନ୍ଦ୍ର ନାଗ ୭୩ ରନ ବିନିମୟରେ ୩, ପିଣ୍ଟୁ କାଲସା ୬୦ରନ ବିନିମୟରେ ୨, ସୁଲତାନ ଖାନ ୬୩ରନ ବିନିମୟରେ ୨, ରୋହନ ସିଂ ୪୯ରନ ବିନିମୟରେ ୨, ଦିଲୀପ ମେହେର ୩୬ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ । ଜବାବରେ ଆରୱାଇଏସ ଦଳ ୩୬.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୬୧ରନ୍ ସଂଗ୍ରହ କରିଥିଲା । ଦଳର ପିଣ୍ଟୁ କାଲସା ୧୦୬, ରାଜେଶ ବିଭାର ୪୮, ଦେବେନ୍ଦ୍ର ନାଗ ୨୩, କିଶନ ୨୭ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ପଞ୍ଚାୟତ କଲେଜର ଆଜାଦ ନାୟକ ୨୯ରନ ବିନିମୟରେ ୪, ରାକେଶ ପରିଡ଼ା ୪୮ରନ ବିନିମୟରେ ୨, ଦେବାନନ୍ଦ ବାଗ ୫୫ରନ ବିନିମୟରେ ୨, କିଶୋର ମହାପାତ୍ର ୫୪ରନ ବିନିମୟରେ ୧ ଏବଂ ରାମ ବେରିୱାଲ ୪୨ରନ ବିନିମୟରେ ୧ଟି ଉଇକେଟ୍ ନେଇଥିଲେ । ଶୁଭମ ପାତ୍ର, ଭରତ ଚେତନ ପଣ୍ଡା ଉକ୍ତ ମ୍ୟାଚ ପରିଚାଳନା କରିଥିଲେ ।

ସେହିପରି ବିକାଶ ଗ୍ରାଉଣ୍ଡରେ ଲରମ୍ଭା କଲେଜ କ୍ରିକେଟ କ୍ଲବ ଓ ଛିନ୍ଦେଇକେଲ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । ଲରମ୍ଭା ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୪୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୩୩୩ରନ୍ ସଂଗ୍ରହ କରିଥିଲା । ଦଳର ସୌରଭ ୧୧୭, ଅତୁଲ୍ୟ ପାତ୍ର ୫୬, ହରିଶ ପାତ୍ର ୫୬ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ରାଇଜିଂ ଷ୍ଟାରର ଗଜେନ୍ଦ୍ର ବରିହା ୫୬ରନ ବିନିମୟରେ ୫, ସୁନିଲ ଦୀପ ୬୮ରନ ବିନିମୟରେ ୨ଟି ଉଇକେଟ୍ ନେଇଥିବାବେଳେ କପୁରଚନ୍ଦ ବରିହା ୬୧, ଚିନ୍ମୟ ନାଗ ୭୦, ରଷିଭ ସହୁ ୭୩ରନ ବିନିମୟରେ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ । ଜବାବରେ ରାଇଜିଂ ଷ୍ଟାର ଦଳ ମାତ୍ର ୨୬.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୭ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କପୁରଚାନ୍ଦ ବରିହା ୩୪, ସୁନୀଲ ଦୀପ ୨୩, ମହେନ୍ଦ୍ର କୁମାର ମାଝୀ ୧୨ରନ ସଂଗ୍ରହ କରିଥିଲେ । ଲରମ୍ଭାର ସୌରଭ ନାୟକ ୧୮ରନ ବିନିମୟରେ ୩ଟି ଉଇକେଟ୍ ନେଇଥିବାବେଳେ ପ୍ରଭଞ୍ଜନ ସାହୁ ୮, ପ୍ରକାଶ ନାୟକ ୧୮, ଲିଙ୍ଗରାଜ ଜାଲ ୧୨ରନ ବିନିମୟରେ ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ପ୍ରଦୀପ କୁମାର ଦାଶ, ପ୍ରୟାସ ବଗାର ମ୍ୟାଚ ପରିଚାଳନା କରିଥିଲେ। ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ ଓ ବିକାଶ ଗ୍ରାଉଣ୍ଡରେ ଉକ୍ତ ପ୍ରତିଯୋଗିତା ଚାଲିଛି । ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ର ଏବଂ ବିକାଶ ଗ୍ରାଉଣ୍ଡରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, ପୂର୍ବତନ ସଭାପତି ଅରୁଣ ମହାନ୍ତି, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ଗିରିଜା ନାଥ, ପ୍ରମୁଖ ଉପସ୍ଥିତ ଥିଲେ ।



ଖେଳାଳିଙ୍କ ସହିତ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି ।

# ପଦ୍ମପୁରରେ ବିତ୍ତୀୟ ସ୍ୱାକ୍ଷରତା କର୍ମଶାଳା

ପଦ୍ମପୁର, ୧୩।୨ (ଡି.ଏନ.ଏ)

ପଦ୍ମପୁର ରାଜୀବ ଭବନଠାରେ ବିତ୍ତୀୟ ସ୍ୱାକ୍ଷରତା କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ଯୋଜନା ସମ୍ପର୍କରେ ଆଗ୍ରହୀ ଉଦ୍ୟୋଗୀ, ବ୍ୟବସାୟୀମାନଙ୍କୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତାଲିମ ପ୍ରଦାନ କରିଥିଲେ। ବ୍ୟାଙ୍କ ଅଧିକାରୀ, ପ୍ରଶାସନ ଓ ବଣିକ ସଂଘର କର୍ମକର୍ତ୍ତାମାନେ ଯୋଗଦାନ କରି ଆଲୋଚନାରେ ଭାଗ ନେଇଥିଲେ। ବରଗଡ ଏଲଡିଏମ ସୀତାରାମ ମେହେର, ଏଫଏଲସି ଶାନ୍ତନୁ ପଣ୍ଡା, ସିଏମ କ୍ଷୀରୋଦ ଦାଶ, ଏବିଡିଓ ସୋନୁ ବାଗ ଯୋଗଦାନ କରି ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ସମ୍ପାଦକ ନନ୍ଦକିଶୋର ଅଗ୍ରୱାଲ, ଉପଦେଷ୍ଟା ରାଧାମାଧବ ଦୋରା, ଗୋବିନ୍ଦ ଅଗ୍ରୱାଲ ଓ ଅନ୍ୟମାନଙ୍କୁ ବିତ୍ତୀୟ ସ୍ୱାକ୍ଷରତା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଶେଷରେ ଆଇପିଓ ଯଶୋବନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୁକୁଡେଶ୍ୱର ମନ୍ଦିରରେ କୁମ୍ଭ ସଂକ୍ରାନ୍ତି

ମନମୁଣ୍ଡା, ୧୩।୨ (ଡି.ଏନ.ଏ)

ଯୋଗିନ୍ଦ୍ରପୁର ପଞ୍ଚାୟତ ଗୋହିପିଟା ଖୁକୁଡେଶ୍ୱର ମନ୍ଦିରରେ କୁମ୍ଭ ସଂକ୍ରାନ୍ତି ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜକ ଭକ୍ତରାମ ନାଏକ ସକାଳେ ସ୍ୱତନ୍ତ୍ର ପୂଜା କରିଥିଲେ। ପରେ ନିମନ୍ତ୍ରିତ ବ୍ରାହ୍ମଣ ପ୍ରତାପ କେଶରୀ ମହାପାତ୍ର ସଂକ୍ରାନ୍ତି ପୂଜା କରିଥିଲେ। ଏହି ଅବସରରେ କୀର୍ତ୍ତନ ଭଜନ ସମାରୋହ, ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ବ୍ୟାସ ଭାବେ ପ୍ରତାପ କେଶରୀ ମହାପାତ୍ର ଏହାକୁ ପାଠ କରିଥିଲେ । ମନ୍ଦିର କମିଟି ସଦସ୍ୟ ଲକ୍ଷ୍ମୀନ୍ଦ୍ର ବଗର୍ତ୍ତି, ନିରଞ୍ଜନ କର୍ଣ୍ଣ, ପ୍ରସାଦି ରାଜହଂସ, ଦୁର୍ଗା ଭୋଇ, ଶ୍ରୀଧର ବେହେରା, ହରିହର ସ୍ୱାଇଁ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।



ମନ୍ଦିରରେ ସଂକୀର୍ତ୍ତନ ଚାଲିଛି ।

# ଆଶା, ଅଙ୍ଗନୱାଡି କର୍ମୀ ଗ୍ରାମ ବିକାଶର ଦୁଇ ହାତ

ବୌଦ୍ଧ,୧୩।୨(ସ୍ୱ.ପ୍ର)




ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ବୌଦ୍ଧରେ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ**

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମ୍ମିଳନୀ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ ମୁଖ୍ୟଅତିଥି ଓ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଶା ଓ ଅଙ୍ଗନୱାଡି କର୍ମୀ ଗ୍ରାମ ବିକାଶର ଦୁଇ ହାତ । ଦୁଇଜଣ ମିଶି କାର୍ଯ୍ୟ କଲେ ଗ୍ରାମଗୁଡିକର ବିକାଶ ହୋଇପାରିବ ବୋଲି ସମ୍ମାନିତ ଅତିଥି ଜିଲାପାଳ ମିଶ୍ର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ଶ୍ରେଷ୍ଠ ଆଶା ଭାବେ ବୌଦ୍ଧ ବ୍ଲକର କୁନି ସେଠୀ, ହରଭଙ୍ଗା ବ୍ଲକର ବନିତା ଦେହୁରୀ, କଣ୍ଟାମାଳ ବ୍ଲକର ଶୋଭାରାଣୀ ରଣାଙ୍କ ସମ୍ମାନିତ କରାଯାଇଥିଲା। ସୁସ୍ଥ ଗାଁ ଭାବେ ବୌଦ୍ଧର ସାପଦୋହଲି, ହରଭଙ୍ଗାର ସାନବଙ୍କାପଡ଼ା, କଣ୍ଟାମାଳର ମହିବିଲା ତଥା ସୁସ୍ଥ ପଞ୍ଚାୟତ ଭାବେ ଯଥାକ୍ରମେ ଛତରଙ୍ଗ, ବରଗାଁ ଓ ଲକ୍ଷ୍ମୀପ୍ରସାଦ ପଞ୍ଚାୟତକୁ ଦଶହଜାର ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀର ସହଭାଗିତା ବାର୍ତ୍ତାକୁ ନେଇ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ଜିଲାର ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏଏନଏମ, ପଞ୍ଚାୟତିରାଜ ପ୍ରତିନିଧି ତଥା ବହୁ ସରକାରୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପରେ ଆଶା କର୍ମୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ କୁଇଜ ଓ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମ୍ମିଳନୀରେ ଏଡିଏମଓ ପରିବାର କଲ୍ୟାଣ ଡା. ମମତା ମହାନ୍ତି, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଲକ୍ଷପତି ଭୋଇ, ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଡା. ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଡା. ଭାରତୀ ରାଉତ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାର ପ୍ରତିନିଧି ଡ. ବନ୍ଦନା, ଡିପିଏମ୍ ରୂପକ ମହାପାତ୍ର, ମନୋରଞ୍ଜନ ସାହୁ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର, ଆଶା ମ୍ୟାନେଜର ପ୍ରଫୁଲ୍ଲ କୁମାର ସାହୁ ଓ ଜିକେଏସ ମ୍ୟାନେଜର ରଞ୍ଜନ କୁମାର ପରିଚ୍ଛା, ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରବୀନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ, ପ୍ରକୃତରେ ଇଚ୍ଛାର ହିଁ ଅଭାବ।

-ଭିକ୍ଟରହ୍ୟୁଗ୍



## ସଂକ୍ଷେପରେ

### ଭାଜପାର ମଣ୍ଡଳସ୍ତରୀୟ ବୈଠକ

**ଖପ୍ରାଖୋଲ, ୧୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ନାନ୍ଦୁପଲାଠାରେ ଭାଜପାର ଲାଠୋର ମଣ୍ଡଳ ସ୍ତରୀୟ ସାଂଗଠନିକ ବୈଠକ ମଣ୍ଡଳ ସଭାପତି ଶଶି ପୂଝାରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, ତୀର୍ଥରାଜ ନିଆଲ ପ୍ରମୁଖ ଯୋଗଦେଇଥିଲେ। ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ମଣ୍ଡଳସ୍ତରୀୟ ୬୧ ଜଣିଆ କମିଟି ଘୋଷଣା ସହ ୭ଟି ମୋର୍ଚ୍ଚାର ସଭାପତି ଚୟନ କରାଯାଇଥିଲା । ମଣ୍ଡଳ ସାଧାରଣ ସମ୍ପାଦକ ଭାବେ ପ୍ରବୀଣ ଅଗ୍ରୱାଲ ଓ ହରେକୃଷ୍ଣ ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ଉପସଭାପତିଭାବେ ସରୋଜ ବିଶ୍ୱାଳ, ତୀର୍ଥରାଜ ନିଆଲ, ଜୟକୃଷ୍ଣ ସାହୁ, ଲକ୍ଷେସିଂ ଜାଲ, ରଘୁମଣି ଯୋଶୀ, ପ୍ରହଲ୍ଲାଦ ଚାନ୍ଦଙ୍କୁ ରଖାଯାଇଛି। ସମ୍ପାଦକଭାବେ ମଧୁ ପଧାନ, ବିନୋଦ ଠେଲା, ରାଜେନ୍ଦ୍ର ବାରିକ, କେଶବ ପାତ୍ର, ସୁବଳ ନିଆଲ, ଲଳିତ ମାଝୀ ମନୋନୀତ ହୋଇଥିଲେ । ସେହିପରି ମହିଳା ମୋର୍ଚ୍ଚା ସଭାନେତ୍ରୀଭାବେ ଆରତୀ ନାଗ, ଯୁବ ମୋର୍ଚ୍ଚା ସଭାପତି କାଶି ମେହେର, କୃଷକ ମୋର୍ଚ୍ଚା ସଭାପତି ପରମେଶ୍ୱର ପଧାନ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ଟିକେଶ୍ୱର ଧରୁଆ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଭାବେ ଭାସ୍କର ସୁନା ଓ ଓବିସି ମୋର୍ଚ୍ଚା ସଭାପତି ରୁପେ ଲଳିତ ଶଗଡିଆ ମନୋନୀତ ହୋଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରହଲ୍ଲାଦ ଚାନ୍ଦ, ଅମୃତ ପୁଂଜି, କୈଳାସ ବିଶି, ଘନଶ୍ୟାମ ସରାଫ୍,କପିଳ ବୁଡେକ ପ୍ରମୁଖ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

### ଶିବରାତ୍ରି ମେଳା ପ୍ରସ୍ତୁତି

**ଲୋଇସିଂହା,୧୩।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡା, ବୁର୍ଡା, ସାନଟିକା ଶୈବପୀଠରେ ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଯୋଗୀସର୍ଡା ଯୋଗେଶ୍ୱରଧାମରେ ଆସନ୍ତା ୧୫ ତାରିଖ କଳସ ଯାତ୍ରା ଅନୁଷ୍ଠିତ ହୋଇ ୨୨ରେ ଉଦ୍‌ଯାପିତ ହେବ । ୧୬ ତାରିଖ ଶିବପୁରାଣ ସପ୍ତାହ, ୧୭ରେ ଶିବଯଜ୍ଞ, ନାମଯଜ୍ଞ ଜାଗର ଯାତ୍ରା ଅନୁଷ୍ଠିତ ହେବ । ଏହି ଅବସରରେ କଂସ ଦରବାର ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ସେହିପରି ବୁର୍ଡାଠାରେ ସପ୍ତାହବ୍ୟାପୀ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବା କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।



### ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ପରଲୋକ

**ଦେଓଗାଁ, ୧୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ରେଣୁକା ପାତ୍ରଙ୍କ ଗୁରୁବାର ତାଙ୍କ ଦେଓଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳକୁ ତାଙ୍କ ବୟସ ୬୫ ବର୍ଷ ହେଉଥିଲା । ସେ ୧୯୯୪-୯୫ ମସିହାରେ ଭାରତର ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ ସଦସ୍ୟା ଥିଲେ । ଜିଲା ତଥା ଦେଓଗାଁ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ତାଙ୍କ ଅବଦାନ ରହିଥିଲା । ମର ଶରୀରକୁ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରି ସୋନଗଡ ନଦୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ରଣଜିତ ପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ଶବାଧାରରେ କନିଷ୍ଠ ପୁତ୍ର ବିଶ୍ୱଜିତ ପାତ୍ର, ଯୁବ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର, ଅମରେନ୍ଦ୍ର ମିଶ୍ର, ବ୍ଲକ ଅଧକ୍ଷା ରୀନା ମେହେର, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ରାମଜୀ ଚୌଧୁରୀ, ପ୍ରମୋଦ ବହିଦାର ଓ ବହୁ ଗଣ୍ୟମାଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏ ନେଇ ଜିଲା କଂଗ୍ରେସ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ବିଧାୟକ ନରସିଂହ ମିଶ୍ର ରେଣୁକାଙ୍କ ଦେହାନ୍ତରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ଜିଲାପାଳ, ଏସ୍‌ପିଙ୍କୁ ଫେରାଦ ମୃତକଙ୍କ ପରିବାର

**ବଲାଙ୍ଗୀର ଅଫିସ,୧୩।୨**

ପଥର ବ୍ଲାଷ୍ଟିଂ ବେଳେ ଯୁବକଙ୍କ ମୃତ୍ୟୁ ଘଟଣାର ଉଚିତ୍ ତଦନ୍ତ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଡୁରୁକଭଟା ଗ୍ରାମର ଏକ ପରିବାର ଗୁରୁବାର ବଲାଙ୍ଗୀର ଆସି ଜିଲାପାଳ ଏବଂ ଏସ୍‌ପି ଅଫିସରେ ଦରଖାସ୍ତ ଦେଇଛନ୍ତି । ଡୁରୁକ୍‌ଭଟା ଗ୍ରାମର ଲୋକନାଥ ଛୁରା (୨୫)ଙ୍କ ଗତ ଜାନୁୟାରୀ ୧୫ ତାରିଖ ଦିନ ନିମୁର୍ଲା ପଥରକ୍ୱାରିଠାରେ ବ୍ଲାଷ୍ଟିଂ ଯୋଗୁଁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ କରିବା ପରିବର୍ତ୍ତେ ଅଭଯୁକ୍ତଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛନ୍ତି ବୋଲି ମୃତଙ୍କ ମାତା ଗେହ୍ଲି ଛୁରା ଅଭିଯୋଗ କରିଛନ୍ତି । କିଛି ମାସ ତଳେ ଲୋକନାଥ ଛୁରା ତାଙ୍କ ନିଜ ଗାଁର ଜନାର୍ଦ୍ଦନ ଛୁରାଙ୍କ ନିକଟରେ ମୁନ୍‌ସୀ କାମ କରୁଥିଲେ। ମୁନ୍‌ସୀ କାମ କରୁଥିଲେ ମଧ୍ୟ ଲୋକନାଥଙ୍କୁ ଘଟଣାଦିନ ନିମୁର୍ଲା ପଥର କ୍ୱାରିରେ କାମ କରିବାକୁ ଜନାର୍ଦ୍ଦନ କୁଆଡେ କହିଥିଲେ । ଉଭୟେ ସେଠାରେ ଉପସ୍ଥିତ ଥିବାବେଳେ ବ୍ଲାଷ୍ଟିଂ ହେବାରୁ ଉଭୟ ଲୋକନାଥ ଓ ଜନାର୍ଦ୍ଦନ ଗୁରୁତର ଆହତ ହୋଇଥିଲେ । ସେଠାରୁ ଏକ ଗାଡିରେ ଗୁରୁତର ଲୋକନାଥ ଓ ଜନାର୍ଦ୍ଦନଙ୍କୁ ଖଡିଆଳ ସ୍ଥିତ ମିଶନ ହସପିଟାଲକୁ ନିଆଯାଇଥିଲା । ବାରଣ ସତ୍ତ୍ୱେ ଗୁରୁତର ଲୋକନାଥଙ୍କ ସହ ତାଙ୍କ ମାଁ ଗେହ୍ଲି ଛୁରା ମଧ୍ୟ ଖଡିଆଳ ମିଶନ ହସପିଟାଲ ଯାଇଥିଲେ । ସେଠାରେ ପ୍ରଥମେ ଜନାର୍ଦ୍ଦନଙ୍କ ଚିକିତ୍ସା କରାଯାଇଥିଲା ଓ ଗୁରୁତର ଲୋକନାଥଙ୍କୁ ମିଶନ ହସପିଟାଲ ବାରଣ୍ଡାରେ ପକାଇ ଦିଆଯାଇଥିଲା । ଲୋକନାଥଙ୍କ ଚିକିତ୍ସା ପାଇଁ ତାଙ୍କ ମାଁ ଗେହ୍ଲି ଡାକ୍ତରମାନଙ୍କୁ କାକୁତି ମିନତି ହୋଇଥିଲେ ମାତ୍ର ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଥମେ ୧ ଲକ୍ଷ ଟଙ୍କା ଜମା କରିବାକୁ କୁଆଡେ କହିଥିଲେ । ୧ ଲକ୍ଷ ଟଙ୍କା କେଉଁଠି ପାଇବେ ବୋଲି ଗେହ୍ଲି କହିଲା ପରେ ମଧ୍ୟ କେହି ଶୁଣି ନ ଥିଲେ। କେଇଘଣ୍ଟା ପରେ ସେହି ବାରଣ୍ଡାରେ ଚିକିତ୍ସା ସେବା ନପାଇ ଲୋକନାଥଙ୍କ ମୃତ୍ୟୁ ଘଟିଥିଲା ବୋଲି ଗେହ୍ଲି ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ସେଠାରେ କେତେକ ଯୁବକ ଲୋକନାଥଙ୍କ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏହାପରେ ସିନ୍ଧେକେଲା ପୋଲିସ ଓ ଟିଟିଲାଗଡ ତହସିଲଦାର ପୀଡିତ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଖଡିଆଳ ଥାନାରେ ଲୋକନାଥ ଛୁରାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଘଟଣା ଘଟିବାର ଆଜିକୁ ପ୍ରାୟ ଏକ ମାସ ସମୟ ହୋଇଯାଇଥିଲେ ମଧ୍ୟ ଲୋକନାଥଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ଜଣାପଡିନାହିଁ ଓ ମୃତକଙ୍କ ପରିବାରକୁ ଟଙ୍କାଟିଏ ମଧ୍ୟ ସହାୟତା ମିଳିନାହିଁ । ଏନେଇ ସିନ୍ଧେକେଲା ଥାନାଧିକାରୀଙ୍କ ପାଖକୁ ଓ ଟିଟିଲାଗଡ ତହସିଲଦାରଙ୍କ ପାଖକୁ ବାରମ୍ବାର ଧାଉଁଥିଲେ ମଧ୍ୟ ସେମାନେ ଆଉ ଏହି ଘଟଣାକୁ ଗୁରୁତ୍ୱ ଦେଉନଥିବା ଗେହ୍ଲି ଜଣାଇଛନ୍ତି । ଏଣୁ ଗେହ୍ଲି ଛୁରା ଓ ତାଙ୍କ ପରିବାରର କିଛି ସଦସ୍ୟ ଗୁରୁବାର ବଲାଙ୍ଗୀର ଆସି ଜିଲାପାଳ କାର୍ଯ୍ୟାଳୟରେ ଅରିନ୍ଦମ ଡାକୁଆଙ୍କୁ ଭେଟି ଏହି ଘଟଣାର ଉଚିତ୍ ତଦନ୍ତ କରିବାକୁ ଦାବି କରିଥିଲେ । ଏଦିଗରେ ସେ ଏସପିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗେହ୍ଲି ଓ ପରିବାର ସଦସ୍ୟମାନେ ଏସପି ଅଫିସକୁ ଯାଇ ସେଠାରେ ଦାବିପତ୍ର ପ୍ରଦାନ କରିଥିଲେ। ସେଠାରୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ପଥରକ୍ୱାରି ଠାରେ ବ୍ଲାଷ୍ଟିଂ ଯୋଗୁଁ ଲୋକନାଥଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଏହାକୁ ଲୁଚାଇ ଭିନ୍ନମୋଡ ଦେବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ କରାଯାଇଛି।



ପରିବାର ସଦସ୍ୟଙ୍କ ସହ ଗେହ୍ଲି ଛୁରା ବଲାଙ୍ଗୀର ଅଫିସକୁ ଆସି ଅଭିଯୋଗ କରିଛନ୍ତି ।

**ପଥର ବ୍ଲାଷ୍ଟିଂ ବେଳେ ଯୁବକ ମୃତ୍ୟୁ ଘଟଣା**
- ଘଟଣାକୁ ଲୁଚାଇ ଦେବାର ପ୍ରୟାସ ଅଭିଯୋଗ
- ଶ୍ରମ କାର୍ଯ୍ୟାଳୟକୁ ବି ଯାଇ ଅଭିଯୋଗ କଲେ
- ଟଙ୍କାଟିଏ ବି କ୍ଷତିପୂରଣ ମିଳିନାହିଁ

### ମଦବିକ୍ରି ବନ୍ଦ ଦାବି କଲେ ଏସ୍‌ଏଚ୍‌ଜି ମହିଳା

**ଲୋଇସିଂହା,୧୩।୨(ଡି.ଏନ.ଏ.)**

ଲୋଇସିଂହା ଥାନା ଉପରବାହାଲରେ ବେଆଇନ ମଦ ବିକ୍ରି ବନ୍ଦ କରିବାରେ ପ୍ରଶାସନ ବିଫଳ ହୋଇଛି। ଏହାକୁ ନେଇ ଗ୍ରାମର ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବେଆଇନ ମଦ କାରବାର ବନ୍ଦ କରା ନ ଗଲେ ମହିଳା ଗୋଷ୍ଠୀ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗମତେ, ଆଗଲପୁର ବ୍ଲକ ଉପରବାହାଲା ପଞ୍ଚାୟତ ସଦର ଗାଁରେ କେତେକ ବ୍ୟକ୍ତି ପୋଲିସ ଓ ଅବକାରୀ ବିଭାଗର ସହଯୋଗରେ ବେଆଇନ ମଦ କାରବାର ଚଳାଇଛନ୍ତି। ଅନେକ ସମୟରେ ସ୍କୁଲ ଛାତ୍ରୀ ଓ ମହିଳାମାନେ ରାସ୍ତାଘାଟରେ ଯିବା ଆସିବାବେଳେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମହିଳା ସଂଘ ପକ୍ଷରୁ ବେଆଇନ ମଦ କୁଟିଆଙ୍କୁ ମଦ ବନ୍ଦ କରିବା ପାଇଁ ବାରଣ କଲେ ସୁଦ୍ଧା ମାନୁ ନାହାନ୍ତି। ଗତ ୨୭ ଡିସେମ୍ବର ୨୦୧୯ରେ ଗାଁର ୩୦ଟି ଏସଏଚଜି ପକ୍ଷରୁ ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଏସପି, ଲୋଇସିଂହା ଥାନା ଅଧିକାରୀ ଓ ସ୍ଥାନୀୟ ଅବକାରୀ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ । ଦେଢ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।



ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବନପାଳ ଓ ବନ ସୁରକ୍ଷା ସମିତି କର୍ମକର୍ତ୍ତା ।

## ମିଳିତ ଉଦ୍ୟମରେ ଜଙ୍ଗଲ ସୁରକ୍ଷା ସମ୍ଭବ

**ଖପ୍ରାଖୋଲ, ୧୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବିଟ୍ ହାଉସ୍‌ଠାରେ ଜଙ୍ଗଲ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବନପାଳ ବିପିନ ବିହାରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗନ୍ଧମାର୍ଦ୍ଦନ ତଳି ଅଞ୍ଚଳରେ ଥିବା ୧୨ଟି ବନସୁରକ୍ଷା ସମିତିର ସଦସ୍ୟ ଯୋଗଦେଇଥିଲେ । ମିଳିତ ଉଦ୍ୟମ ଦ୍ୱାରା ଜଙ୍ଗଲ ସୁରକ୍ଷା ସମ୍ଭବ ବୋଲି ବନପାଳ କହିଥିଲେ। ଏଥି ସହ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ବନସୁରକ୍ଷା ସମିତି ଆଗେଇ ଆସିବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ବନସୁରକ୍ଷା ସମିତି ସଦସ୍ୟ ସରୋଜ ପାଣିଗ୍ରାହୀ, ବଂଶୀଧର ବେହେରା, ବିନୋଦ ଠେଲା, ରାମଚନ୍ଦ୍ର ବରିହା, ବନରକ୍ଷୀ ବିଘ୍ନରାଜ ପୋଢ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ବିୟୋଗରେ ଶୋକ

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ରଙ୍କ ପରଲୋକ ହୋଇଯାଇଛି । ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି । ବିଧାୟକ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ପୂର୍ବତନ ଏମପି ଶରତ ପଟ୍ଟନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ହେମନ୍ତ କୁମାର ପଣ୍ଡା, ବିଧୁଭୂଷଣ ତ୍ରିପାଠୀ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତା ପାତ୍ରଙ୍କ ନେତୃତ୍ୱରେ ମହିଳା କଂଗ୍ରେସ ସଙ୍ଗଠନ ସୁଦୃଢ଼ ହୋଇଥିଲା। ରାଜନୀତି, ସମାଜସେବା, ମହିଳା ସଶକ୍ତିକରଣରେ ସେ ବଳିଷ୍ଠ ଭୂମିକା ନିର୍ବାହ କରିଥିଲେ। ତାଙ୍କ ବିୟୋଗ ଜିଲା ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜନେତାମାନେ କହି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଦେଓଗାଁରେ ସୁନ୍ଦରାକାଣ୍ଡ ପାରାୟଣ

**ଦେଓଗାଁ, ୧୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଦୁର୍ଗାମଣ୍ଡପ ଛକରେ ଗୁରୁବାର ସ୍ଥାନୀୟ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା ପରେ ସୁନ୍ଦରାକାଣ୍ଡ ପାରାୟଣ ଆରମ୍ଭ ହୋଇଥିଲା । ଏଥିରେ ଗାୟିକା ଭାବେ ସୀତା ଯୋଷୀ ଯୋଗଦେଇଥିଲେ। କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ ଯୋଗେନ୍ଦ୍ର ସାହୁ। ହନୁମାନ ଭୂମିକାରେ ଚେରମେନ ବୁଦ୍ଧିଆ ଅବତୀର୍ଣ୍ଣ ହୋଇଥିଲେ। କାର୍ଯକ୍ରମକୁ ନାରାୟଣ ସାହୁ, ବିରଧିଚନ୍ଦ ଅଗ୍ରୱାଲ, ରଜନୀକାନ୍ତ ଦାସ, ଜଗା ସାହୁ, ରଜନୀକାନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।





ଦେଓଗାଁ ଦୁର୍ଗାମଣ୍ଡପ ଛକରେ ଚାଲିଥିବା ସୁନ୍ଦରାକାଣ୍ଡ ପାରାୟଣ ।

## ନ୍ୟାଶନାଲ ପାୱାର ଲିଫ୍ଟିଙ୍ଗ ଦଳର ଦିଲ୍ଲୀ ଯାତ୍ରା

**ଟିଟିଲାଗଡ଼, ୧୩।୨ (ଡି.ଏନ.ଏ)**

ଦିଲ୍ଲୀଠାରେ ଆସନ୍ତା ୧୫ ଏବଂ ୧୬ରେ ଜାତୀୟସ୍ତରୀୟ ପାୱାର ଲିଫ୍ଟିଂ ଚାମ୍ପିୟନଶିପ ଏବଂ ଭାରତଶ୍ରୀ କ୍ଲାସିକ ବଡି ବିଲଡିଂ ପ୍ରତିଯୋଗିତା ହେବ। ଏଥିରେ ଭାଗ ନେବାକୁ ଓଡିଶା ରାଜ୍ୟ ନ୍ୟାଶନାଲ ପାୱାର ଲିଫ୍ଟିଂ ଫେଡେରେସନ (ଏନପିଏଫ)ର ସଭାପତି ରୁପନାରାୟଣ ସିଂଙ୍କ ନେତୃତ୍ୱରେ ଟିଟିଲାଗଡ ରେଳ ଷ୍ଟେଶନରୁ ଏକ ଦଳ ଯାତ୍ରା ଆରମ୍ଭ କରିଛି। ଏହି ଦଳରେ ଟିଟିଲାଗଡରୁ ୬, ବରଗଡରୁ ୪ ଏବଂ ରାଉରକେଲାରୁ ୫ ପ୍ରତିଯୋଗୀ ସାମିଲ ଅଛନ୍ତି। ଏହି ଦଳରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଚିନି ମୋନିକା, ଆର୍ତ୍ତ ପ୍ରଧାନ, ସୁଦାମ ସାହୁ, କାଞ୍ଚନ ମହାରଣା, ଚୈତନ୍ୟ ଘିବେଲା, ସାହାଦତ ଖାନ, କରୁଣା ବିଭାର ମହାଦେବ ସୁନା, ସୁଧାଂଶୁ ବାରିକ, ଦେବାଶିଷ ମହାନ୍ତି, ମାଇକେଲ ଜନ୍‌ସନ ମାଝୀ, ଉପସଭାପତି ଶିଶିର ବହିଦାର, ନିତିଶ କୁମାର, ଚନ୍ଦନ ଗୁପ୍ତା, ସୁଧିର ପଟ୍ଟନାୟକ ପ୍ରମୁଖ ସାମିଲ ଅଛନ୍ତି। ସଂଘର ରାଜ୍ୟ ଉପସଭାପତି ବିରେନ୍ଦ୍ର ବାଗ ଏହି ଦଳକୁ ଟିଟିଲାଗଡ ଠାରେ ବିଦାୟ ଜଣାଇବା ସହ ସଫଳତା କାମନା କରିଥିଲେ।



ଦିଲ୍ଲୀରେ ଅଂଶଗ୍ରହଣ କରିବାକୁ ବାହାରିଥିବା ପାୱାର ଲିଫ୍ଟିଂ ଦଳ ।

## ପିସ୍ତଲ ଦେଖାଇ ୭୦ ହଜାର ଲୁଟ୍

**ଟିଟିଲାଗଡ଼, ୧୩।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ସାଗନାମୁଣ୍ଡା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଜଣେ ମାଇକ୍ରୋଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କୁ ପିସ୍ତଲ ଦେଖାଇ ଦୁର୍ବୃତ୍ତ ୭୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ସୂଚନା କ୍ରମେ ସମ୍ପର୍ଣ୍ଣା ବିଜନେସ କମ୍ପାନୀର କ୍ଷେତ୍ର ଅଧିକାରୀ ସମ୍ପଦ ଛତ୍ରିଆ ସାଗନାମୁଣ୍ଡା ଅଞ୍ଚଳରୁ ବିଭିନ୍ନ ମହିଳା ଗୋଷ୍ଠୀଙ୍କଠାରୁ କିସ୍ତି ଟଙ୍କା ଅସୁଲି କରି ଟିଟିଲାଗଡ ଫେରୁଥିଲେ। ସେହି ସମୟରେ ବାଟରେ ଏକ ସ୍କୁଟିରେ ଛକି ବସିଥିବା ଦୁଇ ଜଣ ଦୁର୍ବୃତ୍ତ ସମ୍ପଦଙ୍କୁ ପିସ୍ତଲ ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। କମ୍ପାନୀ ପକ୍ଷରୁ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ ୬୨/୧୮) ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

**ଟିଟିଲାଗଡ଼, ୧୩।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳରେ ତାତିକୁ ପ୍ରତିହତ କରିବା ପାଇଁ ଚାରା ରୋପଣ ସହ ବନ ସୁରକ୍ଷା ବନବିଭାଗ ତଥା ସ୍ଥାନୀୟ ପରିବେଶବିତଙ୍କ ପାଇଁ ସର୍ବଦା ଚିନ୍ତାର ବିଷୟ ପାଲଟିଛି। ଏପରିପ୍ରେକ୍ଷୀରେ ଆଗାମୀ ଗ୍ରୀଷ୍ମ ଋତୁକୁ ନେଇ ବିଶେଷ କରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ବନ ବିଭାଗ ସଭା ସମିତି ଜରିଆରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏନେଇ ସିକେର ସେକ୍ସନ ଅଫିସଠାରେ ଫରେଷ୍ଟର ଜୟକୃଷ୍ଣ ଭୋଇଙ୍କ ଅଧକ୍ଷତାରେ ଅଞ୍ଚଳର ୧୪ଟି ବନସୁରକ୍ଷା ସମିତି ସଭାପତିଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲର ନିଆଁ ଲାଗିଲେ କିଭଳି ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିଭୀଷିକା ଭଳି ପରିସ୍ଥିତି ସୃଷ୍ଟି ହେଉଛି, ବନ୍ୟଜନ୍ତୁ, ମୂଲ୍ୟବାନ ଗଛ ପୋଡି ନଷ୍ଟ ହେଉଛି ସେ ସମ୍ପର୍କରେ କହିଥିଲେ। ସର୍ବୋପରି ନିଆଁ ଲାଗିବା ପରେ ଜଙ୍ଗଲ ସମୀପ ଗାଁରେ ଲୋକେ କିଭଳି ଜୀବନ ବିକଳରେ ଘର ଛାଡି ଚାଲିଯିବାକୁ ପଡୁଛି ସେ ନେଇ ଫରେଷ୍ଟର ଭୋଇ ବୁଝାଇଥିଲେ। ଏହା ସହ ଯେଉଁ ବନ ସମିତିର ତତ୍ତ୍ୱାବଧାନରେ ରହିଥିବା ବନାଞ୍ଚଳରେ ନିଆଁ ବିଲକୁଲ ନ ଲାଗିବ ସେହି ସମିତିକୁ ରାଜ୍ୟ ସରକାର ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯିବ। ଯେଉଁ ବନ ସମିତି ନିଆଁ ଲଗାଉଥିବା ଅପରାଧିଙ୍କୁ ଚିହ୍ନଟ କରି ଗିରଫ କରିବାରେ ସହାୟକ ହେବେ ସେମାନଙ୍କୁ ମଧ୍ୟ ୫ ହଜାର ଟଙ୍କା ଅର୍ଥ ରାଶି ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା।



ସଚେତନତା ବୈଠକରେ ଉପସ୍ଥିତ ଜନ ସାଧାରଣ ଓ ବନପାଳ।

## ବିଧାନସଭା ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ରୁହ: ଡିଜିପି

**କଟକ ଅଫିସ, ୧୩।୨**

**ଭିଡିଓ କନ୍‌ଫରେନ୍ସିଂରେ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ**
- ତ୍ୱରିତ ଉତ୍ତର ଦାଖଲ କରିବାକୁ ଗୁରୁତ୍ୱ
- ମହିଳା ବାରାକ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

ଫେବୃୟାରୀ ୧୪ ତାରିଖରୁ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ରାଜ୍ୟ ପୋଲିସ ବିଭାଗ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ବିଧାନସଭାରେ ବିଧାୟିକାବିଧାୟକମାନେ ପୋଲିସ ବିଭାଗ ସମ୍ପର୍କିତ ଯେଉଁ ପ୍ରଶ୍ନ ଉତ୍‌ଥାପନ କରିବେ, ତାହାର ଉତ୍ତର କେମିତି ଖୁବ୍ କମ୍ ସମୟରେ ଦାଖଲ କରାଯାଇପାରିବ, ସେଥିପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ଡିଜିପି ଅଭୟ ପରାମର୍ଶ ଦେଇଛନ୍ତି। ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ କମିଶନରେଟ୍ ପୋଲିସ, ରେଞ୍ଜ ଆଇଜି, ଡିଆଇଜି, ଡିସିପି ଓ ଏସ୍‌ପିମାନଙ୍କ ସହ ଏ ନେଇ ଆଲୋଚନା ବେଳେ ଡିଜିପି ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଉତ୍ତରଗୁଡ଼ିକ ଯେତେଶୀଘ୍ର ମୁଖ୍ୟାଳୟରେ ପହଞ୍ଚିବ, ସେତେ ଶୀଘ୍ର ବିଧାନସଭାରେ ଦାଖଲ କରାଯାଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା ବେଳେ ଡିଜିପି ରାଜ୍ୟର ଆଇନଶୃଙ୍ଖଳା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କଥା ହୋଇଥିଲେ। ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ)ବଳରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଜାନୁୟାରୀ ୨୭ରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ୍ ୫୧୨୧ଜଣଙ୍କୁ ଗିରଫ କରାଯାଇଛି। ସର୍ବାଧିକ ସଫଳତା ହାସଲ କରିଥିବା ଗଞ୍ଜାମ, କୋରାପୁଟ ଏବଂ ଖୋର୍ଦ୍ଧା ଏସ୍‌ପିଙ୍କୁ ଡିଜିପି ପ୍ରଶଂସା କରିଥିଲେ। ମାଲକାନଗିରିର ମାଓବାଦୀ କ୍ୟାମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ ହୋଇଛି। ଏହି ସଫଳତା ପାଇଁ ସେ ମାଲକାନଗିରି ଏସ୍‌ପିଙ୍କୁ ପ୍ରଶଂସା କରିଥିଲେ। ପୋଲିସ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରିତା ଦିଗରେ ବରିଷ୍ଠ ଅଧିକାରୀମାନେ ତତ୍ପର ହୁଅନ୍ତୁ ବୋଲି ଡିଜିପି କହିଥିଲେ। ତେବେ ଆଲୋଚନା ସମୟରେ ଆଗାମୀ ବିଧାନସଭା ଅଧିବେଶନକୁ ଗୁରୁତ୍ୱ ଦିଆଯାଇଥିଲା। ଅନେକବର୍ଷ ହେଲା ଗଡୁଥିବା ମାମଲାଗୁଡ଼ିକର ତୁରନ୍ତ ସମାଧାନ ଦିଗରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ସିସିଟିଏନ୍‌ଏସ୍ ବ୍ୟବସ୍ଥାର ବ୍ୟବହାର ସହ ସେଥିରେ ନିୟମିତ ତଥ୍ୟ ଦାଖଲ, ବିଭିନ୍ନ ମାମଲାର ରେକର୍ଡକୁ ଆଡଭୋକେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟ ଜରିଆରେ ହାଇକୋର୍ଟକୁ ପଠାଇବା, ଠିକ୍ ସମୟରେ କ୍ରିମିନାଲ୍ ମିସ୍ କେସ୍‌ଗୁଡ଼ିକର ଅନୁପାଳନ ଦାଖଲ କରିବାକୁ ଡିଜିପି ଗୁରୁତ୍ୱ ଦେଇଥିଲେ। ଏଥିସହ ପୋଲିସ ପଦକ ପ୍ରଦାନ ପାଇଁ ନିର୍ଦ୍ଧାରିତ ସମୟରେ ମନୋନୀତ ତାଲିକା ପ୍ରଦାନ କରିବାକୁ ସେ କହିଥିଲେ। ଜିଲାସ୍ତରରେ ମହିଳା ପୋଲିସ କର୍ମଚାରୀଙ୍କ ପାଇଁ ବାରାକ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ଯଥାଶୀଘ୍ର ପ୍ରସ୍ତାବ ପଠାଇବାକୁ ସେ ଏସ୍‌ପି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଜିଲା ସ୍ତରରେ ପଦୋନ୍ନତି ବୋର୍ଡ଼ ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଏହି ଆଲୋଚନା ସମୟରେ ରେଲୱେ ଏଡିଜିପି ପ୍ରାଣବିନ୍ଧୁ ଆଚାର୍ଯ୍ୟ, ଏଡିଜିପି (ମୁଖ୍ୟାଳୟ) ବିନୟତୋଷ ମିଶ୍ର, ଏଡିଜିପି (ଆଇନ୍ ଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (ଆଧୁନୀକୀକରଣ) ରେଖା ଲୋହାନୀ, ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍, ଆଇଜିପି (ରାଜ୍ୟ କ୍ରାଇମ୍ ରେକର୍ଡ଼ ବ୍ୟୁରୋ) ରାଜେଶ କୁମାର, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ) ଅମିତେନ୍ଦ୍ର ନାଥ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ, ପ୍ରକୃତରେ ଇଚ୍ଛାର ହିଁ ଅଭାବ।

-ଭିକ୍ଟରହ୍ୟୁଗ୍



## ସଂକ୍ଷେପରେ

### ଭାଜପାର ମଣ୍ଡଳସ୍ତରୀୟ ବୈଠକ

**ଖପ୍ରାଖୋଲ, ୧୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ନାନ୍ଦୁପଲାଠାରେ ଭାଜପାର ଲାଠୋର ମଣ୍ଡଳ ସ୍ତରୀୟ ସାଂଗଠନିକ ବୈଠକ ମଣ୍ଡଳ ସଭାପତି ଶଶି ପୂଝାରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଏମପି ପ୍ରତିନିଧି ଅଭୟ ତ୍ରିପାଠୀ, ତୀର୍ଥରାଜ ନିଆଲ ପ୍ରମୁଖ ଯୋଗଦେଇଥିଲେ। ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ମଣ୍ଡଳସ୍ତରୀୟ ୬୧ ଜଣିଆ କମିଟି ଘୋଷଣା ସହ ୭ଟି ମୋର୍ଚ୍ଚାର ସଭାପତି ଚୟନ କରାଯାଇଥିଲା । ମଣ୍ଡଳ ସାଧାରଣ ସମ୍ପାଦକ ଭାବେ ପ୍ରବୀଣ ଅଗ୍ରୱାଲ ଓ ହରେକୃଷ୍ଣ ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ଉପସଭାପତିଭାବେ ସରୋଜ ବିଶ୍ୱାଳ, ତୀର୍ଥରାଜ ନିଆଲ, ଜୟକୃଷ୍ଣ ସାହୁ, ଲକ୍ଷେସିଂ ଜାଲ, ରଘୁମଣି ଯୋଶୀ, ପ୍ରହଲ୍ଲାଦ ଚାନ୍ଦଙ୍କୁ ରଖାଯାଇଛି। ସମ୍ପାଦକଭାବେ ମଧୁ ପଧାନ, ବିନୋଦ ଠେଲା, ରାଜେନ୍ଦ୍ର ବାରିକ, କେଶବ ପାତ୍ର, ସୁବଳ ନିଆଲ, ଲଳିତ ମାଝୀ ମନୋନୀତ ହୋଇଥିଲେ । ସେହିପରି ମହିଳା ମୋର୍ଚ୍ଚା ସଭାନେତ୍ରୀଭାବେ ଆରତୀ ନାଗ, ଯୁବ ମୋର୍ଚ୍ଚା ସଭାପତି କାଶି ମେହେର, କୃଷକ ମୋର୍ଚ୍ଚା ସଭାପତି ପରମେଶ୍ୱର ପଧାନ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ ଟିକେଶ୍ୱର ଧରୁଆ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଭାବେ ଭାସ୍କର ସୁନା ଓ ଓବିସି ମୋର୍ଚ୍ଚା ସଭାପତି ରୂପେ ଲଳିତ ଶଗଡିଆ ମନୋନୀତ ହୋଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରହଲ୍ଲାଦ ଚାନ୍ଦ, ଅମୃତ ପୁଂଜି, କୈଳାସ ବିଶି, ଘନଶ୍ୟାମ ସରାଫ୍‌,କପିଳ ବୁଡେକ ପ୍ରମୁଖ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

### ଶିବରାତ୍ରି ମେଳା ପ୍ରସ୍ତୁତି

**ଲୋଇସିଂହା,୧୩।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡା, ବୁର୍ଡା, ସାନଟିକା ଶୈବପୀଠରେ ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଇଯାଇଛି । ଯୋଗୀସର୍ଡା ଯୋଗେଶ୍ୱରଧାମରେ ଆସନ୍ତା ୧୫ ତାରିଖ କଳସ ଯାତ୍ରା ଅନୁଷ୍ଠିତ ହୋଇ ୨୨ରେ ଉଦ୍‌ଯାପିତ ହେବ । ୧୬ ତାରିଖ ଶିବପୁରାଣ ସପ୍ତାହ, ୧୭ରେ ଶିବଯଜ୍ଞ, ନାମଯଜ୍ଞ ଜାଗର ଯାତ୍ରା ଅନୁଷ୍ଠିତ ହେବ । ଏହି ଅବସରରେ କଂସ ଦରବାର ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ସେହିପରି ବୁର୍ଡାଠାରେ ସପ୍ତାହବ୍ୟାପୀ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରଖଯାଇଥିବା କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।



### ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ପରଲୋକ

**ଦେଓଗାଁ, ୧୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ରେଣୁକା ପାତ୍ରଙ୍କ ଗୁରୁବାର ତାଙ୍କ ଦେଓଗାଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳକୁ ତାଙ୍କ ବୟସ ୬୫ ବର୍ଷ ହେଉଥିଲା । ସେ ୧୯୯୪-୯୫ ମସିହାରେ ଭାରତର ରେଲୱେ ରିକ୍ରୁ୍ୟଟମେଣ୍ଟ ବୋର୍ଡ ସଦସ୍ୟା ଥିଲେ । ଜିଲା ତଥା ଦେଓଗାଁ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ତାଙ୍କ ଅବଦାନ ରହିଥିଲା । ମର ଶରୀରକୁ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରି ସୋନଗଡ ନଦୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ରଣଜିତ ପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ଶବାଧାରରେ କନିଷ୍ଠ ପୁତ୍ର ବିଶ୍ୱଜିତ ପାତ୍ର, ଯୁବ କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର, ଅମରେନ୍ଦ୍ର ମିଶ୍ର, ବ୍ଲକ ଅଧକ୍ଷା ରୀନା ମେହେର, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ରାମଜୀ ଚୌଧୁରୀ, ପ୍ରମୋଦ ବହିଦାର ଓ ବହୁ ଗଣ୍ୟମାଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏ ନେଇ ଜିଲା କଂଗ୍ରେସ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ବିଧାୟକ ନରସିଂହ ମିଶ୍ର ରେଣୁକାଙ୍କ ଦେହାନ୍ତରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ଜିଲାପାଳ, ଏସ୍‌ପିଙ୍କୁ ଫେରାଦ ମୃତକଙ୍କ ପରିବାର

**ବଲାଙ୍ଗୀର ଅଫିସ,୧୩।୨**

**ପଥର ବ୍ଲାଷ୍ଟିଂ ବେଳେ ଯୁବକ ମୃତ୍ୟୁ ଘଟଣା**
- ଘଟଣାକୁ ଲୁଚାଇ ଦେବାର ପ୍ରୟାସ ଅଭିଯୋଗ
- ଶ୍ରମ କାର୍ଯ୍ୟାଳୟକୁ ବି ଯାଇ ଅଭିଯୋଗ କଲେ
- ଟଙ୍କାଟିଏ ବି କ୍ଷତିପୂରଣ ମିଳିନାହିଁ

ପଥର ବ୍ଲାଷ୍ଟିଂ ବେଳେ ଯୁବକଙ୍କ ମୃତ୍ୟୁ ଘଟଣାର ଉଚିତ୍ ତଦନ୍ତ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଡୁରୁକଭଟା ଗ୍ରାମର ଏକ ପରିବାର ଗୁରୁବାର ବଲାଙ୍ଗୀର ଆସି ଜିଲାପାଳ ଏବଂ ଏସ୍‌ପି ଅଫିସରେ ଦରଖାସ୍ତ ଦେଇଛନ୍ତି । ଡୁରୁକ୍‌ଭଟା ଗ୍ରାମର ଲୋକନାଥ ଛୁରା (୨୫)ଙ୍କ ଗତ ଜାନୁୟାରୀ ୧୫ ତାରିଖ ଦିନ ନିମୁର୍ଲା ପଥରକ୍ୱାରିଠାରେ ବ୍ଲାଷ୍ଟିଂ ଯୋଗୁଁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ କରିବା ପରିବର୍ତ୍ତେ ଅଭଯୁକ୍ତଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛନ୍ତି ବୋଲି ମୃତଙ୍କ ମାତା ଗେହ୍ଲି ଛୁରା ଅଭିଯୋଗ କରିଛନ୍ତି । କିଛି ମାସ ତଳେ ଲୋକନାଥ ଛୁରା ତାଙ୍କ ନିଜ ଗାଁର ଜନାର୍ଦ୍ଦନ ଛୁରାଙ୍କ ନିକଟରେ ମୁନ୍‌ସୀ କାମ କରୁଥିଲେ। ମୁନ୍‌ସୀ କାମ କରୁଥିଲେ ମଧ୍ୟ ଲୋକନାଥଙ୍କୁ ଘଟଣାଦିନ ନିମୁର୍ଲା ପଥର କ୍ୱାରିରେ କାମ କରିବାକୁ ଜନାର୍ଦ୍ଦନ କୁଆଡେ କହିଥିଲେ । ଉଭୟେ ସେଠାରେ ଉପସ୍ଥିତ ଥିବାବେଳେ ବ୍ଲାଷ୍ଟିଂ ହେବାରୁ ଉଭୟ ଲୋକନାଥ ଓ ଜନାର୍ଦ୍ଦନ ଗୁରୁତର ଆହତ ହୋଇଥିଲେ । ସେଠାରୁ ଏକ ଗାଡିରେ ଗୁରୁତର ଲୋକନାଥ ଓ ଜନାର୍ଦ୍ଦନଙ୍କୁ ଖଡିଆଳ ସ୍ଥିତ ମିଶନ ହସପିଟାଲକୁ ନିଆଯାଇଥିଲା । ବାରଣ ସତ୍ତ୍ୱେ ଗୁରୁତର ଲୋକନାଥଙ୍କ ସହ ତାଙ୍କ ମାଁ ଗେହ୍ଲି ଛୁରା ମଧ୍ୟ ଖଡିଆଳ ମିଶନ ହସପିଟାଲ ଯାଇଥିଲେ । ସେଠାରେ ପ୍ରଥମେ ଜନାର୍ଦ୍ଦନଙ୍କ ଚିକିତ୍ସା କରାଯାଇଥିଲା ଓ ଗୁରୁତର ଲୋକନାଥଙ୍କୁ ମିଶନ ହସପିଟାଲ ବାରଣ୍ଡାରେ ପକାଇ ଦିଆଯାଇଥିଲା । ଲୋକନାଥଙ୍କ ଚିକିତ୍ସା ପାଇଁ ତାଙ୍କ ମାଁ ଗେହ୍ଲି ଡାକ୍ତରମାନଙ୍କୁ କାକୁତି ମିନତି ହୋଇଥିଲେ ମାତ୍ର ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଥମେ ୧ ଲକ୍ଷ ଟଙ୍କା ଜମା କରିବାକୁ କୁଆଡେ କହିଥିଲେ । ୧ ଲକ୍ଷ ଟଙ୍କା କେଉଁଠି ପାଇବେ ବୋଲି ଗେହ୍ଲି କହିଲା ପରେ ମଧ୍ୟ କେହି ଶୁଣି ନ ଥିଲେ। କେଇଘଣ୍ଟା ପରେ ସେହି ବାରଣ୍ଡାରେ ଚିକିତ୍ସା ସେବା ନପାଇ ଲୋକନାଥଙ୍କ ମୃତ୍ୟୁ ଘଟିଥିଲା ବୋଲି ଗେହ୍ଲି ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ସେଠାରେ କେତେକ ଯୁବକ ଲୋକନାଥଙ୍କ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏହାପରେ ସିନ୍ଧେକେଲା ପୋଲିସ ଓ ଟିଟିଲାଗଡ ତହସିଲଦାର ପୀଡିତ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଖଡିଆଳ ଥାନାରେ ଲୋକନାଥ ଛୁରାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଘଟଣା ଘଟିବାର ଆଜିକୁ ପ୍ରାୟ ଏକ ମାସ ସମୟ ହୋଇଯାଇଥିଲେ ମଧ୍ୟ ଲୋକନାଥଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ଜଣାପଡିନାହିଁ ଓ ମୃତକଙ୍କ ପରିବାରକୁ ଟଙ୍କାଟିଏ ମଧ୍ୟ ସହାୟତା ମିଳିନାହିଁ । ଏନେଇ ସିନ୍ଧେକେଲା ଥାନାଧିକାରୀଙ୍କ ପାଖକୁ ଓ ଟିଟିଲାଗଡ ତହସିଲଦାରଙ୍କ ପାଖକୁ ବାରମ୍ବାର ଧାଉଁଥିଲେ ମଧ୍ୟ ସେମାନେ ଆଉ ଏହି ଘଟଣାକୁ ଗୁରୁତ୍ୱ ଦେଉନଥିବା ଗେହ୍ଲି ଜଣାଇଛନ୍ତି । ଏଣୁ ଗେହ୍ଲି ଛୁରା ଓ ତାଙ୍କ ପରିବାରର କିଛି ସଦସ୍ୟ ଗୁରୁବାର ବଲାଙ୍ଗୀର ଆସି ଜିଲାପାଳ କାର୍ଯ୍ୟାଳୟରେ ଅରିନ୍ଦମ ଡାକୁଆଙ୍କୁ ଭେଟି ଏହି ଘଟଣାର ଉଚିତ୍ ତଦନ୍ତ କରିବାକୁ ଦାବି କରିଥିଲେ । ଏଦିଗରେ ସେ ଏସପିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଜିଲାପାଳ ଡାକୁଆ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗେହ୍ଲି ଓ ପରିବାର ସଦସ୍ୟମାନେ ଏସପି ଅଫିସକୁ ଯାଇ ସେଠାରେ ଦାବିପତ୍ର ପ୍ରଦାନ କରିଥିଲେ। ସେଠାରୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ପଥରକ୍ୱାରି ଠାରେ ବ୍ଲାଷ୍ଟିଂ ଯୋଗୁଁ ଲୋକନାଥଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଏହାକୁ ଲୁଚାଇ ଭିନ୍ନମୋଡ ଦେବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ କରାଯାଇଛି।



ପରିବାର ସଦସ୍ୟଙ୍କ ସହ ଗେହ୍ଲି ଛୁରା ବଲାଙ୍ଗୀର ଅଫିସକୁ ଆସି ଅଭିଯୋଗ କରିଛନ୍ତି ।

## ମଦବିକ୍ରି ବନ୍ଦ ଦାବି କଲେ ଏସ୍‌ଏଚ୍‌ଜି ମହିଳା

**ଲୋଇସିଂହା,୧୩।୨(ଡି.ଏନ.ଏ.)**

ଲୋଇସିଂହା ଥାନା ଉପରବାହାଲରେ ବେଆଇନ ମଦ ବିକ୍ରି ବନ୍ଦ କରିବାରେ ପ୍ରଶାସନ ବିଫଳ ହୋଇଛି। ଏହାକୁ ନେଇ ଗ୍ରାମର ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବେଆଇନ ମଦ କାରବାର ବନ୍ଦ କରା ନ ଗଲେ ମହିଳା ଗୋଷ୍ଠୀ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗମତେ, ଆଗଲପୁର ବ୍ଲକ ଉପରବାହାଲା ପଞ୍ଚାୟତ ସଦର ଗାଁରେ କେତେକ ବ୍ୟକ୍ତି ପୋଲିସ ଓ ଅବକାରୀ ବିଭାଗର ସହଯୋଗରେ ବେଆଇନ ମଦ କାରବାର ଚଳାଇଛନ୍ତି। ଅନେକ ସମୟରେ ସ୍କୁଲ ଛାତ୍ରୀ ଓ ମହିଳାମାନେ ରାସ୍ତାଘାଟରେ ଯିବା ଆସିବାବେଳେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମହିଳା ସଂଘ ପକ୍ଷରୁ ବେଆଇନ ମଦ ଭାଟିଆଙ୍କୁ ମଦ ବନ୍ଦ କରିବା ପାଇଁ ବାରଣ କଲେ ସୁଦ୍ଧା ମାନୁ ନାହାନ୍ତି। ଗତ ୨୭ ଡିସେମ୍ବର ୨୦୧୯ରେ ଗାଁର ୩୦ଟି ଏସଏଚଜି ପକ୍ଷରୁ ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଏସପି, ଲୋଇସିଂହା ଥାନା ଅଧିକାରୀ ଓ ସ୍ଥାନୀୟ ଅବକାରୀ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ । ଦେଢ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।



ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବନପାଳ ଓ ବନ ସୁରକ୍ଷା ସମିତି କର୍ମକର୍ତ୍ତା ।

# ମିଳିତ ଉଦ୍ୟମରେ ଜଙ୍ଗଲ ସୁରକ୍ଷା ସମ୍ଭବ

**ଖପ୍ରାଖୋଲ, ୧୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବିଟ୍ ହାଉସ୍‌ଠାରେ ଜଙ୍ଗଲ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବନପାଳ ବିପିନ ବିହାରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗନ୍ଧମାର୍ଦ୍ଦନ ତଳି ଅଞ୍ଚଳରେ ଥିବା ୧୨ଟି ବନସୁରକ୍ଷା ସମିତିର ସଦସ୍ୟ ଯୋଗଦେଇଥିଲେ । ମିଳିତ ଉଦ୍ୟମ ଦ୍ୱାରା ଜଙ୍ଗଲ ସୁରକ୍ଷା ସମ୍ଭବ ବୋଲି ବନପାଳ କହିଥିଲେ। ଏଥି ସହ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ପାଇଁ ବନସୁରକ୍ଷା ସମିତି ଆଗେଇ ଆସିବାକୁ ସେ ଆହ୍ୱାନ କରିଥିଲେ । ଏହି ଅବସରରେ ବନସୁରକ୍ଷା ସମିତି ସଦସ୍ୟ ସରୋଜ ପାଣିଗ୍ରାହୀ, ବଂଶୀଧର ବେହେରା, ବିନୋଦ ଠେଲା, ରାମଚନ୍ଦ୍ର ବରିହା, ବନରକ୍ଷୀ ବିଘ୍ନରାଜ ପୋଢ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ବିୟୋଗରେ ଶୋକ

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ରଙ୍କ ପରଲୋକ ହୋଇଯାଇଛି । ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି । ବିଧାୟକ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ପୂର୍ବତନ ଏମପି ଶରତ ପଟ୍ଟନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ହେମନ୍ତ କୁମାର ପଣ୍ଡା, ବିଧୁଭୂଷଣ ତ୍ରିପାଠୀ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତା ପାତ୍ରଙ୍କ ନେତୃତ୍ୱରେ ମହିଳା କଂଗ୍ରେସ ସଙ୍ଗଠନ ସୁଦୃଢ଼ ହୋଇଥିଲା । ରାଜନୀତି, ସମାଜସେବା, ମହିଳା ସଶକ୍ତିକରଣରେ ସେ ବଳିଷ୍ଠ ଭୂମିକା ନିର୍ବାହ କରିଥିଲେ । ତାଙ୍କ ବିୟୋଗ ଜିଲା ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜନେତାମାନେ କହି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ଦେଓଗାଁରେ ସୁନ୍ଦରାକାଣ୍ଡ ପାରାୟଣ

**ଦେଓଗାଁ, ୧୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଦୁର୍ଗାମଣ୍ଡପ ଛକରେ ଗୁରୁବାର ସ୍ଥାନୀୟ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା ପରେ ସୁନ୍ଦରାକାଣ୍ଡ ପାରାୟଣ ଆରମ୍ଭ ହୋଇଥିଲା । ଏଥିରେ ଗାୟିକା ଭାବେ ସୀତା ଯୋଷୀ ଯୋଗଦେଇଥିଲେ। କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ ଯୋଗେନ୍ଦ୍ର ସାହୁ। ହନୁମାନ ଭୂମିକାରେ ଚେରମେନ ବୁଦ୍ଧିଆ ଅବତୀର୍ଣ୍ଣ ହୋଇଥିଲେ। କାର୍ଯକ୍ରମକୁ ନାରାୟଣ ସାହୁ, ବିରଧିଚନ୍ଦ ଅଗ୍ରୱାଲ, ରଜନୀକାନ୍ତ ଦାସ, ଜଗା ସାହୁ, ରଜନୀକାନ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।




ଦେଓଗାଁ ଦୁର୍ଗାମଣ୍ଡପ ଛକରେ ଚାଲିଥିବା ସୁନ୍ଦରାକାଣ୍ଡ ପାରାୟଣ।

# ନ୍ୟାଶନାଲ ପାୱାର ଲିଫ୍ଟିଙ୍ଗ ଦଳର ଦିଲ୍ଲୀ ଯାତ୍ରା

**ଟିଟିଲାଗଡ଼, ୧୩।୨ (ଡି.ଏନ.ଏ)**

ଦିଲ୍ଲୀଠାରେ ଆସନ୍ତା ୧୫ ଏବଂ ୧୬ରେ ଜାତୀୟସ୍ତରୀୟ ପାୱାର ଲିଫ୍ଟିଂ ଚାମ୍ପିୟନଶିପ ଏବଂ ଭାରତଶ୍ରୀ କ୍ଲାସିକ ବଡି ବିଲଡିଂ ପ୍ରତିଯୋଗିତା ହେବ। ଏଥିରେ ଭାଗ ନେବାକୁ ଓଡିଶା ରାଜ୍ୟ ନ୍ୟାଶନାଲ ପାୱାର ଲିଫ୍ଟିଂ ଫେଡେରେସନ (ଏନପିଏଫ)ର ସଭାପତି ରୁପନାରାୟଣ ସିଂଙ୍କ ନେତୃତ୍ୱରେ ଟିଟିଲାଗଡ ରେଳ ଷ୍ଟେଶନରୁ ଏକ ଦଳ ଯାତ୍ରା ଆରମ୍ଭ କରିଛି। ଏହି ଦଳରେ ଟିଟିଲାଗଡରୁ ୬, ବରଗଡରୁ ୪ ଏବଂ ରାଉରକେଲାରୁ ୫ ପ୍ରତିଯୋଗୀ ସାମିଲ ଅଛନ୍ତି। ଏହି ଦଳରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଚିନି ମୋନିକା, ଆର୍ତ୍ତ ପ୍ରଧାନ, ସୁଦାମ ସାହୁ, କାଞ୍ଚନ ମହାରଣା, ଚୈତନ୍ୟ ଘିବେଲା, ସାହାଦତ ଖାନ, କରୁଣା ବିଭାର ମହାଦେବ ସୁନା, ସୁଧାଂଶୁ ବାରିକ, ଦେବାଶିଷ ମହାନ୍ତି, ମାଇକେଲ ଜଙ୍କସନ ମାଝୀ, ଉପସଭାପତି ଶିଶିର ବହିଦାର, ନିତିଶ କୁମାର, ଚନ୍ଦନ ଗୁପ୍ତା, ସୁଧିର ପଟ୍ଟନାୟକ ପ୍ରମୁଖ ସାମିଲ ଅଛନ୍ତି। ସଂଘର ରାଜ୍ୟ ଉପସଭାପତି ବିରେନ୍ଦ୍ର ବାଗ ଏହି ଦଳକୁ ଟିଟିଲାଗଡ ଠାରେ ବିଦାୟ ଜଣାଇବା ସହ ସଫଳତା କାମନା କରିଥିଲେ।



ଦିଲ୍ଲୀରେ ଅଂଶଗ୍ରହଣ କରିବାକୁ ବାହାରିଥିବା ପାୱାର ଲିଫ୍ଟିଂ ଦଳ ।

## ପିସ୍ତଲ ଦେଖାଇ ୭୦ ହଜାର ଲୁଟ୍

**ଟିଟିଲାଗଡ଼, ୧୩।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ସାଗନାମୁଣ୍ଡା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଜଣେ ମାଇକ୍ରୋଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କୁ ପିସ୍ତଲ ଦେଖାଇ ଦୁର୍ବୃତ୍ତ ୭୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ସୂଚନା କ୍ରମେ ସମ୍ପର୍ଣ୍ଣା ବିଜନେସ କମ୍ପାନୀର କ୍ଷେତ୍ର ଅଧିକାରୀ ସମ୍ପଦ ଛତ୍ରିଆ ସାଗନାମୁଣ୍ଡା ଅଞ୍ଚଳରୁ ବିଭିନ୍ନ ମହିଳା ଗୋଷ୍ଠୀଙ୍କଠାରୁ କିସ୍ତି ଟଙ୍କା ଅସୁଲି କରି ଟିଟିଲାଗଡ ଫେରୁଥିଲେ । ସେହି ସମୟରେ ବାଟରେ ଏକ ସ୍କୁଟିରେ ଛକି ବସିଥିବା ଦୁଇ ଜଣ ଦୁର୍ବୃତ୍ତ ସମ୍ପଦଙ୍କୁ ପିସ୍ତଲ ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । କମ୍ପାନୀ ପକ୍ଷରୁ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ ୬୨/୧୮) ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

**ଟିଟିଲାଗଡ଼, ୧୩।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳରେ ତାତିକୁ ପ୍ରତିହତ କରିବା ପାଇଁ ଚାରା ରୋପଣ ସହ ବନ ସୁରକ୍ଷା ବନବିଭାଗ ତଥା ସ୍ଥାନୀୟ ପରିବେଶବିତଙ୍କ ପାଇଁ ସର୍ବଦା ଚିନ୍ତାର ବିଷୟ ପାଲଟିଛି। ଏପରିପ୍ରେକ୍ଷୀରେ ଆଗାମୀ ଗ୍ରୀଷ୍ମ ଋତୁକୁ ନେଇ ବିଶେଷ କରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ବନ ବିଭାଗ ସଭା ସମିତି ଜରିଆରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏନେଇ ସିକେର ସେକ୍ସନ ଅଫିସଠାରେ ଫରେଷ୍ଟର ଜୟକୃଷ୍ଣ ଭୋଇଙ୍କ ଅଧକ୍ଷତାରେ ଅଞ୍ଚଳର ୧୪ଟି ବନସୁରକ୍ଷା ସମିତି ସଭାପତିଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲର ନିଆଁ ଲାଗିଲେ କିଭଳି ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିଭୀଷିକା ଭଳି ପରିସ୍ଥିତି ସୃଷ୍ଟି ହେଉଛି, ବନ୍ୟଜନ୍ତୁ, ମୂଲ୍ୟବାନ ଗଛ ପୋଡି ନଷ୍ଟ ହେଉଛି ସେ ସମ୍ପର୍କରେ କହିଥିଲେ। ସର୍ବୋପରି ନିଆଁ ଲାଗିବା ପରେ ଜଙ୍ଗଲ ସମୀପ ଗାଁରେ ଲୋକେ କିଭଳି ଜୀବନ ବିକଳରେ ଘର ଛାଡି ଚାଲିଯିବାକୁ ପଡୁଛି ସେ ନେଇ ଫରେଷ୍ଟର ଭୋଇ ବୁଝାଇଥିଲେ। ଏହା ସହ ଯେଉଁ ବନ ସମିତିର ତତ୍ତ୍ୱାବଧାନରେ ରହିଥିବା ବନାଞ୍ଚଳରେ ନିଆଁ ବିଲକୁଲ ନ ଲାଗିବ ସେହି ସମିତିକୁ ରାଜ୍ୟ ସରକାର ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯିବ। ଯେଉଁ ବନ ସମିତି ନିଆଁ ଲଗାଉଥିବା ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବାରେ ସହାୟକ ହେବେ ସେମାନଙ୍କୁ ମଧ୍ୟ ୫ ହଜାର ଟଙ୍କା ଅର୍ଥ ରାଶି ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା।



ସଚେତନତା ବୈଠକରେ ଉପସ୍ଥିତ ଜନ ସାଧାରଣ ଓ ବନପାଳ।

# କଣ୍ଟାବାଞ୍ଜି, କନ୍ଦବାହାଲ ବିଜୟୀ

**ସୋନିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଲାଠୋର, ୧୩।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆଠାରେ ଗୁରୁବାର ଜୟ ମାଁ ବସ୍ତ୍ରେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନବମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମାଜିକ କର୍ମୀ ଶଙ୍କରଲାଲ ଅଗ୍ରୱାଲ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ କଣ୍ଟାବାଞ୍ଜି ସେଭେନ ଷ୍ଟାର ଓ ଛତିଶଗଡ ରାଜ୍ୟ ବାଗବେହେରା ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି କଣ୍ଟାବାଞ୍ଜି ସେଭେନଷ୍ଟାର ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ବାଗବାହାରା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୧୪୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା।

ଦ୍ୱିତୀୟ ମ୍ୟାଚ ଛତିଶଗଡ ରାଜ୍ୟ ରାୟପୁର ଏବଂ କନ୍ଦବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କନ୍ଦବାହାଲ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ଜିତେନ୍ଦ୍ର ସକାଙ୍କ ୪୨ ରନ ବଲରେ ୧୨୭ ରନ ଓ ଭିକାରୀ ସିକା ୧୯ ବଲରେ ୮୦ ରନ ବଳରେ ୨୨୭ ରନ ସଂଗ୍ରହ କରିଥିଲା। ପରେ ଜବାବରେ ରାୟପୁର ଦଳ ୧୩୨ ରନରେ ଅଲ ଆଉଟ ହୋଇ ଯାଇଥିଲା। ପ୍ରଥମ ମ୍ୟାଚରେ ରବି ସୋନି ଏବଂ ଭରତ ଥମ୍ବା ଅମ୍ପାୟାର ଓ ସ୍କୋରର ଭାବେ ଅମିତ ଭଇଁଷାଲ ଦାୟିତ୍ୱ ନିର୍ବାହ କରିଥିଲେ। ଧାରା ବିବରଣୀ ବିଶ୍ୱହରୀ ପ୍ରସାଦ ନାଗ ଏବଂ ଅକୃର ହାତୀ ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଲାଏବାନ ସୁନା ଏବଂ ରବି ସୋନୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କ୍ଲବର ସଦସ୍ୟ ଲଳିତ ଭଇଁଷାଲ, ମନୁସିଂ ଭଲ୍ଲା, ଅମିତ ସୁନା, ନୁତନ ନାଗ, ଲାଏବାନ ସୁନା, ନୀଳ ବେହେରାଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତି ଥିଲେ।



ସୋନିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଫିତା କାଟି ଉଦ୍‌ଘାଟନ କରୁଛନ୍ତି।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ



### ଅବକାରୀ ଚଢ଼ାଉ, ୩ କୋର୍ଟ ଚାଲାଣ

**ଜୁନାଗଡ,୧୩।୨(ଡି.ଏନ.ଏ.)** ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ ବ୍ଲକର ରଣପୁର, ତଳଜାରିଙ୍ଗ ଓ କେନ୍ଦୁପାଟି ଗ୍ରାମରେ ବେଆଇନ ମଦ କାରାବାର ହେଉଥିବା ଖବର ପାଇ ଅତର୍କିତ ଚଢାଉ କରାଯାଇଥିଲା। ଏଥିରେ ରଣପୁର ଗ୍ରାମର ରାୟ ପରାଭୋଇଙ୍କଠାରୁ ୩୦ଲିଟର ଚୋରା ହାତରନ୍ଧା ମଦ, ତଳଜାରିଙ୍ଗର କର୍ଲାମତି ନାଏକଙ୍କଠାରୁ ୯.୨ ମିଲି ଭାଟି ମଦ ଓ କେନ୍ଦୁପାଟିର ଚୌବନ ମହାନନ୍ଦଙ୍କ ଠାରୁ ୭.୪ଲିଟର ଭାଟି ମଦ ଜବତ କରାଯାଇଥିଲା। ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜୁନାଗଡ ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢାଉରେ ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ,ଏଏସ୍ଆଇ ବସନ୍ତ ବିଶି, କନଷ୍ଟେବଲ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ଠଣସୁନ୍ଦର ଜାଲ ପ୍ରମୁଖ ସାମିଲ ଥିଲେ।

### ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

**ଭବାନୀପାଟଣା, ୧୩।୨ (ଡି.ଏନ.ଏ.):** କଳାହାଣ୍ଡି ପ୍ରାଥମିକ ଶିକ୍ଷକ ଭବନଠାରେ ଜିଲା ସଭାପତି ମନୋଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସଦର ବ୍ଲକର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ବଶିଷ୍ଠ ଭୋଇ, ଉପସଭାପତି ପ୍ରଦ୍ୟୁମ୍ନ ହୋତା, ସଂଯୁକ୍ତାରାଣୀ ବେହେରା, ସମ୍ପାଦକ ପୂର୍ଣ୍ଣଶଶି ମହାନ୍ତି, ସଂଯୋଜକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ଅରୁଣ ବିଷୋଇ, ପୂର୍ଣ୍ଣଚନ୍ଦ୍ର ରାଉତ, ଅନୁପମା ପ୍ରିୟଦର୍ଶିନୀ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ପଟ୍ଟନାୟକ, ଶ୍ରୀନିବାସ ଆଚାରୀ, ଜଗଦୀଶ ଚନ୍ଦ୍ର ପାଣି, ମାରୁତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଜୁନାଗଡ ବ୍ଲକ ସଭାପତି ସରୋଜ ପଣ୍ଡା, ଲାଞ୍ଜିଗଡ ବ୍ଲକ ସମ୍ପାଦକ ପ୍ରମୋଦ ମହାନ୍ତି, ଥୁଆମୂଳ ରାମପୁର ବ୍ଲକ ସଭାପତି ଶଶି ନାଏକ, ଉପେନ୍ଦ୍ର କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ୪ ଅନାଥ ଭଉଣୀଭାଇଙ୍କୁ ସହାୟତା

**ଜୁନାଗଡ,୧୩।୨ (ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁ ପଞ୍ଚାୟତ ଡୁଡୁଙ୍ଗଗୁଡା ଗ୍ରାମର ରାଜକିଶୋର ଗୁରୁ ଗତ ୬ ବର୍ଷ ତଳେ ହଠାତ ମୃତ୍ୟୁ ବରଣ କରିଥିଲେ। ତାଙ୍କ ମୃତ୍ୟୁର କିଛି ଦିନରେ ପତ୍ନୀ ରାଜମୁକ୍ତା ଘରୁ କୁଆଡେ ଚାଲିଯାଇଥିଲେ। ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଥିଲେ। ମା' ବାପା ଚାଲିଯିବା ପରେ ୪ ଭଉଣୀଭାଇ ଅସହାୟ ଜୀବନ ଯାପନ କରୁଥିଲେ। ଏହି ଦୁଃଖଦ ଘଟଣା ନେଇ ପ୍ରଥମେ ଧରିତ୍ରୀରେ ଗତ ୮ତାରିଖ ଶନିବାର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଏହା ଲୋକଲୋଚନକୁ ଆସିଥିଲା। ବିଭିନ୍ନ ଦିନରେ ଜୁନାଗଡ ବ୍ଲକ ପ୍ରଶାସନ, ଜିଲା ଶିଶୁ ମଙ୍ଗଳ ସମିତି, କର୍ତ୍ତବ୍ୟ ଅନୁଷ୍ଠାନ ପ୍ରମୁଖ ପହଞ୍ଚି ସେମାନଙ୍କୁ ସହାୟତାର ହାତ ବଢାଇଛନ୍ତି। ସେହିପରି ବୁଧବାର ମୂଳନିବାସୀ ଛାତ୍ର ଓ ଯୁବସଙ୍ଗଠନ (ଏମଏସ୍ୟାଇଏଫ୍) ଅଧ୍ୟକ୍ଷ କମଳାକାନ୍ତ ବିହାରୀଙ୍କ ନେତୃତ୍ୱରେ ଢଗ ନାଏକ, ଶ୍ୟାମ ସୁନ୍ଦର ମାଝି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅସହାୟ ୪ ଭଉଣୀଭାଇଙ୍କୁ ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଥିଲେ। ପ୍ରକାଶ ଯେ, ମା' ବାପା ଚାଲିଯିବା ପରେ ଏହି ଅସହାୟ ୪ ଭଉଣୀଭାଇ ଘୋର ଆର୍ଥିକ ସଙ୍କଟରେ ଗତି କରୁଥିଲେ। ଫଳରେ ବଡ ୨ ଭଉଣୀ ଶିକ୍ଷା ଗ୍ରହଣ କରିପାରିଲେ ନାହିଁ। ତାଙ୍କ ପାଠପଢା ପାଇଁ ଅର୍ଥ ଡୋରି ବାନ୍ଧିଥିଲା। ଫଳରେ ବଡ ଭଉଣୀ ପ୍ରତିମା (୧୭) ଅଷ୍ଟମ ଓ ତାଙ୍କ ତଳ ଭଉଣୀ ଅଙ୍କିତା ନବମ ପଢି ପାଠ ପଢା ଛାଡି ଦେଇଥିଲେ। ବର୍ତ୍ତମାନ ୨ ସାନ ଭଉଣୀ ଭାଇ ଯଥା ଅନାମିକା (୧୧) ମାଟିଗାଁରେ ଷଷ୍ଠ ଶ୍ରେଣୀରେ ଓ ସାନ ଭାଇ ଜୟଶଙ୍କର (୮) ଗାଁ ସ୍କୁଲରେ ତୃତୀୟ ଶ୍ରେଣୀ ପଢୁଛନ୍ତି। ପରିବାରର ଦୟନୀୟସ୍ଥିତିକୁ ଦେଖି ୨ ବଡ ଭଉଣୀ ଲୋକଙ୍କ ଘରେ କୁଲିମଜୁରୀ କରିବାକୁ ଯାଉଛନ୍ତି। ସେଥିରେ ଯାହାକିଛି ଆଣିଲେ ପରିବାର ଚଳାଇବା ସହ ୨ଭଉଣୀ ଭାଇଙ୍କୁ ପାଠପଢାଉଛନ୍ତି। ଏପରିସ୍ଥଳେ ୪ ଭଉଣୀଭାଇଙ୍କ ସାହାରା ପାଲଟିଛନ୍ତି ବୁଢା ଜେଜେବାପା ଅଫିସର ଗୁରୁ। ବୁଢାବାପା ମଧ କାମ କରି ଆହାର ଯୋଗାଉଛନ୍ତି। ପରିଣତ ବୟସ ହୋଇଥିବାରୁ ଅଫିସରଙ୍କ ପାଇଁ ନାତିନାତୁଣୀଙ୍କ ଲାଳନ ପାଳନ କରିବା କଷ୍ଟକର ହୋଇପଡିଛି। ଫଳରେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଥିଲା।



ମୂଳ ନିବାସୀ ଛାତ୍ର ଓ ଯୁବସଙ୍ଗଠନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କଲମପୁର, ୧୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ଅମହମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୭୨ ଜଣ ଛାତ୍ରୀ ତାଲିମ ନେଇଥିଲେ। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱବଧାନରେ ଅୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କଲମପୁର ଗୋଷ୍ଠୀ ଚିକିତ୍ସାଧିକାରୀ ଶିବାଶିସ୍ ସ୍ୱାଇଁ, ମୁଖ୍ୟବକ୍ତା ପ୍ରଧାପକ ରବୀନ୍ଦ ନାରାୟଣ ପଣ୍ଡା, ଅଧ୍ୟାପକ ବିବେକାନନ୍ଦ ଠାକୁର, ପ୍ରୋଗ୍ରାମ ଇନଚାର୍ଜ ବିଭୁତି ଭୁଷଣ ପଟ୍ଟନାୟକ, ମାଷ୍ଟର ଟ୍ରେନର ସ୍ନେହା ମରୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଝିଅମାନେ ନିଜର ଆତ୍ମ ସୁରକ୍ଷା ନିଜେ ହିଁ କରିପାରିଲେ ଏହି ଯୋଜନା ସଫଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ତାଲିମ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଛାତ୍ରୀମାନଙ୍କୁ ତାଲିମ ଦିଆଯାଉଛି।



ମୋ ସରକାର କକ୍ଷ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

# ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟରେ ମୋ ସରକାର କକ୍ଷ ଉଦ୍‌ଘାଟିତ

**ଲାଞ୍ଜିଗଡ଼,୧୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମୋ ସରକାର କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଇଂ.ଫକୀର ମୋହନ ମାଝି ଯୋଗଦେଇ କକ୍ଷ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ମୋ ସରକାର ଏବଂ ୫–ଟି ଯୋଜନାର ସଫଳ ରୁପାୟନ ପାଇଁ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ମୋ ସରକାର କକ୍ଷ ଖୋଲାଯାଇଛି। ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚି ପାରୁ ନ ଥିବା ଜନସାଧାରଣ ଟୋଲଫ୍ରି ନଂ. ଯୋଗେ ନିଜ ତଥା ଅଞ୍ଚଳର ଯେ କୌଣସି ଅଭିଯୋଗ ସିଧା ସଳଖ କରିପାରିବେ । ଭୁବନେଶ୍ୱର କାର୍ଯ୍ୟାଳୟରେ ପଞ୍ଜୀକୃତ କରି ଏହି ବ୍ଲକ କାର୍ଯ୍ୟାଳୟରେ ଖୋଲା ଯାଇଥିବା ମୋ ସରକାର କକ୍ଷ ଜରିଆରେ ଯଥାଶୀଘ୍ର ସମାଧାନ ପାଇଁ ଉପରୁ ନିର୍ଦ୍ଦେଶ ଦିଆଯିବ। ଏହାପରେ ଅଭିଯୋଗର ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ ବିଡିଓ ନିର୍ଦ୍ଦେଶ ଦେବେ। ଏହା ସହ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଆସି ନିଜେ ମଧ୍ୟ ସିଧାସଳଖ ନିଜର ଯେ କେସଣସି ଅଭିଯୋଗ କରିପାରିବେ। ସମସ୍ତ ଅଭିଯୋଗ ଅନ୍‌ଲାଇନ୍‌ରେ ପଞ୍ଜୀକୃତ କରାଯିବ। ଲାଞ୍ଜିଗଡ ବ୍ଲକର ଦୁର୍ଗମ ଅଞ୍ଚଳରେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି । ଏହି କକ୍ଷ ଖୋଲିବା ଦ୍ୱାରା ସାଧାରଣ ଲୋକେ ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଅଭିଯୋଗ କରିପାରିବେ ବୋଲି ଆଶା ବାନ୍ଧିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଏବିଡିଓ ବିଭୁତି ଭୁଷଣ ଶତପଥି, ସିଡିପିଓ କୁସୁମ କୁମାରୀ ପ୍ରହରାଜ,ଏସିଓ ଶଙ୍କର୍ଷଣ ସାହୁ, ବିଜୁ ଯୁବ ବାହିନୀ ବ୍ଲକ କୋର୍ଡିନେଟର ଜଙ୍ଗସନ ସାହୁ, ବିଶ୍ୱନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ କନ୍ଧପାନ ବାବୁ, ଗ୍ରାମ ରୋଜଗାର ସେବକ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ମୋ ସରକାରର ଟି ସାର୍ଟ ଓ ଟୋପି ପ୍ରଦାନ କରାଯାଇଥିଲା।

# ୧୧ କେଭି ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର

**ଭବାନୀପାଟଣା,୧୩।୨( ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଜଗନ୍ନାଥପୁରର କାଳିପ୍ରସାଦ ଆଚାର୍ଯ୍ୟ (ଅଙ୍କିତ) ୧୧ କେଭି ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି । ସେ ଏବେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ କାଳିପ୍ରସାଦ ଆଚାର୍ଯ୍ୟ (୧୯) ଗତ ୨୮ ତାରିଖ ଅପରାହ୍ନ ୨ଟାରେ ନିଜ ଘର ସ୍ଲାବ ଉପରେ ଚଢିଥିବା ସମୟରେ ଘର ଉପରେ ଦେଇ ଯାଇଥିବା ୧୧ କେଭି ତାର ତାଙ୍କର ବାମ ହାତ ସ୍ପର୍ଶ ହୋଇଯାଇଥିଲା। ଫଳରେ ତାଙ୍କର ବାମ ହାତ ପୋଡିଯାଇଛି। ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା ଏବଂ ପରେ ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେଠାରେ ତାଙ୍କର ବାମ ହାତ (କହୁଣିଠାରୁ ଆଙ୍ଗୁଠି ପର୍ଯ୍ୟନ୍ତ) ପ୍ଲାଷ୍ଟିକ ସର୍ଜରି କରାଯାଇଛି। ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ଏପରି ଘଟିଥିବା କୁହାଯାଉଛି। ଯୁବକଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ତାଙ୍କର ଚିକିତ୍ସା ଭାର ସରକାର ଗ୍ରହଣ କରନ୍ତୁ ବୋଲି ପୀଡିତାଙ୍କ ପରିବାର ଓ ଗ୍ରାମବାସୀ ସରକାରଙ୍କୁ ଗୁହାରୀ କରିଛନ୍ତି। ଉକ୍ତ ଘର ଉପର ଦେଇ ଯାଇଥିବା ୧୧ କେଭି ଲାଇନକୁ ହଟାଇବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ ବିଭାଗ ନଜର ଅନ୍ଦାଜ କରିଥିବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରକାଶ।

# କେନ୍ଦ୍ରୀୟ ରିଜର୍ଭ ପୋଲିସ ଦ୍ୱାରା ସ୍ୱାସ୍ଥ୍ୟ ଶିବିର

**ଭବାନୀପାଟଣା,୧୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଉର୍ଲାଦାନୀଠାରେ ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୋଲିସ ଦ୍ୱାରା ଗତ ବୁଧବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ପ୍ରକାର ରୋଗରେ ପୀଡିତ ମହିଳା, ପୁରୁଷ, ବୃଦ୍ଧା, ବୃଦ୍ଧ ଓ ଶିଶୁମାନଙ୍କ ଚିକିତ୍ସା କରାଯିବା ସହ ବିଭିନ୍ନ ଔଷଧ ମାଗଣାରେ ବିତରଣ କରାଯାଇଥିଲା । ଉକ୍ତ ରୋଗରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ମଧ ଅବଗତ କରାଯାଇଥିଲା। ଏହି ଶିବିରରେ ୫ ଶହରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ, ବୃଦ୍ଧା, ବୃଦ୍ଧ ଓ ଶିଶୁମାନେ ଅଂଶଗ୍ରହଣ କରି ଉପକୃତ ହୋଇଥିଲେ। ଏହି ଶିବିର ୬୪ ବାଟାଲିୟନର କମାଣ୍ଡେଣ୍ଟ ବିପ୍ଳବ ସରକାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ଗ୍ରାମବାସୀଙ୍କୁ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ଅଂଶଗ୍ରହଣ କରି ଉପକୃତ ହେବା ପାଇଁ କହିଥିଲେ। କେନ୍ଦ୍ରୀୟ ରିଜର୍ଭ ପୋଲିସ ଦ୍ୱାରା ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳରେ ଏହିପରି ସ୍ୱାସ୍ଥ୍ୟ ଶିବିର, ଖେଳ, ଶିକ୍ଷା ଭଳି ବିଭିନ୍ନ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେଉଥିବା ପ୍ରକାଶ କରିଥିଲେ। ଏହି ଶିବିରରେ ସହଯୋଗୀ କମାଣ୍ଡେ ମନୋଜ ଖଜୋଟିଆ, ମୁଖ୍ୟ ଚିକିତ୍ସାଧିକାରୀ ଡା. ବିକେ ବାସୁମତାରିଙ୍କ ସମେତ ଉର୍ଲାଦାନି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ସମେତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ଔଷଧ ବଣ୍ଟନ କରାଯାଉଛି।

# ଆବାସ ଯୋଜନାର ବିଲ୍ ଲାଗି ହିତାଧିକାରୀ ହଟ୍‌ହଟା

**ଭବାନୀପାଟଣା, ୧୩।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଟିଁଟିଆ ପଁଚେତ୍ ଅଧୀନ ଲାଖୁରଭଟା ଗାଁର କେତେ ହିତାଧିକାରୀ ଆବାସ ଯୋଜନାର ବିଲ୍ ପାଏବାର ଲାଗି ହଇରାନ ହରକତ ହେଉଥିବାର ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଲାଖୁରଭଟା ଗାଁର ଅଭିରାମ ବାଗ, କ୍ଷୀର ବେଓ୍ୱା, ଘନ ମାଝି ଆବାସ ଯୋଜନାର ଶେଷ ବିଲ୍ ଲାଗି ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଛନ୍। ଆଏଜ୍‌କେ ପାଖାପାଖି ୩ ମାସ ହେଲା ହିତାଧିକାରୀମାନେ ବିଲ୍ ପାଏବାର ଲାଗି ପଁଚେତ୍ ଆର ବ୍ଲକ ପରଶାସନକେ ଗୁହାରି କରୁଥିଲେ ବି ଖାଲି ମିଛ ପରତିଶ୍ରୁତି ଦେଉଛନ୍ ବଲି ସେମାନେ ଅଭିଯୋଗ କରିଛନ୍। ହିତାଧିକାରୀମାନକର କହେବାର ହିସାବେ ଘର ଲାଗି ମୋଟ ୩୦ ହଜାର ଟଁକା, ବୋନସ ବାବ୍‌ଦେ ୨୦ ହଜାର ଟଁକା ଆର ମନରେଗା ଲାଗି ୧୨ ହଜାର। ଏନ୍‌ଥେଇ କୁଲ ୬୨ ହଜାର ଟଁକା ବିଲ୍ ବାବ୍‌ଦେ ପାଏବାର ଅଛେ। ହେଲେ ଘର ତିଆରି ସାରବାର ୪ ମାସ ବିତିଯାଇଥିଲେ ବି ଅଧିକାରୀ, କରମ୍‌ଚାରୀମାନେ ଆମ୍‌କୁ ଠକି ଚାଲିଛନ୍ ବଲି ସେମାନେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଟିଁଟିଆ ପିଇଓ ଆର ଜିଆରଏସ୍‌କୁଁ ପଚ୍‌ରାଲାରୁ ଜିଓଟେଗ୍ ଆର ଡିମାଣ୍ଡ ଡ୍ରାଫ୍ଟରେ ଡେରି ହେଉଥିବାର ଲାଗି ଏନ୍‌ତା ସବୁ ସମସିଆ ଦେଖାଦେଉଛେ ବଲି ସେମାନେ କହିଥିଲେ। ବ୍ଲକ ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ଘଟନାର ତଦଁତ୍ କରି ପଦକ୍ଷେପ ନେବାକେ ହିତାଧିକାରୀମାନେ ଦାବି କରିଛନ୍।

# ଚିଟିଆକୁ ହରାଇ ଉଦେସୁରୁଙ୍ଗ ଚାମ୍ପିୟନ

## ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ

**ପର୍ଲା,୧୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଖନାତରା ଗ୍ରାମଠାରେ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ ଉଦେସୁରୁଙ୍ଗ ଟିମ ସହ ଚିଟିଆ ଟିମର ମୁକାବିଲା ହୋଇଥିଲା। ଏଥିରେ ଉଦେସୁରୁଙ୍ଗ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଟସ ଜିଣି ଉଦେସୁରୁଙ୍ଗ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୧୨୮ ରନ କରିଥିଲା। ଚିଟିଆ ଟିମ ୮ ଓଭର ୨ ବଲରେ ୮୭ ରନ୍ କରି ସମସ୍ତ ଖେଳାଳି ଆଉଟ ହୋଇଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ସହ ଟ୍ରଫି ଏବଂ ଉପବିଜେତାକୁ ୧୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ୍ ଦି ସିରିଜ ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ୫ ଶହ ଟଙ୍କା ଟ୍ରଫି ଦିଆଯାଇଥିଲା। ବିପୁଳ ଧାଙ୍ଗଡାମାଝି ଓ ମହେନ୍ଦ୍ର ଗୋପାଳ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚକୁ ଖନାତରାର ଚନ୍ଦ ଗୋପାଳ, କ୍ଷୀରସିନ୍ଧୁ ଚଲାନ, କେଶବ ମହାନନ୍ଦ, ମନ୍ଦିର ଗୋପାଳ ପ୍ରମୁଖ ଆୟୋଜନ କରିଥିବା ବେଳେ ଗ୍ରାମର ଯୁବଗୋଷ୍ଠି ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବ୍ଲକ ଚେୟାରମ୍ୟାନ ବଳରାମ ପୂଝାରୀ, ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଅସୋସିଏଶନ୍ ଚେୟାରମ୍ୟାନ ଗୋପୀନାଥ ମହାନନ୍ଦ ଓ ଆଶୁତୋଷ ପାଢୀଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

# ୬ ଦଲାଲ, ୨ ଟେକ୍ନିସିଆନ କୋର୍ଟଚାଲାଣ

**ପର୍ଲା, ୧୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ନେଇ ରକ୍ତ ନେବାଆଣିବା କରାବାର ଚାଲିଥିବା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ । ଗତ ବୁଧବାର ଏହି ଘଟଣାରେ ପୋଲିସ ୬ଜଣ ଦଲାଲ ଓ ୨ଜଣ ଟେକ୍ନିସିଆନଙ୍କୁ ଗିରଫ କରିଛି। ଧର୍ମଗଡ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର ଏହି ସୂଚନା ଦେଇଛନ୍ତି। ଗିରଫ ୪ ଦଲାଲ ହେଲେ ଧର୍ମଗଡର ପ୍ରତାପ ବଗର୍ତ୍ତି, ଲକ୍ଷ୍ମଣ ନାଏକ, ଶମ୍ଭୁପ୍ରସାଦ ନାଏକ ଓ ନବୀନ ଖମାରୀ । ସେହିପରି ଅଭ୍ୟାସ ଗତ ରକ୍ତଦାତା ଭାବେ ରଙ୍ଗାବାହାଲ ଗ୍ରାମର ଉତ୍ତମ ଦାସ, ଧର୍ମଗଡ କୃଷ୍ଣଚନ୍ଦ୍ର ନାଏକ ଥିବା ଜଣାପଡିଛି। ଏହି କାରବାରରେ ସମ୍ପୃକ୍ତି ଥିବା ରକ୍ତ ଭଣ୍ଡାର ଟେକ୍ନିସିଆନ ପ୍ରକାଶ ପଣ୍ଡା ଓ ରମେଶ ନାଗଙ୍କୁ ମଧ୍ୟ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଗରିଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

## ରକ୍ତ ଦଲାଲ କରାବାର ଘଟଣା ପର୍ଦ୍ଦାଫାଶ

ଏସ୍‌ପି ସୂଚନା ଦେଇଛନ୍ତି। ଉପଖଣ୍ଡ ଡାକ୍ତରଖାନାରେ ଦୀର୍ଘଦିନରୁ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଥିଲା। ଗତ ଦୁଇ ଦିନ ତଳେ ଅଚାନକ କଳାହାଣ୍ଡି ଜିଲାପାଳ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ସମୟରେ ଜଣେ ରୋଗୀଙ୍କଠାରୁ ୩ ହଜାର ଟଙ୍କା ନେଇ ୨ ପ୍ୟାକେଟ ରକ୍ତ ଦେଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା । ଏସ୍‌ପିଙ୍କ ତତ୍ତ୍ୱାବଧାନରେ ବୁଧବାର ଚଢ଼ାଉ କରି ସମ୍ପୃକ୍ତ ଦଲାଲମାନଙ୍କୁ ଗିରଫ କରାଯାଇଛି। ଜିଲାପାଳ ଓ ପୋଲିସ ପ୍ରଶାସନ ଉଦ୍ୟମକୁ ଜନସାଧାରଣ ପ୍ରଶଂସା କରାଯାଇଛି । ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ଗୁଣନିଧି ମଲ୍ଲିକ, ଆଇଆଇସି ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୪ ଫେବୃୟାରୀ, ୨୦୨୦



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ଛତିଘାଟିରେ ପିଚୁ ବୋଝେଇ ଭ୍ୟାନ୍ ଓଲଟିଲା

**ଭବାନୀପାଟଣା,୧୩।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଅନ୍ତର୍ଗତ ବଳଭଦ୍ରପୁରସ୍ଥିତ ଛତିଘାଟିଠାରେ ଏକ ପିଚୁ ବୋଝେଇ ୪୦୭ ଭ୍ୟାନ ବୁଧବାର ସନ୍ଧ୍ୟା ୫ଟାରେ ଭାରସ୍ୟାମ ହରାଇ ଓଲଟି ପଡିଛି। ଲାଞ୍ଜିଗଡଠାରୁ ବିଜେପୁର ଯିବା ମୁଖ୍ୟ ରାସ୍ତାରେ ତ୍ରିଲୋଚନପୁର ରାସ୍ତା କାମରେ ବ୍ୟବହାର ପାଇଁ ଏହି ଭ୍ୟାନରେ ପିଚୁ ଡ୍ରମ ଯାଉଥିଲା। ତେବେ ଛତିଘାଟିଠାରେ ଉଠାଣି ଚଢି ନ ପାରି ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରି ଲାଞ୍ଜିଗଡସ୍ଥିତ ବେଦାନ୍ତ ମେଡିକାଲରେ ଭର୍ତ୍ତି କରିଥିଲେ।

### ମଦ ବିକ୍ରି ବନ୍ଦ ଦାବି ନେଇ ଧାରଣା

**ଭବାନୀପାଟଣା,୧୩।୨(ଡି.ଏନ.ଏ.)** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭାନପୁର ଗ୍ରାମରେ ଗୋଟିଏ ବିଦେଶୀ ମଦ ଦୋକାନ ଥିବାବେଳେ ଦେଶୀ ମଦଭାଟି ଯୋଗୁ ଗାଁର ତେଜରାତି ଦୋକାନରେ ବେଆଇନ ମଦ ପାଉଚ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏଣୁ ଗାଁରେ ମଦବିକ୍ରି ବନ୍ଦ କରିବା ଦାବିରେ ଗ୍ରାମବାସୀ ଭବାନୀପାଟଣା ସହରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଆସୁଛନ୍ତି। ଅବକାରୀ ବିଭାଗ ଓ ପୋଲିସ ଓ ଧାରଣାସ୍ଥଳକୁ ଆସି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସତ୍ୟବ୍ରତ ନାଗ, ଶୁଭମ ନାଗ, ଟଙ୍କଧର ନାଗ, ବିନୋଦଚନ୍ଦ୍ର ନାୟକ, ଠାକୁର ନାଗ, ଅନୁପମ ସେନାପତି ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଅନ୍ଧାରୀ ମୁଲକରେ ଦୁଇ ଜୀବନ

**ନୂଆପଡା ଅଫିସ,୧୩।୨**



ଜିଲା ଦଳିତ ଅଧିକାର ମଞ୍ଚ ସଭାପତି ଯୁବତୀଙ୍କୁ ଭେଟୁଛନ୍ତି ।

- ମାନସିକ ବିକାର ଦୁଃଖ ଦେଉଛି
- ପ୍ରଶାସନର ଦୃଷ୍ଟିପଡୁନାହିଁ

ଖାଇ ପିଇ ସାଙ୍ଗ ସାଥୀ ମେଳରେ ବୁଲିବା ବୟସରେ ମାନସିକ ବିକାରଗ୍ରସ୍ତ ହୋଇ ଅନ୍ଧାର କୋଠରୀ ମଧ୍ୟରେ ଦିନ କାଟୁଥିବା ଗୋଟିଏ ଗାଁର ଦୁଇ ଯୁବତୀ ଯୁବକଙ୍କ କାହାଣୀ ସତରେ ହୃଦୟ ବିଦାରକ ହୋଇଛି। ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବଡଦୋହେଲ ଗାଁର ବାସନ୍ତି ମାଝି (୧୭) ଏବଂ ଯଶୋବନ୍ତ ମାଝି (୧୮) । ଏମାନେ ଦୁହେଁ ମାନସିକ ଭାବେ ବିକାରଗ୍ରସ୍ତ ହୋଇଥିବାରୁ ଆଜକୁ ୫/୬ବର୍ଷ ହେବ ଏକପ୍ରକାର ଗୃହ ବନ୍ଦୀ ହୋଇ ରହିଥିବାବେଳେ ଏଥିପ୍ରତି ପ୍ରଶାସନର ଦୃଷ୍ଟିପଡି ନ ଥିବାରୁ ସାଧାରଣରେ ନିନ୍ଦା କରାଯାଉଛି।

ମା' ରାମଦେଇ ଏବଂ ବାପା କଳମ ମାଝିଙ୍କ ଗୋଟିଏ ବୋଲି ଝିଅ ବାସନ୍ତି । ବାର ବର୍ଷ ବୟସ ପର୍ଯ୍ୟନ୍ତ ଠିକ ଠାକ ଥିଲେ। ଗାଁରେ ସ୍କୁଲରେ ପାଠ ପଢୁଥିଲେ। ହେଲେ ଅକସ୍ମାତ ତାଙ୍କର ମାନସିକ ବିକୃତି ଘଟିଲା। ସେ ଆଉ ଏଣେତେଣେ ବୁଲିବାରେ ଲାଗିଲେ । କ୍ଷେଶରେ ତାଙ୍କୁ ଅନ୍ଧାର ଘରେ ରଖିବାକୁ ପରିବାର ଲୋକ ବାଧ୍ୟ ହେଲେ । ଘରର ଆର୍ôଥିକ ଅବସ୍ଥା ସଙ୍ଗୀନ ଥିବାରୁ ଚିକିତ୍ସା ଖର୍ଚ୍ଚ ଜୁଟାଇ ପାରି ନ ଥିବାବେଳେ କୌଣସି ସରକାରୀ ପ୍ରୋତ୍ସାହନ ମଧ୍ୟ ମିଳୁ ନ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ସେହିଭଳି ଗାଁର ଯଶୋବନ୍ତ ମାଝିଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସେହିଭଳି ରହିଛି। ଚିକିତ୍ସା ଅଭାବରୁ ଘରେ ପଡି ରହିଛନ୍ତି। ଖାଇବା ପିଇବା କିଛି ତାଙ୍କର ଠିକ ରହୁ ନ ଥିବାବେଳେ ଦିନକୁ ଦିନ ଅବସ୍ଥା ଗୁରୁତର ହେବାରେ ଲାଗିଛି। ଏ ଦୁହିଁଙ୍କ ଖବର ପାଇ ଜିଲା ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି ଗାଁକୁ ପରଦର୍ଶନ କରିଥିଲେ। ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ଏହା ଉପରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଚିକିତ୍ସା ସହ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷେ ଏହା ପରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠା ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ନିଷ୍ପତ୍ତି ନେଇଛନ୍ତି ।



ଛାତ୍ରୀଛାତ୍ରମାନେ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନତା କରୁଛନ୍ତି ।

# କୁଷ୍ଠରୋଗ ନିରାକରଣ ଉପରେ ସଚେତନତା ରାଲି

**କୋମନା,୧୩।୨(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଘୋଟସର ଗାଁରେ ଗାଁ କଲ୍ୟାଣ ସମିତି ପକ୍ଷରୁ କୁଷ୍ଠରୋଗ ନିରାକରଣ ଉପରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା । ଏଥିରେ ଆଶାକର୍ମୀ ରେଖା ଘିଭେଲା ଓ ସଂଯୁକ୍ତା ଘିଭେଲାଙ୍କ ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସାମାଜକ କର୍ମୀ ଚନ୍ଦନ ଠାକୁର ଓ ପୀତାମ୍ବର ହଂସ ପ୍ରମୁଖ ସାମିଲ ହୋଇଥିଲେ । ଲୋକଙ୍କୁ ଏମଡିଟି ବଟିକା ଠିକ ସମୟରେ ଖାଇବା ସହ ଆଗୁଆ ଭାବେ ଚିକିତ୍ସା କରାଯାଇ ରୋଗକୁ ନିର୍ମୁଳ କରିବା ଦିଗରେ ତୁରନ୍ତ ପକ୍ଷେପ ନେବା, ରୋଗୀଙ୍କୁ ଭିନ୍ନକ୍ଷମ ହେବାରୁ ରକ୍ଷା କରିବା, ଲୋକେ ସ୍ୱତଃ ପ୍ରବୃତ ଭାବେ ଆସି ଚିକିତ୍ସା କରାଇବା ସଙ୍ଗେ ସଙ୍ଗେ ଏହି ରୋଗ ପ୍ରତି ଥିବା ଅନ୍ଧ ବିଶ୍ୱାସ ଏବଂ ପାତର ଅନ୍ତରକୁ ହ୍ରାସ କରିବା ଦିଗରେ ସଚେତନତା କରାଯାଇଥିଲା।

# ପଲସଦା ପଞ୍ଚାୟତବାସୀ ଜିଲାପାଳଙ୍କୁ ଭେଟିଲେ

**ନୂଆପଡା ଅଫିସ,୧୩।୨**



ପଞ୍ଚାୟତ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟୁଛନ୍ତି ।

**ପଞ୍ଚାୟତ ସ୍ଥାନନିରୂପଣ ମାମଲା**

ନୂଆପଡା ଜିଲା ବୋଡେନ ବ୍ଲକର ନବଗଠିତ ପଲସଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସକାଶେ ସ୍ଥାନ ନିରୂପଣ ବର୍ତ୍ତମାନ ପର୍ଯ୍ୟନ୍ତ ଠିକ ହୋଇପାରୁ ନ ଥିବାରୁ ପଞ୍ଚାୟତ ଏକ ପ୍ରତିନିଧି ଦଳ ନୂଆପଡା ଆସି ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଜଣାଇଛନ୍ତି । ସରପଞ୍ଚ କୃଷ୍ଣରାଜ ବେହେରାଙ୍କ ନେତୃତ୍ୱରେ ଏକ ଟିମ ସ୍ଥାନୀୟ ସଦଭାବନା ସଭାଗୃହ ନିକଟରେ ଜିଲାପାଳଙ୍କୁ ଭେଟିଥିଲେ। ଏକ ଦାବି ପତ୍ର ପ୍ରଦାନ କରି କହିଥିଲେ ଯେ ଏକ ଆଦିବାସୀ ବହୁଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗଠନର ଏତେଦିନ ପରେ ମଧ୍ୟ ସ୍ଥାୟୀ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଚୂଡାନ୍ତ ପଦକ୍ଷେପ ନିଆଯାପାରୁନାହିଁ। ଏଥିପାଇଁ ବ୍ୟବସ୍ଥିତ ହୋଇଥିବା ଜମି ବିବାଦ ତୁଟୁନାହିଁ । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ସମାଧାନର ରାସ୍ତା ବାହାର କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଜିଲାପାଳ ସାହୁ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ପୋଖରୀରେ ପଡ଼ି ଶିଶୁ ଗୁରୁତର

**ପଦ୍ମପୁର, ୧୩।୨(ଡି.ଏନ୍.ଏ.)**

ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତର କେରସାହି ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ଜଣେ ଶିଶୁ ପୋଖରୀରେ ପଡ଼ି ଗୁରୁତର ହୋଇଛି। ସୂଚନା ଅନୁଯାୟୀ ନନ୍ଦକିଶୋର ନାୟକଙ୍କ ପୁଅ ରୁଦ୍ର(୪) ବାଡ଼ିରେ ଥିବା ବରକୋଳି ଗଛ ପାଖକୁ କୋଳି ଆଣିବା ପାଇଁ ଯାଇଥିଲା। ଅସାବଧାନତାବଶତଃ ପୋଖରୀରେ ପଡ଼ିଯାଇଥିଲା। ଘର ଲୋକେ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଶିଶୁଟିର ଅବସ୍ଥା ଗୁରୁତର ହେବାରୁ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ଜୟ କିଷାନ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ନୂଆପଡା ଅଫିସ,୧୩।୨**

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ଜୟକିଷାନ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ବୋଧନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ କିପରି ନିରାଡମ୍ବର କରାଯିବ ସେଥିପାଇଁ ସବୁ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ଏହି ଅବସରରେ ଉତ୍ସବ ପାଳନ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଗୌରୀ ଶଙ୍କର ପଣ୍ଡା, ନରେଶ ଜୈନ, ମେଣ୍ଟାଟାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଖେମ ଦାସ ଉପସଭାପତି, ଗଣେଶ ରାମ ସାହୁ ସମ୍ପାଦକ, ପୁରୋହିତ ସୁନାନୀ ସହ ସମ୍ପାଦକ, ରହିମ ଭାଇ କୋଷାଧ୍ୟକ୍ଷ, ମନୋଜ ଜୈନ ସହ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଉପଦେଷ୍ଟା କମିଟିରେ ଅବଦୁଲ ରସିଦ, ଧରମଚନ୍ଦ ସାହୁ, ବିଦ୍ୟାଧର ସାହୁ, ଦେବି ଦାସ, ସୁରଜ ସୁନାନୀ, ରବୀନ୍ଦ୍ର ମାଝୀ, ଆୟୁଷ ଜୈନ, ବିଦ୍ୟାଧର ସାହୁ, ଗାଜିବ ହୁସେନ, ମନୋହର ସୁନାନୀ ରହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ବାଗ, ଖୁଲେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଗଣେଶ ରାମ ସାହୁ ଧନ୍ୟବାଦ ଦେଇଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୧୩।୨(ଡି.ଏନ.ଏ.)**

ପ୍ରାଥମିକ ଶିକ୍ଷକ ସଂଘ ହରିପୁର ରୋଡ ୧ ଶାଖା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କୁ ଭେଟି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକମାନଙ୍କ ଆରଏସିପି, ଗ୍ରେଡପେ, ୨୦ ବର୍ଷ ସେବା ପରେ ୨ ହଜାର ୮୦୦ ଟଙ୍କା ପରିବର୍ତ୍ତେ ତୁରନ୍ତ ୪ ହଜାର ୨୦୦ ଟଙ୍କା ପ୍ରଦାନ ଆଦି ଦାବି ନେଇ ଦାବିପତ୍ର ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋଜ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଅମରେନ୍ଦ୍ର ପଟ୍ଟନାୟକ, ଦୀପକ ଦାସ, ଶିବ ଦାସ, ବୀରେନ୍ଦ୍ର କୁମାର ବାଗ, ଜଗଦୀଶ ପାଣି, ପ୍ରେମଚାନ୍ଦ ମାହାପାତ୍ର, ପ୍ରମୋଦ ବିଶି, ଶ୍ରୀନିବାସ ଆଚାରୀ, ସୋମେଶ୍ୱର ମିଶ୍ର, ବିଶିଷ୍ଟ ଭୋଇ, ପୂର୍ଣ୍ଣଶଶୀ ମହାନ୍ତି, ଶଶିଧର ନାଏକ, ଅଭି ସାହୁ, ଆନନ୍ଦିନୀ ପାତ୍ର, ସଂଯୁକ୍ତ ବେହେରା, ଗୀତା ଶୁକ୍ଲା, ବେଣୁଧର ବିଶ୍ୱାଳ, ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବୋର୍ଡା ରୋଗୀ କଲ୍ୟାଣ ସମିତି ବୈଠକ

**ଭବାନୀପାଟଣା,୧୩।୨ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ତଥା ସମିତି ଅଧ୍ୟକ୍ଷ ପ୍ରଦୀପ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଂକରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ନାରାୟଣ ସିଂଦଳପତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ରର ପାନୀୟ ଜଳ ସମସ୍ୟା, ଡାକ୍ତର ଓ ଷ୍ଟାଫ କ୍ୱାର୍ଟର ଅଭାବ, କଂକ୍ରିଟ ରାସ୍ତା ନିର୍ମାଣ, ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବା ଓ ସୌନ୍ଦର୍ଯ୍ୟକରଣ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଡିଓ ପ୍ରୀତା କୁମାର, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ଡା. ସି.ଏସ. ପାଣିଗ୍ରାହୀ, ଡା. ଆଶୁତୋଷ ଧଳ, ଡା. କହ୍ନେୟା ଅଗ୍ରୱାଲ, ବିପିଏମ ପ୍ରତାପ ବରାଳ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଭତା, ଆବାସ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ ବୁରୁଧ୍

**ପର୍ଲା, ୧୩।୨(ଡି.ଏନ୍.ଏ.)**



ଧବଳେଶ୍ୱର ନିଜର ଦିବ୍ୟାଙ୍ଗ ପରମାନପତର ଦେଖଉଛନ୍।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବ୍ରହ୍ମଣଛେଣ୍ଡିଆ ପଁଚେତ୍ ଚିଲିଚିଲା ଗାଁର ବୁରୁଧ୍ ଧବଳେଶ୍ୱର ହଂସ(୬୯)। ସେ ଝନେ ଭିନ୍ନକ୍ଷମ ଆଏ। ହେଲେ ଆଏଜ୍ ବି ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଥିବାର ସେ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଚିଲିଚିଲା ଗାଁର ଧବଳେଶ୍ୱର ହଂସ(୬୯)। ପରିବାର କହେଲେ ମାଏକିନା ଘସେନ, ଦୁଇ ପୁଓ ବିନୋଦ, ସୁରେଶ ଆର ଝି' ସ୍ନେହଲତାକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି, ସଁପତି ବଲି କିଛି ନାଇଁ। ଇଆଡ଼େ ଧବଳେଶ୍ୱର ଝନେ ଭିନ୍ନକ୍ଷମ ଆଏ। ସେ ୭୫ ଭାଗ୍ ଭିନ୍ନକ୍ଷମ ବଲି ପରମାନପତର ବି ପାଇଛନ୍। ହେଲେ ଆଏଜ୍ ବି ଅନେକ ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଧବଳେଶ୍ୱର ଅନେକ ଥର ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଭିନ୍ନକ୍ଷମମାନକର ଲାଗି ଅନେକ ଯୋଜନା କାଯ୍‌କାରୀ କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଧବଳେଶ୍ୱରକଁର ଲେଖେଁ ଝନେ ନିସାହା ଦିବ୍ୟାଙ୍ଗ ବୁରୁଧ୍ ସରକାରୀ ଯୋଜନାରୁ ବାଦ୍ ପଡ଼ବାରଟା ନିହାତି ଦୁଖର କଥା ବଲି ଅଂଚଲର ବୁଧିଜୀବୀ ମହଲରେ ଚରଚା ହେଉଛେ। ଇଆଡ଼େ ଧବଳେଶ୍ୱର ନିଜେ ଭିନ୍ନକ୍ଷମ ହେବାର ଲାଗି ପୂରାପୂରି ପରିବାର ଉପରେ ନିରଭର କରି ଚଲୁଛନ୍। ପୁଓ ମାଏକିନା କୁଲିମଜୁରି କରି ଯାହା କମଉଛନ୍ ସେଥିରେ ତାକର ପରିବାର ଚଲୁଛେ। ସରକାରୀ ସହାଯ୍ କହେଲେ ରାଶନକାର୍ଡରେ ପଁଚେତ୍‌ରୁ ମାସିକ ମିଳୁଥିବାର ୨୫ କେ.ଜି. ଚାଉଳ। ହେଲେ ୨୫ କେ.ଜି. ଚାଉଳ ୫ ଝନିଆଁ କୁଟୁମ୍‌କେ ନିଅଁଟ ହେଉଛେ। ଏନ୍‌ତାଥି ଧବଳେଶ୍ୱରକୁଁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୩୫ କେ.ଜି. ଚାଉଳ, ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳକୃଷ୍ଣ ମିଶ୍ରକୁଁ ପଚ୍‌ରାଲାରୁ ନିହାତି ଭାବେ ଧବଳେଶ୍ୱରକୁଁ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦିଆଯିବା ବଲି ସେ କହିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ ସଭା

**ବନ୍ତ,୧୩।୨ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମନ୍ଦରଧର ସାହୁଙ୍କ ଉଦ୍ଦେଶ୍ୟରେ ଗଣିଜାଙ୍ଗ ବଜାରଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବଜାର କମିଟିର ସଭାପତି ହୃଦାନନ୍ଦ ଘଡେଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ବଜାର କମିଟିର ସମ୍ପାଦକ ରାମ ଚନ୍ଦ୍ର ପଣ୍ଡା, ସମାଜସେବୀ ଭୀମସେନ ସାମଲ, ପଞ୍ଚାନନ ପ୍ରଧାନ, ନିରଞ୍ଜନ ପାଢୀ, ରଘୁନାଥ ଦାସ, ପୁରାତନ ଛାତ୍ର ସଂସଦ ସଭାପତି ନିତ୍ୟାନନ୍ଦ ଜେନା, ଭାସ୍କର ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ରମାକାନ୍ତ ରାଉତ, ଗଦାଧର ପଣ୍ଡା, ନିଳକଣ୍ଠ ପଣ୍ଡା, ପ୍ରାକ୍ତନ ସରପଞ୍ଚ ସୁବାଷ ମଲ୍ଲିକ, ପଦ୍ମନାଭ ପତି, ସୁବାଷ ଚନ୍ଦ୍ର ବେହେରା, ହରିହର ଧଳ, ରାମ ଚନ୍ଦ୍ର ତ୍ରିପାଠୀ, ରାଜେନ୍ଦ୍ର ପଣ୍ଡା, ଅଶୋକ ବାରିକ, ଶ୍ରୀକାନ୍ତ ପଣ୍ଡା ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ପଦ୍ମପୁର, ୧୩।୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ଶତାଧିକ ଗ୍ରାମବାସୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ କରି ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଗ୍ରାମରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରାଯାଇ ନ ଥିବା ବେଳେ କୋଠାଘର ଥିବା ଲୋକଙ୍କୁ ଯୋଜନାରେ ସାମିଲ କରାଯାଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ ପ୍ରକାଶ କରିଥିଲେ। ଘଟଣାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଲିଖିତ ପ୍ରତିଶ୍ରୁତି ନ ଦେଲେ ଅନଶନକାରୀ ଧାରଣାରୁ ଉଠିବେ ନାହିଁ ବୋଲି ଜିଦ୍ ଧରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗଦାଧର ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତ ଦାସ ଅଟକ ରହିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବାସୁଦେବପୁର ବିଡ଼ିଓ ପ୍ରଣବ କୁମାର ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆବାସ ଯୋଜନାରେ ଅନିୟମିତତା ବିଷୟରେ ସେ ନିଜେ ତଦାରଖ କରିବା ସହ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

### ପାଇପ୍ ଭାଙ୍ଗିବାରୁ ଜଳ ଯୋଗାଣ ବ୍ୟାହତ

**ତେଲକୋଇ, ୧୩।୨(ଡି.ଏନ.ଏ.):**

ତେଲକୋଇରେ ଏକ ଠିକାଦାର ସଂସ୍ଥା ଜେସିବି ମେଶିନ ଦ୍ୱାରା ଡ୍ରେନ ନିର୍ମାଣ କରୁଥିବା ଯୋଗୁଁ ଗତ ୨ଦିନ ପାଣି ପାଇପ ନଷ୍ଟ ହେବା ଯୋଗୁ ପାନୀୟଜଳ ଯୋଗାଣ ବ୍ୟାହତ ହୋଇଛି । ବଜାର ଅଞ୍ଚଳରେ ପାନୀୟଜଳ ଯୋଗାଣ ବ୍ୟାହତ ହେବା ଯୋଗୁ ସାଧାରଣରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ ପାନୀୟଜଳ ଯୋଗାଣ ଦାୟୀତ୍ୱରେ ଥିବା ଠିକାଦାରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ପିଡବ୍ଲ୍ୟୁଡି ଯନ୍ତ୍ରୀ ପଞ୍ଚାନନ ଧରଣୀଆଙ୍କୁ ପଚାରିବାରୁ କହିଛନ୍ତି ଯେ, ଠିକାଦାରଙ୍କୁ ତୁରନ୍ତ ଏହି ପାଇପ୍‌ର ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟ ରାଜପଥ ମଝିରେ ୧୧ କେଭି ତାର

**ନୂଆପଡା ଅଫିସ,୧୩।୨**

**ବିପଦସଙ୍କୁଳ ଅବସ୍ଥାରେ ଗ୍ରାମବାସୀ**





ବୁଦ୍ଧିକୋମନା ଗାଁ ମୁଣ୍ଡରେ ୧୧ କେଭି ତାର ଝୁଲି ରହିଛି।

ଗୋଟିକ ପରେ ଗୋଟିଏ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡିବା ଘଟଣାରେ ମୃତାହତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ଏବେବି ବିଭିନ୍ନ ଜାଗାରେ ତାର ସବୁ ବିପଦସଙ୍କୁଳ ଅବସ୍ଥାରେ ପଡିରହିଥିଲେ ହେଁ ବିଭାଗର ଦୃଷ୍ଟି ପଡୁନାହିଁ। ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ପାତାଲେଶ୍ୱର ମନ୍ଦିର ନିକଟରେ ରାଜ୍ୟ ରାଜପଥ ମଝିରେ ଏକ ବିଜୁଳି ଖମ୍ବ ରହିଥିବାରୁ ବିପଦସଙ୍କୁଳ ଅବସ୍ଥାରେ ତାର ଦୋହଲି ପଡିଛି। ଏହି ରାସ୍ତା ଦେଇ ଗମନାଗମନ କରୁଥିବା ହଜାର ହଜାର ଲୋକଙ୍କ ପାଇଁ ଏହା କାଳ ହୋଇଛି। ଉଦ୍ୟାନବନ୍ଧରୁ ବୁଦ୍ଧିକୋମନାର ପ୍ରସିଦ୍ଧ ପାତାଳେଶ୍ୱର ପୀଠକୁ ଯିବା ରାସ୍ତାରେ ଗାଁ ମୁଣ୍ଡରେ ବିଦ୍ୟୁତ୍ ଖମ୍ବ ଆଜକୁ ବହୁ ବର୍ଷ ଧରି ରହିଛି । ଏହା ରାସ୍ତା ଉପର ଦେଇ ଦୋହଲି ଯାଉଥିବାବେଳେ ବିଭିନ୍ନ ସମୟରେ ଭାରୀଯାନଗୁଡିକୁ ସ୍ପର୍ଶ କରିବାର ସମ୍ଭାବନା ରହିଛି । ଏହା ଉପରେ ଗ୍ରାମବାସୀ ବିଭିନ୍ନ ସମୟରେ ବିଭାଗକୁ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏହା ଉପରେ ଆଗାମୀ ଦିନରେ କୌଣସି ବିପଦ ଆସେ ତେବେ ବିଭାଗ ସେଥିପାଇଁ ଦାୟୀ ରହିବେ ବୋଲି ସାମାଜିକ କର୍ମୀ କାର୍ତ୍ତିକ ଦୀପ କହିଛନ୍ତି । ସେ ଯାହେଉ ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବା ଜରୁରି ହୋଇପଡିଛି।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ

# ଜମି ଚିହ୍ନଟ ଦାବିରେ ଧାରଣା

**ବୀରମହାରାଜପୁର ତହସିଲ**

- ୨୫ ଭୂମିହୀନଙ୍କୁ ୭ବର୍ଷ ହେଲା ମିଳିଛି ପଟ୍ଟା
- ପ୍ରତିଶ୍ରୁତି ପରେ ଆରମ୍ଭ ହେଲା ଜମି ଚିହ୍ନଟ ପ୍ରକ୍ରିୟା

**ଅମରପାଲି, ୧୩।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ କେଞ୍ଜିରିଆପାଲି ଆଇଆଇ ଅଧିନ ବାଘରଟୈଲା ଗ୍ରାମର ପ୍ରାୟ ୨୫ ଭୂମିହୀନ ହିତାଧିକାରୀ ଜମି ଚିହ୍ନଟ ପାଇଁ ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ । ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଭୂମିହୀନ ହିତାଧିକାରୀମାନେ ଏକ ଶୋଭାଯାତ୍ରାରେ ଆସି ଧାରଣାରେ ଦେଇଥିଲେ । ଏନେଇ ଜିଲା ପରିଷଦ ପାଣିଗ୍ରାହୀ ପୂର୍ବରୁ ତହସିଲରେ ଅଭିଯୋଗ କରିଥିଲେ। ଅଭିଯୋଗ ମତେ ଉକ୍ତ ଗ୍ରାମର ପ୍ରାୟ ୨୫ଜଣ ହିତାଧିକାରୀଙ୍କୁ ୨୦୧୩ ମସିହାରେ ଜମିପଟ୍ଟା ପ୍ରଦାନ କରାଯାଇଥିଲା । ସେହିଦିନଠାରୁ ସେମାନେ ଉକ୍ତ ଜମିର ଖଜଣା ପ୍ରତିବର୍ଷ ପ୍ରଦାନ କରୁଥିଲେ। ଜମିପଟ୍ଟା ପାଇଥିଲେ ମଧ୍ୟ ସେମାନଙ୍କର ଜମି ଚିହ୍ନଟ ହେଉ ନ ଥିଲା। ଏନେଇ ସେମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିଲେ । ଏପରିକି ଉକ୍ତ ପରିବାର ଭୂମିହୀନ ହୋଇଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେଉଥିଲେ ମଧ୍ୟ କାର୍ଯ୍ୟାଦେଶ ପାଇପାରୁ ନ ଥିଲେ। ଫଳରେ ଅନେକ ପରିବାର ଏବେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପକ୍କା ଘର ପାଇ ପାରୁନାହାନ୍ତି । ତେଣୁ ସରକାରଙ୍କ ପ୍ରଦତ୍ତ ଯୋଜନା ଲୋକଙ୍କ କାମରେ ଲାଗି ପାରୁନାହିଁ । ଏନେଇ ଗତ ୧ ଫେବୃୟାରୀ, ୨୦୨୦ରେ ଜିଲା ପରିଷଦ ତହସିଲଦାରଙ୍କୁ ଜମି ଚିହ୍ନଟ କରିବାକୁ ଦାବିପତ୍ର ଦେଇଥିଲେ । ଯଦି ଆଗାମୀ ୭ ଦିନ ମଧ୍ୟରେ ଜମି ଚିହ୍ନଟ ନହୁଏ ତେବେ ହିତାଧିକାରୀଙ୍କୁ ନେଇ ଧାରଣା ଦିଆଯିବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ମାତ୍ର ଜମି ଚିହ୍ନଟ ନହେବାରୁ ଆଜି ଧାରଣାରେ ବସିଥିଲେ। ପରେ ତହସିଲଦାର ସୂର୍ଯ୍ୟାଂଶୁ ରୁଟ ଆସି ଜମି ଚିହ୍ନଟ କରାଯିବାର ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ। ଆଡିସିନାଲ ତହସିଲଦାର ଗଙ୍ଗାରାମ ବୁଡେକଙ୍କ ନେତୃତ୍ୱରେ କେଞ୍ଜିରିଆପାଲି ଆରଆଇ ପ୍ରମୋଦ ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀ ବାଘରଟୈଲା ଗ୍ରାମକୁ ଆସି ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି। ପ୍ରଥମ ଦିବସରେ ପ୍ରାୟ ୧୫ ଜଣ ହିତାଧିକାରୀଙ୍କ ଜମି ଚିହ୍ନଟ ହୋଇ ସାରିଥିବା ବେଳେ ବାକି ହିତାଧିକାରୀଙ୍କ ଜମି ସୋମବାର ଚିହ୍ନଟ ହେବ ବୋଲି ଜଣାପଡିଛି ।



ଜମି ପଟ୍ଟା ପାଇଁ ତହସିଲ ଆଗରେ ଧାରଣା ଦିଆଯାଇଛି ।

## ସଂକ୍ଷେପରେ

### ଡିଗ୍ରୀ କଲେଜରେ ସାପ୍ତାହିକ ବିଜ୍ଞାନ ଚର୍ଚ୍ଚା ଆଶା

**ଡୁଙ୍ଗୁରିପାଲି, ୧୩।୨ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ କଲେଜରେ ସାପ୍ତାହିକ ବିଜ୍ଞାନ କାର୍ଯ୍ୟକ୍ରମ ଆଶା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧାପକ କିଶୋର ଚନ୍ଦ୍ର ମେହେରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ର ସିଦ୍ଧାନ୍ତ ରଞ୍ଜନ, ଅଧାପକ ଡ. ଭାଗିରଥ ପୁରୋହିତ ଓ ଡ. ସରୋଜ କୁମାର ଦାଶ ଗୁଣିଗାରେଣ ଆଦି ଅନ୍ଧବିଶ୍ୱାସ ସମ୍ପର୍କରେ ସ୍ୱମତ ଉପସ୍ଥାପନ କରିଥିଲେ । ଏଥିରେ ବକ୍ତାମାନେ ସ୍ୱଅନୁଭୂତି ସମ୍ବଳିତ ବିଚାର ପ୍ରକଟ କରିଥିଲେ । ଏଥିରେ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ ଯେ, କଲେଜର ଏହି ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି ।

### ବନ୍ଦ ହେଲା ଦୁଇ ବାଲ୍ୟ ବିବାହ

**ଝାରସୁଗୁଡା ଅଫିସ,୧୩।୨:**
ଝାରସୁଗୁଡା ଜିଲା ବଡମାଲ ଥାନା ଅଧୀନରେ ହେବାକୁ ଥିବା ଦୁଇଟି ବାଲ୍ୟ ବିବାହକୁ ଚାଇଲ୍ଡ ଲାଇନ ଓ ଜିଲା ପ୍ରଶାସନ ବନ୍ଦ କରିଛି। ପ୍ରଥମେ ଚାଇଲ୍ଡ ଲାଇନର ସଂଯୋଜକ ଆଶିଷ କୁମାର ପଣ୍ଡାଙ୍କୁ ସୂଚନା ମିଳିଲା ପରେ ସେ ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ବାଲ୍ୟ ବିବାହ ନିଶେଧ ଅଧିକାରୀ ତଥା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରାଇଥିଲେ। ପରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଆନନ୍ଦିନୀ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ବାଲ୍ୟ ବିବାହା ହେବାକୁଥିବା ଗ୍ରାମକୁ ଯାଇ ସେମାନଙ୍କ ପରିବାର ବର୍ଗଙ୍କ ସହିତ ଆଲୋଚନା କରି ଏହି ବିବାହ ଦ୍ୱୟକୁ ବନ୍ଦ କରିଛନ୍ତି। ଜଣେ ନାବାଳିକାଙ୍କ ବୟସ ୧୭ ବର୍ଷ ହୋଇଥିବା ବେଳେ ତାଙ୍କ ବିବାହ ସମ୍ବଲପୁର ଜିଲାରେ ଆସନ୍ତା ୨୬ ତାରିଖରେ ହେବାକୁ ଥିଲା। ସେହିପରି ଅନ୍ୟ ଜଣେ ନାବାଳିକାଙ୍କ ବିବାହ ସୁନ୍ଦରଗଡ ଜିଲାରେ ଆସନ୍ତା ଅପ୍ରେଲ ମାସରେ ହେବାକୁ ଥିଲା। ଚାଇଲ୍ଡ ଲାଇନର ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା, ଶିଶୁ ମଙ୍ଗଳ ସମିତିର ସଭ୍ୟା ମମତା ତ୍ରିପାଠି, ଅହଲ୍ୟା ନାଏକ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସେକ୍ଟର ସୁପରଭାଇଜର ସରନୀ ଜୋଜୋ, ଚାଇଲ୍ଡ ଲାଇନର ସଦସ୍ୟ ରାଧେଶ୍ୟାମ ନାଏକ, ଜ୍ୟୋତ୍ସ୍ନା ପ୍ରଧାନ ଏବଂ ବଡମାଲ ଥାନା ପୋଲିସ କର୍ମଚାରୀ ପ୍ରମୁଖ ସମ୍ପୃକ୍ତ ନାବାଳିକାମାନଙ୍କ ପରିବାର ବର୍ଗଙ୍କୁ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ବଡମାଲ ଥାନାରେ ଷ୍ଟେସନ ଡାଏରି କରାଯାଇଛି। ନାବାଳିକାମାନଙ୍କୁ ୧୮ ବର୍ଷ ନ ହେବା ଯାଏଁ ବିବାହ କରାଇବେ ନାହିଁ ସେମାନଙ୍କ ପରିବାର ବର୍ଗ ଲିଖିତ ରାଜିନାମା ଦେଇଛନ୍ତି ।

### କ୍ରୀଡ଼ାବିତ ସମ୍ବର୍ଦ୍ଧିତ

**ସମ୍ବଲପୁର, ୧୩।୨ (ବ୍ୟୁରୋ):** ଗୁଜୁରାଟର ବରୋଦାରେ ଆୟୋଜିତ ତୃତୀୟ ଜାତୀୟ ମାଷ୍ଟର୍ସ କ୍ରୀଡା ପ୍ରତିଯୋଗିତାରେ ସମ୍ବଲପୁର ପୋଲିସ ବିଭାଗରେ କାର୍ଯ୍ୟରତ ସୀମାଞ୍ଚଳ ସେଠୀ ଓ ନମିତା ପଟେଲ ଭାଗ ନେଇ ପଦକ ହାସଲ କରିଛନ୍ତି । ଗୁରୁବାର ଏ ନେଇ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ କ୍ରୀଡାବିତମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ ଯେ, ୩୫ ବର୍ଷ ବର୍ଗରେ ସୀମାଞ୍ଚଳ ସେଠୀ ଲମ୍ବଡିଆଁରେ ସ୍ୱର୍ଣ୍ଣ ପଦକ ଓ ଟ୍ରିପଲ ଜମ୍ପରେ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିପରି ନମିତା ପଟେଲ ୪୫ ବର୍ଷ ମହିଳା ବର୍ଗ ସଟପୁଟ ଓ ଜ୍ୟାଭେଲିନ୍ ଥ୍ରୋରେ କାଂସ୍ୟ ପଦକ ହାସଲ କରିଛନ୍ତି ।

### ଟ୍ରେଡ୍ ଫେୟାର ଉଦ୍‌ଘାଟିତ

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଟ୍ରେଡ ଫେୟାର-୨୦୨୦ ଗୁରୁବାର ଅଇଁଠାପାଲି ପିଏଚଡି ପଡିଆଠାରେ ଉଦଘାଟିତ ହୋଇଯାଇଛି। ବରଗଡ ଏମପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରେଡ୍ ଫେୟାରର ଶୁଭାରମ୍ଭ କରିଥିଲେ । ପ୍ରକୃତ ପକ୍ଷେ ବ୍ୟବସାୟ ଓ ବାଣିଜ୍ୟ ଦେଶର ଅର୍ଥନୀତି ସହ ଓତପ୍ରୋତ ଭାବେ ଜଡିତ । ତେଣୁ ବାଣିଜ୍ୟ ଓ ବ୍ୟବସାୟ ବିକାଶରେ ଦେଶର ଅର୍ଥନୀତି ସୁଦୃଢ଼ ହେବା ସହ ଅଭିବୃଦ୍ଧି ହୋଇଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଅଧକ୍ଷ ଦିନେଶ ସିଂଘାନିଆଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ପାଦକ ଚନ୍ଦୁ ସାହା ସୂଚନା ପ୍ରଦାନ କରିଥିଲେ । ହରଜିତ ସିଂ ହୁରା ସମ୍ମାନୀତ ଅତିଥି ଥିଲେ । ସଞ୍ଜୀବ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, କେଶବ ଡାଲମିଆଁ, ସୁନୀଲ କାକଡ ଅତିଥିଙ୍କୁ ସ୍ୱାଗତ କରିଥିଲେ । ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟ୍ରେଡ ଫେୟାରରେ ୧୧୪ଟି ଷ୍ଟଲ ରହିଛି। ରାଜ୍ୟ ଓ ରାଜ୍ୟବାହାର ବ୍ୟବସାୟୀ ଏବଂ କମ୍ପାନୀମାନେ ନିଜ ଉତ୍ପାଦନ ସାମଗ୍ରୀ ନେଇ ସାମିଲ ହୋଇଛନ୍ତି।

## ଅମରପାଲି କ୍ରିକେଟ କପ୍: ଅମରପାଲି ସେମିରେ

**ଅମରପାଲି, ୧୩।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିଠାରେ ଫ୍ରେଣ୍ଡସ କ୍ଲବ ଓ ଜେମ୍ସଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭଗବାନ ସାହୁ ଗ୍ରାଉଣ୍ଡରେ ଚାଲୁଥିବା ୨୭ତମ ଅମରପାଲି କ୍ରିକେଟ କପର ଚତୁର୍ଥ ଦିବସରେ ଭୂଦୋବରକୁ ହରାଇ ଜେମଷ୍ଟାର କ୍ଲବ ଅମରପାଲି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ଭାଲୁଡୁଙ୍ଗୁରୀ ଓ ଭୂଦୋବର ମଧ୍ୟରେ ହୋଇଥିଲା। ଭାଲୁଡୁଙ୍ଗୁରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୩ ରନ କରିଥିଲା। ଜବାବରେ ଭୂଦୋବର ୭.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୬୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ଦୀପପାଲି ମଧ୍ୟରେ ହୋଇଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୨୬ ରନ କରିଥିଲା । ଦଳର ସୀତାରାମ ୪୩ ଓ ଶ୍ରୀତମ ୫୦ ରନ କରିଥିଲେ। ଜବାବରେ ଦୀପପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୭ ରନ କରି ପାରିଥିଲା । ପ୍ରଥମ ମ୍ୟାଚର ବିଜେତା ଭୁଦୋବର ଓ ଦ୍ୱିତୀୟ ମ୍ୟାଚର ବିଜେତା ଅମରପାଲି ମଧ୍ୟରେ କ୍ୱାର୍ଟର ଫାଇନାଲ ହୋଇଥିଲା । ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ବବୁଲୁ ମାଝୀଙ୍କ ୫୮ ରନ ଓ ଜୟ ପ୍ରକାଶ ସାହୁଙ୍କ ୪୦ ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା । ଜବାବରେ ଭୂଦୋବର ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ କରି ପରାସ୍ତ ହୋଇଥିଲା । ଦଳର ଅମିତ ୨୦ ରନ କରିଥିଲେ। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ମୁଖ୍ୟଅତିଥି ଏବଂ ବନପାଳ ବରୁଣ ନାଏକ ଓ କ୍ରୀଡାବିତ ଦୁର୍ଯ୍ୟୋଧନ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅମରପାଲିର ବବୁଲୁ ମାଝୀଙ୍କ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଖେଳ ଗୁଡିକୁ ନାରାୟଣ କମିଲ, ସମ୍ବିତ ମାଝୀ, ମାଧବ ନାଏକ ଓ ଖିରୋଦ ପଧାନ ପରିଚାଳନା କରିଥିବା ବେଳେ ନିତମରଞ୍ଜନ ପଧାନ, ବନମାଳୀ ଗୌନ୍ତିଆ ସ୍କୋରିଂ ଏବଂ ଶୁଭେନ୍ଦୁ ଶେଖର ସାହୁ, ରିମନ ସାହୁ ଅନଲାଇନ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।



ଅମରପାଲିର ବବୁଲୁ ମାଝୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି ।

## ସୌମିତ୍ରୀ ଦୀପ ସ୍ମାରକୀ କ୍ରିକେଟ : ବରଗଡ଼ ଚାମ୍ପିୟନ

**ଉଲୁଣ୍ଡା, ୧୩.୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିନ୍ଧୋଲ ଠାରେ ଚାଲିଥିବା ପ୍ରଥମ ସୌମିତ୍ରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅୟୋଜିତ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ସୋନପୁରକୁ ହରାଇ ବରଗଡ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ଗୋଡଭଗାକୁ ହରାଇ ବରଗଡ ଏବଂ ଦ୍ୱିତୀୟ ସେମିରେ ସିନ୍ଧୋଲକୁ ହରାଇ ସୋନପୁର ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳ ଦୁଇଟି ଫର୍ମାଟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଫର୍ମାଟରେ ସୋନପୁର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୭୯ ରନ କରିଥିଲା। ଦଳ ପକ୍ଷରୁ ଅଭିଲାଷ ନାଏକ ସର୍ବାଧିକ ୪୪ ରନ କରିଥିଲେ। ଜବାବରେ ବରଗଡ ଦଳ ୧୦.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ସୋନପୁର ଦଳ ୮ ଓଭରରେ ୫ ଉଇକେଟ ହରାଇ ୫୫ ରନ କରିଥିଲା। ବରଗଡ ଦଳ ୬ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳକୁ ରଘୁବୀର ମିଶ୍ର, ସୁନୀଲ ସୁଅର ପରିଚାଳନା କରିଥିଲେ। ଅନ୍ତର ସେଠୀ ସ୍କୋରିଂ, ସଞ୍ଜୟ ପଟ୍ଟନାଏକ ଏବଂ ପାର୍ଥ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ଭକ୍ତବତ୍ସଳ ଦେହେରୀଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଛନ୍ଦା ଚରଣ ଦାସ, ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ପ୍ରଦୀପ ସେଠୀ, ରାଓ ବାବୁ, ହୃଦାନନ୍ଦ ମେହେର, ସରୋଜ ମେହେର, ସିନ୍ଧୋଲ କଲେଜର ଅଧ୍ୟକ୍ଷ ପବିତ୍ର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ବରଗଡ ଏବଂ ଉପବିଜେତା ସୋନପୁର ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ସିରିଜ ଏବଂ ମ୍ୟାନ ଅଫଦ ମ୍ୟାଚ ଭାବେ ବରଗଡର ପରବିନ ଲୁହାଙ୍କୁ ପୁରସ୍କୃତ କରାଯାଇଥିଲା। ଅମର ଦାନୀ, ଶୁଶିଲ ଦେହେରୀ, ଜଗ ମେହେର, ଅମିତ କୁମାର ସାହୁ, ଅଶୋକ ବିଶି, ରାହୁଲ ଦେହେରୀ, ସଞ୍ଜୟ ମହାନ୍ତି, ସୁନୀଲ ସାହୁ, ସୁରଜିତ ମଲ୍ଲିକ, ଦେବ ପଞ୍ଚବିହାର, ଶଙ୍କର ହଂସ ପ୍ରମୁଖ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

## ମେଡିକାଲ କଲେଜ ହସପିଟାଲରେ ଷ୍ଟାଫନର୍ସଙ୍କୁ ମାଡ଼

### ଅଭିଯୁକ୍ତଙ୍କ ଗିରଫ ଦାବିରେ କାର୍ଯ୍ୟବନ୍ଦ କଲେ ଷ୍ଟାଫନର୍ସ

**ବଲାଙ୍ଗୀର ଅଫିସ, ୧୩।୨**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ମେଡିସିନ୍ ୱାର୍ଡରେ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରତିମା ପ୍ରଧାନଙ୍କୁ ଦୁଇଜଣ ବ୍ୟକ୍ତି ନିସ୍ତୁକ ମାଡ ମାରିଛନ୍ତି । ମାଡ ଯୋଗୁଁ ତାଙ୍କ ମୁହଁ, ଆଖିରେ କ୍ଷତ ସୃଷ୍ଟି ହୋଇଛି । ଅସ୍ଥିଶଲ୍ୟ ୱାର୍ଡରୁ ମେଡିସିନ୍ ୱାର୍ଡକୁ ଜଣେ ରୋଗୀଙ୍କ ସ୍ଥାନାନ୍ତରଣକୁ ନେଇ ଉତ୍ତ୍ୟକ୍ତ ଦୁଇଜଣ ରୋଗୀ ପରିଜନ କାର୍ଯ୍ୟରତା ଷ୍ଟାଫନର୍ସ ପ୍ରଧାନଙ୍କ ସହ ପ୍ରଥମେ ଯୁକ୍ତିତର୍କ କରିଥିଲେ । ଏହାପରେ ମୋବାଇଲରେ ତାଙ୍କର ଭିଡିଓ ଉଠାଇଥିଲେ । ଏହାକୁ ବାରଣ କରିବାରୁ ଷ୍ଟାଫନର୍ସ ପ୍ରଧାନଙ୍କୁ ନିସ୍ତୁକ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ମାଡ ମାରିବା ପରେ ଦୁଇ ଅଭିଯୁକ୍ତ କୁଆଡେ ଫେରାର ହୋଇଯାଇଛନ୍ତି। ଘଟଣାକୁ ନେଇ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ ଟାଉନ୍ ଥାନା ଅଧିକାରୀଙ୍କୁ ଜଣାଇବା ପରେ ପୋଲିସ ହସପିଟାଲ ପରିସରରେ ପୋଲିସ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଛି । ଅନ୍ୟପଟେ ଷ୍ଟାଫନର୍ସଙ୍କୁ ନିସ୍ତୁକ ମାଡ ଘଟଣାକୁ ନେଇ ହସପିଟାଲ ଷ୍ଟାଫନର୍ସମାନେ କାର୍ଯ୍ୟବନ୍ଦ କରିଥିବା ଜଣାପଡିଛି । ଆବଶ୍ୟକ ସୁରକ୍ଷା ନ ଯୋଗାଇବା ପର୍ଯ୍ୟନ୍ତ କୌଣସି ଷ୍ଟାଫ୍‌ନର୍ସ କାମ କରିବେ ନାହିଁ ବୋଲି ଜଣାଇଛନ୍ତି । ଏହି ଘଟଣାକୁ ନେଇ ହସପିଟାଲ ପରିସରରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି । ହସପିଟାଲ ପରିସରରେ କାର୍ଯ୍ୟରତ ଷ୍ଟାଫ, ଡାକ୍ତର ଓ କର୍ମଚାରୀଙ୍କୁ ବାରମ୍ବାର ଦୁର୍ବ୍ୟବହାର, ମାଡ ଘଟଣା ଘଟୁଥିବାରୁ ଏଠାରେ କାମ କରିବା ମୁସ୍କିଲ ହୋଇପଡିଲାଣି ବୋଲି ଷ୍ଟାଫନର୍ସମାନେ କହିଛନ୍ତି । ସୁରକ୍ଷା ନ ଯୋଗାଇଲେ କାମ କରିବା ସମ୍ଭବ ହେବନାହିଁ ବୋଲି ନର୍ସ ସଂଘ ସଭାପତି ଭବାନୀବାଲା ନନ୍ଦ କହିଛନ୍ତି । ହସପିଟାଲ ପରିସରରେ ପୋଲିସ ଫାଣ୍ଡି ଥିଲେ ମଧ୍ୟ ସୁରକ୍ଷା ଯୋଗାଇବାରେ ବିଫଳ ହୋଇଥିବା ଷ୍ଟାଫନର୍ସମାନେ ଜଣାଇଛନ୍ତି ।



ଆହତ ଷ୍ଟାଫନର୍ସ ପ୍ରତିମା ପ୍ରଧାନ।

## କିରାସିନ ବଁଟାରେ ଖେଲଢ଼େପ ଅଭିଯୋଗ

**ଲାଠୋର, ୧୩।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଁଚେତ୍ ଅଧୀନ ବାଞ୍ଜିପାଲି ଗାଁର ହିତାଧିକାରୀମାନେ ପିଡିଏସ୍‌କିରାସିନ ବଁଟାରେ ଖେଲଢ଼େପ ହେଉଥିବାର ଅଭିଯୋଗ କରିଛନ୍। ଏନ୍ତା କି ଡିଲର ମାସ୍‌ମଏନା କିରାସିନ ନାଇଁ ଦେଉଥିବାର ହିତାଧିକାରୀମାନେ କହିଛନ୍।

ସୂଚନା ଅନ୍‌ସାରେ ଦୁଇଟା ୱାର୍ଡକେ ନେଇ ଗଠିତ୍ ବାଞ୍ଜିପାଲି ଗାଁରେ ୨ଶହରୁ ଅଧିକା ପଡିକାର୍ଡ ରହିଛେ। ସରକାରୀ ନିୟମ ଅନ୍‌ସାରେ ଝନେ ହିତାଧିକାରୀକେ କାର୍ଡ ପିଛା ମାସିକ ୧.୭୮୬ ଲିଟର ହିସାବେ ୩ ମାସେ ୫.୩୫୮ଲିଟର କିରାସିନ ମିଳବାର କଥା। ହେଲେ ବାଞ୍ଜିପାଲି ଗାଁର ହିତାଧିକାରୀମାନେ ଗଲା ସେପ୍ଟେମ୍ବର ୨୦୧୯ରେ କିରାସିନ ପାଇଥିଲେ। ସେଦିନ୍‌ଠାନୁ ଆଏଜ୍‌କେ ୫ ମାସ ହେଲା କିରାସିନ ନାଇଁ ପାଇଥିବାର ହିତାଧିକାରୀ ଅନିତା କୁମ୍ଭାର, ବିଳାସ ତାଣ୍ଡି, ବେଲମତି କୁମ୍ଭାର, ବୈଦେହୀ କୁମ୍ଭାର, ଅମୁଛା ଛତ୍ରିଆ, ସୁକିଆ ତାଣ୍ଡି, ମଞ୍ଜୁ ତାଣ୍ଡି, ଜମୁନା ତାଣ୍ଡି, ସୁକାନ୍ତି ତାଣ୍ଡି ପରମୁଖ ଅଭିଯୋଗ କରିଛନ୍ତି। ଏନ୍‌ତାଥି ଗାଁର ନିରିହ ପରିବାରମାନେ ମାସ୍‌ମଏନା କିରାସିନ ନାଇଁପାଇ କରି ନାନା ସମସିଆର ସାମନା କରୁଛନ୍। ଇ ବାବ୍‌ଦେ ତୁରେକେଲା ବ୍ଲକ ଯୋଗାଣ ନିରୀକ୍ଷକ ଅସିତ କୁମାର ମହାନ୍ତିଙ୍କୁଁ ପଚ୍‌ରାଲାରୁ ସରକାର ଫିମାସ କିରାସିନ ଯୁଗେଇ ଦେଉଛନ୍। ହେଲେ ଟଁକା ପଏସା ଅଭାବୁ କେତେ ଡିଲର ଠିକ୍ ସମିଆରେ କିରାସିନ ଉଠେଇ ନାଇଁପାରବାର। ଯେନ୍‌ମାନେ କିରାସିନ ଉଠାବାରେ ଖିଲାପି କରୁଛନ୍ ସେମାନକୁ ଆମେ ବିଦା କରି କିରାସିନ ବଁଟା ଦାଇତିଅ ପଁଚେଟ୍‌କେ ଦେମୁ ବଲି ସେ କହିଥିଲେ। ହେଲେ ଜିଲା ପରଶାସନ ଆର ଜିଲା ଯୋଗାଣ ବିଭାଗ ଇ ଦିଗେ ଦୁରୁଷ୍‌ଟି ଦେଇ ସମସିଆର ସମାଧାନ କରବାକେ ବାଞ୍ଜିପାଲି ଗାଁବାସୀ ଦାବି କରିଛନ୍।



ବାଞ୍ଜିପାଲି ଗାଁର ହିତାଧିକାରୀମାନେ ପଡିକାର୍ଡ ଦେଖଉଛନ୍।

## ‘ମଣିଷର ଆବେଗ ସାହିତ୍ୟ ସୃଷ୍ଟି କରେ’

### ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର

**ବଲାଙ୍ଗୀର ଅଫିସ,୧୩।୨**

ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ସାପ୍ତାହିକ ପ୍ରେରଣା ପକ୍ଷରୁ ଗୁରୁବାର ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସାହିତ୍ୟ ଓ କବିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମୁଖ୍ୟବକ୍ତା ଭାବେ କବି ଭାଗିରଥି ମିଶ୍ର, ସମ୍ମାନିତ ଅତିଥି ଭାବେ କବୟିତ୍ରୀ ଡ. ମଞ୍ଜୁବାଳା ପଣ୍ଡା, ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ସୁଶୀଳ ପାଣିଗ୍ରାହୀ ଯୋଗ ଦେଇଥିଲେ। ପ୍ରେରଣା ସମ୍ପାଦକ ରଘୁନନ୍ଦନ ସିଂ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଛୁରିଆ ତାଙ୍କ ବକ୍ତବ୍ୟରେ ମଣିଷ ବୁଦ୍ଧି, ଜ୍ଞାନ, ବିବେକ ଓ ଆବେଗ ଜରିଆରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିଛି ଓ ଏହାହିଁ ପ୍ରକାରାନ୍ତରେ ପିଢ଼ି ପିଢ଼ି ଧରି ବାଟ କଢ଼ାଉଛି ବୋଲି କହିଥିଲେ । ଯେଉଁମାନେ ଆବେଗକୁ ପ୍ରକାଶ କରିପାରନ୍ତି ସେମାନେ କବି, ଲେଖକ ତଥା ସାହିତ୍ୟିକ ପଦବାଚ୍ୟ ହୁଅନ୍ତି ବୋଲି ମୁଖ୍ୟବକ୍ତା ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଡ. ପଣ୍ଡା ଆବେଗ ସମସ୍ତ ଭିତରେ ଥାଏ, ଯେଉଁମାନେ ତାକୁ ଭାବ ଓ ଭାଷାରେ ପ୍ରକାଶ କରନ୍ତି ସେମାନେ ହିଁ କବି, ଲେଖକ ତଥା ସାହିତ୍ୟିକ ବୋଲି କହିଥିଲେ । ଏହି ଅବସରରେ କପିଳେଶ୍ୱର ଖମାରୀଙ୍କ ପୁସ୍ତକ ଚନ୍ଦ୍ରମା ମୋର ଓ ନିରୁପମା ଉଦ୍‌ଗାତାଙ୍କ ପ୍ରୀତି ବଲ୍ଲରୀ-୧ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସଭା ପରେ କବି ନବକିଶୋର ବେହେରା, କବୟିତ୍ରୀ ଲିଲି ପଟେଲ ଓ ସବିତା ମହରାଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ନଳିନୀ ଶତପଥି, ଗୋପୀକୃଷ୍ଣ ପାଣ୍ଡିଆ, ମାଳତୀ ଉଦ୍‌ଗାତା, ରତ୍ନମୟ ତ୍ରିପାଠୀ, ବଳିଷ୍ଠ ପ୍ରଧାନ, ଗୀତାଞ୍ଜଳି ରଥ, ହୃଷୀକେଶ ପୁରୋହିତ, ନେପାଳ ଚନ୍ଦ୍ର ବାଗ, ଇନ୍ଦିରା ପ୍ରିୟଦର୍ଶିନୀ ତ୍ରିପାଠୀ, ନିଳେଶ କୁମାର ଭୋଇ, ବିନୟୀ ଶ୍ରୀନାଥ, ଅଶୋକ ସେଠୀ, ମଧୁସୂଦନ ନାୟକ, ଗଣେଶ ବାରିକ, ସବିତା ମହରା, କସ୍ତୁରୀ ରଥ, ନବ ବେହେରା, ଲିଲି ପଟେଲ, ଶୁଭ୍ରାଂଶୁ ଶେଖର ପଣ୍ଡା, ପୁତ୍ତମ ଜୁଆଡି, କବିତା ମିଶ୍ର, ଅଶୋକ ମିଶ୍ର, ସୀତାକାନ୍ତ ଜୁମୁନିଆ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରଞ୍ଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।